ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, September 27/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 304 | ମୂଲ୍ୟ ₹୭/-

# ସରୋଗେସି ପାଇଁ ମିଳିବ ଛୁଟି

## ମହିଳା କର୍ମଚାରୀଙ୍କୁ ୧୮୦ ଦିନ, ପୁରୁଷଙ୍କୁ ୧୫ଦିନ

ଭୁବନେଶ୍ୱର,୨୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ରାଜ୍ୟ ସରକାରଙ୍କ ଘୋଷଣା**

ଏଥର ସରୋଗେସି (ଭଡ଼ାରେ ଗର୍ଭଧାରଣ) କରୁଥିବା ମହିଳା କର୍ମଚାରୀଙ୍କୁ ମିଳିବ ଛୁଟି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ପିତୃତ୍ୱ ଛୁଟି ପ୍ରଦାନ କରାଯିବ। ସରୋଗେସି ଦ୍ୱାରା ମାତୃତ୍ୱ ଓ ପିତୃତ୍ୱପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଛୁଟି ପ୍ରଦାନ ପ୍ରସ୍ତାବ ସରକାରଙ୍କ ଅଧୀନରେ ବିଚାରାଧୀନ ଥିଲା। ଗୁରୁବାରଠାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କ ଲାଗି ଗତ ଜୁନ୍‌ରେ ଏହି ଛୁଟି ବ୍ୟବସ୍ଥା ଲାଗୁ କରିଛନ୍ତି। ତେବେ ରାଜ୍ୟରେ ଏବେ ଏହା କାର୍ଯ୍ୟକାରୀ ହୋଇଥିବାରୁ ସରୋଗେସି ☞ପୃଷ୍ଠା-୪




# ପାର୍ବଣରେ ମହଙ୍ଗା ମାଡ଼

**ପାର୍ବଣ ଋତୁରେ ଓଡ଼ିଶାବାସୀଙ୍କ ଉତ୍ସାହ ଫିକା ପଡ଼ିବାକୁ ବସିଲାଣି। କାରଣ ବିଭିନ୍ନ ସ୍ଥାନରେ ପିଆଜ କେ.ଜି. ପ୍ରାୟ ୭୦ ଟଙ୍କାରେ ବିକ୍ରି ହେଉଥିବାବେଳେ ମାସକ ମଧ୍ୟରେ ଖାଇବା ତେଲ ଦର ୨୭ ପ୍ରତିଶତ ଯାଏ ମହଙ୍ଗା ହୋଇଛି। କେବଳ ପିଆଜ କି ତେଲ ନୁହେଁ; ଡାଲି, ଆଳୁ ସମେତ ଅନ୍ୟ ଆବଶ୍ୟକ ସାମଗ୍ରୀର ଦରଦାମ ଲୋକଙ୍କୁ ବାଧୁଛି। କଳାବଜାରକାରୀଙ୍କ ଉପରେ କୌଣସି ସରକାରୀ ନିୟନ୍ତ୍ରଣ କାମ କରୁ ନ ଥିବାରୁ ବର୍ତ୍ତମାନ ଖାଉଟିମାନେ ମହଙ୍ଗା ମାଡ଼ରେ ଖର୍ଚ୍ଚ କାଟ କରିବାରେ ଲାଗିଛନ୍ତି।**

## ୭୦ ଛୁଇଁଲାଣି ପିଆଜ

ଭୁବନେଶ୍ୱର, ୨୬।୯ (ଅନିଲ ଦାସ)



ଗତ କିଛିଦିନ ହେବ ଖାଉଟିଙ୍କୁ କଲବଲ କରୁଛି ପିଆଜ। ଖୁଚୁରା ବଜାରରେ ଦର ଆକାଶଛୁଆଁ ହୋଇଛି। ବିକ୍ରି ଉପରେ ଲଗାମ ନ ଥିବାରୁ ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦର କଷିବାରେ ଲାଗିଛନ୍ତି। କେଉଁଠି ପିଆଜ କିଲୋ ୬୦ ତ ପୁଣି କେଉଁଠି ୭୦ ଛୁଇଁଲାଣି। ଶ୍ରମିକ ଶ୍ରେଣୀ, ଦିନମଜୁରିଆ, ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ଦରବୃଦ୍ଧିକୁ ନେଇ ପେଷି ହୋଇଗଲେଣି। ପିଆଜ ଏକ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ପଖାଳ ସହିତ ପିଆଜ ଗିକେ ☞ପୃଷ୍ଠା-୪

## ଖାଇବା ତେଲ ଦର ୨୭% ଯାଏ ବୃଦ୍ଧି

ଭୁବନେଶ୍ୱର,୨୬।୯ (ଅନୁରାଧା ମହାରଣା)



ପାର୍ବଣ ଋତୁ ଆରମ୍ଭରୁ ଖାଇବା ତେଲର ଲଗାତାର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ସରକାରୀ ତଥ୍ୟ ଅନୁଯାୟୀ, ଗତ ଏକମାସ ମଧ୍ୟରେ ସୋରିଷ ତେଲର ମୂଲ୍ୟ ୯.୧୦ ପ୍ରତିଶତ ଏବଂ ପାମୋଲିନ୍ ତେଲର ମୂଲ୍ୟ ୧୪.୧୬ ପ୍ରତିଶତ ବୃଦ୍ଧି ପାଇଛି। ହେଲେ ଖୁଚୁରା ବଜାର ଓ ଅନ୍‌ଲାଇନ୍ ଗ୍ରୋସେରି କମ୍ପାନୀଗୁଡ଼ିକର ☞ପୃଷ୍ଠା-୪




## ସିବିଆଇକୁ କବାଟ କିଳିଦେଲା କର୍ଣ୍ଣାଟକ

### ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବିନାହିଁ: ସିଦ୍ଧାରାମାୟା



ସିଦ୍ଧାରାମାୟା

ବେଙ୍ଗାଲୁରୁ,୨୬।୯

ମହୀଶୂର ଅର୍ବାନ୍ ଡେଭେଲପ୍‌ମେଣ୍ଟ ଅଥରିଟି (ମୁଦା) ଜମି ଆବଣ୍ଟନ ବିବାଦ ମୁଣ୍ଡ ଟେକିଥିବାବେଳେ ଗୁରୁବାର କର୍ଣ୍ଣାଟକର କଂଗ୍ରେସ ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ ଜେନେରାଲ କନ୍‌ସେଣ୍ଟ ବା ସାଧାରଣ ସହମତି ପ୍ରତ୍ୟାହାର କରିଛନ୍ତି। ସିବିଆଇ ଉପରେ ଏହି ପ୍ରବେଶ କଟକଣା ଜାରି ହେବା ପରେ ଏଣିକି ତଦନ୍ତକାରୀ ସଂସ୍ଥାକୁ କର୍ଣ୍ଣାଟକ ଯିବାକୁ ହେଲେ ପ୍ରତି ମାମଲା ଲାଗି ସିଦ୍ଧାରାମାୟା ସରକାରଙ୍କ ଅନୁମତି ନେବାକୁ ପଡ଼ିବ।

ବିରୋଧୀ ଭାଜପା ମୁଦା ଜମି ଆବଣ୍ଟନ ମାମଲାର ସିବିଆଇ ତଦନ୍ତ ଦାବି କରିଥିବାବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁରେ ଏକ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ସିବିଆଇଠାରୁ ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରି ବିରୋଧୀଙ୍କ ପଛରେ ଲଗାଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ବୈଠକ ପରେ ରାଜ୍ୟର ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଗଣମାଧ୍ୟମକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜଳବାୟୁ ପଦକ୍ଷେପରେ ଜନ ଭାଗୀଦାରି**



# ବୁଡ଼ ପକାଇ ବୁଡ଼ିଗଲେ ୪୬

**ଜୀବୀତ୍‌ପୁତ୍ରିକା ଉତ୍ସବ**

- ମୃତକଙ୍କ ମଧ୍ୟରେ ୩୭ ଶିଶୁ
- ୩ ଶ୍ରଦ୍ଧାଳୁ ନିଖୋଜ



ପାଟନା, ୨୬।୯

ବିହାରରେ ଜୀବୀତ୍‌ପୁତ୍ରିକା ଉତ୍ସବବେଳେ ବୁଧବାର ଅଘଟଣ ଘଟିଯାଇଛି। ରାଜ୍ୟର ୧୫ ଜିଲାର ବିଭିନ୍ନ ନଦୀ ଏବଂ ପୋଖରୀରେ ପବିତ୍ର ବୁଡ଼ ପକାଉଥିବା ସମୟରେ ବୁଡ଼ିଯାଇ ୩୭ ଶିଶୁଙ୍କ ସମେତ ସମୁଦାୟ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୩ ଜଣ ଶ୍ରଦ୍ଧାଳୁ ନିଖୋଜ ରହିଥିବା ନେଇ ଗୁରୁବାର ବିହାର ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୀବୀତ୍‌ପୁତ୍ରିକା ଉତ୍ସବର ପ୍ରଥା ଅନୁଯାୟୀ, ବୁଧବାର ଶ୍ରଦ୍ଧାଳୁମାନେ ନିକଟସ୍ଥ ନଦୀ ଏବଂ ପୋଖରୀରେ ପବିତ୍ର ବୁଡ଼ ପକାଇଥିଲେ। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟିଥିବାନେଇ

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି। ପୂର୍ବ ଏବଂ ପଶ୍ଚିମ ଚମ୍ପାରଣ, ନାଳନ୍ଦା, ଔରଙ୍ଗାବାଦ, କେମୁର, ବକ୍ସାର, ସିୱାନ୍, ରୋହତାସ୍, ସାରନ୍, ପାଟନା, ବୈଶାଳୀ, ମୁଜାଫରପୁର, ସମସ୍ତିପୁର, ଗୋପାଳଗଞ୍ଜ ଏବଂ ଅରୱଲ ଆଦି ଜିଲାର ବିଭିନ୍ନ ନଦୀ ଏବଂ ପୋଖରୀରେ ବୁଡ଼ ପକାଉଥିବାବେଳେ ଶିଶୁ ଏବଂ ମହିଳାମାନେ ବୁଡ଼ିଯିବାର ମାମଲା ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ, ଜୀବୀତ୍‌ପୁତ୍ରିକା ହେଉଛି ବିହାରର ଅନ୍ୟତମ ବଡ଼ ପର୍ବ। ମହିଳାମାନେ ପିଲାଙ୍କ ସୁଖ ସମୃଦ୍ଧି ପାଇଁ ବ୍ରତ ରଖିଥାନ୍ତି।

# ଘରୋଇ ହିଂସାର ଧର୍ମ ନାହିଁ

## ସୁରକ୍ଷା ଆଇନ ସବୁ ଧର୍ମର ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୯

ଘରୋଇ ହିଂସାର କୌଣସି ଧର୍ମ ନାହିଁ। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ୨୦୦୫ରେ ପ୍ରଣୀତ ଆଇନ ଏକ ସିଭିଲ୍ (ଦେୱାନି) କୋଡ୍, ଯାହାକି ଭାରତରେ ବସବାସ କରୁଥିବା ସବୁ ଧର୍ମର ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।

ଭରଣପୋଷଣ ଓ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ଏକ ମାମଲାରେ କର୍ନାଟକ ହାଇକୋର୍ଟ ଦେଇଥିବା ରାୟକୁ ଜଣେ ମହିଳା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି କହିଛନ୍ତି, ୨୦୦୫ର ଆଇନ ଧର୍ମ ଓ ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତ ଭାରତୀୟ ମହିଳାଙ୍କ କ୍ଷେତ୍ରରେ



ଲାଗୁହେବ। ଭାରତୀୟ ସମ୍ବିଧାନ ଦେଶର ସବୁ ମହିଳାଙ୍କୁ ସମାନ ସୁରକ୍ଷା ଅଧିକାର ଦେଇଛି। ତେଣୁ ପୀଡ଼ିତାମାନଙ୍କୁ ଘରୋଇ ସମ୍ପର୍କରୁ ଜାତ ହିଂସାରୁ ପ୍ରଭାବଶାଳୀ ଢଙ୍ଗରେ ସୁରକ୍ଷା ଦେବା ଏହି ସିଭିଲ୍ କୋଡ୍ ପ୍ରଣୟନର ଉଦ୍ଦେଶ୍ୟ।

ଏହା ପୂର୍ବରୁ ପୀଡ଼ିତା ମହିଳା ଜଣକ ପ୍ରୋଟେକ୍ସନ ଅଫ୍ ୱିମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ, ୨୦୦୫ର ଧାରା ୧୨ ଅଧୀନରେ ଏକ ପିଟିଶନ ଦାଖଲ କରିଥିଲେ। ୨୦୧୫ ଫେବୃଆରୀରେ ଜଣେ ମାଜିଷ୍ଟ୍ରେଟ୍ ଏହାର ବିଚାରକରି ଭରଣପୋଷଣ ବାବଦକୁ ମାସିକ ୧୨,୦୦୦ ଏବଂ କ୍ଷତିପୂରଣ ରାଶି ୧ ଲକ୍ଷ ଟଙ୍କା ଦେବା ପାଇଁ ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳାଙ୍କ ସ୍ୱାମୀ ଏହି ରାୟ ବିରୋଧରେ ଉପର କୋର୍ଟରେ ଅପିଲ କରିଥିଲେ। କିନ୍ତୁ ସେ ପିଟିଶନ ଦାଖଲରେ ବିଳମ୍ବ କରିଥିବା ଦର୍ଶାଇ ଅପିଲେଟ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହା ପରେ ସେ ଉକ୍ତ ଆଇନର ଧାରା ୨୫ (ରାୟର ଅବଧି ଏବଂ ପରିବର୍ତ୍ତନ ସମ୍ପର୍କିତ) ବଳରେ ଆଉ ଏକ ପିଟିଶନ ଦାଖଲ କରିଥିଲେ। ତାହା ମଧ୍ୟ ଖାରଜ ହୋଇଯାଇଥିଲା। ଫଳରେ ସ୍ୱାମୀ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେସନ୍ସ କୋର୍ଟ ଏହାକୁ ଗ୍ରହଣ କରି ଉଭୟ ପକ୍ଷଙ୍କୁ ନିଜ ନିଜ ସପକ୍ଷରେ ପ୍ରମାଣ ରଖିବାକୁ ସୁଯୋଗ ଦେଇଥିଲେ। ଏହାକୁ ନେଇ ମହିଳା ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ଗତବର୍ଷ ଏପ୍ରିଲରେ ଧାରା ୨୫ ଅଧୀନରେ ସ୍ୱାମୀଙ୍କ ଆବେଦନର ଶୁଣାଣି କରିବା ପାଇଁ ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମହିଳା ସୁପ୍ରିମକୋର୍ଟରେ ଗୁହାରି କରିବା ପାଇଁ ବାଧ୍ୟ ହୋଇଥିଲେ।

ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ଧାରା ୨୫ (୨) ଅନୁସାରେ ପୁରୁଷ ପକ୍ଷଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ନିଜ ନିଷ୍ପତ୍ତି ଅଧିକାରକୁ ପ୍ରୟୋଗ କରିପାରିବେ। କିନ୍ତୁ ସେଥିରେ ମହିଳା ପକ୍ଷଙ୍କ ସହମତି ରହିବା ଆବଶ୍ୟକ। ମୂଳ ରାୟ ଆଧାରରେ ସ୍ୱାମୀ ଦେଇଥିବା ଅର୍ଥ ରାଶି ପରବର୍ତ୍ତୀ ରାୟ ପରେ ଫେରସ୍ତଯୋଗ୍ୟ ନୁହେଁ। ତେଣୁ ଏହି କ୍ଷେତ୍ରରେ ହାଇକୋର୍ଟ ଏବଂ ଅପିଲେଟ କୋର୍ଟ ପୁରୁଷଙ୍କ ସପକ୍ଷରେ ନେଇଥିବା ନିଷ୍ପତ୍ତି ଭୁଲ୍ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

## ୨୧ ଛାତ୍ରୀଛାତ୍ରଙ୍କୁ ଯୌନ ନିର୍ଯାତନା: ୱାର୍ଡେନଙ୍କୁ ଫାଶୀଦଣ୍ଡ

ଇଟାନଗର, ୨୬।୯

୨୦୧୪ରୁ ୨୦୨୨ ମଧ୍ୟରେ ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ୨୧ ଜଣ ଛାତ୍ରୀଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିବା ୟୁମକିନ ବାଗ୍‌ରା ନାମକ ଜଣେ ହଷ୍ଟେଲ ୱାର୍ଡେନଙ୍କୁ ଗୁରୁବାର ଇଟାନଗର ସ୍ଥିତ ଏକ ସ୍ୱତନ୍ତ୍ର କୋର୍ଟ ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଏହି ମାମଲାରେ ସମ୍ପୃକ୍ତି ଥିବାରୁ ସମ୍ପୃକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିଙ୍ଗ୍‌ତୁଙ୍ଗ୍ ୟୋର୍‌ପେନ୍ ଓ ହିନ୍ଦୀ ଶିକ୍ଷକ ମାର୍ଗୋମ ଗୋମ୍‌ଦାରଙ୍କୁ ସ୍ୱତନ୍ତ୍ର ଜଜ୍ ଜାୟେପ୍ଲୁ ଚାଇ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୟୁମକିନ୍ ୬ରୁ ୧୫ ବର୍ଷ ବୟସର ୧୫ ଛାତ୍ରୀ ଏବଂ ୬ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିଲେ।

## ମନ୍ଦିରରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଲେ ପୂଜକ

ଚେନ୍ନାଇ, ୨୬।୯

ତାମିଲନାଡୁର ଥେନି ଜିଲାର ଏକ ମନ୍ଦିର ମଧ୍ୟରେ ଜଣେ ପୂଜକ ଏକ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବାର ମାମଲା ସାମ୍ନାକୁ ଆସିଛି। ଉକ୍ତ ମନ୍ଦିର ସମ୍ମୁଖରେ କେତେଜଣ ପିଲା ଖେଳୁଥିବାବେଳେ ଥିଲାଗର ନାମକ ପୂଜକ ସେଥିମଧ୍ୟରୁ ଜଣେ ନାବାଳିକାଙ୍କୁ ମିଠାର ପ୍ରଲୋଭନ ଦେଖାଇ ମନ୍ଦିର ମଧ୍ୟକୁ ନେଇଆସିଥିଲେ। ଏହାପରେ ସେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣଙ୍କ ମୁହଁ ଖୋଲିବା ପରେ ଗୁରୁବାର ତାଙ୍କ ପରିବାର,ସମ୍ପର୍କୀୟ, ଗ୍ରାମବାସୀମାନେ ମନ୍ଦିର ସମ୍ମୁଖକୁ ଆସି ଉକ୍ତ ପୂଜକଙ୍କୁ ଧମକାଇଥିଲେ। ମନ୍ଦିର ନିକଟରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲାଗରଙ୍କୁ ଗିରଫ କରିଛି। ନାବାଳିକାଙ୍କ ଅଭିଭାବକଙ୍କ ଅଭିଯୋଗ କ୍ରମେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ଅଣୁ ଅସ୍ତ୍ର: ପୁଟିନ୍‌ଙ୍କ ଜୁଆଖେଳ

## ପାଶ୍ଚାତ୍ୟକୁ ଧମକ ପରେ ଇୟୁ କହିଲା ଦାୟିତ୍ୱହୀନ ନିଷ୍ପତ୍ତି

ମସ୍କୋ,୨୬।୯

ୟୁକ୍ରେନ୍ ପକ୍ଷରୁ ରୁଷିଆ ଉପରେ ବଡ଼ ଏୟାରଷ୍ଟ୍ରାଇକ୍ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୁରୁବାର ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛନ୍ତି। ୟୁକ୍ରେନ୍‌କୁ ବ୍ରିଟେନ୍ ଯୋଗାଇ ଦେଇଥିବା କ୍ରୁଜ୍ ମିଶାଇଲକୁ ମଧ୍ୟ ଧ୍ୱଂସ କରିଦିଆଯିବ ବୋଲି ସେ କହିଛନ୍ତି। ମସ୍କୋର ଶୀର୍ଷ ସୁରକ୍ଷା ପରିଷଦରେ ଜରୁରୀ ବୈଠକ ଶେଷକରି ପୁଟିନ୍ ଏହି ଧମକପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ୟୁରୋପୀୟ ସଂଘ (ଇୟୁ) ଏହାକୁ ପୁଟିନ୍‌ଙ୍କ ଦାୟିତ୍ୱହୀନ ନିଷ୍ପତ୍ତି ଏବଂ ଜୁଆଖେଳ କହି ପ୍ରତ୍ୟାଖ୍ୟାନ କରିଛି।

ବ୍ରିଟେନ୍ ଓ ଆମେରିକା ସମେତ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ନିଜ କ୍ରୁଜ୍ ମିଶାଇଲଗୁଡ଼ିକୁ ରୁଷିଆ ବିରୋଧରେ ବ୍ୟବହାର ପାଇଁ ୟୁକ୍ରେନ୍‌କୁ ଅନୁମତି ଦେଇଥିବାରୁ ମସ୍କୋର ଚିନ୍ତା ବଢ଼ିବାରେ ଲାଗିଛି। ଏଥିପାଇଁ ରୁଷିଆ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଗତ ସପ୍ତାହରେ ବ୍ରିଟେନ୍ 'ଷ୍ଟର୍ମ ଶାଡୋ' କ୍ରୁଜ୍ ମିଶାଇଲ ବ୍ୟବହାରକରି ରୁଷିଆକୁ ଉଡ଼ାଇବା ପାଇଁ ଅନୁମତି ଦେଇଥିଲା। ଏପରିକି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ୱାଶିଂଟନ୍ ଗସ୍ତକରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଏନେଇ ଆଲୋଚନା କରିଥିଲେ। ରୁଷିଆ ମାଟିରେ ୟୁକ୍ରେନ୍ ପକ୍ଷରୁ ଯୁଦ୍ଧାସ୍ତ୍ର ବ୍ୟବହାର ନେଇ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ରୁଷୀୟ ଗୋଇନ୍ଦା ପୂର୍ବରୁ ଏହାର ସୁରାକ୍ ପାଇ ମସ୍କୋକୁ ନିଜ ଆଣବିକ ସିଦ୍ଧାନ୍ତର ସମୀକ୍ଷା କରିବାକୁ ପରାମର୍ଶ ଦେଇଥିଲା। ଏଭଳି ସ୍ଥିତିରେ ରୁଷିଆ ଆଣବିକ ଅସ୍ତ୍ର ପ୍ରୟୋଗ କରିବା ନେଇ ବିଚାର କରୁଥିବାବେଳେ ଅନ୍ତର୍ଜାତୀୟ ସମୁଦାୟର





ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ଇୟୁ ବହିର୍ବ୍ୟାପାର ନୀତି ମୁଖପାତ୍ର ପିଟର ଷ୍ଟାନୋ କହିଛନ୍ତି, ପୁଟିନ୍ ନିଜ ଆଣବିକ ଅସ୍ତ୍ରକୁ ନେଇ ପ୍ରଥମ ଥର ଜୁଆ ଖେଳୁନାହାନ୍ତି। ଏହା ପୂର୍ବରୁ ମଧ୍ୟ ସେ ଅନେକ ଥର ଏପରି ଧମକ ଦେଇଛନ୍ତି। ସଦ୍ୟ ଚେତାବନୀକୁ ଆମେ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରୁଛୁ।

### ରୁଷିଆ ପାଖରେ ୬,୩୭୨ ଆଣବିକ ଅସ୍ତ୍ର

ସେଣ୍ଟର ଫର୍ ଆର୍ମ୍ସ କଣ୍ଟ୍ରୋଲ ଆଣ୍ଡ୍ ନନ୍-ପ୍ରୋଲିଫେରେଶନ୍ ରିପୋର୍ଟ ଅନୁସାରେ ରୁଷିଆରେ ୬,୩୭୨ ଆଣବିକ ଅସ୍ତ୍ର ରହିଛି। ସେଥିରୁ ୧,୫୭୨ ଅସ୍ତ୍ରକୁ ରଣନୈତିକ ଭୂମିଭିତ୍ତିକ ବାଲିଷ୍ଟିକ୍ ମିଶାଇଲ ଓ ହେଭି ବମ୍ବରଗୁଡ଼ିକରେ ମୁତୟନ କରାଯାଇଛି। ରୁଷିଆ ୮୭୦ ଷ୍ଟ୍ରାଟେଜିକ୍ ୱାରହେଡ୍ସ ଏବଂ ୧,୮୭୦ ନନ୍-ଷ୍ଟ୍ରାଟେଜିକ୍ ୱାରହେଡ୍ସ ମହଜୁଦ ରଖିଛି।

### ଚାଇନାରେ ମସ୍କୋର ଗୁପ୍ତ ଯୁଦ୍ଧ ଡ୍ରୋନ୍ ଫ୍ୟାକ୍ଟ୍ରି

ୟୁକ୍ରେନ୍‌କୁ ଟାର୍ଗେଟ କରିବା ପାଇଁ ଦୂରଗାମୀ ଆକ୍ରମଣ କ୍ଷମତା ସମ୍ପନ୍ନ ଡ୍ରୋନ୍ ନିର୍ମାଣ ସକାଶେ ରୁଷିଆ ଚାଇନାରେ ନିଜର ଏକ ଗୁପ୍ତ ଅସ୍ତ୍ର ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିଛି। ରୁଷିଆ ସରକାରଙ୍କ ଯୁଦ୍ଧ ନିର୍ମାଣ କମ୍ପାନୀ ଅଲ୍‌ମାଜ-ଆଣ୍ଟେର ସହଯୋଗୀ ସଂସ୍ଥା ଆଇଇଏମ୍‌ଜେଡ୍ ଚାଇନାରେ ସ୍ଥାନୀୟ ସ୍ପେଶାଲିଷ୍ଟମାନଙ୍କୁ ନେଇ ଗର୍ପିୟା-୩ (ଜି-୩) ନାମକ ଏକ ନୂତନ ମଡେଲର ଡ୍ରୋନ୍ ବିକଶିତ କରୁଛି। ୟୁରୋପୀୟ ଗୋଇନ୍ଦା ସଂସ୍ଥା ସୂତ୍ରରୁ ମିଳିଥିବା ଏହି ତଥ୍ୟ ସମ୍ବଳିତ ଦସ୍ତାବିଜକୁ ରଏଟର୍ସ ସମୀକ୍ଷା କରିଥିବା କହିଛି।

### ୟୁକ୍ରେନ୍‌କୁ ଆମେରିକାର ୮ ବିଲିୟନ୍ ସାମରିକ ସହାୟତା

ନ୍ୟୁୟର୍କ,୨୬।୯

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ୱାଶିଂଟନ୍ ଗସ୍ତବେଳେ ଗୁରୁବାର କିଭ୍‌କୁ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଆହୁରି ୮ ବିଲିୟନ୍ ଡଲାର ମୂଲ୍ୟର ସାମରିକ ସହାୟତା ଘୋଷଣା କରିଛନ୍ତି। ଆକ୍ରମଣକାରୀ ରୁଷିଆ ବିରୋଧୀ ଯୁଦ୍ଧରେ ବିଜୟ ହାସଲ ପାଇଁ ୧୩୦ କି.ମି. ଦୂର ପର୍ଯ୍ୟନ୍ତ ଭେଦ କରିପାରୁଥିବା ଜଏଣ୍ଟ ଷ୍ଟାଣ୍ଡଅଫ୍ ୱିପନ୍ ସମେତ ଏହି ସହାୟତା ୟୁକ୍ରେନ୍‌କୁ ବିଶେଷ ସହାୟକ ହେବ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ୨୦୨୨ ଫେବୃଆରୀରେ ୟୁକ୍ରେନ୍‌କୁ ଆକ୍ରମଣ ଆରମ୍ଭ କରିଥିବା ରୁଷିଆ ଆମେରିକାର ସର୍ବୋଚ୍ଚ ଟାର୍ଗେଟରେ ରହିଛି। ତେଣୁ ଆସନ୍ତା ଜାନୁଆରୀରେ ହ୍ୱାଇଟ୍ ହାଉସ୍ ଛାଡ଼ିବା ପୂର୍ବରୁ ବାଇଡେନ୍ ଏହି ଅତିରିକ୍ତ ସହାୟତା ଘୋଷଣା କରିଛନ୍ତି।

## ପୁରସ୍କାର ନେବାକୁ ମନାକଲେ ଝୁମ୍ପା ଲାହିରୀ



ନ୍ୟୁୟର୍କ,୨୬।୯

ପୁଲିଜର ପୁରସ୍କାର ବିଜେତା ଲେଖିକା ଝୁମ୍ପା ଲାହିରୀଙ୍କ ନାମ ନୋଗୁଚି ଆୱାର୍ଡ-୨୦୨୪ ପାଇଁ ଚୟନ କରାଯାଇଥିଲା। କିନ୍ତୁ ନ୍ୟୁୟର୍କ ସିଟିର ନୋଗୁଚି ମ୍ୟୁଜିୟମ୍‌ଠାରୁ ପାଇବାକୁ ଥିବା ଏହି ପୁରସ୍କାର ଗ୍ରହଣ କରିବାକୁ ସେ ମନା କରିଦେଇଛନ୍ତି। କାରଣ ପାଲେଷ୍ଟିନୀୟଙ୍କୁ ପ୍ରତୀକାତ୍ମକ ସମର୍ଥନ କରି ଉକ୍ତ ମ୍ୟୁଜିୟମ୍‌କୁ କେଫିୟେହ ହେଡ୍ ସ୍କାର୍ଫ୍ସ ପିନ୍ଧି ଆସିଥିବା ୩ ଜଣ କର୍ମଚାରୀଙ୍କୁ ସଂଗ୍ରହାଳୟ କର୍ତ୍ତୃପକ୍ଷ ବାହାର କରିଦେଇଛନ୍ତି। ଏହାର ପ୍ରତିବାଦରେ ସେ ପୁରସ୍କାର ଗ୍ରହଣ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଝୁମ୍ପାଙ୍କ ବିଚାରଧାରା ଓ ନିଷ୍ପତ୍ତିକୁ ଆମେ ସମ୍ମାନ ଦେଉଛୁ ବୋଲି ମ୍ୟୁଜିୟମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୮ରେ ଇସ୍ରାଏଲୀ ସୈନ୍ୟ ଗାଜା ଉପରେ ଆକ୍ରମଣ କରିବା ପରଠୁ ଅନେକ ହଜାର ପାଲେଷ୍ଟିନୀୟ ନିହତ ହେଲେଣି।

# ସଞ୍ଜୟ ରାଉତ୍‌ଙ୍କୁ ୧୫ ଦିନ ଜେଲ

## ମାନହାନି ମାମଲାର ରାୟ ପରେ ଜାମିନ

ମୁମ୍ବାଇ,୨୬।୯

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍‌ଙ୍କୁ ଗୁରୁବାର ଏକ ମାନହାନି ମାମଲାରେ ୧୫ ଦିନ ଜେଲ ଦଣ୍ଡାଦେଶ ହୋଇଛି। ଭାଜପା ନେତା କିରିଟ ସୋମୈୟାଙ୍କ ସ୍ତ୍ରୀ ଡ. ମେଧା କିରିଟ ସୋମେୟାଙ୍କ ଆବେଦନର ଶୁଣାଣି କରି ମୁମ୍ବାଇସ୍ଥିତ ମଜଗାଓଁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଏହି ରାୟ ଶୁଣାଇଛନ୍ତି। ଏଥିସହ ସଞ୍ଜୟଙ୍କୁ ୨୫,୦୦୦ ଟଙ୍କା ଜରିମାନା ମଧ୍ୟ କରିଥିବା ମେଧାଙ୍କ ଓକିଲ ବିବେକାନନ୍ଦ ଗୁପ୍ତା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମିତ୍ର ଭୟଣ୍ଡରରେ



ଟଏଲେଟ୍ ନିର୍ମାଣ ଓ ରକ୍ଷଣାବେକ୍ଷଣରେ ହୋଇଥିବା ଦୁର୍ନୀତି ମାମଲାରେ ମେଧା ଓ ତାଙ୍କ ସ୍ୱାମୀ କିରିଟ ସମ୍ପୃକ୍ତ ଥିବା ନେଇ ସଞ୍ଜୟ ଅଭିଯୋଗ ଆଣିଥିଲେ। ମେଧା ଏହାକୁ ଭିତ୍ତିହୀନ ଓ ତାଙ୍କ ଚରିତ୍ର ସଂହାର ପାଇଁ ଉଦ୍ଦିଷ୍ଟ ଦର୍ଶାଇ ଥାନା ଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଦୁର୍ଗାପୂଜା ଛୁଟି, ମୂର୍ତ୍ତି ବିସର୍ଜନକୁ ବିରୋଧ

ଢାକା, ୨୬।୯

ବାଂଲାଦେଶରେ ରହୁଥିବା ହିନ୍ଦୁ ସମୁଦାୟଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଦୁର୍ଗାପୂଜା ପାଖେଇ ଆସୁଥିବାବେଳେ ବାଂଲାଦେଶର କଠୋରପନ୍ଥୀ ଇସ୍‌ଲାମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହି ସାର୍ବଜନୀନ ଉତ୍ସବକୁ ବିଭିନ୍ନ ଉପାୟରେ ବିରୋଧ କରାଯାଉଛି। ସେହିପରି ଦୁର୍ଗାପୂଜା ଅବସରରେ ଦେଶବ୍ୟାପୀ ଛୁଟି ଘୋଷଣାକୁ ମଧ୍ୟ ଇସ୍‌ଲାମିକ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ଗୁରୁବାର ଏହି ଦାବିକୁ ନେଇ 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା' ନାମକ ଏକ କଠୋରପନ୍ଥୀ ଇସ୍‌ଲାମିକ ସଙ୍ଗଠନ

### ଢାକାରେ କଠୋରପନ୍ଥୀ ଇସ୍‌ଲାମିକ୍ ସଙ୍ଗଠନର ବିକ୍ଷୋଭ




ଢାକାର ସେକ୍ଟର-୧୩ ଅଞ୍ଚଳରେ ଶୋଭାଯାତ୍ରା କରିବା ସହ ପ୍ରତିବାଦ ସଭାର ଆୟୋଜନ କରିଛି। ଢାକାର ଏକ ଖେଳ ପଡ଼ିଆରେ ଦୁର୍ଗାପୂଜା ପାଇଁ ହିନ୍ଦୁମାନଙ୍କ ପକ୍ଷରୁ ଚାଲିଥିବା ପେଣ୍ଡାଲ ପ୍ରସ୍ତୁତିକୁ ମଧ୍ୟ ଏହି ସଙ୍ଗଠନ ବିରୋଧ କରିଛି। 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା'ର ସଦସ୍ୟମାନେ ବିଭିନ୍ନ ପ୍ରକାର ବ୍ୟାନର ସହ ଗୁରୁବାର ପ୍ରତିବାଦ କରିଛନ୍ତି। ଉକ୍ତ ବ୍ୟାନରରେ ଲେଖାଯାଇଛି, ରାସ୍ତା ବନ୍ଦ କରି ଦୁର୍ଗାପୂଜା ପାଇଁ ଅନୁମତି ନ ଦିଆଯାଉ, ମୂର୍ତ୍ତି ବିସର୍ଜନକୁ ଅନୁମତି ଦିଆଯାଇ ଜଳ ପ୍ରଦୂଷଣକୁ ବଢ଼ା ନ ଯାଉ। ସେହିପରି ଦୁର୍ଗାପୂଜାର ଖର୍ଚ୍ଚ ପାଇଁ ସରକାରୀ ରିଲିଫ୍ ପାଣ୍ଠିର ବ୍ୟବହାରକୁ ରୋକାଯିବା ଆବଶ୍ୟକ ବୋଲି ଏହି ସଙ୍ଗଠନ କହିଛି। 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା' ପକ୍ଷରୁ କୁହାଯାଇଛି, ଦେଶରେ ହିନ୍ଦୁମାନଙ୍କର ଜନସଂଖ୍ୟା ୨%ରୁ ମଧ୍ୟ କମ୍। ତେଣୁ ଦୁର୍ଗାପୂଜାକୁ ଦେଶରେ ଛୁଟିଦିନ ଭାବରେ ଘୋଷଣା କରିବାର ଆବଶ୍ୟକତା ନାହିଁ ବୋଲି ଏହି ଇସଲାମିକ ସଙ୍ଗଠନ କହିଛି।

**ଫୁର୍‌ସତ**



ଆଲିଆ ଭଟ୍ଟ

# 'ଜିଗ୍‌ରା' ଟ୍ରେଲର ଆଉଟ୍

**ମୁମ୍ବାଇ:** ଦୃଢ଼ ଏବଂ ନିଖୁଣ ଅଭିନୟ ସହ ଅଭିନେତ୍ରୀ ଆଲିଆ ଭଟ୍ଟ ସର୍ବଦା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବଲିଉଡ୍‌ରେ ଅନେକ ହିଟ୍ ଫିଲ୍ମ ଦେଇଥିବା ଆଲିଆ ଖୁବ୍‌ଶୀଘ୍ର ତାଙ୍କର ଆଗାମୀ ଫିଲ୍ମ 'ଜିଗ୍‌ରା' ସହ ବଡ଼ ପରଦାରେ ଧମାଲ ମଚାଇବାକୁ ଯାଉଛନ୍ତି। ଗୁରୁବାର 'ଜିଗ୍‌ରା'ର ନିର୍ମାତାଙ୍କ ପକ୍ଷରୁ ଏହାର ଟ୍ରେଲର ଜାରି କରାଯାଇଛି। ଟ୍ରେଲରରେ ଆଲିଆଙ୍କୁ ଅତ୍ୟଧିକ ଆଗ୍ରେସିଭ ଓ ପ୍ରୋଟେକ୍ଟିଭ୍ ମୋଡ୍‌ରେ ଦେଖିବାକୁ ମିଳିଛି। ଟ୍ରେଲରରେ ଆଲିଆଙ୍କ ଚରିତ୍ର ସତ୍ୟା ନିଜ ଭାଇଙ୍କୁ ବଞ୍ଚାଇବା ପାଇଁ ଯେକୌଣସି ସ୍ତରକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି। ଇନ୍‌ଷ୍ଟାଗ୍ରାମରେ ଆଲିଆ 'ଜିଗ୍‌ରା'ର ଟ୍ରେଲର ଶେୟାର କରିବାବେଳେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ସବୁ ସେଟ୍ ହୋଇସାରିଛି। 'ଜିଗ୍‌ରା'ର ଥିଏଟ୍ରିକାଲ ଟ୍ରେଲର ରିଲିଜ୍ ହୋଇଛି। ଆପଣଙ୍କ ସହ ଅକ୍ଟୋବର ୧୧ରେ ଥିଏଟରରେ ଦେଖାହେବ। ଏହି ଟ୍ରେଲରରେ ଆଲିଆଙ୍କ ଆଙ୍ଗ୍ରି ୱିମେନ ଅନ୍ଦାଜ ଓ ଆକ୍ସନ ଅବତାରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟ୍ରେଲର ପରେ ଏବେ ଆଲିଆଙ୍କ ପ୍ରଶଂସକମାନେ ଉତ୍କଣ୍ଠାର ସହ 'ଜିଗ୍‌ରା'ର ରିଲିଜକୁ ଅପେକ୍ଷା କରି ରହିଛନ୍ତି।

ଭାସନ ବାଲାଙ୍କ ନିର୍ଦ୍ଦେଶିତ ଏହି କ୍ରାଇମ ଥ୍ରୀଲର ମୁଭିରେ ଅଭିନେତା ବେଦାଙ୍ଗ ରାଇନା ଆଲିଆଙ୍କ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି। ଆସନ୍ତା ଅକ୍ଟୋବର ୧୧ରେ 'ଜିଗ୍‌ରା' ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ସହ ମିଶି ଆଲିଆ ଏହି ଫିଲ୍ମକୁ ପ୍ରସ୍ତୁତ କରିଛନ୍ତି। ଆଗାମୀ ଦିନରେ 'ଲଭ ଆଣ୍ଡ୍ ୱାର' ଫିଲ୍ମରେ ସ୍ୱାମୀ ରଣବୀର କପୁର ଓ ଅଭିନେତା ଭିକି କୌଶଲଙ୍କ ସହ ଆଲିଆଙ୍କୁ ଦେଖିବାକୁ ମିଳିବ।

# ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ୍ ହୋଟେଲ

**ଡଲାସ:** ବିଶ୍ୱରେ ଏପରି ଅନେକ ୭ ତାରକା ଏବଂ ୫ ତାରକା ହୋଟେଲ ରହିଛି, ଯାହା ଏତେମାତ୍ରାରେ ବିଳାସପୂର୍ଣ୍ଣ ଯେ, ଲୋକମାନେ ଏହାକୁ ଛାଡ଼ିବାକୁ ମଧ୍ୟ ପସନ୍ଦ କରନ୍ତି ନାହିଁ। ତେବେ ସମ୍ପ୍ରତି ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ ହୋଟେଲ ପ୍ରସ୍ତୁତ ହେଉଛି। ଆମେରିକାର ଟେକ୍ସାସସ୍ଥିତ ମାର୍ଫା ସହର ଉପକଣ୍ଠରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି, ଯାହାର ନାମ ଏଲ୍ କୋସ୍‌ମିକୋ ରହିଛି। ସେହିପରି ଏହି ହୋଟେଲ ୪୦ ଏକର ଜମିରେ ବ୍ୟାପିଛି। ଏଥିରେ ୩ଡି ପ୍ରିଣ୍ଟେଡ୍ ଟେକ୍ନୋଲୋଜି ସହ ୪୩ ହୋଟେଲ ୟୁନିଟ୍ ଏବଂ ୧୮ଟି ଆବାସିକ ଫ୍ଲାଟ୍ ନିର୍ମାଣ କରାଯାଉଛି। ଏଲ୍ କୋସ୍‌ମିକୋର ମାଲିକ ଲିଜ୍ ଲେବର୍ଟ କହିଛନ୍ତି, ଏହି ହୋଟେଲ ହେଉଛି ବିଶ୍ୱର ଏକମାତ୍ର ୩ଡି ପ୍ରିଣ୍ଟେଡ୍ ହୋଟେଲ। ୩ଡି ପ୍ରିଣ୍ଟେଡ୍ କମ୍ପାନୀ ଆଇକନ୍ ଏବଂ ଆର୍କିଟେକ୍ କମ୍ପାନୀ ବିଯାର୍କେ ଇନ୍‌ଗେଲ୍ସ ଗ୍ରୁପ୍ ପକ୍ଷରୁ ମିଳିତ ଭାବେ ଏହି ହୋଟେଲକୁ ପ୍ରସ୍ତୁତ କରାଯାଉଛି। ଏହି ହୋଟେଲ ତାଙ୍କ କଳ୍ପନାଠାରୁ ଆହୁରି ଅଧିକ



ସୁନ୍ଦର ହେବ ବୋଲି ଲେବର୍ଟ କହିଛନ୍ତି। ଏଥିରେ ୪୬.୫ ଫୁଟ ଚଉଡ଼ା, ୧୫.୪ ଫୁଟ ଉଚ୍ଚତା ଏବଂ ୪.୭୫ ଟନ୍ ଓଜନ ବିଶିଷ୍ଟ ୩ଡି ପ୍ରିଣ୍ଟର୍ ସ୍ଥାପନ କରାଯାଉଛି। ସେହିପରି ନିର୍ମାଣ ହେବାପରେ ହୋଟେଲଟି ଦେଖିବାକୁ ସିଲିଣ୍ଡର ଆକୃତିର ରହିବ ବୋଲି ଲେବର୍ଟ କହିଛନ୍ତି। ବର୍ତ୍ତମାନ ସାମ୍ନାକୁ ଆସିଥିବା ହୋଟେଲ ନିର୍ମାଣର ଫଟୋଗୁଡ଼ିକରେ ଏହା ଖୁବ୍ ଚମତ୍କାର ଦେଖାଯାଉଥିବା ସେ କହିଛନ୍ତି। ୨୦୨୬ ସୁଦ୍ଧା ଏଲ୍ କସ୍‌ମିକୋ ହୋଟେଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ। ହୋଟେଲରେ ରହିବା ପାଇଁ ଲୋକଙ୍କୁ ରାତ୍ରି ପିଛା ୨୦୦ରୁ ୪୫୦ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡିବ।




# ଖଣି, ଶିଳ୍ପାଞ୍ଚଳରେ ଅଣପୋଲିସ କାର୍ଯ୍ୟରେ ପୋଲିସ

## ଏସ୍‌ପି, ଡିସିପିଙ୍କୁ ଚିଠି ଲେଖିଲେ ଏଡିଜି

ଭୁବନେଶ୍ୱର,୨୬ା୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ପାଇଁ ସାରା ଦେଶରେ ଓଡ଼ିଶା ପୋଲିସର ଭାବମୂର୍ତ୍ତି ମଳିନ ପଡ଼ିଛି। ଏଥିସହ ବିଭିନ୍ନ ଥାନାରେ ପୋଲିସର ଦୁର୍ବ୍ୟବହାର ଅଭିଯୋଗ ଆସୁଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଏଭଳି ସ୍ଥିତିରେ ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ଅତିରିକ୍ତ ପୋଲିସ ଡିଜି (ଆଇନ ଓ ଶୃଙ୍ଖଳା) ପଠାଇଥିବା ଚିଠିକୁ ନେଇ ପୋଲିସର ଆଉ ଏକ ଗୁମର ପଦାକୁ ଆସିଛି। ରାଜ୍ୟର ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ କେତେଜଣ ପୋଲିସ କର୍ମଚାରୀ ଜଡ଼ିତ ଥିବା ଜଣାପଡିବା ପରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀ ନିଜ କର୍ତ୍ତବ୍ୟ ଛାଡ଼ି କ୍ଷମତାର ଦୁରୁପଯୋଗ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ସବୁ ରେଞ୍ଜ ଆଇଜି, ଡିଆଇଜି, ପୋଲିସ କମିଶନରଙ୍କୁ ଅବଗତ କରାଯାଇଛି। ଗତ ମଙ୍ଗଳବାର ଲେଖାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଫିଲ୍ଡ ଡ୍ୟୁଟିରେ ରହୁଥିବା କେତେଜଣ ପୋଲିସ କର୍ମଚାରୀ ଅଣପୋଲିସ କାର୍ଯ୍ୟରେ ଜଡ଼ିତ ରହୁଥିବା ପୋଲିସ ମୁଖ୍ୟାଳୟ ନଜରକୁ ଆସିଛି। ବିଶେଷକରି ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ ସେମାନଙ୍କର ସମ୍ପୃକ୍ତି ରହୁଛି। ପୋଲିସ ଡିଜି ଏହି ପ୍ରସଙ୍ଗରେ ଗଭୀର ଚିନ୍ତାପ୍ରକଟ କରିବା ସହ ଗୁରୁତ୍ୱାରୋପ କରିଛନ୍ତି। ଏପରି କାର୍ଯ୍ୟ ପୋଲିସର କର୍ତ୍ତବ୍ୟ ବାହାରେ ବୋଲି ଡିଜିପି କହିଛନ୍ତି। ଏହି ଘଟଣାରେ ପୋଲିସ କର୍ମଚାରୀଙ୍କ କୌଣସି ବି ସହଯୋଗ କିମ୍ବା ପକ୍ଷପାତକୁ ଗମ୍ଭୀରତାର ସହ ନିଆଯିବ। ସବୁ ଫିଲ୍ଡ ଡ୍ୟୁଟିରେ ରହୁଥିବା ପୋଲିସ ଅଫିସରମାନଙ୍କୁ ଏହି ନିର୍ଦ୍ଦେଶନାମା ସଂକ୍ରାନ୍ତରେ ଜାଣି ସଚେତନ ହେବା ସହ ଏହାକୁ ପାଳନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଖଣି ଓ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ କାର୍ଯ୍ୟରେ ନିୟୋଜିତ ହେଉଥିବା ଟ୍ରକ ଆଦି ଗାଡ଼ିକୁ ପୋଲିସ ଅଧିକାରୀମାନେ ବେଆଇନ ଭାବେ ଅଟକାଇ ବିଭିନ୍ନ ଆଳରେ ଟଙ୍କା ନେଉଥିବା ପୂର୍ବରୁ ଅଭିଯୋଗ ରହିଛି। ଏପରିକି କେତେଜଣ ଖଣି ମାଫିଆଙ୍କ ସହ ପୋଲିସ କର୍ମଚାରୀମାନେ ସମ୍ପର୍କ ରଖି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ଅଭିଯୋଗ ହୋଇଆସୁଛି।

# ମେଜରଙ୍କ ବାନ୍ଧବୀଙ୍କ ନାମରେ ମାମଲା ଖାରଜ ଆବେଦନ

## ଇଞ୍ଜୁରି ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ,୨୬ା୯ (କାର୍ତ୍ତିକ ସାହୁ)

ହାଇକୋର୍ଟରେ ମେଜରଙ୍କ ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ହୋଇଥିବା ମାମଲା ଖାରଜ କରିବା ନେଇ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଯୁବତୀଙ୍କ ଏମ୍ସ ମେଡିକାଲ ଇଞ୍ଜୁରି ରିପୋର୍ଟ ଦାଖଲ କରିବା ନିମନ୍ତେ କ୍ରାଇମବ୍ରାଞ୍ଚକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ମେଜରଙ୍କ ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଖାରଜ କରିବା ନେଇ ମେଜରଙ୍କ ବାନ୍ଧବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ କିଛି ଦିନ ହେବ ମେଜର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ପୋଲିସ ନିର୍ଯାତନାକୁ ନେଇ ସାରା ରାଜ୍ୟରେ ହଟଚମଟ ଲାଗିରହିଛି। ଏପରିସ୍ଥଳେ ଭରତପୁର ଥାନା ଘଟଣାରେ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାର ଶୁଣାଣି କରି ଗତ ୨୩ ତାରିଖରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ନାମ ସାର୍ବଜନୀନ ନ କରିବାକୁ ଆଦେଶ ଦେଇଛନ୍ତି। ଏପରିକି ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ନାମ ପ୍ରକାଶ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି।

# ଆଜିଠୁ ଆନ୍ଦୋଳନ ଜୋର୍‌ଦାର କରିବ ଓଡ଼ିଶା ନର୍ସିଂ ସଂଘ

ଭୁବନେଶ୍ୱର, ୨୬ା୯(ବନ୍ଦନା ସେଠୀ)

୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ଏସ୍‌ମା ଲାଗୁ ସତ୍ତ୍ୱେ ଜିଦ୍‌ରେ ଅଟଳ ରହିଛନ୍ତି ନର୍ସିଂ ଅଫିସର। ୨ଦିନର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶୁକ୍ରବାରଠାରୁ ଏହାକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାରଠାରୁ କେବଳ ଜରୁରିକାଳୀନ ସେବା ଜାରି ରହିଥିଲା। ଶୁକ୍ରବାରଠାରୁ ଜରୁରିକାଳୀନ ସେବାକୁ ମଧ୍ୟ ବନ୍ଦ ରଖାଯିବ। ରାଜ୍ୟର ସମସ୍ତ ନର୍ସିଂ କର୍ମଚାରୀ କାମ ବନ୍ଦ କରି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ସଭାନେତ୍ରୀ ସୁସ୍ମିତା ଦାଶ ସୂଚନା ଦେଇଛନ୍ତି। ବୁଧବାର ସ୍ୱାସ୍ଥ୍ୟ ସଚିବ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାକୁ ନେଇ ସଂଘ ସନ୍ତୁଷ୍ଟ ନ ଥିବା କହିଛି। ତେଣୁ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରି ଆଲୋଚନା କରିବାକୁ ଦାବି କରାଯାଇଛି। ଏପଟେ ୩ ଦିନ ହେବ ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଯୋଗୁ ବିଭିନ୍ନ ହସ୍ପିଟାଲରେ ରୋଗୀସେବା ବ୍ୟାହତ ହୋଇଛି। ଏପରିସ୍ଥଳେ ଜରୁରିକାଳୀନ ସେବା ବନ୍ଦ କଲେ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା ସଫଳ

## ୯ ଦିନ ଚିକିତ୍ସା ପରେ ସୁସ୍ଥ ହେଲେ ଦିଲୀପ

କଟକ,୨୬ା୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ସିଟିଭିଏସ୍ ବିଭାଗରେ ସଫଳ ହୋଇଛି ଏକ୍‌ମୋ ଚିକିତ୍ସା। ଅନୁଗୋଳ ଅଞ୍ଚଳର ଦିଲୀପ କୁମାର ମହାରଣା(୫୩) ପାଇଛନ୍ତି ନୂଆ ଜୀବନ। ଗତ ୪ ତାରିଖରୁ ଦିଲୀପ ଏଚ୍-୧ଏନ୍-୧(ଥଣ୍ଡା ଜନିତ) ଭୂତାଣୁ ସଂକ୍ରମଣରେ ଆକ୍ରାନ୍ତ ହୋଇ ଆକ୍ୟୁଟ୍ ରେସ୍ପିରାଟୋରୀ ଡିଷ୍ଟ୍ରେସ ସିଣ୍ଡ୍ରୋମରେ ଆକ୍ରାନ୍ତ ହୋଇଥିଲେ। ଦିଲୀପ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରୁ ସେ ଏସ୍‌ସିବି ମେଡିକାଲ ସିଟିଭିଏସ୍ ବିଭାଗର ଏକ୍‌ମୋ ୟୁନିଟ୍‌ରେ ଗତ ୧୭ ତାରିଖରେ ସ୍ଥାନାନ୍ତର ହୋଇଥିଲେ। ଏସ୍‌ସିବି ମେଡିକାଲରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ଭି-ଭି ଟାଇପ୍ ଫେମୋରୋ ଜୁଗୁଲାର ଏକ୍‌ମୋ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପରେ ଚିକିତ୍ସାର ଦ୍ୱିତୀୟ ଦିନରେ ଟ୍ରାକିଓଷ୍ଟୋମୀ କରାଯାଇଥିଲା ଏବଂ ଏହାର ୪୮ ଘଣ୍ଟା ମଧ୍ୟରେ ସେ ଗୋଡ଼ ହାତ ଚଳାଇଥିଲେ। ୯ଦିନ ଚିକିତ୍ସା ପରେ ଗୁରୁବାର ଦିଲୀପଙ୍କ ଏକ୍‌ମୋ ଚିକିତ୍ସା ବନ୍ଦ କରାଯାଇଛି। ସିଟିଭିଏସ୍ ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, ଡା. ସୁବ୍ରତ କୁମାର ନାୟକ, ଡା. ଦେବାଶିଷ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା ଜାରି ରହିଛି।

# କ୍ଷୀରୋଦ ଜେନା ପାଇବେ 'ବିଜୁ ପଟ୍ଟନାୟକ ପୁରସ୍କାର'

## ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ଘୋଷଣା

## ୫ବର୍ଗରେ ପୁରସ୍କାର ପାଇବେ ୧୬ ବୈଜ୍ଞାନିକ

ଭୁବନେଶ୍ୱର,୨୬ା୯ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଅନୁମୋଦନକ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ୫ ବର୍ଗରେ ୧୬ ଜଣ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜିର ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ। ସେହିପରି କଟକସ୍ଥିତ ଆଇସିଏଆର୍-ଏନ୍‌ଆର୍‌ଆଇର ପ୍ରମୁଖ ବୈଜ୍ଞାନିକ ଡ. ସଂଘମିତ୍ରା ସାମନ୍ତରାୟଙ୍କୁ ଜୀବ ବିଜ୍ଞାନ, ଜଟଣୀସ୍ଥିତ ନାଇଜରର ପ୍ରଫେସର ବେଦାଙ୍ଗଦାସ ମହାନ୍ତିଙ୍କୁ ଭୌତିକ ବିଜ୍ଞାନ, ନିଟ୍ ରାଉରକେଲାର ପ୍ରଫେସର ସୁବ୍ରତ କୁମାର ପଣ୍ଡାଙ୍କୁ ଯାନ୍ତ୍ରିକ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'ରେ ସମ୍ମାନିତ କରାଯିବ। ଏଥିସହ ରାଜ୍ୟ ବାହାରେ କାର୍ଯ୍ୟରତ ପିଜିଆଇଏମ୍‌ଇଆର୍ ଚଣ୍ଡୀଗଡ଼ର ପ୍ରଫେସର ପିନାକୀ ଦତ୍ତଙ୍କୁ ଲାଇଫ ସାଇନ୍ସ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ କଟକର ସହକାରୀ ପ୍ରଫେସର ଡ. ସରିତା ଶେଖର ପଟ୍ଟନାୟକ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଅପ୍ରମିତା ଚାନ୍ଦ ଓ ଏନ୍‌ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ରାଜେଶ କୁମାର ପୃଷ୍ଟିଙ୍କୁ 'ଓଡ଼ିଶା ଯୁବବୈଜ୍ଞାନିକ ସମ୍ମାନ' ମିଳିବ। ସେହିଭଳି ରାଜ୍ୟ ବାହାରେ କାର୍ଯ୍ୟରତ ବର୍ଗରେ ଜାତୀୟ ବୈଷୟିକ ପ୍ରତିଷ୍ଠାନ ୱାରଙ୍ଗଲର ସହକାରୀ ପ୍ରଫେସର ଡ. ସଞ୍ଜୟ କୁମାର ପଣ୍ଡାଙ୍କୁ ମଧ୍ୟ 'ଓଡିଶା ଯୁବ ବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ। ଏଥିସହ ସାଧାରଣ ବର୍ଗରେ ରବୀନ୍ଦ୍ରନାଥ ମାଝୀ ଓ ଶିଶୁ ବର୍ଗରେ ତୁଳସୀ ସ୍ୱାଇଁଙ୍କୁ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଡ. ରାଜା କିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରଫେସର ଡ. ଆର୍. ଭୀମା ରାଓ ଓ ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ମଧ୍ୟ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯିବ। ଏହି ୧୬ ବୈଜ୍ଞାନିକଙ୍କୁ ଆଗାମୀ ଦିନରେ ଏକ ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ।

# ମଙ୍କିପକ୍ସ ନେଇ ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୨୬ା୯ (ବନ୍ଦନା ସେଠୀ)

ଓଡ଼ିଶାରେ ଭୂତାଣୁ ସଂକ୍ରମଣଜନିତ ମଙ୍କିପକ୍ସ ରୋଗରେ ଏବେ ସୁଦ୍ଧା ଜଣେ ହେଲେ ବି ବ୍ୟକ୍ତି ସଂକ୍ରମିତ ହୋଇ ନ ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦେଶର ବିଭିନ୍ନ ରାଜ୍ୟରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଏହାକୁ ନେଇ ସତର୍କ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି। ବିଶେଷକରି ଏହି ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରିବା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଜିଲା ଓ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ମଙ୍କିପକ୍ସ ସ୍ଥିତିର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମଙ୍କିପକ୍ସ ଚିହ୍ନଟ ହୋଇଥିବା ସଂକ୍ରମିତ ଏବଂ ସନ୍ଦିଗ୍ଧଙ୍କ ପାଇଁ ଆଇସୋଲେଶନ୍ ବ୍ୟବସ୍ଥା କରିବା, ସଂକ୍ରମିତଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ନ ବ୍ୟାପିବା ଲାଗି ବ୍ୟବସ୍ଥା ଏବଂ ପଜିଟିଭ୍ ଚିହ୍ନଟ ହେଲେ କ୍ଲେଡ୍ ଜାଣିବାକୁ ଜିନମ ସିକ୍ୱେନ୍ସିଂ ପାଇଁ ନମୁନା ପଠାଇବାକୁ ନିର୍ଦ୍ଦେଶ ରହିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ଧଉଳିରୁ କୋଣାର୍କ ପର୍ଯ୍ୟନ୍ତ ଏକ ଐତିହ୍ୟ ବାଇକ୍ ରାଲି, ସମୟ: ସକାଳ ୭ଟା ୩୦ । ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ରାଉରକେଲା ପକ୍ଷରୁ ଫାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ, ସ୍ଥାନ: ଟେନିସ୍ ସେଣ୍ଟର ଅଡିଟୋରିୟମ୍, କଳିଙ୍ଗ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ପୋଷଣ ମାସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ।
- ଏଫ୍‌ପିଏ ଇଣ୍ଡିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା ।
- ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଚନ୍ଦକା, ସମୟ: ଅପରାହ୍ନ ୪ଟା ।
- ଚତୁର୍ଦ୍ଦଶ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦ ।
- ଓଡ଼ିଶା ରାଜ୍ୟ ପର୍ଯ୍ୟଟକ ଗାଇଡ୍ ଆସୋସିଏଶନ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ଟଟୋ, ଅଟୋ ସଂଘର ସଭାପତି ଓ ସମ୍ପାଦକ ତରଫରୁ ପାସେଞ୍ଜର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା, ସ୍ଥାନ: ଷ୍ଟେସନ୍ ସମ୍ମୁଖ, ଜଳେଶ୍ୱର, ସମୟ: ସକାଳ ୭ଟା ।
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରକାରୀ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ, ତେଲିପାଳ, ନୀଳଗିରି, ସମୟ: ସକାଳ ୯ଟା ।
- କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା, ସ୍ଥାନ: ଗରସଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା ।
- ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସ୍ୱାଗତ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ

- ଭାଜପା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ ସମୟ: ସକାଳ ୮ଟା ।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ରହଣିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ା ଗଣେଶ ପୂଜା ମଣ୍ଡପ, ପୁରୁଣାବଜାର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦୁଝର

- ନର୍ସିଂ କର୍ମଚାରୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝର, ସମୟ: ସକାଳ ୬ ଟା ।
- ବ୍ଲକ୍ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ହଦଗଡ଼, ଗଡ଼ଚଣ୍ଡୀ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା ।
- ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିରରେ ସତ୍‌ସଙ୍ଗ ଏବଂ ଭଜନ ସମାରୋହ, ସ୍ଥାନ: ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା ।

## ମୟୂରଭଞ୍ଜ

- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ସୀତାକୁଣ୍ଡ, ପିଠାବଟା, ଶାମାଖୁଣ୍ଟା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା ।
- ହିନ୍ଦୀ ଦିବସ ପାଳନ, ସ୍ଥାନ:ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ଦିବ୍ୟାଙ୍ଗ ମହାସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗରିପୋଷି, ସମୟ: ପୂର୍ବାହ୍ନ ୧୧ଟା ।
- କୃଷି ଭିତ୍ତିକ ତାଲିମ କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ସାହାଣୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ତୃତୀୟ ଦିବସର ପ୍ରଥମ ମ୍ୟାଚ ବୌଦ୍ଧ-ଭଦ୍ରକ ଦଳ ଏବଂ ୨ୟ ମ୍ୟାଚ ମୟୂରଭଞ୍ଜ-ଅନୁଗୁଳ ଦଳ, ସ୍ଥାନ:ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୨ଟା ।

## ବ୍ରହ୍ମପୁର

- ବିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଗାନ୍ଧୀନଗର ଉପରସ୍ଥ ମାର୍ଗ, ସମୟ: ସକାଳ ୬ଟା ।
- ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚର ଧାରଣା,ସ୍ଥାନ: ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା ।
- ମୋହନ ନାୟକଙ୍କ ତିରୋଧାନ ଦିବସ,ସ୍ଥାନ: ଦିବ୍ୟଜୀବନ ସଂଘ, ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ଚିକିଟି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ଅପରାହ୍ନ ୪ଟା ।
- ସ୍ୱଚ୍ଛତା ଆଧାରିତ ନାଟକ ପରିବେଷଣ, ବଡ଼ାଖାନା, ସ୍ଥାନ: ଆସିକା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ।

## କନ୍ଧମାଳ

- ବୟସ୍କଙ୍କୁ ବିସିଜି ଟୀକାକରଣର ଶୁଭାରମ୍ଭ, ସ୍ଥାନ: ଫୁଲବାଣୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ସାଇବାବାଙ୍କ ଶୋଭାଯାତ୍ରା, ସ୍ଥାନ:ବାଜିଚୌକସ୍ଥିତ ସୌଦାମିନୀ ସ୍କୁଲ ଠାରୁ ଶ୍ରୀରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା୩୦ ।
- ନିପୁଣ ଓଡିଶା ମିଶନ ଅଭିଯାନ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା ।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନର ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ: ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମଦନା ଜରା ନିବାସ, ନୈନ୍ଦିପୁର, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ଷୋଡ଼ଶ ଦିବସୀୟ ପୂଜାର ୪ର୍ଥ ଦିବସ, ସ୍ଥାନ: କନକ ଦୁର୍ଗା ପୀଠ ନୟାଗଡ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା ।
- ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖଣ୍ଡପଡ଼ା ଆର.ସି.ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- କମ୍ପ୍ୟୁଟର ସେମିନାର, ସ୍ଥାନ: ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା ।
- ଗାନ୍ଧୀ ବିଚାର, ପ୍ରଚାର ଓ ପ୍ରସାର ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆବଶ୍ୟକତା ଓ ସର୍ବୋପରି ପ୍ରାସଙ୍ଗିକତା ସମ୍ପର୍କରେ ବିଚାର ଆଲୋଚନା ବୈଠକ, ସ୍ଥାନ:ନୟାଗଡ଼ ଛାୟାପଥ ଲେନ୍, ସମୟ: ଅପରାହ୍ନ ୪ଟା୩୦ ।
- ଷୋଡ଼ଶ ଦିବସୀୟ ପୂଜାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ।
- ରାମଚରିତ ମାନସ ଜ୍ଞାନଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ରୁ ୮ଟା ୩୦ ।

## ନବରଙ୍ଗପୁର

- ସୋଲାର ବ୍ୟବହାର ନେଇ କୃଷି ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ବିନୋଦ ପାଲେସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ

- ଲିଭ୍ ଫର ଆଦର୍ଶ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୁଣ୍ଡିଚା କଲ୍ୟାଣ ମଣ୍ଡପ, ସେମିଳିଗୁଡା, ସମୟ: ସକାଳ ୯ ଟା ୩୦ ।
- ଜାତୀୟ ସ୍ୱାସ୍ଥ୍ୟ ମିଶନ, ୟୁନିସେଫ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ ଟା ।
- ମାଳିସାହି କ୍ଲଷ୍ଟର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ପୂଜାରୀପୁଟ ୟୁପି ସ୍କୁଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ।
- ପୂର୍ଣ୍ଣ ଆହାର ଉପରେ ସଚେତନତା କର୍ମଶାଳା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ରଣେଶ୍ୱର ରାମଚଣ୍ଡୀ ପୀଠରେ ଷୋଡଶ ପୂଜା, ସ୍ଥାନ :ଦାନୀପାଲି ସ୍ଥିତ ମନ୍ଦିର, ସମୟ : ସକାଳ ୮ଟା ।
- ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗୀତା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଝସକେତନ ସାହୁ ସୁଇମିଂ ପୁଲ, ସମୟ : ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ମାଷ୍ଟର୍ସ ସୁଇମିଂ କ୍ଲବ ପକ୍ଷରୁ ୧୨ତମ ଖଟେଶ୍ୱର ପାଣ୍ଡେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଜିଲାସ୍ତରୀୟ ସପ୍ତମ ପୋଷଣ ମେଳା, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦ ।

## ସୁବର୍ଣ୍ଣପୁର

- ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ରାମପୁରସ୍ଥିତ ପୂଜାଡୁଙ୍ଗୁରି, ସମୟ: ସକାଳ ୯ଟା ।
- ତରଭା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ରାହାଗିରି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ଅଫିସ ସମ୍ମୁଖ, ସମୟ: ସକାଳ ୯ଟା ।
- ତରଭା ବ୍ଲକ ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚୂଡାଖାଇ ଡଙ୍ଗର ପାଦଦେଶ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ସମ୍ପାଦିତ କାର୍ଯ୍ୟ ଗୁଡିକର ସାମାଜିକ ସମୀକ୍ଷା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲା ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା ।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ନିପୁଣ ଓଡ଼ିଶା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଶୁଭାରମ୍ଭ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଶ୍ରୀଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧପଡା, ବରଗଡ଼, ସମୟ: ଅପରାହ୍ନ ୩ଟା ।
- ନୂଆଁଖାଇ ଭେଟ୍‌ଘାଟ୍ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୌଖିନ କଳାକାର ସଂଘ, ବରଗଡ଼, ସମୟ: ଅପରାହ୍ନ ୪ଟା ୪୫ ।
- କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।

## ସୁନ୍ଦରଗଡ଼

- ଆନ୍ତଃଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସର ପ୍ରଥମ ମ୍ୟାଚ ଗଜପତି ଓ ନୟାଗଡ଼ ମଧ୍ୟରେ, ସ୍ଥାନ: ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ: ସମୟ: ଅପରାହ୍ନ ୧ଟା ୪୫ ।
- ଆନ୍ତଃଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସର ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଓ ନବରଙ୍ଗପୁର ମଧ୍ୟରେ, ସ୍ଥାନ: ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ: ସମୟ: ଅପରାହ୍ନ ୩ଟା ୩୦ ।

## ରାଉରକେଲା

- ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୬ଟା ।
- ଗାନ୍ଧୀ ଜୟନ୍ତୀ ନେଇ ପ୍ରତିଯୋଗିତା, ସ୍ଥାନ: ଝିରପାଣି ଓ ଜଗଦା, ସମୟ: ପୂର୍ବାହ୍ନ ୧୦ଟା ।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଜଗତ ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ପୁରୁକୁଣ୍ଡା ଖେଳପଡ଼ିଆ, ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ ବିଆର୍‌ଜି ସଦସ୍ୟଙ୍କ ପାଇଁ ଅଭିମୁଖିକରଣ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ନିମନ୍ତେ ମୋଡ୍ୟୁଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକସ୍ତରୀୟ ଗ୍ରାମ୍ୟ ଜଳ ଓ ସ୍ୱଚ୍ଛତା ସମିତି ସଦସ୍ୟଙ୍କ ନିମନ୍ତେ ଏକ ଦିବସୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା ।
- ୩ ଦିନିଆ ଅଭିମୁଖିକରଣ କାର୍ଯ୍ୟକ୍ରମ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିମନ୍ତେ ମୋଡ୍ୟୁଲ ତାଲିମ ଶିବିର, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଯାଦବ ସମାଜର ସାଧାରଣ ସଭା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତର ବଞ୍ଜାରୀ, ସମୟ: ପୂର୍ବାହ୍ନ ୧୦ଟା ।
- ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

**ପ୍ରଥମ ପୃଷ୍ଠାରୁ...**

## ସରୋଗେସି ପାଇଁ...

ପାଇଁ ଚାହୁଁଥିବା କର୍ମଚାରୀଙ୍କ ପାଇଁ ବଡ଼ ଖୁସି ଆଣି ଦେଇଛି । ରାଜ୍ୟପାଳଙ୍କ ଆଦେଶକ୍ରମେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପତ୍ର ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ତେବେ ଏଥିପାଇଁ କେଉଁମାନେ ଯୋଗ୍ୟ ହେବେ ସେସମ୍ପର୍କରେ ମଧ୍ୟ ଉକ୍ତ ଚିଠିଲେ ଉଲ୍ଲେଖ ରହିଛି । ଦୁଇରୁ କମ୍ ଜୀବିତ ସନ୍ତାନ ଥିବା ରାଜ୍ୟ ସରକାରୀ ମହିଳା କର୍ମଚାରୀ ସରୋଗେଟ୍ ମାତୃତ୍ୱ ଲାଭ କଲେ ହିଁ ସେମାନେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏଥିସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ, ଯିଏ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ପିତା ବା କମିଶନିଂ ଫାଦର ହୁଅନ୍ତି, ସେ ସନ୍ତାନ ଜନ୍ମ ତାରିଖରୁ ୬ ମାସ ମଧ୍ୟରେ ୧୫ ଦିନର ପିତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । ତେବେ ଏହି ଛୁଟି ଲାଭ କରିବାକୁ ସରୋଗେସି କ୍ଷେତ୍ରରେ ରହିଥିବା ରାଜିନାମା ସହିତ ପଞ୍ଜୀକୃତ ଡାକ୍ତର, ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସମ୍ବନ୍ଧିତ ଦସ୍ତାବିଜ ଦେବାକୁ ପଡ଼ିବ ।

## ୭୦ ଛୁଇଁଲାଣି...

ହେଲେ କାମ ଚଳିଯାଏ । ହେଲେ ଏବେ ପଖାଳ କଂସାରୁ ପିଆଜ ଉଭାନ ହେଲାଣି । ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ଓ କଟକରେ ପିଆଜ କିଲୋ ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ନୟାଗଡ ୭୦, ବ୍ରହ୍ମପୁର ୬୦, ଢେଙ୍କାନାଳ ୬୦, ମାଲକାନଗିରି ୬୦, କୋରାପୁଟ ୭୦, ନବରଙ୍ଗପୁର ୬୦, ବଲାଙ୍ଗୀର ୬୦, ସମ୍ବଲପୁର ୬୦, ରାଉରକେଲା ୬୦, ବରଗଡ ୬୦, ବାଲେଶ୍ୱର ୬୦, ବାରିପଦା ୬୦, ଜଗତ୍‌ସିଂହପୁର ୬୦ ଏବଂ ରାୟଗଡାରେ ପିଆଜ କିଲୋ ୫୫ ଟଙ୍କା ଦରରେ ବିକ୍ରି ହେଉଛି । ପିଆଜ ମୂଲ୍ୟ ବୃଦ୍ଧି ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟରେ ମଧ୍ୟ ଦର ବଢ଼ିଲାଣି । ପ୍ରତ୍ୟେକ ବର୍ଷ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ । ଆଇଗିଣିଆ ଆଳୁ ଗୋଦାମରେ ନାସିକରୁ ଆସୁଥିବା ପିଆଜ ଦର କିଲୋପିଛା ୫୦ ଟଙ୍କା ଥିବା ବେଳେ ଆନ୍ଧ୍ରରୁ ଆସୁଥିବା ନୂଆ ପିଆଜ କିଲୋ ୩୫ରୁ ୪୦ ଟଙ୍କା ଦରରେ ବିକ୍ରି ହେଉଛି । ହେଲେ ଖୁଚୁରା ବଜାରରେ କିଲୋପ୍ରତି ୧୦ରୁ ୨୦ ଟଙ୍କା ଯାଏ ଚଢ଼ା ଦରରେ ବିକ୍ରି ହେଉଛି । ଖୁଚୁରା ବଜାର ଉପରେ ଯୋଗାଣ ବିଭାଗର ନିୟନ୍ତ୍ରଣ ନାହିଁ । ନୂଆ ପିଆଜ ଆସିବାକୁ ଚାହିଁ ବସିଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ଷା ଯୋଗୁ ମହାରାଷ୍ଟ୍ରରେ ପିଆଜ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ନାଫେଡ୍ ଜରିଆରେ ଖାଉଟିଙ୍କୁ ୩୫ ଟଙ୍କା ଦରରେ ପିଆଜ ଯୋଗାଇ ଦିଆଯାଉଛି । ନୂଆ ପିଆଜ ଆସିବା ପରେ ଦର ହ୍ରାସ ପାଇବ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆମ ରାଜ୍ୟରେ ପିଆଜ ଉତ୍ପାଦନ ନାହିଁ । ଯେଉଁ ରାଜ୍ୟ ଉପରେ ନିର୍ଭର କରୁଛୁ, ସେଠାରେ ବର୍ଷା ଯୋଗୁ ଉତ୍ପାଦନ କମିଛି । ଏହି ସମସ୍ୟା କେବଳ ଆମ ରାଜ୍ୟରେ ନାହିଁ, ଅନ୍ୟ ରାଜ୍ୟରେ ମଧ୍ୟ ଦେଖାଦେଇଛି । ନାଫେଡ୍ ଜରିଆରେ ଲୋକଙ୍କୁ ୩୫ ଟଙ୍କାରେ ପିଆଜ ଯୋଗାଇବା ବ୍ୟବସ୍ଥା ହେଉଛି । ଆଗାମୀ ଦିନରେ କିପରି ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୂଚନା କହୁଛି, ରାଜ୍ୟରେ ପିଆଜ ଉତ୍ପାଦନ ବଢୁଛି । ହେଲେ ପ୍ରତ୍ୟେକ ବର୍ଷ ଦର ବୃଦ୍ଧିରେ ଘାଣ୍ଟି ହେଉଛନ୍ତି ଖାଉଟି । ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରାଜ୍ୟ ନିଅଣ୍ଟିଆ କଷଣରେ କଷି ହେଉଛି । ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ଓଡ଼ିଶାରେ ବାର୍ଷିକ ପ୍ରାୟତଃ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଆବଶ୍ୟକ ରହିଛି । ତେବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୂଚନା ଅନୁଯାୟୀ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି । କେବଳ ଗୋଟିଏ ବର୍ଷ ନୁହେଁ ରାଜ୍ୟରେ ଲଗାତର ଭାବେ ପିଆଜ ଉତ୍ପାଦନ ବଢ଼ି ଚାଲିଛି । ୨୦୧୬-୧୭ରେ ପିଆଜ ଉତ୍ପାଦନ ବାର୍ଷିକ ୩.୭୮ ଲକ୍ଷ ମେଟ୍ରିକ ଟନ(ଏମ୍‌ଟି) ହୋଇଥିବାବେଳେ ୨୦୧୭-୧୮ରେ ୩.୭୯ ଲକ୍ଷ ଏମ୍‌ଟି, ୨୦୧୮-୧୯ରେ ୩.୭୩ ଲକ୍ଷ ଏମ୍‌ଟି, ୨୦୧୯-୨୦ରେ ୩.୬୫ ଲକ୍ଷ ଏମ୍‌ଟି ଏବଂ ୨୦୨୧ରେ ୩.୫୦ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଛି ।

ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲଡ୍ ଚେନ୍ ଡେଭଲପ୍‌ମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା ୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତାର ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି । ରାଜ୍ୟରେ ମାତ୍ର ୭ ହଜାର ୩୨୧ ପିଆଜ ସାଇତା ଗୃହ ରହିଛି । ଏଥିରେ କେବଳ ୧ ଲକ୍ଷ ୮୩ ହଜାର ୨୫ ମେଟ୍ରିକ୍ ଟନ୍ ପିଆଜ ରଖାଯାଇ ପାରିବ । ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହନ ଦେବାକୁ ଆଳୁ, ପିଆଜ, ପନିପରିବା ଓ ମସଲା ଜାତୀୟ ଉନ୍ନୟନ ଯୋଜନାରେ ରାଜ୍ୟ ସରକାର ହେକ୍ଟର ପିଛା ୫୮ ହଜାର ଓ ପନିପରିବା ଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ସବ୍‌ସିଡ୍ ଦେବା ବ୍ୟବସ୍ଥା କରିଛନ୍ତି । ଏହା ସତ୍ତ୍ୱେ ରାଜ୍ୟର ଚାହିଦା ମେଣ୍ଟାଯାଇ ପାରୁ ନାହିଁ । ଖାଉଟି କାର୍ତ୍ତିକ ସାହୁ କହିଛନ୍ତି, ପିଆଜ ଏକ ଅତ୍ୟାବଶ୍ୟକ ସାମଗ୍ରୀ । ନ ହେଲେ ନ ଚଳେ । ବର୍ଷା ୩ ମାସ ଦର ବଢୁଛି । ସରକାର ଯଦି ପିଆଜ ସଂରକ୍ଷଣ ବ୍ୟବସ୍ଥା କରନ୍ତେ, ତେବେ ଗ୍ରାହକ ଉଚିତ ମୂଲ୍ୟରେ ପାଇପାରନ୍ତେ ।

## ଖାଇବା ତେଲ ଦର...

ପୋର୍ଟାଲରେ ସୋରିଷ ତେଲର ମୂଲ୍ୟ ପ୍ରାୟ ୨୭% ବୃଦ୍ଧି ପାଇଛି । ମାସକ ତଳେ ଅନଲାଇନ୍ ଗ୍ରୋସେରି ପୋର୍ଟାଲରେ ଯେଉଁ ସୋରିଷ ତେଲ ଲିଟର ପିଛା ୧୩୯ ଟଙ୍କା ରହିଥିଲା, ତାହା ଏବେ ୧୭୬ ଟଙ୍କା ହୋଇଛି । ଅର୍ଥାତ୍ ମାସକ ମଧ୍ୟରେ ଖାଇବା ତେଲ ଦରରେ ୨୬.୬୧% ବୃଦ୍ଧି ପାଇଛି । କିନ୍ତୁ କେନ୍ଦ୍ର ସରକାରଙ୍କ ଉପଭୋକ୍ତା ବ୍ୟାପାର ବିଭାଗର ମୂଲ୍ୟ ମନିଟରିଂ ଡିଭିଜନର ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୫ ପୂର୍ବରୁ ଲିଟର ପିଛା ୧୩୯.୧୯ ଟଙ୍କାରେ ଉପଲବ୍ଧ ସୋରିଷ ତେଲ ଦର ବୃଦ୍ଧି ପାଇ ବର୍ତ୍ତମାନ ୧୫୧.୮୫ ଟଙ୍କାରେ ପହଞ୍ଚିଛି । ଓଡ଼ିଶାର ଖୁଚୁରା ବଜାରରେ ବିଭିନ୍ନ ବ୍ରାଣ୍ଡ୍‌ର ଖାଇବା ତେଲର ଦର ଭିନ୍ନ ଭିନ୍ନ ରହୁଛି । ଦୋକାନୀମାନେ ମଧ୍ୟ ମନଇଚ୍ଛା ଦର ନେଉଛନ୍ତି । ସମାନ ବ୍ରାଣ୍ଡ୍‌ର ତେଲ ଦୋକାନ ଅନୁସାରେ ଅଲଗା ରହୁଥିବା ଦେଖାଦେଇଛି । ସ୍ଥାନୀୟ ୟୁନିଟ୍-୧ ହାଟ ବ୍ୟବସାୟୀ ଦିନେଶ କୁମାର ପାତ୍ରଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ପୂର୍ବରୁ ୧୧୦ରୁ ୧୧୨ ଟଙ୍କାରେ ବିକ୍ରି ହେଉଥିବା ସୂର୍ଯ୍ୟମୁଖୀ ତେଲର ହୋଲସେଲ୍ ଦାମ୍ ୧୨୭ ଟଙ୍କାରେ ପହଞ୍ଚିଛି । ଏହାର ଖୁଚୁରା ଦର ୧୩୦ରୁ ୧୩୨ ଟଙ୍କା ରହିଛି । ଲିଟର ପିଛା ପାମୋଲିନ୍ ତେଲ ୧୨୦ରୁ ୧୨୫ ଟଙ୍କା ଏବଂ ସୋରିଷ ତେଲ ୧୬୦ରୁ ୧୬୫ ଟଙ୍କାରେ ବିକ୍ରି ହେଉଛି । ଭୁବନେଶ୍ୱର ପ୍ରମୁଖ ହାଟଗୁଡ଼ିକର ତେଲ ଦରଠାରୁ ଅନ୍ୟ ସ୍ଥାନର ଖୁଚୁରା ଅଧିକ ପ୍ରାୟ ୧୦ ଟଙ୍କା ରହୁଛି ।

ଦେଶର ଅନ୍ୟ ପ୍ରମୁଖ ସହରରେ ମଧ୍ୟ ତେଲ ଦର ବୃଦ୍ଧି ପାଇଛି । ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍‌ର ସୋରିଷ ତେଲ ମୁମ୍ବାଇରେ ୧୮୩ ଟଙ୍କା, ଦିଲ୍ଲୀରେ ୧୬୫ ଟଙ୍କା, କୋଲକାତାରେ ୧୮୧ ଟଙ୍କା, ଚେନ୍ନାଇରେ ୧୬୭ ଟଙ୍କା ଏବଂ ରାଞ୍ଚିରେ ୧୬୩ ଟଙ୍କା ମୂଲ୍ୟ ରହିଛି । ସେହିପରି ସୂର୍ଯ୍ୟମୁଖୀ ତେଲ ଲିଟର ପ୍ରତି ୧୧୯.୩୮ରୁ ୧୨୯.୮୮ ଟଙ୍କା, ପାମୋଲିନ୍ ତେଲ ୯୮.୨୮ ଟଙ୍କାରୁ ୧୧୨.୨ ଟଙ୍କା ଏବଂ ସୋୟା ତେଲର ମୂଲ୍ୟ ମାସକରେ ୧୧୭.୪୫ରୁ ୧୨୭.୬୨ ଟଙ୍କାକୁ ବୃଦ୍ଧି ପାଇଛି ।

### ଆମଦାନୀ ଶୁଳ୍କ ବୃଦ୍ଧି ମହଙ୍ଗା କଲା

ଖାଇବା ତେଲ ଦର ବୃଦ୍ଧି ନେଇ ଅର୍ଥନୀତି ବିଶେଷଜ୍ଞଙ୍କ ମତ ହେଲା, କେନ୍ଦ୍ର ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିଥିବାରୁ ଏହା ମହଙ୍ଗା ହୋଇଛି । ଅଶୋଧିତ ସୋୟାବିନ ତେଲ, ଅଶୋଧିତ ପାମୋଲିନ୍ ତେଲ ଏବଂ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କକୁ ଶୂନରୁ ୨୦ ପ୍ରତିଶତ ଏବଂ ଖାଇବା ତେଲ ଉପରେ ୧୨.୫ ପ୍ରତିଶତରୁ ୩୨.୫ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଫଳରେ ସମସ୍ତ ପ୍ରକାରର ଖାଇବା ତେଲ ଦର ବଢ଼ିଛି । ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ବୃଦ୍ଧି କରିଥିବା ଦର୍ଶାଉଥିଲେ ମଧ୍ୟ ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡୁଛି ।

## ସିବିଆଇକୁ କବାଟ...

ସୂଚନା ଦେଇଛନ୍ତି । ପାଟିଲ କହିଛନ୍ତି, କେନ୍ଦ୍ର ହେଉ କି ସିବିଆଇ ନିଜ କ୍ଷମତାର ବିବେକାନୁମୋଦିତ ଉପଯୋଗ କରୁନାହାନ୍ତି । ତେବେ ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କ ନାମରେ ୧୪ଟି ସ୍ଥାନ ଆବଣ୍ଟନ ସମ୍ପର୍କିତ ଅଭିଯୋଗ ସହ ଏହି ନିଷ୍ପତ୍ତିର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟ, ୧୯୪୬ର ଧାରା ୬ ଅନୁସାରେ ସିବିଆଇକୁ ତଦନ୍ତ ପାଇଁ କୌଣସି ରାଜ୍ୟକୁ ଯିବାକୁ ହେଲେ ଜେନେରାଲ କନ୍‌ସେଣ୍ଟ ନ ଥିଲେ ସମ୍ପୃକ୍ତ ରାଜ୍ୟର ସରକାରଙ୍କ ପୂର୍ବ ଅନୁମତି ନେବାକୁ ପଡ଼ିଥାଏ । ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁ ଭଳି ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାରକାରୀ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ତାଲିକାରେ କର୍ଣାଟକ ଏବେ ସାମିଲ ହୋଇଛି । ଏକ ସ୍ୱତନ୍ତ୍ର କୋର୍ଟ ସିଦ୍ଧାରାମାୟାଙ୍କ ବିରୋଧରେ ମୁଦା ମାମଲାର ତଦନ୍ତ ଲୋକାୟୁକ୍ତ ପୋଲିସକୁ ଦେବାର ଦିନକ ପରେ କର୍ଣାଟକ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି । ଭାଜପା ସିଦ୍ଧାରାମାୟାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ଜାରି ରଖିଥିବାବେଳେ ସେ ଏହାକୁ ଉଦ୍ଦେଶ୍ୟ ପ୍ରଣୋଦିତ କହି ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ମନା କରିଦେଇଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ଅଚାନକ ଭାବରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ । ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ଜମା ଆପଣଙ୍କ ପାଖ ମାଡ଼ିବେ ନାହିଁ । ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ଦୁର୍ବଳତା କେତେକାଂଶରେ ଦୂର ହେବ । ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ ।

**ବୃଷ** ଶନିଦୃଷ୍ଟି ପାରିବାରିକ କ୍ଷେତ୍ରର ପରିସ୍ଥିତିକୁ ସାମାନ୍ୟ ବିଗାଡିଲେ ମଧ୍ୟ ନିୟନ୍ତ୍ରିତ ରହିବ । ଆଜି ଅଫିସ କାର୍ଯ୍ୟରେ ଖୁବ୍ ବ୍ୟସ୍ତ ରହିବେ । ଗୃହସଜ୍ଜୀକରଣ, ଯାନବାହନ ମରାମତି ସହ ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ । ଆଜି ଦିନଟିରେ ଶତ୍ରୁତା କରୁଥିବା ଲୋକମାନଙ୍କଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ।

**ମିଥୁନ** ଧନାଧିପତିଙ୍କ ସହ ଲାଭାଧିପତିଙ୍କ ସମ୍ପର୍କ କାରଣରୁ ଆର୍ଥିକ ଦୁରବସ୍ଥା ଦୂରେଇଯିବ । ଈର୍ଷାନ୍ୱିତ ହୋଇ ଭଲ ସମ୍ପର୍କ ନ ଥବା ଲୋକ ଅସୁବିଧାରେ ପକାଇ ପାରନ୍ତି । ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ଜଣେ ବନ୍ଧୁଙ୍କ ଜରିଆରେ ପାଇବେ । ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ, ହେଲେ ବିଶେଷ ଶ୍ରମ ଓ ସମୟ ଦେବାକୁ ପଡ଼ିବ ।

**କର୍କଟ** ସ୍ୱଗୃହୀ ରାଶ୍ୟାଧିପ ଓ ଚତୁର୍ଥାଧିପତିଙ୍କ ପ୍ରଭାବରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ । ଆଜିର ଯାତ୍ରା, ଆଲୋଚନା, ବାଣିଜ୍ୟ ପ୍ରଭୃତି ଦିଗରୁ ଲାଭବାନ୍ ହେବେ । ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିପାରନ୍ତି । କିଏ ଭଲ କହୁ କିମ୍ବା ନ କହୁ ଆପଣ ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରିବା ଠିକ୍ ହେବ ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ପାପଗ୍ରହଙ୍କ ସମ୍ବନ୍ଧ ଯୋଗୁ ଶାରୀରିକ ସ୍ଥିତି କମଜୋର ରହିବ । କର୍ମକ୍ଷେତ୍ରର ସ୍ଥିତି ଭଲ ରହିଥିବାରୁ ପ୍ରତ୍ୟେକ କାମକୁ ଖୁସି ମନରେ କରିବେ । ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବ । ବକେୟା ଟଙ୍କା, ଘର, ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇପାରନ୍ତି ।

**କନ୍ୟା** ମୁଖଭାବରେ ବିଳାସକାରକ ଗ୍ରହ ଶୁକ୍ର ଥିବାରୁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଦୃଢ଼ ମନୋବଳ ହେତୁ କର୍ମକ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ପରୋକ୍ଷ ଶତ୍ରୁତା କାରଣରୁ ନିଜ ଲୋକମାନେ ବିଶ୍ୱାସଘାତ କରିପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ସାମାନ୍ୟ ସମସ୍ୟା ରହିବ ।

**ତୁଳା** ଶୁକ୍ରଙ୍କ ସୁପ୍ରଭାବରେ ନୂତନ ସମ୍ପର୍କ, ପତ୍ରପତ୍ରିକା ସମ୍ପାଦନା, ପ୍ରଶାସନିକ ଆଲୋଚନା କ୍ଷେତ୍ର ଉନ୍ନତ ରହିବ । ଆଜି ଯେଉଁ ଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ । ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ ମାତ୍ର ଖର୍ଚ୍ଚଭାର ବୃଦ୍ଧିଜନିତ ବ୍ୟସ୍ତତା ବୃଦ୍ଧିପାଇବ । ନୂତନ ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ଖୁସି ହେବେ ।

**ବିଛା** ଚଳିତ ସମୟରେ ଅଭିଳାଷ ପୂରଣ ହୋଇ ନ ପାରେ । ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ଊଣା ହେବ ନାହିଁ । ଏକାଦଶସ୍ଥ ଶୁକ୍ର ଓ ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ । ପରିବାରରେ ମତପାର୍ଥକ୍ୟ କାରଣରୁ ବିଚଳିତ ରହିପାରନ୍ତି ।

**ଧନୁ** ଦୂରଯାତ୍ରା ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ । ଚନ୍ଦ୍ର ଓ ରାଶ୍ୟାଧିପତିଙ୍କ ସ୍ଥିତିଜନିତ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସିତ ହୋଇ ପାରିବେ ନାହିଁ । ନୂତନ ଯୋଜନାରମ୍ଭ, ବାକି ରହିଥିବା ଟଙ୍କା ପଇସା, କୌଣସି ଆଲୋଚନା ଏବଂ ଆନୁଷ୍ଠାନିକ କାମରେ ସଫଳତା ମିଳିବ । ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ ।

**ମକର** କର୍ମାଧିପତିଙ୍କ ଶୁଭଦୃ କାରଣରୁ ଆଶଙ୍କା ଦୂରୀଭୂତ ହେବା ସାଙ୍ଗକୁ ବହୁ ଜନ ପ୍ରଶଂସିତ ହେବେ । ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ । ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ଅନୁଭବ କରିପାରନ୍ତି ।

**କୁମ୍ଭ** ବିଭିନ୍ନ ସମସ୍ୟା ମଧ୍ୟରେ ଜୀବନଯାତ୍ରା ଅବ୍ୟାହତ ରଖିଲେ ସଫଳତାର ଆଶା କରାଯାଇପାରେ । ଶୁକ୍ର ଓ ଚନ୍ଦ୍ରଙ୍କ ପ୍ରଭାବରୁ ବାଣିଜ୍ୟ, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ । ଚୁକ୍ତିପତ୍ର, ପରିବହନ, ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । ଆନୁଷ୍ଠାନିକ କାମ ସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିପାରେ ।

**ମୀନ** ପାପଗ୍ରହ ପ୍ରଭାବରେ ନିଜଲୋକଙ୍କ ବିରୋଧ ସତ୍ତ୍ୱେ କେତେକ କାମ କରିବା ପାଇଁ ନିଷ୍ପତ୍ତି ନେବେ । ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବନାହିଁ । ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ପୂର୍ବସ୍ଥିତି ଅକ୍ଷୁଣ୍ଣ ରହିବ । ସଫଳତାର ସହ କୌଣସି ନୂତନ କର୍ମାରମ୍ଭ କରି ଆନନ୍ଦ ଅନୁଭବ କରିପାରନ୍ତି ।

ଆଜି ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ଆଶ୍ୱିନ କୃଷ୍ଣପକ୍ଷ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ । ସକାଳ ଘ.୦୫.୪୦ ଗତେ ଘ. ୦୬.୨୭ ମଧ୍ୟେ, ଘ.୦୭.୧୫ ଗତେ ଘ.୦୮.୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦.୦୮ ଗତେ ଘ.୧୧.୩୭ ମଧ୍ୟେ ରାହୁକାଳ ।

# ଅବିଶ୍ରାନ୍ତ ବର୍ଷା, ପୁଣି ଫୁଲୁଛି ସୁବର୍ଣ୍ଣରେଖା



**ଭୋଗରାଇ, ୨୬।୯(ପ୍ରଦୀପ ଦାସ)**

ଲଘୁଚାପଜନିତ ଲଗାଣ ବର୍ଷାରେ ୩ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗିରହିବାରୁ ବାଲେଶ୍ୱର ଜିଲାର ସବୁଠି ଜଳାର୍ଣ୍ଣବ ସହିତ ଜନଜୀବନ ଦୁର୍ବିଷହ ହୋଇଛି। ତୁହାକୁ ତୁହା ବର୍ଷା ଲାଗିରହିବାରୁ ସହର, ଗ୍ରାମ, ବଜାର, ହାଟ, ସ୍କୁଲ, କଲେଜ ବର୍ଷା ପାଣିରେ ବୁଡିଯାଇ ଅବସ୍ଥା ବେହାଲ ହୋଇଛି। ଘନ ଘନ ଲଘୁଚାପ ଯୋଗୁ ବିଲ, ବାଡ଼ି, କ୍ଷେତ ସବୁଠି ଜଳ ପରିପୂର୍ଣ୍ଣ ହୋଇ ଧାନ, ପନିପରିବା ଚାଷର ବ୍ୟାପକ କ୍ଷତି ହୋଇ ଜଳର ଲହଡି ଭାଙ୍ଗୁଛି। ସୁବର୍ଣ୍ଣରେଖା ପ୍ରଥମ ବନ୍ୟା ଆସି ଲୋକଙ୍କ ମଧ୍ୟରୁ ଦୁଃଖ ଦୁର୍ଦ୍ଦଶା ଲିଭି ନ ଥିବା ବେଳେ ପୁଣି ଏକ ଲଘୁଚାପ ଦ୍ୱିତୀୟ ବନ୍ୟାର ସଂକେତ ସୃଷ୍ଟି କରିଛି। ଝାଡ଼ଖଣ୍ଡ ମାଳ ଅଞ୍ଚଳରେ ଏହି ଲଘୁଚାପ ସକ୍ରିୟ ହୋଇ ବର୍ଷା ହେଉଥିବା ବେଳେ ଗାଲୁଡ଼ିହି ବ୍ୟାରେଜରୁ ୨୨୦୦ କ୍ୟୁସେକ ଉଦ୍‌ବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ଛଡ଼ାଯିବାର ସିଡବ୍ଲ୍ୟୁସି (କେନ୍ଦ୍ରୀୟ ଜଳ ଆୟୋଗ) ସୂଚନା ଦେଇଛନ୍ତି। କେବଳ ଗାଲୁଡ଼ିହି ନୁହେଁ ଝାଡ଼ଖଣ୍ଡର ଅନ୍ୟ ଖଡ଼ଖାଇ ବ୍ୟାରେଜ ସହ ଚାନ୍ଦିଲି ଡ୍ୟାମରେ ଉଦବୃତ୍ତ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେଲେ ପୁଣି ଅନ୍ୟ ଏକ ବଡ ବନ୍ୟା ଆଶଙ୍କା ଏଡାଇ ଦିଆଯାଇ ନ ପାରେ ବୋଲି ସେଚ ବିଭାଗ ସୂଚନା ଦିଆଯାଇଛି। ସୁବର୍ଣ୍ଣରେଖା

- **ଗାଲୁଡ଼ିହି ବ୍ୟାରେଜରୁ ଛଡ଼ାଗଲା ୨୨୦୦ କ୍ୟୁସେକ ଉଦ୍‌ବୃତ୍ତ ଜଳ**
- **କମର୍ଦ୍ଧା-ବାଲିଆପାଳ ରାସ୍ତାର ଝାଡପିମ୍ପଳରେ ୧୦୦ମିଟର ଲମ୍ବ, ୧୨ଫୁଟ ଉଚ୍ଚର ଘାଇ**

ରାଜଘାଟ ଗେଜଠାରେ ସତର୍କ ସୂଚନା ୯.୪୫ମିଟର ଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୯୩ ମିଟରରେ ପ୍ରବାହିତ ହେଉଛି।

ଅପରପକ୍ଷରେ ଭୋଗରାଇର କମର୍ଦ୍ଧା-ବାଲିଆପାଳ ମୁଖ୍ୟ କଂକ୍ରିଟ ରାସ୍ତା ଝାଡ଼ପିମ୍ପଳଠାରେ ୧ ଶହ ମିଟର ଲମ୍ବ ଓ ୧୨ ଫୁଟ ଉଚ୍ଚର ଘାଇ ସୃଷ୍ଟି ହେବାରୁ ଭୋଗରାଇ, ଜଳେଶ୍ୱର ବ୍ଲକର ପ୍ରତିବେଶୀ ଗାଁ ପ୍ରତି ବିପଦ ଦେଖାଦେଇଛି। ଉଲୁଡ଼ା ଗାଁର କୁମୁଦ ସାହୁ, କ୍ଷିତୀଶ ରଣା, ଅଜୟ କୁମାର ସେଠୀ, ଝାଡପିମ୍ପଳ ଗାଁର ରବୀନ୍ଦ୍ର ପ୍ରଧାନ ଓ ଦେବକୁମାର ଗାଁର ବିଜୟ ଅଣ୍ଡିଆ ପ୍ରମୁଖ ଗ୍ରାମବାସୀ ପୁଣି ବନ୍ୟା ଆସିଲେ ଏଠାରେ ଭୟଙ୍କର ସ୍ଥିତି ଉପୁଜିବ ବୋଲି କହିଛନ୍ତି। ସେଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଦବି ଯାଇଥିବା ରାସ୍ତାକଡ଼ରେ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ଭାବେ ଶହ ଶହ ବାଲି ବସ୍ତା ପକାଯାଇ ଜନଜୀବନ ସୁରକ୍ଷିତ ନିମନ୍ତେ ଉଦ୍ୟମ ଜାରି ରହିଛି। ଲଗାଣ ବର୍ଷା ଯୋଗୁ ଗୁରୁବାର ସକାଳ ୮ଟା ସୁଦ୍ଧା ଜଳେଶ୍ୱରରେ ସର୍ବାଧିକ ୫୬ମି.ମି., ଭୋଗରାଇରେ ୫୧ ମି.ମି., ବାଲିଆପାଳରେ ୩୬ମି.ମି., ସଦରରେ ୨୩ମି.ମି., ରେମୁଣାରେ ୪୦ମି.ମି., ନୀଳଗିରିରେ ୪୩ମି.ମି., ବାହାନଗାରେ ୨ ୫ମି.ମି., ସୋରରେ ୨ ୦ ମି.ମି., ଖଇରାରେ ୩୧ମି.ମି., ସିମୁଳିଆରେ ୨୪ମି.ମି., ଔପଦାରେ ୩୬ମି.ମି. ଓ ବସ୍ତା ବ୍ଲକରେ ସର୍ବନିମ୍ନ ୧୮ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଦପ୍ତର କହିଛନ୍ତି।

# ରାସ୍ତା ଖରାପରୁ ଚାଲିଗଲା ଜୀବନ

**ଭବାନୀପାଟଣା, ୨୬।୯(ଉତ୍ତମ ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଯୁଗସାଏପାଟଣା ମାଣ୍ଡିଆବିରି ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା ଖରାପ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଖଟିଆରେ ଜଣେ ଯୁବତୀଙ୍କୁ ଜୀବନ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଚନ୍ଦ୍ରିକା ଦଳପତି ନାମକ ଯୁବତୀ ଘରେ ଅସୁସ୍ଥ ହୋଇପଡିଥିଲେ। ଏ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଜଣାଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଆସିଥିଲା। ହେଲେ ଗାଁ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ି ଥିବାରୁ ଆମ୍ବୁଲାନ୍ସ ଆସି ନ ପାରି ୫କି.ମି. ଦୂରରେ ଅଟକି ରହିଥିଲା। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଏକ ଖଟିଆରେ ଯୁବତୀଙ୍କୁ ଧରି ଆମ୍ବୁଲାନ୍ସ ପାଖକୁ ଆସୁଥିଲେ। ହେଲେ ଅଧା ରାସ୍ତାରେ ଯୁବତୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ପରିବାର ଲୋକେ ମୃତଦେହ ଧରି ଘରକୁ ଫେରିଯାଇଥିଲେ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



ଖଟିଆରେ ଯୁବତୀଙ୍କୁ ଆମ୍ବୁଲାନ୍ସ ପାଖକୁ ନିଆଯାଉଛି।

# ୪୩ ବ୍ଲକରେ ନୂଆ ବିଡିଓ ନିଯୁକ୍ତି

**ଭୁବନେଶ୍ୱର, ୨୬।୯(ଅନିଲ ଦାସ)**

ରାଜ୍ୟ ସରକାର ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ଦେଇଥିବା ବେଳେ ୩ ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ସେହିପରି ୧୩ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ ସ୍ଥାନରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି। ଏ ସଂକ୍ରାନ୍ତରେ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୩ ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଗଞ୍ଜାମ ବେଗୁନିଆପଡ଼ା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏରସମା ବିଡିଓ ଲମ୍ୱୋଦର ଖୁଣ୍ଟିଆ ଓ ମାହାଙ୍ଗା ବିଡିଓ ବିଶ୍ୱରଞ୍ଜନ ବିଶ୍ୱାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରସ୍ତ କରାଯାଇଛି। ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ଅନୁଯାୟୀ ୪୩ ଜଣଙ୍କୁ ରାଜ୍ୟର ବିଭିନ୍ନ ବ୍ଲକକୁ ବଦଳି କରାଯାଇଛି।

ସେହିପରି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏମ୍‌ସି ଜେନେରାଲ ମ୍ୟାନେଜର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ କଟକସ୍ଥିତ ବନ୍ଦୋବସ୍ତ ଅଧିକାରୀ ବବିତାରାଣୀ ଦଳବେହେରା, ଓସ୍‌ଡମା ମୁଖ୍ୟ ଜେନେରାଲ ମ୍ୟାନେଜର ରଶ୍ମିରଞ୍ଜନ ସାହୁ ଓ ବିଏମ୍‌ସି ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତ କରାଯାଇଛି। ସେହିପରି କଳାହାଣ୍ଡି ଅତିରିକ୍ତ ଜିଲାପାଳ ବରିଷ୍ଠ ଓଏଏସ୍ ତ୍ରିଲୋଚନ ପାତ୍ରଙ୍କୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଭଦ୍ରକ ଉପଜିଲାପାଳ ମନୋଜ ପାତ୍ରଙ୍କୁ ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ କେନ୍ଦ୍ର(ରୋଟି) ଯୁଗ୍ମ ନିର୍ଦ୍ଦେଶକ, ବାଇତୁରା ଦୀପଙ୍କୁ କଳାହାଣ୍ଡି ଅତିରିକ୍ତ ଜିଲାପାଳ, ରଶ୍ମିରେଖା ପ୍ରଧାନଙ୍କୁ ବିଏମ୍‌ସି ଡେପୁଟି କମିଶନର, ସୌମ୍ୟରୂପା ରଥଙ୍କୁ ସୋନପୁର ଉପଜିଲାପାଳ, ମନୋଜ କୁମାର ତ୍ରିପାଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ, ସୌରଭ ଚକ୍ରବର୍ତ୍ତୀଙ୍କୁ ଭଦ୍ରକ ଉପଜିଲାପାଳ ଏବଂ ଅଂଶୁମାନ ମହାପାତ୍ରଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପ୍ରକଳ୍ପ ଅଧିକାରୀ ଭାବେ ବଦଳି କରାଯାଇଛି।

# ମହିଳାଙ୍କୁ ବ୍ଲାକ୍‌ମେଲ, ଗଞ୍ଜାମରୁ ଯୁବକ ଗିରଫ

**ଭୁବନେଶ୍ୱର, ୨୬।୯(ସୂର୍ଯ୍ୟକାନ୍ତ ବେହେରା)**

ଜଣେ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ସହ ତାଙ୍କ ସ୍ୱାମୀ ଓ ପୁଅକୁ ହତ୍ୟା ଧମକ ଦେବା ମାମଲାରେ ତମାଣ୍ଡୋ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ଝଟକ ବେହେରା (୨୪)। ପୀଡିତା ଜଣକ ନିଜ ପରିବାର ସହିତ ତମଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି। ଝଟକ ହେଉଛନ୍ତି ତାଙ୍କ ସମ୍ପର୍କୀୟ। ସେ ଗତ ଦୁଇ ମାସ ତଳେ ମହିଳାଙ୍କ ଘରକୁ ଆସି ରହୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଝଟକ ମହିଳାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ମହିଳା ଜଣକ ବିରୋଧ କରିବାରୁ ସେ ତାଙ୍କ ସହ ସ୍ୱାମୀ ଓ ପୁଅଙ୍କୁ ହତ୍ୟା କରିଦେବାକୁ ଧମକ ଦେବା ସହିତ ଗାଳିଗୁଲଜ କରୁଥିଲେ। ଏପରିକି ସମାଜରେ ତାଙ୍କ ନାମରେ ଅପପ୍ରଚାର କରି ସମ୍ମାନହାନି କରିବାର ଧମକ ଦେଇ ବ୍ଲାକ୍‌ମେଲ କରିଥିଲେ। ଏନେଇ ପୀଡିତା ମହିଳା ଜଣକ ଗତ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗଞ୍ଜାମ ଜିଲା ଅନ୍ତର୍ଗତ ଶିକୁଲା ତନ୍ତୀସାହିସ୍ଥିତ ଘରେ ସ୍ଥାନୀୟ ପୁରୁଷୋତ୍ତମପୁର ପୋଲିସ ସହାୟତାରେ ଚଢ଼ାଉ କରି ଅଭିଯୁକ୍ତ ଝଟକଙ୍କୁ ଗିରଫ କରିଥିଲା।

# ଓଡ଼ିଶାରେ ଖୁବ୍‌ଶୀଘ୍ର ଜାହାଜ ନିର୍ମାଣ, ମରାମତି କାରଖାନା



**ନୂଆଦିଲ୍ଲୀ, ୨୬।୯**

ଓଡ଼ିଶା ସମେତ ୫ ରାଜ୍ୟରେ ଖୁବ୍‌ଶୀଘ୍ର ଜାହାଜ ନିର୍ମାଣ ଓ ମରାମତି କାରଖାନା ପ୍ରତିଷ୍ଠା କରାଯିବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ବୁଧବାର ଏନେଇ ସୂଚନା ଦେଇଛନ୍ତି। ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିର ପ୍ରଥମ ୧୦୦ ଦିନ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ସୋନୋୱାଲ କହିଛନ୍ତି, ଜାହାଜ ନିର୍ମାଣ ଓ ମରାମତିର ରଣନୈତିକ ଗୁରୁତ୍ୱକୁ ସ୍ୱୀକୃତି ଦେବାକୁ ଯାଇ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା, ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟରେ କ୍ଲଷ୍ଟରଗୁଡ଼ିକୁ ବିକଶିତ କରାଯାଉଛି। ଆଗାମୀ ୫ ବର୍ଷରେ ମନ୍ତ୍ରଣାଳୟ କଣ୍ଟେନର ପରିଚାଳନାକୁ ୪୦ ନିୟୁତ ଟିୟୁଏସ୍ (ଟ୍ୱେଣ୍ଟି-ଫୁଟ୍ ଇକ୍ୱିଭେଲେଣ୍ଟ ୟୁନିଟ୍)ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସାରା ଦେଶରେ ପ୍ରାୟ ୨ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେବଳ ଜବାହରଲାଲ ନେହେରୁ ପୋର୍ଟ ଅଥରିଟି (ଜେଏନ୍‌ପିଏ)ରେ ବର୍ତ୍ତମାନର ପରିଚାଳନା କ୍ଷମତା ୬.୬ ନିୟୁତ ଟିଇୟୁରୁ ୧୦ ନିୟୁତକୁ ବୃଦ୍ଧି ଘଟିବ। ଦୀନଦୟାଲ ପୋର୍ଟ ଅଟରିଟି ଏବଂ ଭି.ଓ. ଚିଦାମ୍ବରନର ପୋର୍ଟକୁ ହାଇଡ୍ରୋଜେନ୍ ଉତ୍ପାଦନ ହବ୍ ପ୍ରତିଷ୍ଠା ପାଇଁ ୩,୯୦୦ ଏକର ଜମି ଆବଣ୍ଟନ କରାଯାଇଛି। ଏହାଦ୍ୱାରା ଆଗକୁ ୫ ଲକ୍ଷ କୋଟି ଟଙ୍କର ନିବେଶ ଆସିବ ବୋଲି ସେ କହିଛନ୍ତି। ସୋନୋୱାଲ ଆହୁରି କହିଛନ୍ତି, ଗ୍ରେଟ୍ ନିକୋବର ଆଇଲାଣ୍ଡରେ ଇଣ୍ଟରନ୍ୟାଶନାଲ କଣ୍ଟେନର ଟ୍ରାନ୍ସଶିପ୍‌ମେଣ୍ଟ ପୋର୍ଟ ପ୍ରତିଷ୍ଠା କରାଯିବ।

# ବିଜିୟୁର ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର, ୨୬।୯ (ଅନୁରାଧା ମହାରଣା)**

ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ(ବିଜିୟୁ)ର ନୂଆ କୁଳପତି ଭାବେ ପ୍ରଫେସର କୁଳଭୂଷଣ ବାଲୁନି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନରେ ତାଙ୍କର ୨୫ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ଏଥିସହ ପରିବେଶ ନିରନ୍ତରତା, ବିକାଶ ନୀତି ଏବଂ ସାମାଜିକ ଉଦ୍ୟୋଗଶୀଳତା ଉପରେ ଗବେଷଣା ପାଇଁ ସେ ବେଶ୍ ପ୍ରସିଦ୍ଧ। ପ୍ରଫେସର ବାଲୁନି ୧୯୯୭-୧୯୯୮ ଶିକ୍ଷାବର୍ଷରେ ଆଇଆଇଏମ୍ କୋଝିକୋଡ଼ରେ ଯୋଗଦେଇଥିଲେ। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସେ ଆଇଆଇଏମ୍ କୋଝିକୋଡ଼ର ନିର୍ଦ୍ଦେଶକ (ଭାରପ୍ରାପ୍ତ) ଦାୟିତ୍ୱ ସମ୍ଭାଳିଥିଲେ। ଆଇଆଇଏମ୍ ଅମୃତସରର ପ୍ରଥମ ପରାମର୍ଶଦାତା ନିର୍ଦ୍ଦେଶକ ଭାବରେ ସେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପରେ ଆଇଆଇଏମ୍ କାଶୀପୁରର ନିର୍ଦ୍ଦେଶକ ରହିଥିଲେ। ସେ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର, କୋପେନହେଗନ୍ ବିଶ୍ୱବିଦ୍ୟାଳୟ, ଉପସାଲା ବିଶ୍ୱବିଦ୍ୟାଳୟ ଏବଂ ୱାଗେନିଙ୍ଗେନ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ଗବେଷଣା ଅନୁଷ୍ଠାନରେ ଅତିଥି ବିଶାରଦ ଭାବରେ କାର୍ଯ୍ୟ କରିଛନ୍ତି।

# ବିଶ୍ୱ ତମାଖୁ ବର୍ଜନ ପକ୍ଷ କାର୍ଯ୍ୟକ୍ରମରେ ଓଡ଼ିଶା ଦ୍ୱିତୀୟ




**ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)**

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପରେ ଉତ୍ତମ ପ୍ରଦର୍ଶନ କରି ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାକୁ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରତିନିଧିତ୍ୱ କରିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ଶାସନ ସଚିବ ତଥା ମିଶନ ନିର୍ଦ୍ଦେଶିକା ଆରାଧନା ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ଡା. ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ମେ' ୨୦ରୁ ଜୁନ୍ ୫ ପର୍ଯ୍ୟନ୍ତ ବିଶ୍ୱ ତମାଖୁ ବର୍ଜନ ପକ୍ଷ ପାଳନ ଅବସରରେ ଦେଶ ତମାମ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ମୂଲ୍ୟାଙ୍କନ କରାଯାଇ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅଧୀନ ମୌଲାନା ଆଜାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସର ମୁଖ୍ୟ ସ୍ୱାସ୍ଥ୍ୟ ଓ ତମାଖୁ ବର୍ଜନ ଜାତୀୟ ସମ୍ବଳ କେନ୍ଦ୍ର ଏହି ମୂଲ୍ୟାଙ୍କନ କରିଥିଲା।

# ଚିକିତ୍ସାଧୀନ ଅବସ୍ଥାରେ 'ଅଭି'ର ମୃତ୍ୟୁ

**ତ୍ରିଶୂଳିଆ, ୨୬।୯ (ତୁଷାରକାନ୍ତ ବେହେରା)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ସମୟରେ ୧୭ ମାସର ଅଣ୍ଡିରା ହାତୀ 'ଅଭି'ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ହର୍ପିସ ଭୂତାଣୁଜନିତ ସଂକ୍ରମଣରେ ଆକ୍ରାନ୍ତ ହୋଇ ଅଭିର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ଏହି ଭୂତାଣୁଜନିତ ରୋଗରେ ୨୦୧୯ରେ ୪ ହାତୀଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ, ଗତ ଜୁଲାଇରେ ହାତୀଛୁଆ 'ଲିସା' ହର୍ପିସ ଭୂତାଣୁଜନିତ ରୋଗରେ ଆକ୍ରାନ୍ତ ହୋଇ ପରେ ସୁସ୍ଥ ହୋଇଥିଲା। କିନ୍ତୁ ହର୍ପିସ ଭୟରେ କର୍ତ୍ତୃପକ୍ଷ ଅଗଷ୍ଟରେ ହାତୀ ଶାବକ ଉଦ୍ଧାର କେନ୍ଦ୍ରରୁ ଅଭିକୁ ଅଲଗା କରି ହାତୀ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଚିକିତ୍ସକମାନେ ଅଭିର ସ୍ୱାସ୍ଥ୍ୟ ପରୀକ୍ଷା ସହ ହର୍ପିସଜନିତ ଟିକା ଓ ଔଷଧ ଦେଇଥିଲେ। ହାତୀ ଲାଳନପାଳନ କେନ୍ଦ୍ରକୁ ଆସିବାର ୨୦ ଦିନ ପରେ ଅଭି ହର୍ପିସ ଭୂତାଣୁଜନିତ ରୋଗରେ ପୀଡ଼ିତ ଥିବା ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଥିଲା। ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲେ ମଧ୍ୟ ଅଭିର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନ ଥିଲା। ସେ ଦିନକୁ ଦିନ ଦୁର୍ବଳ ହେବା ସହ ଖାଦ୍ୟ ଖାଇବା କମେଇ ଦେଇଥିଲା। ଫଳରେ ଗୋଟିଏ ସ୍ଥାନରେ ପଡ଼ି ରହୁଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଅଭିର ମୃତ୍ୟୁ ଘଟିଛି।



ଅଭିର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ହାତୀସଂଖ୍ୟା ୪କୁ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ ୨୫ରେ କେନ୍ଦୁଝର ଡିଭିଜନ ଘଟଗାଁ ନିକଟରୁ ଉଦ୍ଧାର କରାଯାଇ ୭ ମାସର ହାତୀ ଅଭିକୁ ନନ୍ଦନକାନନ ଅଣାଯାଇଥିଲା।

# ୨୮ରୁ ବଦଳିବ ପାଣିପାଗ

**ଭୁବନେଶ୍ୱର, ୨୬।୯(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଗୁରୁବାର ପ୍ରବଳ ବର୍ଷା ହୋଇଛି। ଶୁକ୍ରବାର ମଧ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଓଡ଼ିଶାର ଅଧିକାଂଶ ଜିଲାରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ସମେତ ୨୨ ଜିଲାର ବିଭିନ୍ନ ସ୍ଥାନରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାରଠାରୁ ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିପାରେ। ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ବର୍ଷା ହେବାର ଆଶଙ୍କା ଥିଲେ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ। ଅନ୍ୟପଟେ ମୌସୁମୀ ଟ୍ରଫ୍ ଲାଇନ୍ ମଧ୍ୟ ମହାରାଷ୍ଟ୍ର ଓ ଆଖପାଖ ଅଞ୍ଚଳ ଏବଂ ବିଦର୍ଭା, ଛତିଶଗଡ଼, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ଉତ୍ତର ବାଂଲାଦେଶ ପର୍ଯ୍ୟନ୍ତ ଲମ୍ବିଛି।

# ବାଲିପାଟଣା ଥାନାରେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର

**ଭୁବନେଶ୍ୱର, ୨୬।୯(ସୂର୍ଯ୍ୟକାନ୍ତ ବେହେରା)/ ବାଲିପାଟଣା (ଅଭିମନ୍ୟୁ ନାୟକ)**

ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଉତ୍ତମ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଉଚ୍ଚ ଅଧିକାରୀ ଦେଉଥିବା ଏହି ନିର୍ଦ୍ଦେଶକୁ କମିଶନରେଟ ପୋଲିସ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ନିକଟରେ ଭରତପୁର ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯ୍ୟାତନା ଦେବା ଘଟଣାକୁ ନେଇ କମିଶନରେଟ ପୋଲିସ ବିବାଦ ଭିତରେ ଛନ୍ଦି ହୋଇ ରହିଥିବାବେଳେ ଏହା ଅଧୀନରେ ଥିବା ବାଲିପାଟଣା ଥାନାର ଆଇଆଇସିଙ୍କ ବିରୋଧରେ ମଧ୍ୟ ଏକ ଅଭିଯୋଗ ଆସିଛି। ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢୀ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅପମାନଜନକ ବ୍ୟବହାର ପ୍ରଦର୍ଶନ କରୁଥିବା ବାଲିପାଟଣା ବ୍ଲକ ଓକିଲ ସଂଘ ଅଭିଯୋଗ ଆଣି ଡିସିପିଙ୍କୁ ଭେଟିଛି। ଥାନାରେ ଅଧିକାରୀ ଥାଇ ମଧ୍ୟ ଦେଖା କରୁ ନ ଥିବା ସଂଘ ଅଭିଯୋଗ କରିଛି। ଆଇନଜୀବୀ ସମ୍ବିତ ରାୟ ଗତ ୧୫ ତାରିଖରେ ତାଙ୍କ ମା'ଙ୍କୁ ନେଇ ଥାନାରେ ଏକ ଅଭିଯୋଗପତ୍ର ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲେ। ଜୋନ୍ ୪ ଏସିପିଙ୍କ ହସ୍ତକ୍ଷେପ ପରେ ଶେଷରେ ଥାନାଧିକାରୀ ମାମଲା ରୁଜୁ କରିଥିଲେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଇନଜୀବୀ ଶୁଭ୍ରଜିତ ମହାନ୍ତି, ଆଇନଜୀବୀ ପ୍ରୀତିଶ ଦାସ, ଶକ୍ତି ପ୍ରସାଦ ଛୋଟରାୟ ଓ ଅମରେଶ ସ୍ୱାଇଁ ବୁଧବାର ଡିସିପିଙ୍କ ନିକଟରେ ପୃଥକ ଭାବେ ଏପରି ଅଭିଯୋଗ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଡିସିପି ସେମାନଙ୍କୁ ଆଲୋଚନା ପାଇଁ ଶୁକ୍ରବାରକୁ ସମୟ ଦେଇଥିବା ଆଇନଜୀବୀ ସୁଜିତ ରାଉତରାୟ କହିଛନ୍ତି। ଏ ସଂକ୍ରାନ୍ତରେ ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କୁହନ୍ତି, ଆଇନଜୀବୀମାନଙ୍କୁ ଆଇନ ରାସ୍ତା ଭଲଭାବରେ ଜଣା। ତେଣୁ ଆଇନ ଅନୁସାରେ ପୋଲିସ ଯାହା ପଦକ୍ଷେପ ନେବାକଥା ତାହା ଯଥାରୀତି ନେଉଛି।

# ଗୀତ ଚୋରି ଅଭିଯୋଗ: ଏତଲା ଦେଲେ ଗାୟିକା ପମି ମିଶ୍ର

**ଭୁବନେଶ୍ୱର, ୨୬।୯(ସତ୍ୟଜିତ୍ ରାଉତ)**

ଲୋକପ୍ରିୟ ଗାୟିକା ପମି ମିଶ୍ର ଗାଇଥିବା ଏକ ଗୀତକୁ ଏକ ପ୍ରଯୋଜନା ସଂସ୍ଥା ଚୋରି କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ କରିଛି। ଏହା ଜଣାପଡିବା ପରେ ପମି ଗୁରୁବାର ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ପ୍ରଯୋଜନା ସଂସ୍ଥା ବିରୋଧରେ ସେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପମି କହିଛନ୍ତି, ୨୦୧୦ ମସିହାର ଏକ ଗୀତ (ଆଲୋ ବୋଉଲୋ ବୋଉ ଏମିତି ବୟସ କିଏ ଦେଲାଲୋ)କୁ ଏକ ପ୍ରଯୋଜନା ସଂସ୍ଥା ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରିଛି। କେତେଜଣ ଜଣ ଏହାର ଲିଙ୍କ୍‌କୁ ତାଙ୍କ ପାଖକୁ ହ୍ୱାଟ୍‌ସଆପ୍ ଜରିଆରେ ସେପ୍ଟେମ୍ବର ୧୭ରେ ପଠାଇବା ପରେ ଏନେଇ ଜଣାପଡିଥିଲା। ପରେ ଉକ୍ତ ଚ୍ୟାନେଲର ମାଲିକଙ୍କୁ ଯୋଗାଯୋଗ କରିବାରୁ ଏହା ତାଙ୍କ ସ୍ତ୍ରୀ ଗାଇଛନ୍ତି ବୋଲି କହିଥିଲେ। ଏପରିକି ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ରେ ଚେନ୍ନାଇରେ ରେକର୍ଡ ହୋଇଛି ବୋଲି ସେ କହିଥିଲେ ବୋଲି ପମି କହିଛନ୍ତି। ତେବେ ପମିଙ୍କ ଏତଲା ପରେ ସାଇବର ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। – ଶ୍ରୀଅରବିନ୍ଦ



# ଜଳବାୟୁ ପଦକ୍ଷେପରେ ଜନ ଭାଗୀଦାରି



ଲରେନ୍ସ ଟୁବିଆନା
ସିଇଓ, ୟୁରୋପିଆନ କ୍ଲାଇମେଟ୍ ଫାଉଣ୍ଡେଶନ ତଥା ସାଇନ୍ସ ପୋ'ର ପ୍ରଫେସର



ଆନା ଟୋନି
ନ୍ୟାଶନାଲ ସେକ୍ରେଟାରି ଫର କ୍ଲାଇମେଟ୍ ଚେଞ୍ଜ (ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ, ବ୍ରାଜିଲ)

ପ୍ରାୟ ଦଶବର୍ଷ ପୂର୍ବେ ପ୍ୟାରିସ୍‌ରେ ଦେଶମାନେ ଏକାଠି ହୋଇ ଜଳବାୟୁ ବିପର୍ଯ୍ୟୟ ହ୍ରାସ ପାଇଁ ପଦକ୍ଷେପ ନେବାକୁ ଏକମତ ହୋଇଥିଲେ। କିନ୍ତୁ ଶକ୍ତି, ପରିବହନ ଏବଂ କୃଷି ପରି କ୍ଷେତ୍ରକୁ ସବୁଜ କ୍ଷେତ୍ରରେ ରୂପାନ୍ତର କରିବା ପାଇଁ ଆବଶ୍ୟକ ଗଠନମୂଳକ ଅର୍ଥନୈତିକ ସଂସ୍କାର ଉପରେ ଏକ ସ୍ପଷ୍ଟ ସହମତି ରହିଥିଲେ ମଧ୍ୟ ଆବଶ୍ୟକୀୟ ପୁଞ୍ଜି ବିନିଯୋଗ ଶୀଘ୍ର କରାଯାଉନାହିଁ। ଏହା ପରିବର୍ତ୍ତେ, ଆମର ଶାସନ ବ୍ୟବସ୍ଥାଗୁଡ଼ିକ ଅଧିକ ସ୍ପଷ୍ଟ ତଥା ଗମ୍ଭୀର ଜଳବାୟୁ ଏବଂ ପରିବେଶ ସଙ୍କଟ ଉପରେ ପର୍ଯ୍ୟାପ୍ତ ପ୍ରତିକ୍ରିୟା ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଅନେକ ସରକାର ଦୃଢ଼ ଜଳବାୟୁ ପଦକ୍ଷେପ ପାଇଁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଏହା ପ୍ରାୟତଃ ଏକ ସାମାଜିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ, କାରଣ ସେଗୁଡ଼ିକୁ ଅନ୍ୟାୟ ଏବଂ ଅସମାନ ଭାବରେ ବିବେଚନା କରାଯାଏ। ନୂଆନୀତିଗୁଡ଼ିକ ବିରୋଧରେ ପୁରୁଣା ନୀତି, ଜାତୀୟ ନୀତି ବିରୋଧରେ ସହରାଞ୍ଚଳ ନୀତି କିମ୍ବା ଗରିବ ଦେଶଗୁଡ଼ିକର ନୀତି ବିରୋଧରେ ଧନୀ ଦେଶଗୁଡ଼ିକ ନୀତି ରହୁଥିବା ଲକ୍ଷ୍ୟ କରାଯାଉଛି। ସୋସିଆଲ ମିଡିଆରେ ଏହିପରି ବିବାଦଗୁଡ଼ିକ ପ୍ରସ୍ତୁତ କରାଯାଉଛି, ଯେଉଁଠାରେ ସେଗୁଡ଼ିକ ଭୁଲ୍ ତଥ୍ୟ, ଉତ୍ତେଜନାମୂଳକ ମନ୍ତବ୍ୟ ଏବଂ ଧ୍ରୁବୀକରଣର କେନ୍ଦ୍ର ପାଲଟିଯାଉଛି।

ଯଦିଓ ପ୍ରମୁଖ ସଂସ୍କାରର ଆବଶ୍ୟକତା ପାଇଁ ଯୁକ୍ତିକୁ ଗ୍ରହଣ କରାଯାଇଛି, ତେବେ ଏହାକୁ କିଭଳି ନିଷ୍ପକ୍ଷଭାବେ କରିବାକୁ ହେବ, ତାହା ସ୍ଥିର କରାଯାଇ ନାହିଁ। ତେବେ ଶୂନ୍ୟ କାର୍ବନ ନିର୍ଗମନ ସ୍ତରକୁ ପରିବର୍ତ୍ତନ କରିବାବେଳେ ଏହି ଆହ୍ୱାନ ଆହୁରି ଜଟିଳ ହୋଇଯିବ। ଅଧିକାଂଶ ଲୋକ ଜଳବାୟୁ ସଙ୍କଟର ସମାଧାନ କରିବା ଲାଗି ଅଧିକ ଗୁରୁତ୍ୱ ଦେଉଛନ୍ତି। ଜି ୨୦ର ୧୮ଟି ଦେଶରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ସର୍ଭେରେ ଭାଗ ନେଇଥିବା ୭୧% ଲୋକ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ବଡ଼ ପଦକ୍ଷେପ ଦରକାର ବୋଲି ଏକମତ ହୋଇଥିଲେ। କିନ୍ତୁ ସରକାରଙ୍କ ପଦକ୍ଷେପ ଉପରେ ସେମାନଙ୍କ ଭରସା ରହୁନାହିଁ। ସର୍ଭେରେ କେବଳ ୩୦% ବିଶ୍ୱାସ କରନ୍ତି ଯେ ସେମାନଙ୍କ ସରକାର ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିପାରିବେ। ତେବେ ଏହି ପାର୍ଥକ୍ୟକୁ ଦୂର କରିବାର ଗୋଟିଏ ଉପାୟ ହେଉଛି ଜଳବାୟୁ ନୀତି ଏବଂ ସରକାରଙ୍କ ଦ୍ୱାରା ପରିକଳ୍ପିତ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ତଥା କାର୍ଯ୍ୟାନ୍ୱୟନରେ ନାଗରିକମାନଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦେବା। ଟେକ୍ନୋକ୍ରାଟଙ୍କ ଦ୍ୱାରା ଜଳବାୟୁ ନୀତି ଲାଗୁ କରିବା ପରିବର୍ତ୍ତେ, ସରକାରଗୁଡ଼ିକ ସବୁ ସହଯୋଗୀଙ୍କ ନିଷ୍ପତ୍ତି ଓ ସବୁ ସ୍ତରର ଲୋକଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବାର ଦୃଷ୍ଟିକୋଣ ଆପଣାଇବା ଦରକାର, ଯାହା ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କୁ ଏକତ୍ରିତ କରିବା ସହ ଭବିଷ୍ୟତର ଏକ ସହଭାଗୀ ଦୃଷ୍ଟିକୋଣ ଗଠନ କରିପାରିବ।




ଭାଗୀଦାରି ପଦ୍ଧତିଗୁଡ଼ିକର ସଫଳ ଉଦାହରଣ ପୂର୍ବରୁ ଦେଖାଯାଇଛି। ଫ୍ରାନ୍ସରେ ସିଟିଜେନ୍ସ ଆସେମ୍ବ୍ଲି ବା ନାଗରିକ ସଭାଗୁଡ଼ିକ ହେଉଛି ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା। ଏହା ମନୋନୀତ ଜନ ପ୍ରତିନିଧି ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ, ଯେଉଁମାନେ ଜନସାଧାରଣଙ୍କ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ବିଚାର ବିମର୍ଶ କରନ୍ତି ଏବଂ ନୀତିଗତ ସୁପାରିସ କରିଥାନ୍ତି। ବିଭାଜନକାରୀ ପ୍ରସଙ୍ଗ ଦୂରେଇ ସହମତି ବଢ଼ାଇବା ସହିତ ନାଗରିକ ସଭାଗୁଡ଼ିକ ଜନସାଧାରଣଙ୍କୁ ଜଟିଳ ନୀତି ବିଷୟରେ ଶିକ୍ଷା ଏବଂ ନିଷ୍ପତ୍ତି ନେବା ଉପରେ ସିଧାସଳଖ ସୁଯୋଗ ଦିଅନ୍ତି। ଶୂନ୍ୟ କାର୍ବନ ନିର୍ଗମନ ସ୍ତର ହାସଲ କରିବାରେ ଥିବା ସମସ୍ୟାଗୁଡ଼ିକ ପାଇଁ ଏହିସବୁ ବିଷୟ ବିଶେଷ ଗୁରୁତ୍ୱପୂର୍ଣ୍ଣ, ଯାହା ପ୍ରମୁଖ ଅର୍ଥନୈତିକ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରିଥାଏ ଓ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଥିବା ବିଭେଦକୁ ଦୂର କରିପାରେ। ନାଗରିକ ସଭାର ସଦସ୍ୟମାନେ ନିର୍ବାଚନ ଚାପ ଏବଂ ଲବିରୁ ମୁକ୍ତ ହୋଇ ନିଷ୍ପତ୍ତି ନିଅନ୍ତି। ଉଲ୍ଲେଖନୀୟ ଉଦାହରଣ ମଧ୍ୟରେ ବିବାହ ସମାନତା ଏବଂ ଗର୍ଭପାତ ଉପରେ ଆୟର୍ଲାଣ୍ଡର ଆସେମ୍ବ୍ଲିଗୁଡ଼ିକ ଅନ୍ତର୍ଭୁକ୍ତ, ଯାହା ଜାତୀୟ ଜନମତ ସଂଗ୍ରହ କରିବା ସହ ନୂଆ ଆଇନ ଆଣିଥିଲା। ଏହାସହ ଫ୍ରାନ୍ସର କ୍ଲାଇମେଟ ଆସେମ୍ବ୍ଲି ବା ଜଳବାୟୁ ସଭା ଏହାର ଉଚ୍ଚାଭିଳାଷୀ ଜଳବାୟୁ ବିଲ୍ ଗଠନ କରିବାରେ ସାହାଯ୍ୟ କରିଛି। ନୀତି ନିର୍ଦ୍ଧାରଣରେ ବ୍ରାଜିଲର ଦୀର୍ଘମିଆଦୀ ଭାଗୀଦାରି ଆଭିମୁଖ୍ୟ ମଧ୍ୟ ସଫଳ ହୋଇଛି। ଉଦାହରଣ ସ୍ୱରୂପ, ଏହାର ଜଳବାୟୁ ଯୋଜନା ଏକ ଶାସକୀୟ ଢାଞ୍ଚା ମାଧ୍ୟମରେ ବିକଶିତ ହେଉଛି; ଯେଉଁଥିରେ ବୈଜ୍ଞାନିକ ଗୋଷ୍ଠୀର ସଦସ୍ୟଙ୍କ ସମେତ ସଂଘୀୟ ସରକାରର ଅନେକ ମନ୍ତ୍ରଣାଳୟ, ରାଜ୍ୟ ସରକାର, ବେସରକାରୀ କ୍ଷେତ୍ର ଏବଂ ନାଗରିକ ସମାଜର ପ୍ରତିନିଧି ଅନ୍ତର୍ଭୁକ୍ତ।

ଏହି ସବୁ ପଦ୍ଧତି ଜଳବାୟୁ ନୀତି ପ୍ରସ୍ତାବଗୁଡ଼ିକୁ ଧ୍ରୁବୀକରଣ ଉତ୍ସରୁ ଦୂରେଇ ନେଇ ସହଯୋଗ ଓ ବିଚାର ବିମର୍ଶର ସୁଯୋଗୁଡ଼ିକ ପାଇଁ ପଥ ଦେଖାଇପାରେ। ଜି ୨୦ ଦେଶଗୁଡ଼ିକ ମଧ୍ୟରେ ୬୨% ନୀତି ନିର୍ଦ୍ଧାରଣ ପାଇଁ ନାଗରିକ ସଭାର ଉପଯୋଗକୁ ସମର୍ଥନ କରନ୍ତି। ଏହି ସମର୍ଥନକାରୀଙ୍କ ସଂଖ୍ୟା ବ୍ରାଜିଲ, ଭାରତ, ଇଣ୍ଡୋନେସିଆ, ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକା ଭଳି ଦେଶଗୁଡ଼ିକରେ ବୃଦ୍ଧି ପାଇ ୭୦ ପ୍ରତିଶତକୁ ଟପିଯାଇଛି । କେନିଆରେ ଏହା ୮୦%ରୁ ଅଧିକ। ୩୦ଟିରୁ ଅଧିକ ଦେଶରେ ୧୭୦ରୁ ଅଧିକ ନାଗରିକ ସଭା ଗଠନ କରାଯାଇଛି ଏବଂ ଏକ ବୈଧ ତଥା ସ୍ୱଚ୍ଛ ସବୁଜ କ୍ଷେତ୍ରକୁ ପରିବର୍ତ୍ତନକୁ ସମର୍ଥନ କରୁଥିବା ଜଳବାୟୁ ପଦକ୍ଷେପକୁ ଗତିଶୀଳ କରିବା ପ୍ରତ୍ୟେକ ନାଗରିକ ସଭାର ଲକ୍ଷ୍ୟ।

ୱାର୍ଲ୍ଡ ସୋସିଆଲ ଫୋରମ୍‌ର ମଡେଲ କାମ କରୁଥିଲେ ବି ଏବକାର ସ୍ଥିତିରେ ପୃଥିବୀ ଓ ଲୋକଙ୍କ ସୁରକ୍ଷା ସକାଶେ ଆମପାଇଁ ଏକ ଗ୍ଲୋବାଲ ସୋସିଆଲ-ଜଳବାୟୁ ଫୋରମ କିମ୍ବା ଗ୍ଲୋବାଲ ସିଟିଜେନ୍ସ ଆସେମ୍ବ୍ଲି ଦରକାର। ପ୍ରତ୍ୟେକ ଦେଶରୁ ନାଗରିକମାନଙ୍କୁ ଏକାଠି କରିବା ଲାଗି ଏଗୁଡ଼ିକ ଆବଶ୍ୟକ। ଏକ ସାମୂହିକ ପଥ ନିମନ୍ତେ ଯୋଜନା କରିବା ସହ ଆମ ରାଜନୀତିର ପୁନର୍ବିଚାର କରିବା ତଥା ଏକ ବିଶ୍ୱସ୍ତରୀୟ ନୈତିକ ମୂଲ୍ୟାୟନକୁ ଉତ୍ସାହିତ କରିବା ପାଇଁ ଏସବୁ ଦରକାର। ଏକତ୍ରିତ ହେବା, ପରସ୍ପରର ଆଶା ଓ ଆବେଗକୁ ବଣ୍ଟିବା ଏବଂ ସମାନ ଭାବେ ଏକ ସବୁଜ ପରିବର୍ତ୍ତନକୁ ଉତ୍ସାହିତ କରିବା ପାଇଁ ଏହା ଏକ ସୁଯୋଗ ହେବ ; ଯାହା ସମସ୍ତଙ୍କ ପାଇଁ ଲାଭଦାୟକ। ଆମେ କାହାକୁ ପଛରେ ନ ଛାଡ଼ି ଏକତା, ସମାନତା ଏବଂ ନ୍ୟାୟ ଭିତ୍ତିରେ ଏକ ନୂତନ ସାମାଜିକ ଚୁକ୍ତି କରିପାରିବା।

୨୦୧୫ରେ ଫ୍ରାନ୍ସ ଏବଂ ପେରୁ ଏକ ନୂତନ ପଦ୍ଧତି 'ଆକ୍ସନ ଏଜେଣ୍ଡା' ପ୍ରତିଷ୍ଠା କରିଥିଲେ। କାରଣ ସେମାନେ ସ୍ୱୀକାର କଲେ ଯେ, ଜଳବାୟୁ ସଙ୍କଟକୁ ମୁକାବିଲା କରିବା ସକାଶେ ସରକାରୀ ପଦକ୍ଷେପ ତୁଳନାରେ ଆବଶ୍ୟକ ପରିମାଣର ପରିବର୍ତ୍ତନ ଦରକାର। ଏହା ମଧ୍ୟ ନାଗରିକ ସମାଜ ସମେତ ବ୍ୟବସାୟ, ସହର ଏବଂ ସମ୍ପ୍ରଦାୟର ଅତ୍ୟଧିକ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ୨୦୨୫ରେ ଦେଶଗୁଡ଼ିକ ସେମାନଙ୍କର ପରବର୍ତ୍ତୀ ଜଳବାୟୁ ପ୍ରତିଶ୍ରୁତି ଘୋଷଣା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଜଳବାୟୁ ସଙ୍କଟ ଦୂର କରିବା ପାଇଁ ସାଧାରଣ ନାଗରିକ ଉଭୟ ବ୍ୟକ୍ତିଗତ ତଥା ସାମୂହିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ। କପ୍ ୩୦ ଏବଂ ତା'ପରେ ପ୍ରତ୍ୟେକଙ୍କ ସ୍ୱର ଶୁଣିବା ପାଇଁ ଏକ ଉତ୍ସର୍ଗୀକୃତ ସୁଯୋଗ ପ୍ରଦାନ କରିବାକୁ ପଡ଼ିବ। ସବୁଜ କ୍ଷେତ୍ରକୁ ପରିବର୍ତ୍ତନ ଦ୍ରୁତ ନୁହେଁ ତଥା ନ୍ୟାୟଯୁକ୍ତ ହେବ ବୋଲି ନିଶ୍ଚିତ କରିବାକୁ ପଡ଼ିବ। ଏଥିରେ ବିଫଳ ହେଲେ, ଆମେ ଆମର ସାଧାରଣ ଲକ୍ଷ୍ୟ ହାସଲ କରିପାରିବୁ ନାହିଁ। ସେଥିପାଇଁ ବ୍ରାଜିଲ କପ୍ ୩୦ (ନଭେମ୍ବର ୨୦୨୫ରେ)କୁ ଲୋକଙ୍କର କପ୍ ଭାବେ ପ୍ରତିପାଦିତ କରିବାକୁ ଏବଂ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମର ଭବିଷ୍ୟତ ଗଠନରେ ଅଂଶଗ୍ରହଣ କରିବାର ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ।

# ସର୍ପ ଦଂଶନ ଓ ଅନ୍ଧବିଶ୍ୱାସ



ବୈଷ୍ଣବ ମେହେର

ଗତ କିଛିଦିନ ହେଲା ଲଗାତର ଭାବେ ସର୍ପଦଂଶନ ମୃତ୍ୟୁ ଖବର ଅନେକଙ୍କୁ ଭୟଭୀତ କରୁଛି । ମାସେ ତଳେ କେନ୍ଦୁଝର ଜିଲାର ନିଶ୍ଚିନ୍ତପୁରର ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ୭ରୁ ୧୨ ବର୍ଷ ବୟସର ତିନି ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହେବା ଓ ନିକଟରେ ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳରେ ସାପ କାମୁଡ଼ାରେ ଗୋଟିଏ ପରିବାରର ତିନି ଭଉଣୀଙ୍କ ଅକାଳରେ ଜୀବନ ଯିବା ଭଳି ଅପ୍ରତ୍ୟାଶିତ ଅଘଟଣ ନିଶ୍ଚିତ ଭାବରେ ଅତ୍ୟନ୍ତ ଦୁଃଖଦାୟକ।

ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ଷାଦିନେ ସାପ ଅଣ୍ଡାରୁ ଛୁଆ ବାହାରନ୍ତି ଓ ସାପ ସଂଖ୍ୟାରେ ବୃଦ୍ଧି ଘଟେ । ବିଶେଷ କରି ଏହି ସମୟରେ ବର୍ଷା ଯୋଗୁ ଗାତଗୁଡ଼ିକ ପାଣିରେ ଭରି ଯାଉଥିବାରୁ ସାପମାନେ ବାହାରକୁ ଚାଲି ଆସି ଜନବସତିମୁହାଁ ହୁଅନ୍ତି । ପୁନଶ୍ଚ ଏହି ସମୟରେ ଚାଷ କାର୍ଯ୍ୟ ଚାଲୁଥିବାରୁ ଜମିକୁ ଯାଉଥିବା ଚାଷୀ ପରିବାର ଅଧିକାଂଶରେ ସର୍ପଦଂଶନର ଶିକାର ହେଉଥିବା ଦେଖିବାକୁ ମିଳେ। ସର୍ପଦଂଶନ ଏକ ବିପର୍ଯ୍ୟୟ ଭାବରେ ଉଭା ହୋଇଥିଲେ ହେଁ ଏହାର ସମୁଚିତ ବିଧାନ ଏଯାଏ ହୋଇପାରି ନାହିଁ। ଆମ ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଏନେଇ ଆବଶ୍ୟକ ଉନ୍ନତ ଚିକିତ୍ସା ସୁବିଧା ନାହିଁ । ଯଦିଓ ଡାକ୍ତରଖାନାଗୁଡ଼ିକରେ ଆଣ୍ଟିଭେନ୍ସ ଇଞ୍ଜେକ୍ସନର ଉପଲବ୍ଧତା ରହିଛି କିନ୍ତୁ ଉନ୍ନତମାନର ଚିକିତ୍ସା ଓ ଆଇସିୟୁ ସୁବିଧା ଏବଂ ଠିକ୍ ଡାଇଗ୍ନୋସିସ୍ ହୋଇ ନପାରିବା କାରଣରୁ ଅକାଳରେ ସାପକାମୁଡ଼ା ରୋଗୀଙ୍କ ଜୀବନ ଚାଲିଯାଉଛି । ଅପରପକ୍ଷେ ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ଆମେ କିଭଳି ସତର୍କତା ଅବଲମ୍ବନ କରିବୁ ତା'ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବର୍ଷାମାସରେ ଘର ଚାରି ପାଖର ଲଟାବୁଦା ସଫା କରିବା ସହ ରାତିରେ ଚଟାଣ ଉପରେ ନ ଶୋଇ ଖଟରେ ମଶାରି ଟାଣି ଶୋଇଲେ ଅନେକାଂଶରେ ସାପ କାମଡ଼ାରୁ ରକ୍ଷା ପାଇହେବ । ଅନ୍ଧାରରେ ବାହାରକୁ ଯିବାକୁ ପଡ଼ିଲେ ଟର୍ଚ୍ଚ ଲାଇଟ ନିଶ୍ଚିତ ବ୍ୟବହାର କରିବା ଦରକାର । ଘର ଚାରିପଟେ କଳା ଫିନାଇଲ, ଗ୍ରାମାକସିନ, ବ୍ଲିଚିଙ୍ଗ ପାଉଡ଼ର ଆଦି ସିଞ୍ଚନ କରିବା ଦ୍ୱାରା ଏହାର ଗନ୍ଧରେ ସାପ ଘରେ ପଶନ୍ତି ନାହିଁ।

ବିଡ଼ମ୍ବନାର ବିଷୟ ହେଉଛି, ସାପ କାମୁଡ଼ା ପରବର୍ତ୍ତୀ ଅନ୍ଧବିଶ୍ୱାସ । ସାପ କାମୁଡ଼ା ରୋଗୀକୁ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନ ନେଇ ଗୁଣିଆ ପାଖରେ ଝଡ଼ାଫୁଙ୍କା କରାଇବାକୁ ଲୋକେ ଏବେ ବି ପ୍ରାଥମିକତା ଦେଉଛନ୍ତି । କେହି କେହି ସାପ କାମୁଡ଼ା ସ୍ଥାନରେ ଟାଇଟ୍ କରି ରଶି ବାନ୍ଧି ଦିଅନ୍ତି, କାମୁଡ଼ା ଜାଗାକୁ ବ୍ଲେଡ୍‌ରେ କାଟି ରକ୍ତ ବାହାର କରିଦେବା କିମ୍ବା କ୍ଷତ ସ୍ଥାନରେ ନିଆଁ ଚେଙ୍କ ମଧ୍ୟ ଦିଅନ୍ତି। ରୋଗୀକୁ ଲୁଣ, ବିଭିନ୍ନ ଗଛର ଚେର, ପାଦୁକ ପାଣି ଆଦି ଖୁଆନ୍ତି । ଏହା ଦ୍ୱାରା ଅଯଥାରେ ବିଳମ୍ବ ଘଟି ଗୁରୁତର ଅବସ୍ଥାକୁ ଆସିଲା ବେଳକୁ ରୋଗୀକୁ ବଞ୍ଚାଇବା ଆଉ ସମ୍ଭବ ହୁଏ ନାହିଁ । କହିବାକୁ ଗଲେ ସାପ କାମୁଡ଼ା ରୋଗୀ ତା'ର ନିଜ ଲୋକଙ୍କ ଦ୍ୱାରା ହିଁ ଅବହେଳାର ଶିକାର ହୋଇ ଶେଷରେ ମୃତ୍ୟୁ ମୁଖରେ ପଡ଼େ । ଏଭଳି ଅପରିଣାମଦର୍ଶୀ ଘଟଣା ସମାଜର ପ୍ରାୟ ସମସ୍ତ ବର୍ଗର ଲୋକଙ୍କଠାରେ ଦେଖିବାକୁ ମିଳିବା ନିହାତି ଚିନ୍ତାର ବିଷୟ।

ସାପ କାମୁଡ଼ାରେ ୨୦୧୮-୧୯ରେ ଆମ ରାଜ୍ୟରେ ୧୦୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୧୯-୨୦ରେ ୯୫୧, ୨୦୨୦-୨୧ରେ ୧୦୪୪, ୨୦୨୧-୨୨ରେ ୮୪୪ ଓ ୨୦୨୨-୨୩ ମସିହାରେ ୧୦୦୦ ଜଣଙ୍କର ଜୀବନ ଯାଇଥିବା ସରକାରୀ ତଥ୍ୟରୁ ସୂଚନା ମିଳିଛି। ତେବେ ଅନ୍ଧବିଶ୍ୱାସ ଯୋଗୁ ଅନେକ ରୋଗୀଙ୍କୁ ଡାକ୍ତରଖାନା ନିଆଯାଉ ନ ଥିବାରୁ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ଢେର ଅଧିକ ହେଉଥିବା ମଧ୍ୟ ଚର୍ଚ୍ଚା ହୁଏ।

ସର୍ପଦଂଶନର ପ୍ରଥମ ଗୋଟିଏ ଘଣ୍ଟା ଅତ୍ୟନ୍ତ ମୂଲ୍ୟବାନ୍ ବୋଲି ବିଶେଷଜ୍ଞ ମତ ଦିଅନ୍ତି । କୌଣସି ପ୍ରକାର ବିଭ୍ରାନ୍ତିରେ ନ ପଡ଼ି ଯଦି ଏହି ସମୟ ମଧ୍ୟରେ ସମୁଚିତ ଡାକ୍ତରୀ ଚିକିତ୍ସା କରାଯାଇ ପାରିବ ତେବେ ରୋଗୀର ଜୀବନ ବଞ୍ଚିଯିବାର ସମ୍ଭାବନା ଖୁବ୍ ଅଧିକ ଥାଏ । ତେଣୁ ସର୍ପଦଂଶନର ପ୍ରଥମ ଏକ ଘଣ୍ଟାକୁ ଗୋଲ୍ଡେନ ଆୱାର ବା 'ସୁବର୍ଣ୍ଣ ଘଣ୍ଟା' ବୋଲି କୁହାଯାଇଥାଏ । କିନ୍ତୁ ଠିକ୍ ଏହି ସମୟରେ ହିଁ ନାନା ବ୍ୟକ୍ତି ନାନା କଥା କହି ରୋଗୀ ଓ ତା'ର ସମ୍ପର୍କୀୟଙ୍କୁ ବିଭ୍ରାନ୍ତ କରିଥାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟ ଅବଧିରେ କୌଣସି ପ୍ରକାର ବିଭ୍ରାନ୍ତିକର କଥାରେ ନ ପଡ଼ି ସମୁଚିତ ଡାକ୍ତରୀ ଚିକିତ୍ସା କରାଇପାରିଲେ ସର୍ପାଘାତ ରୋଗୀ ଆରୋଗ୍ୟ ହେବାର ସମ୍ଭାବନା ବଢ଼ିଯିବ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଏଇ ଭାରତରେ

ବୈଜ୍ଞାନିକ ଡ. କଣ୍ଡାସାମି ସର୍ବଣମ୍ ଚାକିରି ଛାଡ଼ି ଏବେ ସଜନା ଚାଷ କରୁଛନ୍ତି। ସର୍ବଣମ୍‌ଙ୍କ ବୟସ ଏବେ ୫୪। ତାଙ୍କ ପ୍ରସ୍ତୁତ ଶଜନା ଶାଗ ଗୁଣ୍ଡ, ସୁପ୍ ଓ କ୍ୟାପ୍‌ସୁଲ ଆମେରିକା, କାନାଡା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବିକ୍ରି ହେଉଛି। ଏବେ ପ୍ରସ୍ତୁତ ହେଉଥିବା ସଜନା ପାଉଡର, ସୁପ୍‌କୁ କେଜି ପ୍ରତି ୮୦୦ ଟଙ୍କାରେ ବିକ୍ରି କରୁଛନ୍ତି। ତାମିଲନାଡୁ ତିରୁପୁର ଜିଲା ସୋମନକୋଟାଇ ଗାଁରେ ସେ ଏହି ଚାଷ କରୁଛନ୍ତି। ପୂର୍ବରୁ ତାଙ୍କ ପରିବାର ସଜନା ଛୁଇଁ ଉତ୍ପାଦନ କରୁଥିଲେ। ତାହା ସମୟକ୍ରମେ ଲାଭଦାୟକ ନ ହେବା ଯୋଗୁ ସର୍ବଣମ୍ ଶାଗରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଡ. ସର୍ବଣମ୍ ସଏଲ ସାଇଣ୍ଟିଷ୍ଟ ଭାବେ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଚାକିରି ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସେ ଏହି ଚାଷ କରୁଛନ୍ତି। ସବୁ ଖର୍ଚ୍ଚ ବାଦ୍ ଏବେ ସେ ମାସକୁ ୪୦ହଜାର ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୭୫

- ରାଜ୍ୟରେ ଲୁଣ ଓ ବାଉଁଶ ଶିଳ୍ପରେ କାମ କରୁଥିବା ଶ୍ରମିକଙ୍କର ମଜୁରୀ ହାର ବୃଦ୍ଧି କରିବାକୁ ସର୍ବନିମ୍ନ ମଜୁରୀ ପରାମର୍ଶଦାତା କମିଟି ସୁପାରିଶ କରିଛନ୍ତି।
- ଶିଳ୍ପ ଶ୍ରମିକ ଓ କର୍ମଚାରୀମାନଙ୍କୁ ଶତକଡ଼ା ୪ ଭାଗ ସର୍ବନିମ୍ନ ବୋନସ ଦିଆଯିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ମହମ୍ମଦ ବୋନସ ଆଇନର ସଂଶୋଧନ କରି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | 4 |
| 4 | | 9 | | 7 | | | | 5 |
| | | 6 | | | 1 | | | |
| | | | 2 | | | | | |
| | 8 | | | 1 | | | 3 | |
| 2 | | | | 3 | 6 | | | |
| | 6 | | 7 | | | | 9 | |
| | 4 | 7 | | | | 3 | | |
| 8 | | | | 5 | 3 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 6 | 3 | 1 | 7 | 5 | 9 |
| 3 | 9 | 1 | 5 | 7 | 4 | 2 | 6 | 8 |
| 7 | 6 | 5 | 2 | 9 | 8 | 3 | 4 | 1 |
| 9 | 7 | 2 | 1 | 8 | 6 | 5 | 3 | 4 |
| 1 | 5 | 6 | 3 | 4 | 2 | 9 | 8 | 7 |
| 4 | 8 | 3 | 9 | 5 | 7 | 1 | 2 | 6 |
| 8 | 1 | 4 | 7 | 2 | 5 | 6 | 9 | 3 |
| 5 | 3 | 7 | 4 | 6 | 9 | 8 | 1 | 2 |
| 6 | 2 | 9 | 8 | 1 | 3 | 4 | 7 | 5 |

ଗତକାଲିର ଉତ୍ତର

# ସଞ୍ଚୟ ଓ ସଂଶୟ



ଗଣେଶ୍ୱର ନାୟକ

ମଣିଷ ଭବିଷ୍ୟତକୁ ଆଖିଆଗରେ ରଖି କାଳେ କିଛି ଖରାପ ବେଳ ଆସିପାରେ ବା ଆଗକୁ କିଛି ବଡ଼ ଖର୍ଚ୍ଚ ପଡ଼ିପାରେ, ତାହାକୁ ସହଜରେ ସମାହିତ କରିବା ପାଇଁ ଦୈନନ୍ଦିନ ଅର୍ଜନରୁ କିଛି କିଛି ସଞ୍ଚୟ କରେ। ସଞ୍ଚୟ ଏକ ଭଲ ଅଭ୍ୟାସ, ଯାହାକୁ ସୁରୁଖୁରୁରେ ଚାଲିଯାଉଥିବା ସମୟରେ କେତେବେଳେ ବିଘ୍ନ ଆସିଲେ ତାହାର ଉପଯୋଗ ହୋଇଥାଏ।

ଭାରତ ଏକ ବିକାଶଶୀଳ ରାଷ୍ଟ୍ର। ଏଠାରେ ମୁଣ୍ଡ ପିଛା ଆୟ ଖୁବ୍ କମ୍। ତଥାପି ଲୋକେ ନିଜ ପେଟରୁ କାଟି କିଛି କିଛି ସଞ୍ଚୟ କରିଥା'ନ୍ତି। କୌଣସି ଅନୁଷ୍ଠାନ ସୁଧ ନ ଦେଉ ପଛେ, ସଞ୍ଚିତ ରାଶି ଏକାଥରକେ ମିଳିଲେ ବି କିଛି କାମରେ ତ ଲାଗିଯିବ। ଝିଅପୁଅ ବାହାଘର, ଦେହ ପା' ଖରାପ ହେଲାବେଳେ ଅନେକ କାମରେ ଲାଗିଥାଏ। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ବିଲ୍ ଗେଟ୍‌ସଙ୍କ ମତରେ- ତୁମ ଅର୍ଜନର କୋଡ଼ିଏ ଶତକଡ଼ା ସଞ୍ଚୟ କର, ଅବଶିଷ୍ଟ ଖର୍ଚ୍ଚ କର। ଆମର ଭାବନା ତ ;'ଋଣଂ କୃତ୍ୱା ଘୃତଂ ପିବେତ୍, ଯାବତ୍ ଇଚ୍ଛା ତାବତ୍ ଯିବେତ୍।' ଆମ ପିଲାମାନେ, ଯେଉଁମାନେ ବାହାରେ ଘରୋଇ କମ୍ପାନୀରେ ଭଲ ବେତନ ପାଉଛନ୍ତି, ଘରଭଡ଼ା କାହିଁକି ଦେବେ, ଘର ନିଜର ପାଇଁ କିସ୍ତି ଦେବାକୁ ପସନ୍ଦ କରନ୍ତି। କିନ୍ତୁ କୌଣସି କାରଣରୁ କିଛିଦିନ ପାଇଁ ଚାକିରିରୁ ଅନ୍ତର ହେଲେ ନାନାଦି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତାହାର ମୂଳ ନିୟମ କହୁଛି, ତୁମେ ଯଦି ଚାକିରି କରୁଛ, ଆଗ ଅତିକମ୍‌ରେ ଛ'ମାସର ଦରମା ସଞ୍ଚୟ କର। ତାହା ତୁମକୁ ଗୋଟିଏ ଚାକିରିରୁ ଆଉ ଗୋଟିଏ ଚାକିରି ଖୋଜିବା ସମୟରେ ଅନେକ ସାହାଯ୍ୟ କରିବ।

ଆମ ମଧ୍ୟରେ ଆର୍ଥିକ ସାକ୍ଷରତା ଖୁବ୍ କମ୍। କେଉଁଠି ସଞ୍ଚୟ କଲେ ଭଲ ଅର୍ଜନ ହେବ ବା କୌଣସି ଅନୁଷ୍ଠାନ ଯଦି କୁହେ ଅଳ୍ପଦିନରେ ରାଶି ଦୁଇଗୁଣା ହୋଇଯିବ, ସେହି ଅନୁଷ୍ଠାନ ଠିକ୍ କି ଭୁଲ୍ ତାକୁ ଜାଣିବା ପାଇଁ ସରକାରୀ ସୂଚନା କେନ୍ଦ୍ର ବି ନାହିଁ ଆଖପାଖରେ।

ଆମେ ଦେଖିଲେ ଚିଟ୍‌ଫଣ୍ଡ ମାଧ୍ୟମରେ ଜନସାଧାରଣଙ୍କ ଟଙ୍କା ବୁଡ଼ିଗଲା। ସାଧାରଣ ଜନତା ନିଜ ପୁଅଝିଅ ବିବାହ ପାଇଁ ବା ଭବିଷ୍ୟତ ଲାଗି ରଖିଥିବା ଟଙ୍କା ନ ପାଇ ବହୁ କ୍ଷତି ସହିଲେ, ଯେହେତୁ ସରକାରୀ ଭାବେ ଜନସାଧାରଣଙ୍କ ପାଇଁ କିଛି ସୂଚନା ନ ଥିଲା। ଲୋକେ ବିଶ୍ୱାସ କଲେ ସେହି ସଂସ୍ଥାକୁ, ସେହି ଆର୍ଥିକ ଅନୁଷ୍ଠାନର ଉତ୍ସବକୁ ଯାଉଥିବା ନେତା, ମନ୍ତ୍ରୀଙ୍କ ପାଇଁ। ବେକାରି ସମସ୍ୟା ଯେପରି ଉତ୍କଟ, ସେଥିରେ ଅନେକେ ଏଜେଣ୍ଟ ଭାବେ ଯୋଗଦେଇଥିଲେ। ସେମାନେ ନିଜ ନିଜ ସମ୍ପର୍କୀୟମାନଙ୍କୁ ବା ନିଜ ଚିହ୍ନା ପରିଚିତଙ୍କଠାରୁ ଟଙ୍କା ନେଇ ଜମା ଦେଇଥିଲେ। ସେମାନେ ବା କାହୁଁ ଜାଣିବେ ଏହି ସଂସ୍ଥା ଠକ ବୋଲି। ବିଚରା କିଛି ଏଜେଣ୍ଟ ଲୋକଙ୍କ ରୋଶର ଶିକାର ହୋଇ ଆତ୍ମହତ୍ୟା ମଧ୍ୟ କରିଥିବାର ଖବର ଆସିଛି। ଦେଶରେ ଆର୍ଥିକ ଅରାଜକତାକୁ ଟାଳିବା ପାଇଁ, ଜନସାଧାରଣଙ୍କୁ ସଚେତନ କରିବା ଲାଗି ଆର୍ଥିକ ଗୋଇନ୍ଦା ସୃଷ୍ଟି ହେବା ଉଚିତ୍। ଶେଷରେ ଜନସାଧାରଣଙ୍କ ଉପରେ କେହି କେହି ବିଜ୍ଞ ବ୍ୟକ୍ତି ଦୋଷ ଲଦିଲେ, ସେମାନେ ଲୋଭର ବଶବର୍ତ୍ତୀ ହୋଇ ଟଙ୍କା ଜମା କରିଛନ୍ତି। ବ୍ୟାଙ୍କ ଯେତେବେଳେ ଆଠବର୍ଷରେ ଦୁଇଗୁଣା ଦେଉଛି, ଏମାନେ କିପରି ବର୍ଷକରେ ବା ଦୁଇବର୍ଷରେ ଦେଇପାରିବେ, ଜନସାଧାରଣ କାହିଁକି ତାହା



ଚିନ୍ତା କଲେନାହିଁ? ଏହି କଥା ମଧ୍ୟ ସମସ୍ତେ କହୁଛନ୍ତି ସରକାର ବାହାଦୁର କାହିଁକି ଦେଶରେ ଏଭଳି ଠକାମି ହେଉଛି ବୋଲି ଜାଣିପାରିଲେ ନାହିଁ? ଅବଶ୍ୟ ସରକାର ଚିଟ୍‌ଫଣ୍ଡ ଫେରିପାଇବା ପାଇଁ ଏକ କମିଶନ ବସାଇଛନ୍ତି। କିନ୍ତୁ ଆଇନର ଗଳାବାଟରେ ଏସବୁ ସଂଗଠିତ ହେଲା, ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ୍।

ଆମେ ଜାଣୁ ଦେଶରେ ଯେତେ ବ୍ୟାଙ୍କ କାମ କରୁଛନ୍ତି, ସମସ୍ତେ ସରକାରଙ୍କ ଅନୁମତିରେ କାମ କରୁଛନ୍ତି। ବ୍ୟାଙ୍କର କେତେବେଳେ ସରକାରୀ ଅନୁମତି କଡ଼ା ହେଉଛି ବା ଲୋକଙ୍କ ଜମା ସଂଗ୍ରହ ବାରଣ ହେଉଛି ଜନସାଧାରଣ ଜାଣିବେ କିପରି? ଭାରତର ଏକ ପ୍ରତିଷ୍ଠିତ ମନ୍ଦିରର ସଂଗ୍ରହ କାହିଁକି ଜମାହେଲା ଏକ ବ୍ୟାଙ୍କରେ, ଯେତେବେଳେ ତାହାର ପରିଚାଳନା କମିଟିକୁ ପ୍ରଶ୍ନ ହେଲା, ସେତେବେଳେ ସାଧାରଣରେ ସେହି ବ୍ୟାଙ୍କ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଲା। କାରଣ ସେହି ବ୍ୟାଙ୍କଟି ଦେବାଳିଆ ବୋଲି ଆଗରୁ କୁଆଡ଼େ ଚିଠି ଆସିଥିଲା। ଆଚ୍ଛା ଜନସାଧାରଣଙ୍କୁ କ'ଣ ଏ ବିଷୟରେ ଜଣାଇବା ଉଚିତ୍ ନୁହେଁ ସରକାରଙ୍କର? ଜନସାଧାରଣ ତ ସେହିବ୍ୟାଙ୍କ କାରବାରରେ ଭାଗୀଦାରି ହେଉଥିଲେ।

ଆମେ ଯେତେ ଟଙ୍କା ବ୍ୟାଙ୍କରେ ରଖିଲେ ମଧ୍ୟ ବ୍ୟାଙ୍କ ଯଦି ବୁଡ଼ିଯାଏ, ତେବେ ଜନସାଧାରଣ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇବେ। ତାହା ସରକାର ଦେବେନାହିଁ, ସେହି ସଂସ୍ଥା ମଧ୍ୟ ଦେବନାହିଁ, ଦେବ ବୀମା କମ୍ପାନୀ। ଆଗରୁ ଏକ ଲକ୍ଷ ଟଙ୍କା ଥିଲା, ଏବେ ତାହା ପାଞ୍ଚଲକ୍ଷ ହୋଇଛି। ଅର୍ଥାତ୍ ଜନସାଧାରଣଙ୍କ ସମସ୍ତ ଜମା ନୁହେଁ, ପାଞ୍ଚ ଲକ୍ଷ ଟଙ୍କା ଜମାରାଶିର ବୀମା ହୋଇଛି। ମନରେ ବେଳେବେଳେ ପ୍ରଶ୍ନ ଆସେ ଜନ ସାଧାରଣ ନିଜ କଷ୍ଟାର୍ଜିତ ଟଙ୍କା ଜମା ରଖୁଛନ୍ତି, ସେହି ଟଙ୍କା ଭାରତୀୟ ରିଜର୍ଭ ବ୍ୟାଙ୍କ ତିଆରି କରୁଛି ନା ଆଉ କିଏ? ତେଣୁ ଜନସାଧାରଣଙ୍କ ସମସ୍ତ ଜମା ସୁରକ୍ଷିତ ବୋଲି ନିଶ୍ଚିତତା କରିବା ଉଚିତ୍ ନୁହେଁ କି? ଜନସାଧାରଣଙ୍କ ଧନ ଓ ଜୀବନର ସମ୍ପୂର୍ଣ୍ଣ ସୁରକ୍ଷା ତ ରାଷ୍ଟ୍ରର ଦାୟିତ୍ୱ। ଏହା ସମ୍ବିଧାନରେ ନିୟମ ଅଛି।

ଲୋକଙ୍କ ଘରେ ଟଙ୍କା ସଞ୍ଚିତ ହୋଇ ରହିଲେ ତାହା ମୃତବତ୍, ସେହି ଟଙ୍କା ବ୍ୟାଙ୍କରେ ରହିଲେ ବା କାରବାର ହେଲେ ତାହା ଚଳମାନ୍। ଆମ ପକେଟରେ ଯଦି ଶହେ ଟଙ୍କା ବି ରୁହେ, ତେବେ ଶହେ ଚାଳିଶି କୋଟି ଲୋକଙ୍କ ପକେଟ୍‌ରେ ରହିବ ଚଉଦ ହଜାର କୋଟି। ତାହା ଯଦି କୌଣସି ବ୍ୟାଙ୍କରେ ରୁହେ ତେବେ ରାଷ୍ଟ୍ରର ହିତ ତ ହେବ ନିଶ୍ଚୟ। ଲୋକଙ୍କ ଘରେ ରହିଥିବା ଟଙ୍କାକୁ ଯଦି ହିସାବକୁ ନିଆଯାଏ, ତେବେ ତ ଅନେକ ହେବ। ତେଣୁ ଜନସାଧାରଣଙ୍କଠାରୁ ଜମା ସଂଗ୍ରହ କରିବାରେ, ତାହାକୁ ଚଳମାନ କରିବାରେ ବ୍ୟାଙ୍କର ଭୂମିକା ଅନେକ। ଆମ ଅର୍ଜିତ ଧନର ଯଦି ଆମର ହିସାବ ନ ରହିବ ବା ତାହା ଉପରେ ଆମର କର୍ତ୍ତୃତ୍ୱ ନ ରହିବ, ତେବେ ଆମେ ନାନାଦି ଅସୁବିଧାର ସମ୍ମୁଖୀନ ହେଉ। ସେହିପରି କୌଣସି ରାଷ୍ଟ୍ରର ଆର୍ଥିକ କାରବାର ଘରୋଇ ହାତକୁ ଟେକିଦେଲେ ବା ସେହି ରାଷ୍ଟ୍ରର ଆର୍ଥିକ କାରବାର ମୁଖ୍ୟ ସଞ୍ଚାଳକ ବ୍ୟାଙ୍କଗୁଡ଼ିକ ଘରୋଇ ହାତକୁ ଟେକିଦେଲେ, ସେ ଦେଶରେ ଆର୍ଥିକ ଅରାଜକତା ଦେଖାଦେଇପାରେ। ଆମେ ଜାଣୁ ଘରୋଇ ଲୋକ ବ୍ୟାଙ୍କରୁ ଋଣ ନେଇ ଫେରାଉନାହାନ୍ତି, ଆଉ ମାଲିକାନା ନେଲେ ସେମାନେ କ'ଣ କରିବେ ଏଥିରୁ ବେଶ୍ ଅନୁମେୟ।

ଆମ ଦେଶର ସାକ୍ଷରତା ହାର ଅଧିକ ନୁହେଁ, ଆର୍ଥିକ ସଚେତନତା ଖୁବ୍ କମ୍, ମୁଣ୍ଡ ପିଛା ଆୟ ମଧ୍ୟ କମ୍। ଭାରତ ଏକ ବିକଶିତ ନୁହେଁ ବିକାଶଶୀଳ ରାଷ୍ଟ୍ର। ଏଠି ମାନସିକ ଶାନ୍ତି ପ୍ରମୁଖତା ବହନ କରେ। ସମସ୍ତଙ୍କର ଇଚ୍ଛା ଅଳପ ଅଳପ ପଡ଼ିଥାଉ ଦରକାର ବେଳେ କାମରେ ଆସିବ। ଅଧିକ ଲାଭର ଲୋଭ ସମସ୍ତେ ରଖନ୍ତି ନାହିଁ। ସେହି ବିଶ୍ୱାସ ଆଉ ଭରସା ଟିକକୁ ସୁରକ୍ଷାଦେଲେ ରାଷ୍ଟ୍ର ପ୍ରଗତି ପଥରେ ଆଗେଇଯିବ।

ଗୋଗଳ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଜ ଶକ୍ତି ଉତ୍ପାଦନରେ ତତ୍ପରତା

ମହାଶୟ,

ଓଡ଼ିଶାର କେତେକ ସ୍ଥାନରେ ସବୁଜ ହାଇଡ୍ରୋଜେନ/ ଆମୋନିଆ/ ମିଥାନଲ ପ୍ଲାଣ୍ଟ ୨୦୩୦ ସୁଦ୍ଧା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ କେତୋଟି ଗୋପାଳପୁର ତଥା ପାରାଦୀପରେ ପ୍ରତିଷ୍ଠା ହେବାର ଅଛି। ତଥ୍ୟ ଅନୁଯାୟୀ ଏକ କେଜି ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ପାଇଁ ପ୍ରାୟ ୫୦ ୟୁନିଟ ଅକ୍ଷୟ ଶକ୍ତି ଏବଂ ୧୦ ଲିଟର୍ ଡି-ମିନେରାଲାଇଜ୍‌ଡ ଜଳର ଆବଶ୍ୟକତା ରହିଛି। ନିକଟରେ ସମୁଦ୍ରର ଲୁଣି ପାଣିକୁ ବ୍ୟବହାର ଯୋଗ୍ୟ କରିବାପାଇଁ ଖୁବ୍‌ଶୀଘ୍ର ଏକ କମ୍ପାନୀ ଓଡ଼ିଶାରେ ଏକ ଡି-ସାଲାନାଇଜେଶନ ପ୍ଲାଣ୍ଟ ସ୍ଥାପନ ପ୍ରକ୍ରିୟାରେ ଅଛି। ଏହାକୁ ତୁରନ୍ତ ଚୂଡ଼ାନ୍ତ ରୂପ ଦିଆଯାଉ। ଏହି ପରିପ୍ରେକ୍ଷୀରେ, ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ ନିମନ୍ତେ, ସୌର/ ପବନ/ ବାୟୋମାସରୁ ପରିବେଶ ଅନୁକୂଳ ଶକ୍ତି ଏବଂ ଡି-ସାଲାନାଇଜ୍‌ଡ ଜଳ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉ।

-ନବନିତ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟରେ ପ୍ରଥମ ହେବା ପାଇଁ ଉତ୍ସାହିତକଲେ ଜିଲାପାଳ

ଭବାନୀପାଟଣା,୨୬।୯ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର କଳାହାଣ୍ଡି ଜିଲାସ୍ତରୀୟ ସପ୍ତମ ଜାତୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପାଳିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଜିଲାରେ ଏହି କାର୍ଯ୍ୟକ୍ରମ କିପରି ସଫଳ ରୂପାୟନ ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ୍ ହୋଇ ଦାୟିତ୍ୱ ତୁଲାଇବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଜନୀକାନ୍ତ ରଥ, ଜିଲା ମତ୍ସ୍ୟଚାଷ ଅଧିକାରିଣୀ ଦ୍ରୌପଦୀ ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ, ଲୌହସାର ଯୁକ୍ତ ଖାଦ୍ୟ, ମା' ପାଇଁ ଗଛଟିଏ, ସକ୍ଷମ ଅଙ୍ଗନୱାଡି କେନ୍ଦ୍ରର ନମୁନା, କ୍ଷୁଦ୍ର ଶସ୍ୟରେ ପ୍ରସ୍ତୁତ ଖାଦ୍ୟ, ବେଟି ବଚାଓ ବେଟି ପଢାଓ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡାକ୍ତରମାନଙ୍କ ସହଯୋଗରେ ରକ୍ତ ପରୀକ୍ଷା ଶିବିରର ଆୟୋଜିତ ହୋଇଥିଲା। ଜିଲାର ସ୍ଥିତି ରାଜ୍ୟସ୍ତରରେ ଭଲଥିବା ଜଣାଇ ରାଜ୍ୟରେ ପ୍ରଥମ ହେବାପାଇଁ ଚେଷ୍ଟା କରିବାକୁ ଜିଲାପାଳ ଉତ୍ସାହିତ କରିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଜୟ ବିହାର ଧନ୍ୟବାଦ ଦେଇଥିଲେ।



ଜିଲାପାଳ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

### ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳନ

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

କୋକସରା,୨୬।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): ତାଲୁକ ଆଇନସେବା ସମିତି କଳାହାଣ୍ଡି ଜିଲା କୋକସରା ପକ୍ଷରୁ ବୁଧବାର ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜେଏମ୍‌ଏଫ୍‌ସି କୋର୍ଟର ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ରିତିକା ଜେନାଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷା ଜେନା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ)ର ଉପକାରିତା ତଥା ଅପକାରିତା ବିଷୟରେ ବୁଝାଇଥିଲେ। ଏହା ସହ ସାଇବର ଅପରାଧର ବିଭିନ୍ନ ଅଧିନିୟମ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ନିହାରକାନ୍ତ ପଣ୍ଡା, ବାର୍ ଆସୋସିଏଶନ ସଭାପତି ମନୋଜ ନାଏକ, କୋର୍ଟ କର୍ମଚାରୀ ତୁଳସିରାମ ପୋଢ଼, ଆଇନଜୀବୀ ପଞ୍ଚାନନ ବେଶ୍ରା, ପ୍ରିୟରଞ୍ଜନ ବେହେରା, ଉଗ୍ରସେନ ବାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅଙ୍କିତା ଖୁରା ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଲେଖିକା ସଂଘର ନୂଆଁଖାଇ ଭେଟ୍‌ଘାଟ୍




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା, ୨୬।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପରିସରରେ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲ ମୁଖ୍ୟଅତିଥି, ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସମ୍ପାଦକ ପୂଜ୍ୟପୂଜା ରମାକାନ୍ତ ମିଶ୍ର, ସାହିତ୍ୟିକା ଡ. ଆରତି କର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜ ବିହାର ପ୍ରଧାନାଚାର୍ଯ୍ୟ ମନୋଜ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦିକା କଳ୍ପନା ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବକବି ପ୍ରତାପ ପଣ୍ଡା ଓ ବନଶ୍ରୀ ଦାଶଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମଟିକୁ କବି ସୁମତି ମୁଣ୍ଡ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମୁଣ୍ଡ, ସୁକାନ୍ତ ସାହୁ, ସାମ୍ବାଦିକ ସ୍ୱାଧୀନ ପାତ୍ର ଓ ଦେବେନ୍ଦ୍ର ବିଶି, ପି ମୋହନ ରାଓ ପାତ୍ର, ତପନ ରଥଙ୍କ ସମେତ କଳାହାଣ୍ଡିର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ।

# ଆରଡି ରାସ୍ତା ଶୋଚନୀୟ, ଘଟୁଛି ଦୁର୍ଘଟଣା



ଖାଲଖମାରେ ଭର୍ତ୍ତି ରାସ୍ତା।

କୋକସରା,୨୬।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

୨୬ ନଂ. ଜାତୀୟ ରାଜପଥର କଳାହାଣ୍ଡି ଜିଲା କୋକସରା ବ୍ଲକର ଡଙ୍ଗରିଗୁଡା ଛକରୁ ଫୁପଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ରାସ୍ତା ଶୋଚନୀୟ ହୋଇପଡିଛି। ମରାମତି ଅଭାବରୁ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ରହିଛି। ବର୍ଷାରେ କାଦୁଅ ପାଣି ଜମା ହୋଇ ରହୁଥିବା ବେଳେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। କିଛିବର୍ଷ ତଳେ ଏହି ରାସ୍ତାକୁ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ତେବେ ୫ବର୍ଷ ମରାମତି ପାଇଁ ଏଗ୍ରିମେଣ୍ଟ ରହିଥିବା ବେଳେ ଠିକାସଂସ୍ଥା ମରାମତି ନ କରି ଅନୁଦାନ ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଅଗଷ୍ଟରେ ୫ ବର୍ଷ ମରାମତି ଅବଧି ସରିଯାଇଛି। ଏହି ରାସ୍ତା ଫୁପଗାଁ, କାଶିବାହାଲ, କନ୍ଦାବୁଟ୍ରା, ଲଡୁଗାଁ ଆଦି ପଞ୍ଚାୟତକୁ ସଂଯୋଗ କରୁଛି। ତେବେ କାଶିବାହାଲ ପଞ୍ଚାୟତ ଅଞ୍ଚଳରେ ରହିଥିବା କ୍ରଶର ୟୁନିଟ୍‌ରୁ ଏହି ରାସ୍ତା ଦେଇ ଓଭରଲୋଡିଂ ଭାରିଯାନ ଯାତାୟାତ କରୁଥିବାରୁ ଏହା ଶୋଚନୀୟ ହୋଇପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଭାଗୀୟ ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହାଙ୍କୁ ପଚାରିବାରୁ ଏହି ରାସ୍ତାକୁ ନୂତନ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଏଷ୍ଟିମେଟ ଭୁବନେଶ୍ୱର କାର୍ଯ୍ୟାଳୟକୁ ପଠାଯାଇଛି, ଅନୁଦାନ ମଞ୍ଜୁର ହେଲେ ମରାମତି କାର୍ଯ୍ୟ ହେବ ବୋଲି କହିଛନ୍ତି।

# ଜନ ଭାଗୀଦାରି ଅଭିଯାନ 'ଧର୍ମଗଡ଼ ୱାକାଥନ'

ବେହେରା,୨୬।୯ (ଭୂପେଶ ତିୱାରୀ)

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଧର୍ମଗଡ଼ ସହର ସଫେଇ ଅବସରରେ ଜନ ଭାଗିଦାରୀ ଅଭିଯାନ 'ଧର୍ମଗଡ ୱାକାଥନ'' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଧର୍ମଗଡ ସହର ପରିକ୍ରମା କରିଥିଲା। ଧର୍ମଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ ଯୋଗ ଦେଇଥିଲେ। ପଞ୍ଚାୟତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ସ୍କାଉଟ ଟିମ୍, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଟିମ୍ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଭାଗ ନେଇଥିଲେ। ୱାକାଥନରେ ପଞ୍ଚାୟତ ମହାବିଦ୍ୟାଳୟର ଖେଳ ଶିକ୍ଷକ ଅଭୟ କୁମାର ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ଧର୍ମଗଡ ଏନ୍‌ଏସିର ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ସିଟି ମିଶନ ମ୍ୟାନେଜର ସୁବାଶିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡ଼ିଆଠାରେ ସମସ୍ତେ ସମବେତ ହୋଇ ସ୍ୱଚ୍ଛତା ଶପଥ ପାଠ କରିଥିଲେ।

# ଖଡ଼ିଆଲ ଏନ୍‌ଏସି ପକ୍ଷରୁ ରକ୍ତଦାନ ଶିବିର

ଖଡ଼ିଆଲ,୨୬।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରିବା ମାନବିକତା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଉପାଧ୍ୟକ୍ଷା ଶକୁନ୍ତଳା ରାଉତ ଉପସ୍ଥିତ ଥିଲେ। ଶିବିରରେ ୩୧ ଜଣ ମହିଳା ଓ ପୁରୁଷ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟର ଟେକ୍‌ନିସିଆନ ରକ୍ତ ସଂଗ୍ରହ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି

ପଲମ,୨୬।୯ (ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତର ଖଇରମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଲମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ର ବର୍ଗତି, ଖଇରମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁବରାଜ ଜାନି, ଆଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ମାଝି, ପଲମ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଭୋଇ, ସିଆର୍‌ସିସି ତିଲେଶ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ୧୨ଗୋଟି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଯୋଗଦାନ କରିଥିଲେ। ୬୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସିନାପାଲି,୨୬।୯ (ମନଫୁଲ ମେହେର)

ସିନାପାଲି ବସ୍‌ଷ୍ଟାଣ୍ଡ ପରିସରରେ ବ୍ଲକ ପ୍ରଶାସନ ଓ ଷ୍ଟେଟବ୍ୟାଙ୍କ ଶାଖା ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିମଳ ବିଭାଗ ବିଆର୍‌ସିସି ପୁଣ୍ଡରୀକାକ୍ଷ ହୋତାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ନୂଆପଡ଼ା ଜିଲା ସାକ୍ଷରତା ପରାମର୍ଶଦାତା ରମେଶ ଠାକୁର, ମାଷ୍ଟର ଟ୍ରେନର ପଞ୍ଚାନନ ମେହେର, ବ୍ୟାଙ୍କ ପରିଚାଳକ ଉଜ୍ଜ୍ୱଳ ପ୍ରଧାନ, ଗୌରବ ମେହେର, ତପନ ନାୟକ, ଅଜିତ ଦାସ, ହେମନ୍ତ ବାଗ ପ୍ରମୁଖ ସାମିଲ ହୋଇ ବସ୍‌ଷ୍ଟାଣ୍ଡ ପରିସର ସଫେଇ କରିଥିଲେ।

# କଳାହାଣ୍ଡିରେ ବେଦାନ୍ତର 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନ ଆରମ୍ଭ

ଭବାନୀପାଟଣା,୨୬।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗୁରୁବାର ବେଦାନ୍ତ 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନ ଆରମ୍ଭ କରିଛି। ଭବାନୀପାଟଣା ସହରସ୍ଥିତ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ମନ୍ଦିରଠାରେ ବେଦାନ୍ତ ଆଲୁମିନିୟମ ଓ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ପୂର୍ବତନ ଆୟୁର୍ବେଦିକ ବିଭାଗର ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଅଯୋଧ୍ୟାନାଥ ବେହେରା, ଜିଲା ସହକାରୀ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କାଣ୍ଡ, ଡାକ୍ତର ରାଜକୁମାର ମେହେର ଓ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଥିଲା। ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲାରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଆଉ ଦୁଇଟି ଜିଲା ରାୟଗଡ଼ା ଓ କୋରାପୁଟକୁ ସହାୟତା ଯୋଗାଇଦେବାକୁ ଯୋଜନା କରିଛି। 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରେ ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା କହିଛନ୍ତି। ସେହିପରି ଓଡ଼ିଶା ସରକାର ଓ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ୨୦୨୪ ସୁଦ୍ଧା କୋରାପୁଟ, କଳାହାଣ୍ଡି ଓ ରାୟଗଡ଼ା ଆଦି ୩ ଜିଲାରେ ଶିଶୁଠାରୁ ଆରମ୍ଭ କରି ୧୭ ବର୍ଷ ବୟସ ପର୍ଯ୍ୟନ୍ତ ୩୦ ହଜାର ଶିଶୁଙ୍କୁ ଉପକୃତ କରିବା ପାଇଁ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବେଦାନ୍ତ ଆଲୁମିନିୟମର ବକ୍ସାଇଟ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ ପ୍ରକାଶ କରିଛନ୍ତି। ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଓ ଜ୍ଞାନ ଶକ୍ତି ବୃଦ୍ଧିରେ ସହାୟତା କରିବ ବୋଲି ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଅଯୋଧ୍ୟାନାଥ ବେହେରା କହିଥିଲେ।




କାର୍ଯ୍ୟକ୍ରମରେ ଜଣେ ଶିଶୁଙ୍କୁ ଟିକା ଦିଆଯାଉଛି।

### ୩ ଜିଲାର ୩୦ ହଜାର ଶିଶୁ ଉପକୃତ ହେବା ଲକ୍ଷ୍ୟ


## सर्वसाधारणଙ୍କ ପାଇଁ ଏକ ବିଶେଷ ସୂଚନା



ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ ଫିଲ୍ଡ କାର୍ଯ୍ୟ କରିଥିବା ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବାଘପାଲି ନିବାସୀ **ପ୍ରଦୀପ କୁମାର ପ୍ରଧାନ**ଙ୍କୁ ହେରଫେର ଅଭିଯୋଗରେ କାର୍ଯ୍ୟରୁ ବରଖାସ୍ତ କରାଯାଇଛି। ଗତ ଜାନୁଆରୀ ମାସରୁ ଅର୍ଥାତ୍ ଦୀର୍ଘ ୮ମାସ ହେଲା ପ୍ରଦୀପ କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ତଡ଼ି ଦିଆଯାଇଛି। ତାଙ୍କ ସହିତ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଆଉ କୌଣସି ସମ୍ପର୍କ ନାହିଁ। ଏଣୁ ଏହି ବ୍ୟକ୍ତିଙ୍କଠାରେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ସମ୍ପର୍କୀୟ କୌଣସି କାରବାର ସହ ଅର୍ଥ ଦେଣନେଣ କରନ୍ତୁ ନାହିଁ। ଏଥିପାଇଁ ଏହି ସୂଚନା ଦିଆଗଲା। ଏହା ସତ୍ତ୍ୱେ କେହି ପ୍ରଦୀପଙ୍କ ସହ ଅର୍ଥ କାରବାର କରନ୍ତି ତେବେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ଫକୀର କର୍ଣ୍ଣ, ଚେୟାରମ୍ୟାନ
ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼

---

कार्यपालक अभियंता का कार्यालय
ग्रामीण विकास विशेष प्रमंडल, दुमका। (814101)
(rdsddumka1@gmail.com)

**शुद्धि पत्र**

इस कार्यालय के पत्रांक 1116 दिनांक 19.09.2024 द्वारा निर्गत निविदा आमंत्रित सूचना संख्या- RDSD/ DMK/ MMGSY/22/2024-25/RE-2 जिसका पी०आर० 336384 (Rural Work Development (24-25)_D है में निम्न प्रकार संशोधन किया जाता है :–

| क्रं० | पूर्व की तिथि | संशोधित तिथि |
|---|---|---|
| 1 | ई–निविदा प्राप्ति की तिथि एवं समय :–दिनांक 28.09.2024 (अपराह्न 5:00 बजे तक)। | ई–निविदा प्राप्ति की अंतिम तिथि एवं समय :–दिनांक 30.09.2024 (अपराह्न 5:00 बजे तक)। |
| 2 | निविदा खुलने की तिथि एवं समय:– दिनांक 30.09.2024 (समय 2:00 बजे अपराह्न)। | निविदा खुलने की तिथि एवं समय:– दिनांक 04.10.2024 (समय 2:00 बजे अपराह्न)। |

शेष सभी सूचनाएं पूर्ववत रहेगी।

कार्यपालक अभियंता,
ग्रामीण विकास विशेष प्रमंडल,
दुमका

PR 337205 (Rural Work Department)24-25*D

---

No.CAD-1208

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISAD, ANGUL**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜିଲ୍ଲା - ଅନୁଗୋଳ, ଓଡ଼ିଶା, ପିନ୍ - ୭୫୯୧୨୨
Inside Collectorate Campus, Dist. - Angul, Odisha, PIN - 759122
E-mail : ori-dangul@nic.in, drdaangul@gmail.com
Notice No. : 3198 Date : 25.09.2024
(File No. : XV-55/2024)

**ADVERTISEMENT**

**Invitation of Application for Recruitment to the post of Gram Rozgar Sevak (GRS) under MGNREGS in Angul District**

Applications are invited from eligible candidates to fill up **144 Nos.** of posts of **Gram Rozgar Sevak (GRS)** to be engaged in different Gram Panchayats in Angul District on **Contractual basis** under MGNREGS. The newly engaged GRS will get a consolidated monthly remuneration of Rs. 7,000/- (Rupees Seven Thousand) only, after sucessfully worked for more than 01 year & less than 06 years will get Rs. 8,500/- (Rupees Eight Thousand Five Hundred) only per month & will get Rs. 8,880/- per month after sucessfully worked for more than 06 years. The last date of submission of application is **08.11.2024** through **Regd./Speed Posts** only. No other mode of submission will be accepted. Again the applications received after due date are liable for rejection. The detailed advertisement having No. of vacancies, remuneration, age, eligibility criteria, application format & other terms & conditions are available in the District official website https://angul.odisha.gov.in.

Collector-cum-DPC,
MGNREGS, Angul

OIPR-19236/11/0005/2425

---

**कार्यालय कार्यपालन अभियंता**
**लोक स्वास्थ्य यांत्रिकी खण्ड, बलौदाबाजार (छ.ग.)**
**ई-प्रोक्योरमेंट निविदा आमंत्रण सूचना**

ऑनलाईन निविदाएं **प्रपत्र-ए** में एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से जल जीवन मिशन के **सिंगल विलेज** नलजल प्रदाय योजनांतर्गत निर्माण कार्य की ऑनलाईन निविदा आमंत्रित की जाती है:-

| निविदा सूचना क्र./दिनांक | सिस्टम क्र. | अनुमानित लागत (रू. लाख में) |
|---|---|---|
| 19/25.09.2024 | 159048 | 135.92 |
| 20/25.09.2024 | 159049 | 142.71 |
| 21/25.09.2024 | 159051 | 149.32 |
| 22/25.09.2024 | 159053 | 85.35 |
| 23/25.09.2024 | 159055 | 162.67 |
| 24/25.09.2024 | 159056 | 157.61 |
| 25/25.09.2024 | 159057 | 88.97 |
| 26/25.09.2024 | 159059 | 94.70 |
| 27/25.09.2024 | 159061 | 63.16 |
| 28/25.09.2024 | 159062 | 128.05 |
| 29/25.09.2024 | 159063 | 80.53 |
| 30/25.09.2024 | 159065 | 23.14 |
| 31/25.09.2024 | 159069 | 124.23 |

उपरोक्त निर्माण कार्यों की निविदा की सामान्य शर्तें, धरोहर राशि, विस्तृत निविदा विज्ञाप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टल **https://eproc.cgstate.gov.in** मे दिनांक **10.10.2024** तक देखी जा सकती है एवं निविदा डाउनलोड की जा सकती है।

स्वा./- कार्यपालन अभियंता
लोक स्वास्थ्य यांत्रिकी खण्ड
बलौदाबाजार-भाटापारा (छ.ग.)

G-242502811/10

---

**Government of Odisha**
**Sports & Youth Services Department**

Reference No :- SYS-SEB-Events-0005-2024/29690/SYS Date - 25.09.2024

**Request For Proposal**

**No.TT-10** : Sports & Youth Services Department, Government of Odisha invites bids from reputed agencies to the **"Engagement of Event Management Agency for 39th National Junior Athletics Championship (Date - 25th to 29th October 2024) by Sports and Youth Services Department, Government of Odisha".**
The details of the document are available at the below mentioned website.
Website : https://sports.odisha.gov.in/
https://tendersodisha.gov.in/
Interested firms / parties / agencies are advised to study the RFP document carefully before submitting their bid.

**Important Dates and Information :**
**Date of Publication - 25.09.2024**
**Last date and time for sending Pre-bid queries - Date : 1st October 2024 ; Time : 12:00**
**Pre-bid Meeting - Date : 1st October 2024 ; Time : 05:00 pm.**
**Last date and time of submission of proposal - 14th October 2024 Time : 4:00 pm**
**Opening of the Technical Bid - 14th October 2024 ; Time : 5:00 pm.**

OIPR-29001/11/0027/2425 Sd./- Director, Sports

---

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU of Govt. of Odisha)
Regd. Office : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 0674-2542983/2542802/2545526/2542826
E-mail : ohpc.co@gmail.com, Website : www.ohpcltd.com
CIN : U40101OR1995SGC003963
No. OHPC : TECH : C&P : 28/2023-24/8229 Date : 20.09.2024

**NOTICE INVITING TENDER NO. - 13/2024-25**

**No. CAD-1182** : Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed textile manufacturers or their authorised distributors fulfilling the eligibility criteria as per the terms & conditions of the tender for the work as mentioned below.

| Description of Materials | Cost of tender paper (Non-refundable in Rs.) | EMD in Rs. |
|---|---|---|
| Supply of Suiting & Shirting Fabrics for the employees of OHPC | 11,800.00 (10,000.00 + GST @ 18%) | 90,000.00 |

For details of the tender documents, terms & conditions and corrigendum / amendments please visit / refer our website www.ohpcltd.com from Dt. 01.10.2024

OIPR-04012/11/0009/2425 C & P Head

---

**BLOCK DEVLOPMENT OFFICER, BAMRA**
**Tender Call Notice**
Order No. 5478/5481/Date. 25.09.2024

**Corrigendum**

**No.i-197** : The Block Development Officer, Bamra invites percentage rate basis tender for Construction of "Construction of Additional Class Room at Rajabasa Primary School, Rangiatikra GP & Construction of Additional Class Room at Sarat Chandra High School, Nuadihi, Lariapali GP, Bamra Block under the fund of S&ME Department-2023-24. The detail of bid documents can be downloaded from district website www.Sambalpur.odisha.gov.in starts from Dt. 26.09.2024 to 17.10.2024 during office hour and receipt of bid documents starts from 26.09.2024 to 17.10.2024 upto 5.00 P.M. on all working days in office of the Block Development Officer, Bamra. The bid will be opened on dt.18.10.2024 at 10.00 A.M. Intending Class-C & Class-D contractor may visit dictrict website of Sambalpur www.Sambalpur.odisha.gov.in for detail information.

Sd./-
OIPR-19319/11/0002/2425 Block Development Officer, Bamra

---

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**Office of the Block Development Officer, Panchayat Samiti Boden, Nuapada - 766105**
Tender Notice No.-(PSBDN)01/2024-25
e-mail address : ori-boden.nic.in

**PERCENTAGE RATE TENDER**
**No.3823 Dt.25.09.2024**

1. The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in tendering system for the construction work detailed in the table below, which are eventully to be draw on P1 agreement.

| | |
|---|---|
| Package No. | **BID ID No. (PSBDN)01/2024-25** |
| Nature of Work | **8(Eight) Nos. Building works** |
| Approximate value of work | **3 No. Works - Rs. 13.03 Lakh (Excluding GST) 1 No. Work - Rs. 14.25 Lakh (Excluding GST) 4 No. Works - Rs. 9.93 Lakh (Excluding GST)** |
| Period of Completion | **06 (Six) Calendar Months** |
| Classification of Bidder | **'D' & 'C' class Contractor only** |
| Bid documents available Date and Time | **01.10.2024 to 19.10.2024 up to 5.00 P.M.** |
| Bid clarification start date & Closing date | **26.09.2024 to 19.10.2024 up to 5.00 P.M.** |
| Date, Time and Venue of opening of bid **online** | **22.10.2024 at 11.00 A.M.** at office of the Block Development Officer, Panchayat Samiti Boden, Nuapada |
| If stipulation arises the Tender will be decided through Lottery System | **22.10.2024 After evaluation** at office of the Block Development Officer, Panchayat Samiti Boden, Nuapada |

The details Tender Call Notice and Further details can be seen any addendum / corrigendum / cancellation to the above notice will be published in the Govt. website - **http://nuapada.odisha.gov.in.**

Sd./-
Block Development Officer
Boden

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

କୋକସରା,୨୬।୯ (ଦୁଷ୍ମନ୍ତ କୁମାର ପାଙ୍କଯୋଷୀ): ତାଲୁକ ଆଇନସେବା ସମିତି କଳାହାଣ୍ଡି ଜିଲା କୋକସରା ପକ୍ଷରୁ ବୁଧବାର ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜେଏମ୍ଏଫ୍ସି କୋର୍ଟର ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ରିତିକା ଜେନାଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷା ଜେନା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ)ର ଉପକାରିତା ତଥା ଅପକାରିତା ବିଷୟରେ ବୁଝାଇଥିଲେ। ଏହା ସହ ସାଇବର ଅପରାଧର ବିଭିନ୍ନ ଅଧିନିୟମ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ନିହାରକାନ୍ତ ପଣ୍ଡା, ବାର୍ ଆସୋସିଏଶନ ସଭାପତି ମନୋଜ ନାଏକ, କୋର୍ଟ କର୍ମଚାରୀ ତୁଳସିରାମ ପୋଢ଼, ଆଇନଜୀବୀ ପଞ୍ଚାନନ ବେଶ୍ରା, ପ୍ରିୟରଞ୍ଜନ ବେହେରା, ଉଗ୍ରସେନ ବାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅଙ୍କିତା ଖୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାକୁ ମିଳିଲା ଉତ୍କର୍ଷତା ପ୍ରମାଣପତ୍ର

ରାଉରକେଲା,୨୬।୯(ଦିନେଶ ମିଶ୍ର)




ନର୍ଚରିଂ ନେବରହୁଡ୍ସ ଚ୍ୟାଲେଞ୍ଜ ଅଭିଯାନରେ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବା ଯୋଗୁ ରାଉରକେଲା ସହରକୁ ଉତ୍କର୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ମାର୍ଟସିଟି ମିଶନ ଓ ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାହୁଲ କପୁରଙ୍କଠାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ଏହି ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ରାଉରକେଲା ମହାନଗର ନିଗମ କମିଶନର ତଥା ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣି ରାଉରକେଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପୁରସ୍କାର ପାଇବା ରାଉରକେଲା ସହର ପାଇଁ ନିଶ୍ଚୟ ଗର୍ବର ବିଷୟ ବୋଲି କହିଛନ୍ତି। ସେ କହିଛନ୍ତି, ଶିଶୁମାନଙ୍କ ଶୈଶବର ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ନର୍ଚରିଂ ନେବରହୁଡ୍ ଚ୍ୟାଲେଞ୍ଜ ଅଭିଯାନରେ ରାଉରକେଲା ସହରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ରାଉରକେଲା ସହରକୁ ଶିଶୁମାନଙ୍କ ଲାଗି ଶ୍ରେଷ୍ଠ ସହର ଭାବେ ଗଢ଼ି ତୋଳିବାକୁ ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସ୍ମାର୍ଟସିଟି ମିଶନ ଓ ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଭାନ୍ଲିଅର ଫାଉଣ୍ଡେଶନ ସହାୟତାରେ ଆୟୋଜିତ ଏହି ଅଭିଯାନରେ ଦେଶର ଶ୍ରେଷ୍ଠ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଥିଲା। ପରେ ସହର ପରିବେଶକୁ ଶିଶୁ ଅନୁକୂଳ କରିବା ସକାଶେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ବିଶ୍ୱ ସମ୍ବଳ ପ୍ରତିଷ୍ଠାନ ଭାରତର ବୈଷୟିକ ସହାୟତାରେ ଉନ୍ନୟନମୂଳକ ପ୍ରକଳ୍ପ କରାଯାଇଛି। ରାଉରକେଲା ସହରରେ ୧୫ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ର, ସର୍ବସାଧାରଣ ସ୍ଥାନ, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ଏହି ଅଭିଯାନ ଅଧୀନରେ ବିକଶିତ କରାଯାଇଛି। ବିଶେଷ କରି ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ବସବାସ କରୁଥିବା ଅଞ୍ଚଳଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ସେଠାରେ ପରିବେଶକୁ ଚାଇଲ୍ଡ ଫ୍ରେଣ୍ଡଲି କରାଯାଇଛି। ଶିଶୁମାନଙ୍କ ମାନସିକ ତଥା ଶାରୀରିକ ବିକାଶ ଲାଗି ଖେଳକୁଦ ଜରୁରି ହୋଇଥିବାବେଳେ ସହରର ଅବ୍ୟବହୃତ ଖୋଲା ସ୍ଥାନଗୁଡ଼ିକର ଉନ୍ନତୀକରଣ କରାଯାଇ ଶିଶୁମାନଙ୍କ ଖେଳକୁଦ ପାଇଁ ଉତ୍ତମ ଭୂଭିଭୂମି ପ୍ରସ୍ତୁତ କରାଯାଉଛି। ଏଥିସହ ପାର୍କଗୁଡ଼ିକର ମଧ୍ୟ ବିକାଶ କାର୍ଯ୍ୟ ଜାରି ରହିଛି। ସେମାନଙ୍କ ଅଭିଭାବକମାନଙ୍କ ମଧ୍ୟରେ ପାର୍କ ତଥା ଖୋଲା ସ୍ଥାନଗୁଡ଼ିକରେ ବିକାଶ କରାଯାଇ ସେଠାରେ ମୋବାଇଲ ଲାଇବ୍ରେରି, କମ୍ୟୁନିଟି ସେଣ୍ଟର, ଖୋଲା ଜମି ପ୍ରତିଷ୍ଠା କରାଯାଉଛି। ଫଳରେ କେବଳ ଶିଶୁ ନୁହଁ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ମଧ୍ୟ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ।

# କଳାହାଣ୍ଡି ଲେଖିକା ସଂଘର ନୂଆଁଖାଇ ଭେଟ୍ଘାଟ୍




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା, ୨୬।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପରିସରରେ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲ ମୁଖ୍ୟଅତିଥି, ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସମ୍ପାଦକ ପୂଜ୍ୟପୂଜା ରମାକାନ୍ତ ମିଶ୍ର, ସାହିତ୍ୟିକା ଡ. ଆରତି କର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜ ବିହାର ପ୍ରଧାନାଚାର୍ଯ୍ୟ ମନୋଜ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦିକା କଳ୍ପନା ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବକବି ପ୍ରତାପ ପଣ୍ଡା ଓ ବନଶ୍ରୀ ଦାଶଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମଟିକୁ କବି ସୁମତି ମୁଣ୍ଡ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମୁଣ୍ଡ, ସୁକାନ୍ତ ସାହୁ, ସାମ୍ବାଦିକ ସ୍ୱାଧୀନ ପାତ୍ର ଓ ଦେବେନ୍ଦ୍ର ବିଶି, ପି ମୋହନ ରାଓ ପାତ୍ର, ତପନ ରଥଙ୍କ ସମେତ କଳାହାଣ୍ଡିର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମି ଯୋଜନା ତଦାରଖ କମିଟି ବୈଠକ



କମିଟି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ସୋନପୁର,୨୬।୯(ମୃତ୍ୟୁଞ୍ଜୟ ଶତପଥୀ)

ସରକାରଙ୍କ ଜଙ୍ଗଲ ଜମି ଯୋଜନା ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାସ୍ତରୀୟ ତଦାରଖ କମିଟି ବୈଠକ ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋ ଜଙ୍ଗଲ ଜମି ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କ ଜଙ୍ଗଲ ଅଧିକାର ଆଇନ-୨୦୦୬ ଏବଂ ସଂଶୋଧିତ ନିୟମାବଳୀ- ୨୦୧୨ରେ ରହିଥିବା ବିଭିନ୍ନ ବ୍ୟବସ୍ଥା ଓ ନୀତି ନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଦସ୍ୟା ସଦସ୍ୟମାନଙ୍କୁ ଜିଲାରେ ଜଙ୍ଗଲ ଜମି ଯୋଜନା ଅଧୀନରେ ଉପଖଣ୍ଡସ୍ତରୀୟ, ଜିଲାସ୍ତରୀୟ କମିଟି ଠାରେ ଆବେଦନ ହୋଇଥିବା ଦରଖାସ୍ତ ଗୁଡ଼ିକର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ ଶୀଘ୍ର ଫଇସଲା କରାଇବା ସମ୍ପର୍କରେ ସମସ୍ତ ଅଧିକାରୀମାନଙ୍କୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ବୀରମହାରାଜପୁର ଉପଖଣ୍ଡସ୍ତରୀୟ କମିଟିଠାରୁ ହସ୍ତଗତ ହୋଇଥିବା ଚାରିଗୋଟି ଗୋଷ୍ଠୀଗତ ଓ ଚାରିଗୋଟି ଗୋଷ୍ଠୀ ସମ୍ୱଳ ଅଧିକାର ଦାବିକୁ ଜିଲାସ୍ତରୀୟ କମିଟି ଠାରେ ଉପସ୍ଥାପନ କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ, ଅତିରିକ୍ତ ବନପାଳ ସୁବର୍ଣ୍ଣପୁର, ତହସିଲଦାର ସୋନପୁର, ତରଭା, ରାମପୁର, ବିନକା, ବୀରମହାରାଜପୁର, ଉଲୁଣ୍ଡା, ଜିଲା ସଂଯୋଜକ ସୁବର୍ଣ୍ଣପୁର (ମୋ ଜଙ୍ଗଲ ଜମି ଯୋଜନା), ଜିଲା ଏମ୍ଆଇଏସ, ତହସିଲ ସଂଯୋଜକ, ତହସିଲ ଏମ୍ଆଇଏସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, କମିଟି ସଦସ୍ୟ ସଦସ୍ୟା, ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ସଦସ୍ୟ ଉପସ୍ଥିତ ଥିଲେ ।

# ବିସିଜି ଟିକାକରଣ କାର୍ଯ୍ୟକ୍ରମ ଉଦ୍ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ଲକ ଅଧ୍ୟକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

ବଡ଼ଗାଁ, ୨୬।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଠାରୁ ପ୍ରାପ୍ତ ବୟସ୍କଙ୍କ ପାଇଁ ବିସିଜି ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବଡ଼ଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀ ପରିଚାଳନା କରିଥିଲେ। ଯକ୍ଷ୍ମା ରୋଗ ପ୍ରତିଷେଧକ ଭାବେ ଏହି ଟିକାକରଣ କାର୍ଯ୍ୟକ୍ରମ ବଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ।

## ଜନ ଭାଗୀଦାରି ଅଭିଯାନ 'ଧର୍ମଗଡ଼ ୱାକାଥନ'

ବେହେରା,୨୬।୯(ଭୂପେଶ ତିୱାରୀ)

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଧର୍ମଗଡ଼ ସହର ସଫେଇ ଅବସରରେ ଜନ ଭାଗିଦାରୀ ଅଭିଯାନ 'ଧର୍ମଗଡ ୱାକାଥନ'' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଧର୍ମଗଡ ସହର ପରିକ୍ରମା କରିଥିଲା। ଧର୍ମଗଡ଼ ଏନ୍ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ ଯୋଗ ଦେଇଥିଲେ। ପଞ୍ଚାୟତ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଓ ସ୍କାଉଟ ଟିମ୍, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଟିମ୍ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଭାଗ ନେଇଥିଲେ। ୱାକାଥନରେ ପଞ୍ଚାୟତ ମହାବିଦ୍ୟାଳୟର ଖେଳ ଶିକ୍ଷକ ଅଭୟ ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟର ଧର୍ମଗଡ ଏନ୍ଏସିର ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ସିଟି ମିଶନ ମ୍ୟାନେଜର ସୁବାଶିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ରିମ୍ସରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨୬।୯(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ରିମ୍ସ କଲେଜ ଓ ସ୍ୱଦେଶୀ ଜାଗରଣ ମଞ୍ଚର ମିଳିତ ଆନୁକୂଲ୍ୟରେ ଏଚ୍ଆରଡି କକ୍ଷରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଅଧୀନରେ ଏକ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରିମ୍ସର ନିର୍ଦ୍ଦେଶକ ଡକ୍ଟର କରୁଣାକର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଭାରତ ଇତିହାସରେ ଅନେକ ସ୍ୱାବଲମ୍ବୀ ବ୍ୟକ୍ତିବିଶେଷଙ୍କ ଉଦାହରଣ ରହିଛି ବୋଲି ଷ୍ଟେଟ୍ ଅଫିସ ବିଏରର ଓଡିଶା ୟେଷ୍ଟ ସୁରତ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ୟେଷ୍ଟର ଷ୍ଟେଟ୍ କନଭେନର ରମାକାନ୍ତ ପଣ୍ଡା ଯୋଗଦେଇ କହିଥିଲେ, ଯୁବ ସମାଜ ଚାକିରିର ଅଭିଳାଷା ନ ରଖି ନିଜେ ସ୍ୱାବଲମ୍ବୀ ହୁଅନ୍ତୁ। ବିକଶିତ ଭାରତ କେବଳ ସ୍ୱାବଲମ୍ବୀକୁ ଆପଣେଇବା ଦ୍ୱାରା ହିଁ ସାକାର ହୋଇପାରିବ। ହେଲ୍ଥ ଆଣ୍ଡ କେୟାର ଇଣ୍ଡଷ୍ଟ୍ରିର ପ୍ରୋପାଇଟର ନିହାରିକା ବହିଆ ନିଜ ସଫଳ ଉଦ୍ୟମିତାର ଅଭିଜ୍ଞତାକୁ ବାଖ୍ୟା କରି ଛାତ୍ରୀଛାତ୍ରମାନଙ୍କୁ ସ୍ୱାବଲମ୍ବୀ ପଥରେ ଅଗ୍ରସର ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜାତୀୟ କ୍ଷୁଦ୍ରଶିଳ୍ପ ଆୟୋଗର ମୁଖ୍ୟ ପ୍ରବନ୍ଧକ ଦୁର୍ଗାମାଧବ ନାୟକ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ମତପୋଷଣ କରିବା ସହ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପ୍ରଧାନ ସଂଯୋଜନା କରିଥିଲେ। ଡକ୍ଟର ସ୍ୱାତୀରେଖା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, दुमका। (814101)
(rdsddumka1@gmail.com)

### शुद्धि पत्र

इस कार्यालय के पत्रांक 1116 दिनांक 19.09.2024 द्वारा निर्गत निविदा आंमत्रित सूचना संख्या- RDSD/ DMK/ MMGSY/22/2024-25/RE-2 जिसका पी०आर० 336384 (Rural Work Development (24-25)_D है में निम्न प्रकार संशोधन किया जाता है :–

| क्रं० | पूर्व की तिथि | संशोधित तिथि |
|---|---|---|
| 1 | ई–निविदा प्राप्ति की तिथि एवं समय :–दिनांक 28.09.2024 (अपराह्न 5:00 बजे तक)। | ई–निविदा प्राप्ति की अंतिम तिथि एवं समय :–दिनांक 30.09.2024 (अपराह्न 5:00 बजे तक)। |
| 2 | निविदा खुलने की तिथि एवं समयः– दिनांक 30.09.2024 (समय 2:00 बजे अपराह्न)। | निविदा खुलने की तिथि एवं समयः– दिनांक 04.10.2024 (समय 2:00 बजे अपराह्न)। |

शेष सभी सूचनाएं पूर्ववत रहेगी।

कार्यपालक अभियंता,
ग्रामीण विकास विशेष प्रमंडल,
दुमका

PR 337205 (Rural Work Department)24-25*D

## ଜିଲ୍ଲା ପରିଷଦ, ଅନୁଗୋଳ
## ZILLA PARISAD, ANGUL
No.CAD-1208

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜିଲ୍ଲା - ଅନୁଗୋଳ, ଓଡ଼ିଶା, ପିନ୍ - ୭୫୯୧୨୨
Inside Collectorate Campus, Dist. - Angul, Odisha, PIN - 759122
E-mail : ori-dangul@nic.in, drdaangul@gmail.com
Notice No. : 3198 Date : 25.09.2024
(File No. : XV-55/2024)

### ADVERTISEMENT

**Invitation of Application for Recruitment to the post of Gram Rozgar Sevak (GRS) under MGNREGS in Angul District**

Applications are invited from eligible candidates to fill up **144 Nos.** of posts of **Gram Rozgar Sevak (GRS)** to be engaged in different Gram Panchayats in Angul District on **Contractual basis** under MGNREGS. The newly engaged GRS will get a consolidated monthly remuneration of Rs. 7,000/- (Rupees Seven Thousand) only, after sucessfully worked for more than 01 year & less than 06 years will get Rs. 8,500/- (Rupees Eight Thousand Five Hundred) only per month & will get Rs. 8,880/- per month after sucessfully worked for more than 06 years. The last date of submission of application is **08.11.2024** through **Regd./Speed Posts** only. No other mode of submission will be accepted. Again the applications received after due date are liable for rejection. The detailed advertisement having No. of vacancies, remuneration, age, eligibility criteria, application format & other terms & conditions are available in the District official website https://angul.odisha.gov.in.

Collector-cum-DPC,
MGNREGS, Angul

OIPR-19236/11/0005/2425

## कार्यालय कार्यपालन अभियंता
## लोक स्वास्थ्य यांत्रिकी खण्ड, बलौदाबाजार (छ.ग.)
### ई-प्रोक्योरमेंट निविदा आमंत्रण सूचना

ऑनलाईन निविदाएँ **प्रपत्र-ए** में एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से जल जीवन मिशन के **सिंगल विलेज** नलजल प्रदाय योजनांतर्गत निर्माण कार्य की ऑनलाईन निविदा आमंत्रित की जाती है:-

| निविदा सूचना क./दिनांक | सिस्टम क. | अनुमानित लागत (रू. लाख में) |
|---|---|---|
| 19/25.09.2024 | 159048 | 135.92 |
| 20/25.09.2024 | 159049 | 142.71 |
| 21/25.09.2024 | 159051 | 149.32 |
| 22/25.09.2024 | 159053 | 85.35 |
| 23/25.09.2024 | 159055 | 162.67 |
| 24/25.09.2024 | 159056 | 157.61 |
| 25/25.09.2024 | 159057 | 88.97 |
| 26/25.09.2024 | 159059 | 94.70 |
| 27/25.09.2024 | 159061 | 63.16 |
| 28/25.09.2024 | 159062 | 128.05 |
| 29/25.09.2024 | 159063 | 80.53 |
| 30/25.09.2024 | 159065 | 23.14 |
| 31/25.09.2024 | 159069 | 124.23 |

उपरोक्त निर्माण कार्यो की निविदा की सामान्य शर्ते, धरोहर राशि, विस्तृत निविदा विज्ञाप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टल **https://eproc.cgstate.gov.in** मे दिनांक **10.10.2024** तक देखी जा सकती है एवं निविदा डाउनलोड की जा सकती है।

स्वा./- कार्यपालन अभियंता
लौक स्वास्थ्य यांत्रिकी खण्ड
बलौदाबाजार-भाटापारा (छ.ग.)

G-242502811/10

## Government of Odisha
## Sports & Youth Services Department

Reference No :- SYS-SEB-Events-0005-2024/29690/SYS Date - 25.09.2024

### Request For Proposal

**No.TT-10** : Sports & Youth Services Department, Government of Odisha invites bids from reputed agencies to the **"Engagement of Event Management Agency for 39th National Junior Athletics Championship (Date - 25th to 29th October 2024) by Sports and Youth Services Department, Government of Odisha".**
The details of the document are available at the below mentioned website.
Website : https://sports.odisha.gov.in/
https://tendersodisha.gov.in/
Interested firms / parties / agencies are advised to study the RFP document carefully before submitting their bid.

**Important Dates and Information :**
**Date of Publication - 25.09.2024**
**Last date and time for sending Pre-bid queries - Date : 1st October 2024 ; Time : 12:00**
**Pre-bid Meeting - Date : 1st October 2024 ; Time : 05:00 pm.**
**Last date and time of submission of proposal - 14th October 2024 Time : 4:00 pm**
**Opening of the Technical Bid - 14th October 2024 ; Time : 5:00 pm.**

OIPR-29001/11/0027/2425 Sd./- Director, Sports

## ସର୍ବସାଧାରଣଙ୍କ ପାଇଁ ଏକ ବିଶେଷ ସୂଚନା



ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ ଫିଲ୍ଡ କାର୍ଯ୍ୟ କରିଥିବା ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବାଘପାଲି ନିବାସୀ **ପ୍ରଦୀପ କୁମାର ପ୍ରଧାନ**ଙ୍କୁ ହେରଫେର ଅଭିଯୋଗରେ କାର୍ଯ୍ୟରୁ ବରଖାସ୍ତ କରାଯାଇଛି। ଗତ ଜାନୁଆରୀ ମାସରୁ ଅର୍ଥାତ୍ ଦୀର୍ଘ ୮ମାସ ହେଲା ପ୍ରଦୀପ କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ତଡ଼ି ଦିଆଯାଇଛି। ତାଙ୍କ ସହିତ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଆଉ କୌଣସି ସମ୍ପର୍କ ନାହିଁ। ଏଣୁ ଏହି ବ୍ୟକ୍ତିଙ୍କଠାରେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ସମ୍ପର୍କୀୟ କୌଣସି କାରବାର ସହ ଅର୍ଥ ଦେଣନେଣ କରନ୍ତୁ ନାହିଁ। ଏଥିପାଇଁ ଏହି ସୂଚନା ଦିଆଗଲା। ଏହା ସତ୍ତ୍ୱେ କେହି ପ୍ରଦୀପଙ୍କ ସହ ଅର୍ଥ କାରବାର କରନ୍ତି ତେବେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ଫକୀର କର୍ଣ୍ଣ, ଚେୟାରମ୍ୟାନ
ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼

## ODISHA HYDRO POWER CORPORATION LTD.

(A Gold Rated State PSU of Govt. of Odisha)
Regd. Office : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 0674-2542983/2542802/2545526/2542826
E-mail : ohpc.co@gmail.com, Website : www.ohpcltd.com
CIN : U40101OR1995SGC003963
No. OHPC : TECH : C&P : 28/2023-24/8229 Date : 20.09.2024

### NOTICE INVITING TENDER NO. - 13/2024-25

**No. CAD-1182** : Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed textile manufacturers or their authorised distributors fulfilling the eligibility criteria as per the terms & conditions of the tender for the work as mentioned below.

| Description of Materials | Cost of tender paper (Non-refundable in Rs.) | EMD in Rs. |
|---|---|---|
| Supply of Suiting & Shirting Fabrics for the employees of OHPC | 11,800.00 (10,000.00 + GST @ 18%) | 90,000.00 |

For details of the tender documents, terms & conditions and corrigendum / amendments please visit / refer our website www.ohpcltd.com from Dt. 01.10.2024

OIPR-04012/11/0009/2425 C & P Head

## BLOCK DEVLOPMENT OFFICER, BAMRA

Tender Call Notice
Order No. 5478/5481/Date. 25.09.2024

### Corrigendum

**No.i-197** : The Block Development Officer, Bamra invites percentage rate basis tender for Construction of "Construction of Additional Class Room at Rajabasa Primary School, Rangiatikra GP & Construction of Additional Class Room at Sarat Chandra High School, Nuadihi, Lariapali GP, Bamra Block under the fund of S&ME Department-2023-24. The detail of bid documents can be downloaded from district website www.Sambalpur.odisha.gov.in starts from Dt. 26.09.2024 to 17.10.2024 during office hour and receipt of bid documents starts from 26.09.2024 to 17.10.2024 upto 5.00 P.M. on all working days in office of the Block Development Officer, Bamra. The bid will be opened on dt.18.10.2024 at 10.00 A.M. Intending Class-C & Class-D contractor may visit dictrict website of Sambalpur www.Sambalpur.odisha.gov.in for detail information.

Sd./-
OIPR-19319/11/0002/2425 Block Development Officer, Bamra

## GOVERNMENT OF ODISHA
## DEPARTMENT OF PANCHAYATIRAJ & DRINKING WATER

Office of the Block Development Officer, Panchayat Samiti Boden, Nuapada - 766105
Tender Notice No.-(PSBDN)01/2024-25
e-mail address : ori-boden.nic.in

### PERCENTAGE RATE TENDER
No.3823 Dt.25.09.2024

1. The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in tendering system for the construction work detailed in the table below, which are eventully to be draw on P1 agreement.

| | |
|---|---|
| Package No. | **BID ID No. (PSBDN)01/2024-25** |
| Nature of Work | **8(Eight) Nos. Building works** |
| Approximate value of work | **3 No. Works - Rs. 13.03 Lakh (Excluding GST) 1 No. Work - Rs. 14.25 Lakh (Excluding GST) 4 No. Works - Rs. 9.93 Lakh (Excluding GST)** |
| Period of Completion | **06 (Six) Calendar Months** |
| Classification of Bidder | **'D' & 'C' class Contractor only** |
| Bid documents available Date and Time | **01.10.2024 to 19.10.2024 up to 5.00 P.M.** |
| Bid clarification start date & Closing date | **26.09.2024 to 19.10.2024 up to 5.00 P.M.** |
| Date, Time and Venue of opening of bid **online** | **22.10.2024 at 11.00 A.M.** at office of the Block Development Officer, Panchayat Samiti Boden, Nuapada |
| If stipulation arises the Tender will be decided through Lottery System | **22.10.2024 After evaluation** at office of the Block Development Officer, Panchayat Samiti Boden, Nuapada |

The details Tender Call Notice and Further details can be seen any addendum / corrigendum / cancellation to the above notice will be published in the Govt. website - **http://nuapada.odisha.gov.in.**

Sd./-
Block Development Officer
Boden

## ଦଶହରା, ଦୀପାବଳି ପାଇଁ ଶାନ୍ତି କମିଟି ବୈଠକ

# ରାବଣପୋଡ଼ିରେ ସବୁଜ ବାଣ ବ୍ୟବହାରକୁ ଗୁରୁତ୍ୱ

ସମ୍ବଲପୁର,୨୬।୯(ପ୍ରମୋଦ ବହିଦାର)

ଦଶହରା ଓ ଦୀପାବଳି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ସହରରେ ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ଆଲୋକୀକରଣ, ରାସ୍ତାଘାଟ ମରାମତି, ଆଇନଶୃଙ୍ଖଳା, ମଦ ବିକ୍ରୟ ଉପରେ କଟକଣା, ଟ୍ରାଫିକ୍ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଆପରାଧ ନିୟନ୍ତ୍ରଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଚଳିତବର୍ଷ ନଦୀ, ନାଳ ଆଦି ପ୍ରବାହିତ ଜଳ ଉତ୍ସରେ ମୂର୍ତ୍ତି ବିସର୍ଜନ ନ କରି ମୂର୍ତ୍ତି ବିସର୍ଜନ ପାଇଁ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ଜଳକୁଣ୍ଡ ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସହରର ବିଭିନ୍ନ ପୂଜା କମିଟିର ପ୍ରତିନିଧିମାନେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଅପମିଶ୍ରିତ ଖାଦ୍ୟ ଉପରେ କଟକଣ ସ୍ୱରୂପ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ, ଅସ୍ଥାୟୀ ଖାଦ୍ୟ ଷ୍ଟଲରେ ପ୍ରସ୍ତୁତ ଖାଦ୍ୟର ମାନକୁ ନିୟମିତ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀମାନ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରରେ ପ୍ରଦୂଷଣ ରୋକିବା ପାଇଁ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟ ବା ରାବଣପୋଡ଼ି ସମୟରେ ଆତସବାଜି ପାଇଁ ସବୁଜ ବାଣ ବ୍ୟବହାରକୁ ନିଶ୍ଚିତି କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପୋଲିସ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ପର୍ବପର୍ବାଣୀ ଦିନରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉକ୍ତଦିନ ମଦ ବିକ୍ରୟ ଉପରେ କଟକଣା ଲାଗୁ କରାଯାଇଥିବାବେଳେ ନକଲି ଓ ବେଆଇନ୍ ତଥା ଚୋରା ମଦ ଚାଲାଣ ରୋକିବା ଦିଗରେ ସ୍ୱତନ୍ତ୍ର ସ୍କ୍ୱାଡଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ପାର୍ବଣ ସମୟରେ ସମ୍ବଲପୁରକୁ ଆସୁଥିବା ଓ ବିଭିନ୍ନ ଦୋକାନକୁ ବଣ୍ଟନ ହେଉଥିବା ମଦର ପୁଙ୍ଖାନୁପୁଙ୍ଖ ହିସାବ ରଖିବାକୁ ଅବକାରୀ ବିଭାଗକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ପୂଜା ମଣ୍ଡପ ନିର୍ମାଣରେ ରାସ୍ତାରୁ ଆବଶ୍ୟକ ଦୂରତା ରକ୍ଷା ପାଇଁ ମଧ୍ୟ ବିଭିନ୍ନ ପୂଜା କମିଟିକୁ ନିବେଦନ କରାଯାଇଛି।

ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଓ ସମ୍ବଲପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ତଥା ପୂଜା କମିଟି ସଦସ୍ୟଙ୍କ ସହ ମିଳିତଭାବେ ନିର୍ଦ୍ଧାରିତ ସ୍ଥାନରେ ଦେବୀଙ୍କ ବିସର୍ଜନ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି କରାଯିବ। ଏଥିପାଇଁ ସମ୍ବଲପୁର ସହରରେ ତିନୋଟି ବୁର୍ଲା ଓ ହୀରାକୁଦରେ ଗୋଟିଏ ଲେଖାଏ ଅସ୍ଥାୟୀ ପୋଖରୀ ନିର୍ମାଣ ବିଚାରାଧୀନ ରହିଛି। ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟରେ ସାଉଣ୍ଡ ସିଷ୍ଟମର ଶବ୍ଦକୁ ୬୫ ଡେସିବେଲ ମଧ୍ୟରେ ସୀମିତ ରଖିବା ପାଇଁ ଅନୁରୋଧ କରାଯାଇଛି। କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ଏକ ସାଧାରଣ ସମନ୍ୱିତ ହେଲ୍ପ ଲାଇନ ନମ୍ବର ୧୮୦୦୩୪୫୬୭୯୧ ବିଶିଷ୍ଟ ଏକ ନିୟନ୍ତ୍ରଣ କକ୍ଷ ପୂଜା ସମୟରେ ୨୪ ଘଣ୍ଟାଧରି କାମ କରିବ।

ବୈଠକରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୁଚାରୁ କୁମାର ବଳ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଲବିନସ କେର୍କେଟା ଓ ହରେଶ ଚନ୍ଦ୍ର ପାଣ୍ଡେ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖଙ୍କ ସହିତ ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଟିପିଡବ୍ଲ୍ୟୁଓଡିଏଲ୍, ଜିଲାସ୍ୱାସ୍ଥ୍ୟ ବିଭାଗ, ଅବକାରୀ ଆଦି ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ଜଣସାଧାରଣ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦଶହରା ଓ ଦୀପାବଳି ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଅଧିକାରୀମାନେ।

## କଳାହାଣ୍ଡି ଲେଖିକା ସଂଘର ନୂଆଁଖାଇ ଭେଟ୍‌ଘାଟ୍




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା, ୨୬।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପରିସରରେ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲ ମୁଖ୍ୟଅତିଥି, ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସମ୍ପାଦକ ପୂଜ୍ୟପୂଜା ରମାକାନ୍ତ ମିଶ୍ର, ସାହିତ୍ୟିକା ଡ. ଆରତି କର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜ ବିହାର ପ୍ରଧାନାଚାର୍ଯ୍ୟ ମନୋଜ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦିକା କଳ୍ପନା ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବକବି ପ୍ରତାପ ପଣ୍ଡା ଓ ବନଶ୍ରୀ ଦାଶଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମଟିକୁ କବି ସୁମତି ମୁଣ୍ଡ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମୁଣ୍ଡ, ସୁକାନ୍ତ ସାହୁ, ସାମ୍ବାଦିକ ସ୍ୱାଧୀନ ପାତ୍ର ଓ ଦେବେନ୍ଦ୍ର ବିଶି, ପି ମୋହନ ରାଓ ପାତ୍ର, ତପନ ରଥଙ୍କ ସମେତ କଳାହାଣ୍ଡିର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ, ଆଜବେଷ୍ଟସ୍ ଛାଉଣି





ଦେବଗଡ଼,୨୬।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଲଗାଣ ବର୍ଷା ଯୋଗୁ ଗୁରୁବାର ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଲିଆଡିହି ଗ୍ରାମରେ ୨ଜଣଙ୍କ ଘର କାନ୍ଥ ଭୁଶୁଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ଗତ କିଛି ଦିନ ହେଲା ଉକ୍ତ ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ବର୍ଷା ପାଣିରେ ଓଦା ହୋଇ ଭାଲିଆଡିହୀ ଗ୍ରାମର ରମେଶ ନାୟକ ଓ ଝୁନୁ ନୟକଙ୍କ ଘରର କାନ୍ଥ ସନ୍ଧ୍ୟାରେ ଭୁଷୁଡ଼ି ଯାଇଥିଲା। ସେହିପରି ଏହାର ପ୍ରଭାବରେ ଉଭୟଙ୍କ ଘର ଉପରେ ଛାଉଣି ହୋଇଥିବା ଆଜବେଷ୍ଟ ଛାତ ମଧ୍ୟ ଭାଙ୍ଗିରୁଜି ଯିବା ସହ ଘର ବହୁ ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଉଭୟଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଏଭଳି କ୍ଷୟକ୍ଷତି ପାଇଁ ସେମାନେ ଭାଙ୍ଗି ପଡିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକାଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜବରଦଖଲ ହଟାଇ ଡ୍ରେନ୍, ରାସ୍ତା ନିର୍ମାଣ କର



ବୈଠକରେ ଉପସ୍ଥିତ ମହାନଗର ଅଧିକାରୀ ଏବଂ ବିଶେଷଜ୍ଞ କମିଟି ସଦସ୍ୟ।

## କୁଲୁଥକାନୀରେ ପରାମର୍ଶ ବୈଠକ

■୩୪ ନମ୍ବର ୱାର୍ଡରୁ ହଜିଗଲାଣି ମୋତିଝରନ ନାଳ

ସମ୍ବଲପୁର,୨୬।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ଚାରଭାଟିରୁ ଜେଲଛକ ରାସ୍ତାକଡ ସହ ବିଭିନ୍ନ ପଡାରେ ଡ୍ରେନ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ମହାନଗର ନିଗମର ଦୃଷ୍ଟି ଆକର୍ଷଣ କରିଛନ୍ତି । ପଡାଗୁଡିକରୁ ଜବରଦଖଲ ଉଚ୍ଛେଦ କରି ଶୀଘ୍ର ଡ୍ରେନ ଏବଂ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି । ଗୁରୁବାର ୱାର୍ଡସ୍ତରରେ ହିତାଧିକାରୀ ପରାମର୍ଶ ବୈଠକରେ ସ୍ଥାନୀୟ ଲୋକେ ମହାନଗର ନିଗମ ଅଧିକାରୀଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ମହାନଗର ନିଗମ ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞଙ୍କ ଉପସ୍ଥିତିରେ ସହରର କୁଲୁଥକାନି ଶିବ ମନ୍ଦିର ନିକଟ କମ୍ୟୁନିଟି ହଲରେ ଏହି ପରାମର୍ଶ ଅନୁଷ୍ଠିତ ହୋଇଥିଲା। ସାରସ୍ୱତ କଲୋନୀ ବିକାଶ ସମିତି କର୍ମକର୍ତ୍ତାମାନେ ପୁରା କଲୋନୀରେ ଡ୍ରେନେଜ ଏବଂ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। ମୋତିଝରନ ଅଞ୍ଚଳରୁ ଆସୁଥିବା ବର୍ଷା ଏବଂ ନର୍ଦ୍ଦମା ପାଣି ପୂର୍ବରୁ ମୋତିଝରନ ନାଳା ଦେଇ ହରଡ ଯୋରରେ ପଡୁଥିଲା। ହେଲେ ପୁରୁଣା ପୋଖରୀ ଏବଂ ନାଳକୁ ପୋତି ଜମି ମଧ୍ୟସ୍ଥମାନେ ପ୍ଲଟିଂ କରି ବିକି ଦେବା ପରେ ମୋତିଝରନ ନାଳା ତାର ଅସ୍ତିତ୍ୱ ହରାଇଛି। ଯାଦ୍ୱାରା ଏବେ ବର୍ଷା ହେଲେ ବନ୍ୟାଜଳ ସିଧାସଳଖ ସାରସ୍ୱତ କଲୋନୀ ଭିତରକୁ ପ୍ରବେଶ କରୁଥିବା କଲୋନୀର ବାସିନ୍ଦା ଅଭିଯୋଗ କରିଥିଲେ। ବହୁବର୍ଷ ହେବ ମୋତିଝରନ ନାଳକୁ ସଫା କରି ଜବରଦଖଲ ହଟାଇବାକୁ ଦାବି ହୋଇ ଆସୁଛି। ହେଲେ ଜମି ଦଲାଲମାନେ ନାଳକୁ କବଜା କରି ତାର ଧାର ଅନ୍ୟ ଦିଗକୁ ମୋଡି ସାରିଛନ୍ତି । ଯାହାକୁ ଦୀର୍ଘ ବର୍ଷ ହେବ କେହି ଧ୍ୟାନ ନଦେବାରୁ ଏବେ ପରିସ୍ଥିତ ଗୁରୁତର ହେବାକୁ ବସିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସେହିପରି ମାଉଲି ନଗର ଅଞ୍ଚଳରେ ମଧ୍ୟ ଜମି ମଧ୍ୟସ୍ଥମାନେ ପୁରୁଣା ନାଳକୁ ପୋତି ଦେଇଥିବାରୁ ଭବିଷ୍ୟତରେ ବନ୍ୟା ସମସ୍ୟା ହେବା ନେଇ ଲୋକେ ଅଭିଯୋଗ କରିଥିଲେ। ଜମି ବିକ୍ରୀ କରିବା ପାଇଁ ହରଡ ଯୋର କଡକୁ ମଧ୍ୟ ଜମି ମାଫିଆ ମାଟି ପୋତି ସାରିଥିବା ବେଳେ ଏହା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା। ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ କମିଟିର ସଦସ୍ୟମାନେ କୁଲୁଥକାନୀରେ ଡ୍ରେନେଜ ସମସ୍ୟା ସହ ରାସ୍ତାଘାଟର ଦୁରାବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ପୂର୍ବତନ ଶିକ୍ଷକ ଉଦୀତ ଚନ୍ଦ୍ର ପାଟଯୋଶୀ, ବିଶ୍ୱଜିତ ନାଥ, ରୁଦ୍ରାମଣି ଓରାମ, ପୂର୍ଣ୍ଣଚନ୍ଦ୍ର ପୁରୋହିତ, ସୁନୀଲ କୁମାର ଦେବ, ନମିତା ପ୍ରିୟମ୍ବଦା, ରାମବାଲା କୁମଦ, ନନ୍ଦିନୀ ରାଉତ, ବିନୋଦିନି ଓରାମ ପ୍ରମୁଖ ଅଞ୍ଚଳର ବିକାଶ ନେଇ ମାଷ୍ଟର ପ୍ଲାନ ତିଆରି କରି ତାକୁ ଠିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଡ୍ରେନଗୁଡିକ ନିୟମିତ ସଫା କରିବା, ନୂତନ ଡ୍ରେନ୍ ନିର୍ମାଣ, ବନ୍ଦ ଡ୍ରେନଗୁଡ଼ିକୁ ମୁଖ୍ୟ ଡ୍ରେନ୍ ସହିତ ସଂଯୋଗ କରିବା, ଜମି ରହିଥିବା ଜଳର ଶୀଘ୍ର ନିଷ୍କାସନ, ଡ୍ରେନ୍ ଉପରୁ ବେଆଇନ ଜବରଦଖଲ ହଟାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ମହାନଗର ନିଗମର ୱାର୍ଡ ଅଧିକାରୀ ମାଧବଚନ୍ଦ୍ର ପୃଷେଠ ବୁର୍ଲା ଏବଂ ହୀରାକୁଦ ସହିତ ସମ୍ବଲପୁର ସହରରେ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନ ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଉଥିବା ସୂଚନା ଦେଇଥିଲେ। ଏହି ଅବସରରେ ବିଶେଷଜ୍ଞ ସଦସ୍ୟ ସନ୍ତୋଷ ସାହୁ ଅଞ୍ଚଳର ସାଟେଲାଇଟ ଏବଂ ଗ୍ରଉଣ୍ଡ ସର୍ଭେ କରାଯାଇ ପାନୀୟ ଜଳ ନିଷ୍କାସନ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ବୈଠକରେ କନିଷ୍ଠ ଯନ୍ତ୍ରୀ ଇନ୍ଦ୍ରମଣି ସାହୁ, ବିଷେଷଜ୍ଞ କମିଟି ସଦସ୍ୟ ସୂର୍ଯ୍ୟକାନ୍ତ ସାହ ପ୍ରମୁଖ ଉପସ୍ଥିତ ଥିଲେ।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, दुमका। (814101)**
**(rdsddumka1@gmail.com)**

**शुद्धि पत्र**

इस कार्यालय के पत्रांक 1116 दिनांक 19.09.2024 द्वारा निर्गत निविदा आंमत्रित सूचना संख्या- RDSD/ DMK/ MMGSY/22/2024-25/RE-2 जिसका पी०आर० 336384 (Rural Work Development (24-25)_D है में निम्न प्रकार संशोधन किया जाता है :–

| क्रं० | पूर्व की तिथि | संशोधित तिथि |
|---|---|---|
| 1 | ई–निविदा प्राप्ति की तिथि एवं समय :–दिनांक 28.09.2024 (अपराह्न 5:00 बजे तक)। | ई–निविदा प्राप्ति की अंतिम तिथि एवं समय :–दिनांक 30.09.2024 (अपराह्न 5:00 बजे तक)। |
| 2 | निविदा खुलने की तिथि एवं समय:– दिनांक 30.09.2024 (समय 2:00 बजे अपराह्न)। | निविदा खुलने की तिथि एवं समय:– दिनांक 04.10.2024 (समय 2:00 बजे अपराह्न)। |

शेष सभी सूचनाऐं पूर्ववत रहेगी।

कार्यपालक अभियंता,
ग्रामीण विकास विशेष प्रमंडल,
दुमका

PR 337205 (Rural Work Department)24-25*D



**ଜିଲ୍ଲା ପରିଷଦ, ଅନୁଗୋଳ** No.CAD-1208
**ZILLA PARISAD, ANGUL**
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜିଲ୍ଲା - ଅନୁଗୋଳ, ଓଡ଼ିଶା, ପିନ୍ - ୭୫୯୧୨୨
Inside Collectorate Campus, Dist. - Angul, Odisha, PIN - 759122
E-mail : ori-dangul@nic.in, drdaangul@gmail.com
Notice No. : 3198 Date : 25.09.2024
(File No. : XV-55/2024)

**ADVERTISEMENT**

**Invitation of Application for Recruitment to the post of Gram Rozgar Sevak (GRS) under MGNREGS in Angul District**

Applications are invited from eligible candidates to fill up **144 Nos.** of posts of **Gram Rozgar Sevak (GRS)** to be engaged in different Gram Panchayats in Angul District on **Contractual basis** under MGNREGS. The newly engaged GRS will get a consolidated monthly remuneration of Rs. 7,000/- (Rupees Seven Thousand) only, after sucessfully worked for more than 01 year & less than 06 years will get Rs. 8,500/- (Rupees Eight Thousand Five Hundred) only per month & will get Rs. 8,880/- per month after sucessfully worked for more than 06 years. The last date of submission of application is **08.11.2024** through **Regd./Speed Posts** only. No other mode of submission will be accepted. Again the applications received after due date are liable for rejection. The detailed advertisement having No. of vacancies, remuneration, age, eligibility criteria, application format & other terms & conditions are available in the District official website https://angul.odisha.gov.in.

Collector-cum-DPC,
MGNREGS, Angul

OIPR-19236/11/0005/2425



**कार्यालय कार्यपालन अभियंता**
**लोक स्वास्थ्य यांत्रिकी खण्ड, बलौदाबाजार (छ.ग.)**
**ई-प्रोक्योरमेंट निविदा आमंत्रण सूचना**

ऑनलाईन निविदाएँ **प्रपत्र-ए** में एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से जल जीवन मिशन के **सिंगल विलेज** नलजल प्रदाय योजनांतर्गत निर्माण कार्य की ऑनलाईन निविदा आमंत्रित की जाती है:-

| निविदा सूचना क./दिनांक | सिस्टम क. | अनुमानित लागत (रू. लाख में) |
|---|---|---|
| 19/25.09.2024 | 159048 | 135.92 |
| 20/25.09.2024 | 159049 | 142.71 |
| 21/25.09.2024 | 159051 | 149.32 |
| 22/25.09.2024 | 159053 | 85.35 |
| 23/25.09.2024 | 159055 | 162.67 |
| 24/25.09.2024 | 159056 | 157.61 |
| 25/25.09.2024 | 159057 | 88.97 |
| 26/25.09.2024 | 159059 | 94.70 |
| 27/25.09.2024 | 159061 | 63.16 |
| 28/25.09.2024 | 159062 | 128.05 |
| 29/25.09.2024 | 159063 | 80.53 |
| 30/25.09.2024 | 159065 | 23.14 |
| 31/25.09.2024 | 159069 | 124.23 |

उपरोक्त निर्माण कार्यों की निविदा की सामान्य शर्तें, धरोहर राशि, विस्तृत निविदा विज्ञाप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टल **https://eproc.cgstate.gov.in** मे दिनांक **10.10.2024** तक देखी जा सकती है एवं निविदा डाउनलोड की जा सकती है।

स्वा./- कार्यपालन अभियंता
लौक स्वास्थ्य यांत्रिकी खण्ड
बलौदाबाजार-भाटापारा (छ.ग.)

G-242502811/10



**Government of Odisha**
**Sports & Youth Services Department**
Reference No :- SYS-SEB-Events-0005-2024/29690/SYS Date - 25.09.2024

**Request For Proposal**

**No.TT-10** : Sports & Youth Services Department, Government of Odisha invites bids from reputed agencies to the **"Engagement of Event Management Agency for 39th National Junior Athletics Championship (Date - 25th to 29th October 2024) by Sports and Youth Services Department, Government of Odisha".**
The details of the document are available at the below mentioned website.
Website : https://sports.odisha.gov.in/
https://tendersodisha.gov.in/
Interested firms / parties / agencies are advised to study the RFP document carefully before submitting their bid.

**Important Dates and Information :**
**Date of Publication - 25.09.2024**
**Last date and time for sending Pre-bid queries - Date : 1st October 2024 ; Time : 12:00**
**Pre-bid Meeting - Date : 1st October 2024 ; Time : 05:00 pm.**
**Last date and time of submission of proposal - 14th October 2024 Time : 4:00 pm**
**Opening of the Technical Bid - 14th October 2024 ; Time : 5:00 pm.**

OIPR-29001/11/0027/2425 Sd./- Director, Sports



**ସର୍ବସାଧାରଣଙ୍କ ପାଇଁ ଏକ ବିଶେଷ ସୂଚନା**



ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ ଫିଲ୍ଡ କାର୍ଯ୍ୟ କରିଥିବା ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବାଘପାଲି ନିବାସୀ **ପ୍ରଦୀପ କୁମାର ପ୍ରଧାନ**ଙ୍କୁ ହେରଫେର ଅଭିଯୋଗରେ କାର୍ଯ୍ୟରୁ ବରଖାସ୍ତ କରାଯାଇଛି। ଗତ ଜାନୁଆରୀ ମାସରୁ ଅର୍ଥାତ୍ ଦୀର୍ଘ ୮ମାସ ହେଲା ପ୍ରଦୀପ କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ତଡ଼ି ଦିଆଯାଇଛି। ତାଙ୍କ ସହିତ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଆଉ କୌଣସି ସମ୍ପର୍କ ନାହିଁ। ଏଣୁ ଏହି ବ୍ୟକ୍ତିଙ୍କଠାରେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ସମ୍ପର୍କୀୟ କୌଣସି କାରବାର ସହ ଅର୍ଥ ଦେଣନେଣ କରନ୍ତୁ ନାହିଁ। ଏଥିପାଇଁ ଏହି ସୂଚନା ଦିଆଗଲା। ଏହା ସତ୍ତ୍ୱେ କେହି ପ୍ରଦୀପଙ୍କ ସହ ଅର୍ଥ କାରବାର କରନ୍ତି ତେବେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ଫକୀର କର୍ଣ୍ଣ, ଚେୟାରମ୍ୟାନ
ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼



**ODISHA HYDRO POWER CORPORATION LTD.**
OHPC
(A Gold Rated State PSU of Govt. of Odisha)
Regd. Office : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 0674-2542983/2542802/2545526/2542826
E-mail : ohpc.co@gmail.com, Website : www.ohpcltd.com
CIN : U40101OR1995SGC003963
No. OHPC : TECH : C&P : 28/2023-24/8229 Date : 20.09.2024

**NOTICE INVITING TENDER NO. - 13/2024-25**

**No. CAD-1182** : Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed textile manufacturers or their authorised distributors fulfilling the eligibility criteria as per the terms & conditions of the tender for the work as mentioned below.

| Description of Materials | Cost of tender paper (Non-refundable in Rs.) | EMD in Rs. |
|---|---|---|
| Supply of Suiting & Shirting Fabrics for the employees of OHPC | 11,800.00 (10,000.00 + GST @ 18%) | 90,000.00 |

For details of the tender documents, terms & conditions and corrigendum / amendments please visit / refer our website www.ohpcltd.com from Dt. 01.10.2024

OIPR-04012/11/0009/2425 C & P Head



**BLOCK DEVLOPMENT OFFICER, BAMRA**
**Tender Call Notice**
Order No. 5478/5481/Date. 25.09.2024

**Corrigendum**

**No.i-197** : The Block Development Officer, Bamra invites percentage rate basis tender for Construction of "Construction of Additional Class Room at Rajabasa Primary School, Rangiatikra GP & Construction of Additional Class Room at Sarat Chandra High School, Nuadihi, Lariapali GP, Bamra Block under the fund of S&ME Department-2023-24. The detail of bid documents can be downloaded from district website www.Sambalpur.odisha.gov.in starts from Dt. 26.09.2024 to 17.10.2024 during office hour and receipt of bid documents starts from 26.09.2024 to 17.10.2024 upto 5.00 P.M. on all working days in office of the Block Development Officer, Bamra. The bid will be opened on dt.18.10.2024 at 10.00 A.M. Intending Class-C & Class-D contractor may visit dictrict website of Sambalpur www.Sambalpur.odisha.gov.in for detail information.

Sd./-
OIPR-19319/11/0002/2425 Block Development Officer, Bamra



**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**Office of the Block Development Officer, Panchayat Samiti Boden, Nuapada - 766105**
Tender Notice No.-(PSBDN)01/2024-25
e-mail address : ori-boden.nic.in

**PERCENTAGE RATE TENDER**
No.3823 Dt.25.09.2024

1. The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in tendering system for the construction work detailed in the table below, which are eventully to be draw on P1 agreement.

| | |
|---|---|
| Package No. | **BID ID No. (PSBDN)01/2024-25** |
| Nature of Work | **8(Eight) Nos. Building works** |
| Approximate value of work | **3 No. Works - Rs. 13.03 Lakh (Excluding GST)**<br>**1 No. Work - Rs. 14.25 Lakh (Excluding GST)**<br>**4 No. Works - Rs. 9.93 Lakh (Excluding GST)** |
| Period of Completion | **06 (Six) Calendar Months** |
| Classification of Bidder | **'D' & 'C' class Contractor only** |
| Bid documents available Date and Time | **01.10.2024 to 19.10.2024 up to 5.00 P.M.** |
| Bid clarification start date & Closing date | **26.09.2024 to 19.10.2024 up to 5.00 P.M.** |
| Date, Time and Venue of opening of bid **online** | **22.10.2024 at 11.00 A.M.** at office of the Block Development Officer, Panchayat Samiti Boden, Nuapada |
| If stipulation arises the Tender will be decided through Lottery System | **22.10.2024 After evaluation** at office of the Block Development Officer, Panchayat Samiti Boden, Nuapada |

The details Tender Call Notice and Further details can be seen any addendum / corrigendum / cancellation to the above notice will be published in the Govt. website - **http://nuapada.odisha.gov.in.**

Sd./-
**Block Development Officer**
**Boden**

**ୱାର୍ଲ୍ଡଫାର୍ମାସିଷ୍ଟ ଡେ ପାଳିତ**

ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର): ପାଟଣଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ୱାର୍ଲ୍ଡ ଫାର୍ମାସିଷ୍ଟ ଡେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୀତବାସ ସା ଯୋଗଦେଇ ଫାର୍ମାସିଷ୍ଟମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଅଶ୍ୱିନୀ ପଣ୍ଡା, ଭକ୍ତବନ୍ଧୁ ମହାନନ୍ଦ, ମନୋଜ ଆଚାର୍ଯ୍ୟ , ଅବିନାଶ ଭୋଇ, ଗଗନ ପଣ୍ଡା, ସ୍ୱାଗତ ମିଶ୍ର, ସୂର୍ଯ୍ୟକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ହସ୍ପିଟାଲରୁ ନବଜାତ ଶିଶୁ ବିକ୍ରି ଉଦ୍ୟମ ପଣ୍ଡ

ବଲାଙ୍ଗୀର/ଟିଟିଲାଗଡ଼,୨୬।୯ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

- ଶିଶୁ ଓ ମା'ଙ୍କୁ ଉଦ୍ଧାରକଲେ ଜିଲା ଶିଶୁ ସହାୟତା କେନ୍ଦ୍ର, ପୋଲିସ ଟିମ୍
- ସ୍ୱତନ୍ତ୍ର ପୋଷ୍ୟ କେନ୍ଦ୍ରରେ ଉଦ୍ଧାର ହୋଇଥିବା ଶିଶୁ ଓ ମା'

ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ମାତୃ ଓ ଶିଶୁ ହସ୍ପିଟାଲ(ଏମ୍‌ସିଏଚ୍)ରୁ ନବଜାତ ଶିଶୁପୁତ୍ର ବିକ୍ରି ଉଦ୍ୟମ ଘଟଣା ହଇଚଇ ସୃଷ୍ଟି କରିଛି। ତେବେ ଜିଲା ଶିଶୁ ସହାୟତା କେନ୍ଦ୍ର ଓ ପୋଲିସ ଟିମ୍‌ର ସମୟୋଚିତ ପଦକ୍ଷେପ ଯୋଗୁ ନବଜାତ ଶିଶୁ ବିକ୍ରି ଉଦ୍ୟମ ପଣ୍ଡ ହୋଇଥିବା ଜଣାପଡ଼ିଛି। ଗୁରୁବାର ଏହି ଘଟଣା ଜଣାପଡ଼ିବା ପରେ ସେହି ହସ୍ପିଟାଲରୁ ନବଜାତ ଶିଶୁ ଓ ତାଙ୍କ ମା'ଙ୍କୁ ଉଦ୍ଧାର କରାଯାଇ ବଲାଙ୍ଗୀରସ୍ଥିତ ସ୍ୱତନ୍ତ୍ର ପୋଷ୍ୟ କେନ୍ଦ୍ରରେ ରଖାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଟିଟିଲାଗଡ଼ ମାତୃ ଓ ଶିଶୁ ହସ୍ପିଟାଲରେ ଗତ ୨୦ ତାରିଖରେ ଜଣେ ବିଧବା ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ସମ୍ପୃକ୍ତ ପ୍ରସୂତି ମହିଳାଙ୍କ ଦୁଃସ୍ଥିତି ତଥା ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ନବଜାତ ଶିଶୁପୁତ୍ରକୁ ବିକ୍ରି ଉଦ୍ୟମ କରିଥିଲେ। ଅସ୍ତ୍ରୋପଚାର ପରେ ଶିଶୁପତ୍ରକୁ ଜନ୍ମ ଦେଇଥିବାରୁ ସମ୍ପୃକ୍ତ ମହିଳା ଜଣକ ହସ୍ପିଟାଲ ୱାର୍ଡରେ ଭର୍ତ୍ତି ହୋଇରହିଥିଲେ। ଇତିମଧ୍ୟରେ ଅନେକ ଲୋକ ହସ୍ପିଟାଲକୁ ବାରମ୍ବାର ଯିବା ଆସିବାକରି ଶିଶୁପୁତ୍ର କିଣିବା ଉଦ୍ୟମ ଆରମ୍ଭ କରିଥିଲେ। ଶିଶୁପୁତ୍ରକୁ କ୍ରୟ କରିବା ପାଇଁ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଘଟଣା ପ୍ରଘଟ ହୋଇଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତତ୍ତ୍ୱାବଧାନରେ ଜିଲା ଶିଶୁ ସହାୟତା କେନ୍ଦ୍ର ସଦସ୍ୟ ଘଟଣା ଉପରେ ବରାବର ନଜର ରଖି ଆସିଥିଲେ । ଜିଲା ଶିଶୁ ସହାୟତା କେନ୍ଦ୍ର ଓ ଟିଟିଲାଗଡ଼ ପୋଲିସ ଟିମ୍ ଗୁରୁବାର ହସ୍ପିଟାଲରେ ଚଢ଼ାଉକରି ଉଭୟ ନବଜାତ ଶିଶୁ ଓ ତାଙ୍କ ମା'ଙ୍କୁ ଉଦ୍ଧାର କରିଥିଲେ। ଜିଲା ଶିଶୁ ସହାୟତା କେନ୍ଦ୍ର ପ୍ରକଳ୍ପ ସଂଯୋଜକ ବିକ୍ରମ ପଣ୍ଡା ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ଉଦ୍ଧାର ପରେ ନବଜାତ ଶିଶୁପୁତ୍ରକୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। ପରେ ଉଭୟ ଶିଶୁ ଓ ମହିଳାଙ୍କୁ ପେଲେସ ଲାଇନସ୍ଥିତ ସ୍ୱତନ୍ତ୍ର ପୌଷ୍ୟ କେନ୍ଦ୍ରରେ ରଖାଯାଇଛି। ଉଭୟ ନବଜାତ ଶିଶୁ ଓ ମା' ସୁସ୍ଥ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ସିଂ ସୂଚନା ଦେଇଛନ୍ତି। ଶିଶୁ ବିକ୍ରି ଉଦ୍ୟମ ପଣ୍ଡହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଖପ୍ରାଖୋଲ,୨୬।୯(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗାଁରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ମହୁରୁଣ୍ଡି ଗାଁ ହରି ମୁଣ୍ଡାଙ୍କ ପୁଅ ଗୁଲୁଠୁ ଓରଫ ଶକ୍ତିମାନ ମୁଣ୍ଡା(୨୫)। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଯୁବକ ଜଣକ ଖାଇ ସାରି ନିଜ ଘରେ ଶୋଇଥିବା ବେଳେ ଏକ ସାପ କାନକୁ କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ପାଟଣାଗଡ ଡାକ୍ତରଖାନା ଓ ପରେ ବଲାଙ୍ଗୀର ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶକ୍ତିମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ବଲାଙ୍ଗୀର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଗୋଣ୍ଡ ସମାଜର ନୂଆଁଖାଇ ଭେଟଘାଟ

କଣ୍ଟାବାଞ୍ଜି,୨୬।୯(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଲର୍କି ଠାରେ ବୁଧବାର ଦିନ ଗୋଣ୍ଡ ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଧ୍ରୁବ ଗୋଣ୍ଡ ସାଂସ୍କୃତିକ ସମାଜ ଦ୍ୱାରା ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ତୁରେକେଲା ସରପଞ୍ଚ ଜଳନ୍ଧର ମହାଖୁଡ, ସମାଜ ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଗୋଣ୍ଡ ସମାଜର ବିକାଶ ପାଇଁ ବିଧାୟକ ବାଗ ନିଜର ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି କହିଥିଲେ।

### ଶତାୟୁ ମହିଳାଙ୍କ ପରଲୋକ

ଦେଓଗାଁ,୨୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାଜୁଏଡ ପଡାର ଶତାୟୁ ମନ୍ଦାକିନୀ ସାହୁ (୧୦୦)ଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ମହିଳା ଭାବେ ଜଣାଶୁଣା ଥିଲେ । ମୃତ୍ୟୁ ବେଳକୁ ତାଙ୍କ ପୁଅ ଯଯାତି ଓ ଜନ୍ମେଜୟ, ବୋହୂ, ନାତୁଣୀ ନାତି ଉପସ୍ଥିତ ଥିଲେ। ସ୍ଥାନୀୟ ସୋନଗଡ ନଦୀ ତଟରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କ ପୁଅ ଯଯାତି କେଶରୀ ସାହୁ ମୁଖାଗ୍ନି ଦେଇଥିଲେ । ପ୍ରକାଶ ଯେ ତାଙ୍କ ବଡ ପୁଅ ସ୍ୱର୍ଗତ ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ସାହୁ ଓ ଦ୍ୱିତୀୟ ପୁତ୍ର ସ୍ୱର୍ଗତ ସ୍ୱାମୀ ଜୟକିଶୋରା ନନ୍ଦ ସରସ୍ୱତୀଙ୍କ ପୂର୍ବରୁ ପରଲୋକ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

### ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟଘାଟ

ଦେଓଗାଁ,୨୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ମହଲେଇ ପଞ୍ଚାୟତ ଅନ୍ତର୍ଗତ ହଲଦୀପାଲି ଗାଁରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଜିଲା ଆୟୋଜନ ସମିତି ତଥା ଦେଓଗାଁ ମଣ୍ଡଳ ମହଲେଇପଲ୍ଲୀ ଆୟୋଜନ ସମିତି ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁରଥ ଧରୁଆଙ୍କ ପରିଚାଳନା ତଥା ମହଲେଇ ପଲ୍ଲୀ ଆୟୋଜନ ସମିତିର ସଭାପତି ଲୋଚନ ଧରୁଆଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଜିଲା ଆୟୋଜନ ସମିତି ମହାସଚିବେ ରାମଚନ୍ଦ୍ର ଧରୁଆ, ମୁଖ୍ୟବକ୍ତା ଭାବେ ଭାଗବତ ପ୍ରସାଦ ଧରୁଆ, ସମ୍ମାନିତ ଅତିଥି ଭାବେ ଦାଶରଥି ଭୋଇ, ସୁଦାମ ଭୋଇ, ମହେନ୍ଦ୍ର ମଲ୍ଲିକ, ସୁବ୍ରତ କୁଅଁର, ଚନ୍ଦ୍ରଶେଖର କୁଅଁର, ସୁବାଷ ଭୋଇ ମଞ୍ଚାସୀନ ରହି ଗୋଣ୍ଡ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମୁହିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସଇଁତଲାର ସନ୍ତୋଷ ପୁଟା, ଲୋଇସିଂହାର ଦଶରଥ ଛତ୍ରିଆ, ଆଗଲପୁର ଭୁବନେଶ୍ୱର ଧରୁଆ, ଗୁଡଭେଲା ସମ୍ପତି ମାଝୀ, ଟିକେଶ୍ୱର ଧରୁଆ, ଜିଲା କଳା ସଂସ୍କୃତି ଉପସଭାପତି ସୁଦାମ ବିଶି ପ୍ରମୁଖ ଯୋଗ ଦେଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼, ପ୍ରଧାନ ଶିକ୍ଷକ ଗିରଫ

ଲୋଇସିଂହା,୨୬।୯(ସୁଶାନ୍ତ ବାରିକ)



ଗିରଫ ଶିକ୍ଷକ ଦଶରଥ ଭୋଇ ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ସେମେଲମୁଣ୍ଡା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୩ୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଗୁରବାର ପୋଲିସ ଗିରଫ କରିଛି। ଗିରଫ ପ୍ରଧାନଶିକ୍ଷକ ହେଲେ ନଅଗାଁ(ଖ) ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଗ୍ରାମର ଦଶରଥ ଭୋଇ(୫୨)। ଲୋଇସିଂହା ଡାକ୍ତରଖାନାରେ ପୀଡିତ ଛାତ୍ର ଏବଂ ପ୍ରଧାନଶିକ୍ଷକଙ୍କ ଡାକ୍ତରୀ ମାଇନା ଗୁରୁବାର କରାଯାଇଥିଲା। ଏହାପରେ ଗିରଫ ପ୍ରଧାନଶିକ୍ଷକ ଭୋଇଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଶିକ୍ଷକ ଭୋଇଙ୍କ ସ୍ୱାସ୍ଥ୍ୟଗତ କାରଣ ଯୋଗୁ କୋର୍ଟରେ ଜାମିନ ମିଳି ଯାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଦିନ ସଂପୃକ୍ତ ଛାତ୍ରଙ୍କୁ ପ୍ରଧାନଶିକ୍ଷକ ଅମାନୁଷିକ ଭାବରେ ମାଡ଼ ମାରିଥିଲେ। ମାଡ଼ ଯୋଗୁ ଛାତ୍ରଙ୍କ ପିଠିରେ ଦାଗ ପଡି ଯାଇଥିଲା। ଛୁଟି ପରେ ଛାତ୍ର ଜଣକ ଘରକୁ ଯାଇ ଘଟଣା ସଂକ୍ରାନ୍ତରେ ଅଭିଭାବକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକଙ୍କ ଏପରି କାଣ୍ଡକୁ ନେଇ ପୀଡିତ ଛାତ୍ରଙ୍କ ଅଭିଭାବକ ପ୍ରତିକ୍ରିୟାଶୀଳ ହୋଇ ପଡିଥିଲେ। ବୁଧବାର ପୀଡିତ ଛାତ୍ରଙ୍କ ଅଭିଭାବକ ଲମ୍ବୋଦର ପଧାନ ଘଟଣା ନେଇ ଲୋଇସିଂହା ଥାନାରେ ଏତଲା ଦେଇଥିଲେ। ଅଭିଭାବକଙ୍କ ଅଭିଯୋଗ ଆଧାରରେ ଦଫା୧୨୬(୨)/୧୧୫(୨) ଭାରତୀୟ ନ୍ୟାୟ ସଂହିତା/୭୫ ଯୁଭେନାଇଲ ଆକ୍ଟ ୨୦୧୫ ଅନୁଯାୟୀ ଥାନା କେସ ନଂ ୩୩୩।୨୪ରେ ଏକ ମାମଲା ରୁଜୁ ହୋଇଛି।

## ପ୍ରାଣୀ ସହାୟକ ଚିକିତ୍ସାଳୟରେ ଜମୁଛି ଭୋଜିଭାତ ଆସର

ଲାଠୋର,୨୬।୯(ଭୁବନେଶ୍ୱର ବାରିକ)



- ବଢୁଛି ଅସାମାଜିକ କାର୍ଯ୍ୟକଳାପ
- ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦାବି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ବେନ୍ଦେର ପ୍ରାଣୀ ସହାୟକ ଚିକିତ୍ସାଳୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଯୋଗୁ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଗୋଷ୍ଠୀ ସେଠାରେ ଆଡ୍ଡା ଜମାଇ ଭୋଜିଭାତର ଆୟୋଜନ କରୁଛନ୍ତି। ଏପରି କି ଅନେକ ସମୟରେ ମଦପାନ କରି ଗୃହ ଚାରିପାଖେ ବୋତଲ, ଜରି ଆଦି ଫିଙ୍ଗି ଅପ୍ରୀତିକର ପରିବେଶ ସୃଷ୍ଟି କରୁଛନ୍ତି। ଏନେଇ ବର୍ଷେ ଆଗରୁ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍କାଳୀନ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ ଚିକିତ୍ସାଳୟକୁ ପରିଦର୍ଶନରେ ଆସି ସମସ୍ୟା ନେଇ ଅବଗତ ହୋଇ ଫେରିଥିଲେ । କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଗତ ୫ ବର୍ଷ ପୂର୍ବେ ବେନ୍ଦେର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ପ୍ରାଣୀ ସହାୟକ ଚିକିତ୍ସାଳୟ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ଆଜିଯାଏ ସେଠାରେ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯାଇ ସାନଗୁର୍ଜିଭଟା ଏଲଆଇଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସରକାରୀ ନିୟମ ଅନୁସାରେ ସଂପୃକ୍ତ ଏଲଆଇ ସପ୍ତାହକୁ ୨ ଦିନ ଚିକିତ୍ସାଳୟ ଖୋଲି ଲୋକଙ୍କ ଗାଈ, ଗୋରୁ, ଛେଳି, ମେଣ୍ଢା ଆଦି ପଶୁଙ୍କ ଚିକିତ୍ସା କରିବା କଥା। ହେଲେ ସେ ସେଠାକୁ ଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବେନ୍ଦେର, ଚହକପଡ଼ା, ଭରୁଆମୁଣ୍ଡା, କୁଇମୁଣ୍ଡା, ବାଦିମାଲ ଏବଂ ଭାଲୁଚୁଆଁ ଗ୍ରାମର ଅଧିବାସୀମାନେ ସେମାନଙ୍କ ଗୃହପାଳିତ ପଶୁପକ୍ଷୀମାନଙ୍କ ପାଇଁ କୌଣସି ପ୍ରକାର ସରକାରୀ ସେବା ପାଇପାରୁ ନାହାନ୍ତି। ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତି ଖର୍ଚ୍ଚାନ୍ତ ହୋଇ ନିଜ ଗୃହପାଳିତ ପଶୁ ପକ୍ଷୀକୁ ଆବଶ୍ୟକ ଚିକିତ୍ସା କରାଉଥିବା ବେଳେ ଗରିବ ଲୋକ ନା ନା ସମସ୍ୟାର ସମ୍ମୁଖୀନ ହୋଇ କ୍ଷତିରେ ପଡୁଛନ୍ତି। ଏନେଇ ଲାଠୋର ପ୍ରାଣୀଧନ ଚିକିତ୍ସକ ଡା.ବି.ଷଡଙ୍ଗୀଙ୍କୁ ପଚାରିବାରେ କର୍ମଚାରୀ ଅଭାବ ହେତୁ ସେଠାରେ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ଯେଉଁ ଏଲଆଇ ସେଠିକାର ଦାୟିତ୍ୱରେ ରହିଛନ୍ତି ସେ ସରକାରୀ ନିୟମ ଅନୁସାରେ କାମ କରିବା କଥା । ତେବେ ଘଟଣାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଆଇନ ସଚେତନତା ଶିବିର

ଟିଟିଲାଗଡ଼,୨୬।୯(ଶରତ ମିଶ୍ର)

ତାଲୁକ ଆଇନ ସେବା ସମିତି, ଟିଟିଲାଗଡ଼ର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବୁଧବାର ବ୍ଲକ ଅନ୍ତର୍ଗତ ଖୋଲାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସେଫଟି ଅନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏଣ୍ଡ ସାଇବର ଲଜ ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର ଯୋଗଦେଇ ସାମାଜିକ ଗଣମାଧ୍ୟମ ଖରାପ ନ ହେଲେ ମଧ୍ୟ ଏହା ଯେପରି ଆମ ଉପରେ କୁପ୍ରଭାବ ନ ପକାଉ ସେ ନେଇ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଅଜାଣତରେ ଅନେକ ବ୍ୟକ୍ତି ସାଇବର ଅପରାଧର ଶିକାର ହେଉଛନ୍ତି। ଭିଡିଓ, ଫୋଟୋ ଭାଇରଲ ହେବା, କୌଣସି ଅଜଣା ଲିଙ୍କରେ କ୍ଲିକ୍ କରିବା, ଅଜଣା ଲୋକଙ୍କୁ ଓଟିପି ଦେବା, ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେବା ଆଦି ନେଇ ସମସ୍ୟା ସୃଷ୍ଟି ହେଉଛି । ଏହାର ମୁକାବିଲା ପାଇଁ ସଚେତନ ହେବାକୁ ଏସ୍‌ଡ଼ିପିଓ ସତର୍କ କରିଥିଲେ । ଶିବିରରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ମିନକେତନ କିଷାନ, ସମିତି ଫ୍ରଣ୍ଟ ଅଫିସ ରିଟେନର ଟିପକାରୀ ବେହେରା, ଲିଗାଲ ପେନାଲ ଲୟର ସନ୍ଧ୍ୟା ଥାପା, ଆଇନଜୀବୀ ରୁପେଶ ରାଜୁ ପ୍ରମୁଖ ଝିଅମାନଙ୍କ ଉପରେ ଏସିଡ ଆକ୍ରମଣ, ମହିଳା, ଶିଶୁ, ଭିନ୍ନକ୍ଷମ, ଏସସିଏସଟି ଆଦିଙ୍କ ପାଇଁ ରହିଥିବା ମାଗଣା ଆଇନ ସହାୟତା ନେଇ ଆଲୋଚନା କରିଥିଲେ। ଜୀବର୍ଦ୍ଧନ ଛତ୍ରିଆ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ନଳିନୀ ବେହେରା, ପୁଷ୍ପାଞ୍ଜଳି ଜାଲ, ନିକିତା ହୋତା, ଯୋଗନ୍ତିନୀ ପଧାନ, ସୁଧାଂଶୁ ରଣା, ବିକାଶ ଖରସେଲ, ଭୁବନ କାଣ୍ଡ, ହେମାଙ୍ଗିନୀ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ଅଗ୍ନି ସୁରକ୍ଷା କାର୍ଯ୍ୟକ୍ରମ

ସଇଁତଲା,୨୬।୯(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଚଣ୍ଡାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଗ୍ନି ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଇଁତଲା ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଆଗ୍ନିକ ଅମର ସିଂ ଭୋଇ, ହାବିଲଦାର ସୂର୍ଯ୍ୟକାନ୍ତ ସାହୁ, ଆଗ୍ନିକ ଦିବାକର ପଟ୍ଟନାୟକ, ରାଧେଶ୍ୟାମ ସାହୁ, ବୁଦ୍ଧଦେବ ପ୍ରଧାନ, ଇନ୍ଦ୍ରଜିତ ଭୋଇ ପ୍ରମୁଖ ଉପସ୍ଥିତ ରହି ନିଆଁର ବର୍ଗୀକରଣ, ବିଭିନ୍ନ ପ୍ରକାର ନିଆଁ ଲିଭାଇବା କୌଶଳ ତଥା ଆହତ ବ୍ୟକ୍ତିକୁ ସ୍ଥାନାନ୍ତରିତ ଡେମଷ୍ଟ୍ରେଶନ ମଧ୍ୟରେ ଛାତ୍ରୀଛାତ୍ର , ଗ୍ରାମବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଦର୍ଶନ ଦାଶ,, କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ନନ୍ଦ, ସମୀର ସେଠୀ, ଦୀପକ ସେନ ଧରୁଆ, ହିମାଂଶୁ ଶେଖର ବିଶ୍ୱାଳ, ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ, ତପସ୍ୱିନୀ ପଟେଲ, ଶିବାନୀ ମଲ୍ଲିକ, କାନ୍ତି ଭୋଇ, ଦୌପଦୀ ଭୋଇ, ଜୁନିୟର ଆସିଷ୍ଟାଣ୍ଟ ଅବିନାଶ ଭୋଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ରାଜ୍ୟ ସାଧନ କର୍ମୀ ରାମ ନାରାୟଣ ଦାଶ ପରିଚାଳନା କରିଥିଲେ । ଖେଳ ଶିକ୍ଷୟିତ୍ରୀ ରେଣୁକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଲ ଗଲେ ସ୍ୱାମୀ, ଶାଶୁ ଓ ଶ୍ୱଶୁର



ଗିରଫ ସ୍ୱାମୀ, ଶାଶୁ ଓ ଶ୍ୱଶୁର ।

ବେଲପଡ଼ା,୨୬।୯(ମନୋଜ କୁମାର ମିଶ୍ର)

**ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଝରିଆମୁଣ୍ଡା ଗାଁରେ ନବବିବାହିତା ମାଧୁରୀ ନାଗ (୨୧)ଙ୍କ ଝୁଲନ୍ତା ମୃତଦେହ ଜବତ ହେବା ଘଟଣାରେ ପୋଲିସ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ,ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପାଟଣାଗଡ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ବୁଧବାର ସକାଳେ ଖବରପାଇ ବେଲପଡା ପୋଲିସ ମାଧୁରୀଙ୍କ ମୃତଦେହ ତାଙ୍କ ଶ୍ୱଶୁର ଘରୁ ଜବତ କରିଥିଲା । ମହିଳାଙ୍କ ବାପଘରେ ଲୋକେ ପାରିପାର୍ଶ୍ୱିକ ସ୍ଥିତି ଦେଖି ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ମାଧୁରୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ମାମୁଁ ଗୁଣ ବାଗ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ମାଧୁରୀଙ୍କ ସ୍ୱାମୀ ବିକ୍ରମ ନାଗ, ଶ୍ୱଶୁର କନ୍ଦର୍ପ ନାଗ ଓ ଶାଶୁ କୁମାରୀ ନାଗଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ବେଲପଡା ଥାନାରେ ୨୭୦/୨୪ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ ଗତ ଫେବୃୟାରୀ ମାସରେ ବିକ୍ରମ ମୁରିବାହାଲ ଥାନା ହଳଦି ଗ୍ରାମର ମୋହନ ବାଗଙ୍କ ପାଳିତା ଝିଅ ମାଧୁରୀଙ୍କୁ ବିବାହ କରିଥିଲେ।

## ତାତିଲେ ଗ୍ରାମବାସୀ, ରାତିସାରା କର୍ମଚାରୀଙ୍କୁ ଅଟକ

ଲୋଇସିଂହା,୨୬।୯(ସୁଶାନ୍ତ ବାରିକ)

**କୁମୁଣ୍ଡେରେ ବିଦ୍ୟୁତ ବିଭ୍ରାଟ**

ବଲାଙ୍ଗୀର ଜିଲା ଲୋଇସିଂହା ବିଦ୍ୟୁତ ଗ୍ରୀଡ ଅଧୀନ କୁମୁଣ୍ଡେ ଗ୍ରାମରେ ବିଦ୍ୟୁତ ବିଭ୍ରାଟ ଲାଗି ରହିଛି । ଏହାକୁ ନେଇ ଗ୍ରାମର ବିଦ୍ୟୁତ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ରାତିରେ ଏହାକୁ ନେଇ ଗ୍ରାମବାସୀ ଉତ୍ୟକ୍ତ ହୋଇ କେତେଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ ରାତି ସାରା ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ଲୋଇସିଂହା ଗ୍ରୀଡରୁ ମେଣ୍ଡା ଫିଡର ଜରିଆରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଉଛି । ଦୂରତା ଯୋଗୁ ଅନେକ ସମୟରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଏକ ନିୟମିତ ଘଟଣା ପାଲଟିଛି ।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରୁ ଗାଁରେ ବିଦ୍ୟୁତ୍ ସରବରାହ ନ ଥିଲା । ଏନେଇ ଗ୍ରାମର ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଅପରାହ୍ନରେ ଅବଗତ କରିଥିଲେ। ବାରମ୍ବାର ଅଭିଯୋଗ ପରେ ରାତି ସାଢେ ୧୦ ଟାରେ କେତେକ କର୍ମଚାରୀ ଗାଁରେ ପହଞ୍ଚିଥିଲେ । ରାତିରେ ମଶା ଉପଦ୍ରବ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ପାଠପଢା ଏବଂ ଅନ୍ୟାନ୍ୟ କାର୍ଯ୍ୟ ବ୍ୟାହତ ହେବା କହି ଗ୍ରାମବାସୀ ସେମାନଙ୍କୁ ଘେରି ଯାଇଥିଲେ । ଗାଁ ମଝିରେ ଥିବା ରାମଜୀ ମନ୍ଦିରରେ ସେମାନଙ୍କୁ ଅଟକ ରଖି ଉପରିସ୍ଥ ଅଧିକାରୀଙ୍କୁ ସେଠାକୁ ଡାକିବାକୁ ଗ୍ରାମବାସୀ କହିଥିଲେ। କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ ସୁଦ୍ଧା ସେଠାକୁ କେହି ଯାଇ ନ ଥିଲେ । ଫଳରେ ଗ୍ରାମବାସୀ ଅଟକ ରଖିଥିବା କର୍ମଚାରୀଙ୍କୁ ରାତି ୪ଟାରେ ଛାଡିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମର ସୁକତେଲ ନଦୀ ତଟ ଦେଇ ପଞ୍ଚାୟତ ମୁଖ୍ୟାଳୟ ରାଣୀସର୍ଡା ଗ୍ରାମର ଏକ କୁକୁଡା ଫାର୍ମକୁ ବିଦ୍ୟୁତ ସଂଯୋଗ ହୋଇଛି। କୁକୁଡା ଫାର୍ମକୁ ସୁରକ୍ଷା ଦେବାକୁ ଯାଇ କୁଆଡେ କୁମୁଣ୍ଡେ ଗ୍ରାମକୁ ଅନ୍ଧାରରେ ରଖିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ବିଭିନ୍ନ ସ୍ଥାନରେ ଫଲଟ ଦେଖି ଯିବାରୁ ବିଳମ୍ବ ହୋଇଥିଲା । ଦିନବେଳା ଡିଉଟିରେ ଥିବା କର୍ମଚାରୀଙ୍କ ଅବହେଳାରୁ ଆମେ ଫସିଲୁ ବୋଲି ଅଟକ ଥିବା କର୍ମଚାରୀ କହିଛନ୍ତି ।

## ୧୦ ଦଫା ଦାବି ନେଇ ଧାରଣା

ବଲାଙ୍ଗୀର,୨୬।୯(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଧାରଣା ଦିଆଯାଇଥିଲା। ହସ୍ପିଟାଲରେ କାର୍ଯ୍ୟରତ ନର୍ସିଂ ଷ୍ଟାଫ ଧାରଣା ଦେଇଥିଲେ। ୧୨ ନଭେମ୍ବର ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କର ୬ ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରିବା ଓ ଯୋଗ୍ୟ ନର୍ସିଂ ଅଫସରମାନଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି କରିବାକୁ ଦାବି କରାଯାଇଛି। ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ଅବା ସ୍ଥିରୀକୃତ ଅବଧିକୁ କମ କରି ୧୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସର ମାନଙ୍କର ଏକ ସମୟରେ ଦୁଇଟା ପଦୋନ୍ନତି ଦିଆଯିବା ସହ ୧୦ ଦଫା ଦାବି କରାଯାଇଛି। ନର୍ସିଂ ଷ୍ଟାଫଙ୍କ ଧାରଣା ଯୋଗୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ସେବା ପ୍ରଭାବିତ ହୋଇଥିବା ଜଣାପଡିଛି।

## ବ୍ଲକସ୍ତରୀୟ ସଫାଇ ମିତ୍ର ସୁରକ୍ଷା ଶିବିର

ଦେଓଗାଁ,୨୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବ୍ଲକସ୍ତରୀୟ ସଫାଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଜୀବିକା ମିଶନ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ଅଧିକାରୀ ଡ. ଚିତ୍ତରଞ୍ଜନ ମିଶ୍ର, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ସ୍ୱଚ୍ଛତା ହିଁ ସେବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଉପସ୍ଥିତ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କୁହାଯାଇ ଘର, ଆଖପାଖ ଅଞ୍ଚଳ ଓ ପରିବେଶ କିପରି ସଫା ସୁତୁରା ରଖାଯିବ ସେ ସମ୍ପର୍କରେ ଅତିଥିବୃନ୍ଦ କହିଥିଲେ । ଏହି ଅବସରରେ ସଫେଇ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ଗ୍ରୁପର ସଦସ୍ୟାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭୀମପାହାଡଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଡିଓ ଭୋଇ ସୂଚନା ଦେଇଥିଲେ।



ସୁରକ୍ଷା ଶିବିର ।

## ଯୁବୋଦୟ ଛାତ୍ରୀଛାତ୍ର ଗାଁରେ ପାଳିଲେ ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ

ବଲାଙ୍ଗୀର,୨୬।୯(ବୀରେନ୍ଦ୍ର କୁମାର ଝାଙ୍କର)



ଯୁବୋଦୟ ଛାତ୍ରୀଛାତ୍ରମାନେ ସକ୍‌ମାଁ ଗାଁ ଲୋକଙ୍କୁ ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଉପରେ ବୁଝାଉଛନ୍ତି।

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟର ବିସିଏ ଏବଂ ବିବିଏ ପାଠ୍ୟକ୍ରମ ଛାତ୍ରୀଛାତ୍ରମାନେ ଗୁରୁବାର ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ସକ୍‌ମା ଗାଁରେ ନିଆରା ଭାବେ ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନେ ସକ୍‌ମା ଗାଁ ପରିଦର୍ଶନ କରିଥିଲେ। ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା, ସ୍ୱଚ୍ଛ ପାଣି ଏବଂ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ଗଛ ଲଗାଇବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ କହିଥିଲେ। ଜଙ୍ଗଲ ଧ୍ୱଂସର କୁପରିଣାମ, ଜଳବାୟୁ ପରିବର୍ତ୍ତନ ଏବଂ ମଣିଷ ଓ ଜୀବଜନ୍ତୁ ଉପରେ ଏହାର ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପରିବେଶ ନଷ୍ଟ ହେଲେ ଆମର ଆଗାମୀ ପିଢି କିଭଳି ଅସୁବିଧା ଭୋଗ କରିବେ ଏବଂ ସମଗ୍ର ମାନବ ସଭ୍ୟତା ଉପରେ କିଭଳି ପ୍ରଭାବ ପଡିବ ସେନେଇ ଲୋକଙ୍କୁ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟକ୍ରମର ପ୍ରଥମ ବର୍ଷର ପରିବେଶ ଅଧ୍ୟୟନରେ ଶିଖିଥିବା ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ଲୋକଙ୍କ ସହ ଆଲୋଚନା କରି ପ୍ରତ୍ୟକ୍ଷ ଜ୍ଞାନ ଆହରଣ ସହ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିଥିଲେ। ଯୁବୋଦୟ ଛାତ୍ରୀଛାତ୍ରଙ୍କ ଏଭଳି ପ୍ରୟାସକୁ ଗାଁ ଲୋକେ ପ୍ରଶଂସା କରିଛନ୍ତି।

# ଦେଶୀ ମଦ କାରବାରକୁ ମହିଳାଙ୍କ ବିରୋଧ

## ଥାନାଧିକାରୀଙ୍କୁ ଦେଲେ ଦାବିପତ୍ର



ଗୁରୁବାର ରାମପୁର ଥାନାକୁ ଫେରାଦ ପାଇଁ ଆସିଥିବା ମହିଳାମାନେ।

**ଡୁଙ୍ଗୁରିପାଲି,୨୬।୯(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଗ୍ରାମ ପଞ୍ଚାୟତ ସଦର ଗାଁରେ ଅବାଧରେ ଚାଲିଛି ଦେଶୀ ମଦ କାରବାର। ଏହାକୁ ବିରୋଧ କରି ଗୁରୁବାର ବହୁ ସଂଖ୍ୟାରେ ମହିଳା ରାମପୁର ଥାନା ଆସି ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କୁ ଫେରାଦ ହୋଇଛନ୍ତି। ସେମାନେ କହିଛନ୍ତି ରାମପୁର ଗ୍ରାମରେ ଦୀର୍ଘ ଦିନ ହେବ ଚୋରାରେ ଖୋଲା ମଦ ବିକ୍ରି ହେଉଛି। ମଦ୍ୟପଙ୍କ ପ୍ରାଦୁର୍ଭାବ ଯୋଗୁ ଗ୍ରାମର ଝିଅ, ବୋହୂମାନେ ରାସ୍ତାରେ ଯିବା ଆସିବା କରିବାକୁ ନିରାପଦ ମଣୁ ନାହାନ୍ତି। ଗ୍ରାମରେ ସର୍ବଦା ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। କେତେକ ବ୍ୟକ୍ତି ଖୋଲା ମଦ ଆଣି ଗ୍ରାମରେ ବିକ୍ରି କରୁଛନ୍ତି। ମଦ ପିଇ ବହୁ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି। ଗ୍ରାମରେ କୁଟିଆ ମଦ ବିକ୍ରେତାଙ୍କ ଦ୍ୱାରା ଅବାଧ ରନ୍ଧା ମଦ ବିକ୍ରି ଯୋଗୁ କମ୍ ବୟସର ପିଲାମାନେ ମଦ ପିଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏ ନେଇ ବାରମ୍ବାର ସମ୍ପୃକ୍ତ ମଦ ବିକ୍ରେତାମାନଙ୍କୁ ବାରଣ କଲେ ବି ସେମାନେ ମାନୁ ନାହାନ୍ତି। ସମ୍ପୂର୍ଣ୍ଣ ମଦ ବନ୍ଦ ସହ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗୁରୁବାର ରାମପୁର ଓ କଟାପାଲି ଗ୍ରାମର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ରାମପୁର ବସଷ୍ଟାଣ୍ଡ ଦେଇ ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଦେବା ସମୟରେ ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ, ସମାଜ ସେବୀ ଉମେଶ ପୂଜାରୀ, ସୂର୍ଯ୍ୟକାନ୍ତି ହରିପାଳ, ପୂର୍ଣ୍ଣିମା ସିକା, ପ୍ରିୟଙ୍କା ସିକା, ସୁନିତା ସିକା, କୌଶଲ୍ୟା କୁମ୍ଭାର, ରେଶମା ଖାତୁନ, ରଶ୍ମି ବେହେରା, ରୀନା କଅର, ଆହ୍ଲାଦିନୀ ସାହୁ, ମାଧୁରୀ ସରାଫ, ସୀତା ରଣା ଉପସ୍ଥିତ ଥିଲେ। ଏହା ପରେ ରାମପୁର ଭାରପ୍ରାପ୍ତ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ଯାଇ ସେମାନେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରର ଏକକିତା ନକଲ ସୋନପୁର ବିଧାୟକ, ସୁବର୍ଣ୍ଣପୁର ଜିଲାପାଳ, ସୁବର୍ଣ୍ଣପୁର ପୋଲିସ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଥିବା ଆନ୍ଦୋଳନକାରୀ କହିଛନ୍ତି। ଏ ନେଇ ରାମପୁର ଥାନା ଅଧିକାରୀ ମେହେରଙ୍କୁ ପଚାରିବାରୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମଦବିକ୍ରି ବନ୍ଦ ପାଇଁ ଏକାଠି ହେଲେ ୪ ଗ୍ରାମର ମହିଳା

**ଅମରପାଲି,୨୬।୯(ପୀତାମ୍ବର ସାହୁ)**

ମଦ ବିକ୍ରି ବନ୍ଦ କରିବାକୁ ଏକାଠି ହେଲେ ଚାରି ଗ୍ରାମର ମହିଳା। ଅଞ୍ଚଳରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏକ ବୈଠକରେ ସେମାନେ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତିର ଅମାନ୍ୟ କରି ମଦ ବିକ୍ରି କଲେ ସ୍ଥିତି ଭୟବହ ହେବ ବୋଲି ଚେତାବନୀ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଗୌଡ଼ଗାଡ, କୁହିଦାଦର ଏବଂ ଦୁର୍ଜନତୋଲା ପଞ୍ଚାୟତର ଦାଦରପାଲି ଓ ମଳିଦାଦର ଗ୍ରାମର ମହିଳାମାନେ ଏହି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଗୌଡ଼ଗାଡ ସମେତ ମାଳିଦାଦର, ଦାଦରପାଲି, କୁହିଦାଦରରେ ମହୁଲି ମଦ ପ୍ରସ୍ତୁତି ହେବା ସହିତ ଦେଶୀ ବିଦେଶୀ ମଦ ବ୍ୟାପକ ପରିମାଣରେ ବିକ୍ରୀ ହେଉଥିଲା। ମଦ୍ୟପମାନେ ମଦ ପିଇ ଅନେକ ସମୟରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ରାସ୍ତା ଓ ଛକମାନଙ୍କରେ ଆଡ୍ଡା ଜମାଉଥିଲେ। ଫଳରେ ମହିଳା ଓ ଛାତ୍ରୀମାନେ ରାସ୍ତାରେ ଯିବା ଆସିବା କରିପାରୁ ନ ଥିଲେ। ଫଳରେ ଗୌଡ଼ଗାଡ ଗ୍ରାମର ମହିଳାମାନେ ପ୍ରଥମେ ଅଣ୍ଟାଭିଡ଼ି ଗ୍ରାମରେ ମଦ ବିକ୍ରି ବନ୍ଦ କରିଥିଲେ। ଏହା ସହିତ ଯିଏ ମଦ ପିଇ ଗାଳିଗୁଲଜ କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହା ଦେଖି ପଡୋଶୀ ଗ୍ରାମର ମହିଳାମାନେ ତାଙ୍କର ସହଯୋଗ ନେଲେ। ଗୌଡ଼ଗାଡ ଗ୍ରାମରେ ଦାଦରପାଲି, ମାଳିଦାଦର, କୁହିଦାଦର ଓ ଗୌଡ଼ଗାଡ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଏକତ୍ରିତ ହୋଇଥିଲେ। ସମସ୍ତେ ନିଜ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଶପଥ ନେଇଥିଲେ। ପରେ ସମସ୍ତେ ମାଳିଦାଦରରେ ବିକ୍ରି ହେଉଥିବା ଏକ ଢ଼ାବାକୁ ଯାଇ ବିକ୍ରି ବନ୍ଦ କରିବାକୁ କହିଥିଲେ। ଏହି ନିଷ୍ପତ୍ତିକୁ ଗ୍ରାମବାସୀ ସମର୍ଥନ କରିଛନ୍ତି।



ମଦ ବିକ୍ରି ବନ୍ଦ ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି ।

## ସଂକ୍ଷେପରେ

### ଡ. ସୌମ୍ୟରୂପା ରଥ ସୋନପୁର ଉପଜିଲାପାଳ



ଡ. ସୌମ୍ୟ ରୂପା ରଥ।

**ସୋନପୁର,୨୬।୯(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଗୁରୁବାର ଅଦଳବଦଳ କରିଛନ୍ତି। ଏହିକ୍ରମରେ ୨୦୧୧ ବ୍ୟାଚ୍‌ର ଓଏଏସ୍ ଅଫିସର ଡ. ସୌମ୍ୟରୂପା ରଥଙ୍କୁ ସୋନପୁର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେ ସନ୍ଧ୍ୟାରେ ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଅକ୍ଟୋବର ମାସଠାରୁ ସେ ସୋନପୁର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସୋନପୁର ଉପଜିଲାପାଳ ଥିବା ସୁରଜ କୁମାର ପଟ୍ଟନାୟକଙ୍କୁ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଉପ ସଚିବ ଭାବେ ବଦଳି କରାଯାଇଛି।

### ଭାଜପାକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ

**ପଦଯାତ୍ରା ନେଇ ବିଜେଡ଼ିର ପ୍ରସ୍ତୁତି ବୈଠକ**

**ବୌଦ୍ଧ,୨୬।୯(ଅଜିତ କୁମାର ବାରିକ)**

ନିର୍ବାଚନର ତିନି ମାସ ପରେ ପରାଜୟର କାରଣ ସମୀକ୍ଷା ସହ ବିଜେଡି ଶାସକ ଦଳ ଭାଜପାକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତି ଆରମ୍ଭ କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳୀୟ କାର୍ଯ୍ୟକର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଜାଣିବା ସହିତ ଜନ ସମ୍ପର୍କ ସୃଷ୍ଟି ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲାରେ ବିଜେଡି ପକ୍ଷରୁ ପଦଯାତ୍ରା କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ହରଭଙ୍ଗା ବ୍ଲକ ପୁରୁଣାକଟକ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଏଥିରେ ଅଧକ୍ଷତା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଅକ୍ଟୋବର ୨ ତାରିଖଠାରୁ ସାରା ରାଜ୍ୟରେ ବିଜେଡିର ପଦଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ବୌଦ୍ଧ ଜିଲାରେ ପଦଯାତ୍ରାରେ କିପରି ଅଧିକ ସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇପାରିବେ ସେ ସଂପର୍କରେ ଅମାତ ମତବ୍ୟକ୍ତ କରିଥିଲେ। ଏହାସହ ଆଗାମୀ ଦିନରେ ଜିଲାରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ ଆଲୋଚନା ହୋଇଥିଲା । ବୈଠକରେ ବରିଷ୍ଠ ଆଇନଜୀବୀ ଧୂରୀଣ କୁମାର ଦେହୁରୀ , ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଚିତରଞ୍ଜନ କର୍ଣ୍ଣ, କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ବରିଷ୍ଠ ନେତା ରବିଚନ୍ଦ୍ର ପ୍ରଧାନ, ପ୍ରଦିପ୍ତ କୁମାର ସାହୁ, ସୀତାରାମ ଅଗ୍ରୱାଲା, ଅବକାଶ ସାହୁଙ୍କ ସମେ୍ତ ୩୦୦ରୁ ଅଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ସଂଗୃହୀତ ନମୁନା ଗଲା ପରୀକ୍ଷାଗାର

**ବୌଦ୍ଧ,୨୬।୯(ଅଜିତ କୁମାର ବାରିକ)**

ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜର ପୋଢ଼ହଳ ସଂରକ୍ଷିତ ଜଙ୍ଗଲରୁ ବୁଧବାର ଏକ ବାଘର ମୃତଦେହ ଠାବ କରାଯାଇଥିବା ବେଳେ ଏହାକୁ ନେଇ ବୌଦ୍ଧ ବନ ବିଭାଗର ଅଡୁଆ ବଢ଼ିବାରେ ଲାଗିଛି। ବାଘର ମୃତ୍ୟୁ କେବେଠାରୁ ହେଲାଣି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷରେ ମୃତଦେହ ପଚିବା ପରେ ବି ଘଟଣା ସମ୍ପର୍କରେ ବନ ବିଭାଗ ସୂଚନା ପାଇ ପାରି ନ ଥିଲା । ଦୁର୍ଗନ୍ଧ ହେବା ପରେ ବନ ବିଭାଗ ଜାଣିପାରିଥିଲା। କିନ୍ତୁ ବାଘ ମୃତଦେହ ପଡିଥିବା ସ୍ଥାନର ପାରିପାର୍ଶ୍ୱିକ ସ୍ଥିତିରୁ ତାର



ବନ କର୍ମଚାରୀମାନେ ବାଘର ନମୁନା ସଂଗ୍ରହ କରୁଛନ୍ତି।

### ପୋଢ଼ହଳ ଜଙ୍ଗଲରେ ବାଘ ମୃତ୍ୟୁ ଘଟଣା

ମୃତ୍ୟୁ ୧୦ ଦିନ ପୂର୍ବରୁ ହୋଇସାରିଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ବୁଧବାର ଦିନ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ମୃତ ବାଘର ନମୁନାକୁ ପରୀକ୍ଷା ପାଇଁ ଓୟୁଏଟି ଭୁବନେଶ୍ୱରକୁ ପଠାଯାଇଥିବା ରେଞ୍ଜର ଆଶିକ ଦିଗାଲ ସୂଚନା ଦେଇଛନ୍ତି। ବାଘର ମୃତ୍ୟୁ ହୋଇଥିବା ସ୍ଥାନ ମାଧପୁର ରେଞ୍ଜ କାର୍ଯ୍ୟାଳୟଠାରୁ ମାତ୍ର ୪ କିଲୋମିଟର ଦୂର ହୋଇଥିବା ବେଳେ ମାଧପୁର ଫୁଲବାଣୀ ପୂର୍ତ୍ତ ବିଭାଗ ରାସ୍ତାଠାରୁ ମାତ୍ର ଅଧ କିଲୋମିଟର। ଏହାସତ୍ତ୍ୱେ ବନବିଭାଗର କର୍ମଚାରୀମାନେ ଘଟଣା ସମ୍ପର୍କରେ କୌଣସି ଟେର ପାଇ ନ ପାରିବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶଥାଉକି ଏହି ରେଞ୍ଜ ଅଧୀନରେ ୨୦୨୦ରେ ଗୋଟିଏ ହାତୀ ଶିକାର ହୋଇଥିବା ବେଳେ ବାରମ୍ବାର ବନ୍ୟଜନ୍ତୁଙ୍କ ଅବାଧ ଶିକାର ଚାଲିଥିବା ନେଇ ଅଭିଯୋଗ ହୋଇଆସୁଛି।

# ନିଯୁକ୍ତି ମେଳା ଉଦ୍‌ଯାପିତ

**ବୌଦ୍ଧ,୨୬।୯( ଅଜିତ କୁମାର ବାରିକ)**

ବୁଧବାରଠାରୁ ବୌଦ୍ଧ ଜିଲା ପ୍ରଶାସନ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ନିଯୁକ୍ତି ମେଳା ଗୁରୁବାର ଦିନ ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଠାରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗ ଦେଇଥିଲେ । ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ସଭା ପରିଚାଳନା କରିଥିଲେ । ନିଯୁକ୍ତି ମେଳାରେ ୪୫୦ରୁ ଅଧିକ ପ୍ରାର୍ଥୀ ଯୋଗ ଦେଇଥିବା ବେଳେ ୩୬୯ ଜଣ ପଞ୍ଜୀକରଣ କରିଥିଲେ। ୧୩ ଗୋଟି କମ୍ପାନୀ ଦ୍ୱାରା ୧୭୮ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଓ ୫ଟି ସଂସ୍ଥା ଦ୍ୱାରା ୧୨୨ ଜଣଙ୍କୁ ପ୍ରଶିକ୍ଷଣ ସହ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟର ଦୀନେଶ ବଡ଼ାଇ, ରମାକାନ୍ତ ମିର୍ଦ୍ଧା, ହେମନ୍ତ ତିୱାରୀ ଓ ଡମ୍ବରୁଧର ଖାଲ୍କୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦିଆଯାଉଛି।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

**ସୋନପୁର,୨୬।୯(ମୃତ୍ୟୁଞ୍ଜୟ ଶତପଥୀ)**

### ଡୁଲୁଣ୍ଡା ଉପ୍ରା ବିଦ୍ୟାଳୟ ପ୍ରଥମ

ସୁବର୍ଣ୍ଣପୁର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ସୋନପୁର ମହାରାଜା ହାଇସ୍କୁଲ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ପରିଷଦ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବରୁ ମନୋନୀତ ହୋଇଥିବା ଜିଲାର ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୮ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲାର ୬ଟି ବ୍ଲକରୁ ୧୨ଟି ଦଳ ମଞ୍ଚରେ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ତରଭା ବ୍ଲକର ଡୁଲୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ବିନିକା ବ୍ଲକର ଶଙ୍କରା ସ୍ଥିତ ବ୍ରଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଉଲୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡୁଲୁଣ୍ଡା ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ହାସଲ କରିଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଗ, ନାଟ୍ୟଚକ୍ର ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ବାରିକ ଓ ଚୌଧୁରୀ ବିଭାର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ବିଜ୍ଞାନ ପରିଦର୍ଶକ ପର୍ଶୁରାମ ମେହେର, ମହାରାଜା ହାଇସ୍କୁଲ ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ରଥ ଓ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ। ସେଲେଡି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପାଓ୍ୱାନ ତ୍ରିପାଠୀ ଓ ମହାରାଜା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଦଳ।

# ହାଇସ୍କୁଲରେ ତାଲା ପକାଇ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା

**ଅମରପାଲି,୨୬।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ହାଇସ୍କୁଲରେ ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ସ୍କୁଲର ବିଜ୍ଞାନ ଶିକ୍ଷକଙ୍କ ନାମରେ ୬ଜଣ ଛାତ୍ରୀ ଜାତିଆଣ ଅଭିଯୋଗ କରିଥିଲେ। ଏନେଇ ସେମାନେ ବିଇଓଙ୍କୁ ଜଣାଇବା ସହିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ମାତ୍ର ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ମୋ ପାଇଁ ସବୁ ଛାତ୍ରୀଛାତ୍ର ସମାନ ବୋଲି ପ୍ରକାଶ କରିଛନ୍ତି ସମ୍ପୃକ୍ତ ଶିକ୍ଷକ। ଏବେ ସମ୍ପୃକ୍ତ ଶିକ୍ଷକଙ୍କୁ ଜଟେସିଂହା ହାଇସ୍କୁଲ ବଦଳି କରାଯାଇଛି। ତେବେ ତାଙ୍କ ନାମରେ ହୋଇଥିବା ଅଭିଯୋଗ ଉଦ୍ଦେଶ୍ୟମୂଳକ ଅଭିଯୋଗ କରିଛନ୍ତି ଅନ୍ୟ ସମସ୍ତ ଛାତ୍ରୀଛାତ୍ର,ଅବିଭାବକ ଓ ପରିଚାଳନା କମିଟି ସଦସ୍ୟ। ତେଣୁ ଉକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଛାତ୍ରୀଛାତ୍ର ଓ ଅବିଭାବକ ଦାବି କରି ସ୍କୁଲରେ ତାଲା ପକାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ୧୯୯୦ ମସିହାରେ ସ୍ଥାପିତ ଉକ୍ତ ହାଇସ୍କୁଲରେ ଏବେ ଅଷ୍ଟମ ଓ ନବମ ଶ୍ରେଣୀ ରହିଛି। ଏହି ଦୁଇ ଶ୍ରେଣୀରେ ପ୍ରାୟ ୧୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ୩ ଜଣ ଶିକ୍ଷକ ଅଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ମିଶ୍ର ଚଳିତ ୩୦ ତାରିଖରେ ଅବସର ଗ୍ରହଣ କରିବେ। ଏବେ ସ୍କୁଲର ବିଜ୍ଞାନ ଶିକ୍ଷକଙ୍କୁ ଜଟେସିଂହା ହାଇସ୍କୁଲ ବଦଳି ହୋଇଛି। ସ୍କୁଲରେ ସମସ୍ତ ବିଷୟ ପାଠ ପଢାଇବା ପାଇଁ ଏବେ ଶିକ୍ଷକ ନ ଥିବା ବେଳେ ଉକ୍ତ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳ ସଦୃଶ ହୋଇଛି ବୋଲି ଅଭିଭାବକମାନେ କହିଛନ୍ତି। ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର, ଅବିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ବସିବା ଫଳରେ ସ୍କୁଲ ଭିତରକୁ ଶିକ୍ଷକମାନେ ଯାଇ ପାରି ନ ଥିଲେ। ଖବର ପାଇ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ସିଆରସିସି ମନରଞ୍ଜନ ଭୋଇ ସ୍କୁଲକୁ ଯାଇ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପରେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଥାନା ଅଧିକାରୀ ଶୋଭାକର ସେଟ ଘଟଣାସ୍ଥଳକୁ ଯାଇ ଛାତ୍ରୀଛାତ୍ର ଓ ଅବିଭାବକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ବଦଳି ହୋଇଥିବା ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ଅଡି ବସିଥିଲେ ଛାତ୍ରୀଛାତ୍ର ଓ ଅଭିଭାବକ। ଏନେଇ ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ସଂପୃକ୍ତ ଶିକ୍ଷକଙ୍କ ନାମରେ ଅଭିଯୋଗ ହୋଇଥିବାରୁ ତାଙ୍କୁ ଜଟେସିଂହା ହାଇସ୍କୁଲକୁ ବଦଳି ହୋଇଛି ଏବଂ ତାଙ୍କ ସ୍ଥାନରେ ଜଟେସିଂହା ହାଇସ୍କୁଲର ଶିକ୍ଷକ ଗୁରୁଦତ୍ତ ମିଶ୍ରଙ୍କୁ ବାଗବର ହାଇସ୍କୁଲରେ ନିଯୁକ୍ତି ଦିଆଯାଇଛି। ସ୍କୁଲ ଖୋଲିବା ନେଇ ଆମେ ଅଲୋଚନା କରୁଛୁ ବୋଲି ସେ କହିଛନ୍ତି।




ବାଗବର ସ୍କୁଲ ଆଗରେ ତାଲା ଦେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

### ବିଜ୍ଞାନ ଶିକ୍ଷକଙ୍କ ବଦଳିର ପ୍ରତିବାଦ

## ସଂକ୍ଷେପରେ

### ଗୋଦାମରୁ ଚୋରି ଅଭିଯୋଗରେ ୨ ଗିରଫ

**ରାଜଗାଙ୍ଗପୁର, ୨୬।୯(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ତାଲକିପଡାରେ ଥିବା ଏକ ଗୋଦାମରୁ ବିଭିନ୍ନ ରାସନ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ୨୫ ତାରିଖ ରାଜଗାଙ୍ଗପୁର ଥାନାରେ ହୋଇଥିଲା। ପୋଲିସ ଅଧିକାରୀ ସୁନିଲ ପଟେଲ ଏହାର ତଦନ୍ତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ କୃଷ୍ଣ ସାଗର ଓ ସୁଜଳ ମହାନନ୍ଦିଆଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ବିଭିନ୍ନ କମ୍ପାନୀର ରିଫାଇନ ତେଲ, ଅଟା ପ୍ୟାକେଟ ଜବତ କରାଯାଇଛି। ଯାହାର ମୂଲ୍ୟ ୩୦୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ହେବ।

### ବିଶ୍ୱ ବୈଜ୍ଞାନିକ ତାଲିକାରେ ଏନ୍‌ଆଇଟି ଅଧ୍ୟାପକ

**ରାଉରକେଲା, ୨୬।୯(ସଙ୍ଗୀତା ଜେନା):** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଅଧ୍ୟାପକମାନେ ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଛନ୍ତି। ଅନୁସନ୍ଧାନ ବା ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଏଲ୍‌ସେଭିଆର ଅନୁସନ୍ଧାନ ସର୍ଭେ କ୍ରମେ ଏନ୍‌ଆଇଟିରୁ ଅଧ୍ୟାପକ ଅନୁମୋଦନ ପାଇଁ ପଠାଯାଇଥିଲା। ଏଲ୍‌ସେଭିଆରର ଏହି ସର୍ଭେ ଅଧିକ ଅବଧି ସମ୍ପନ୍ନ କ୍ୟାରିୟର (୧୯୯୬-୨୦୨୩) ଏବଂ ଏକକ ବାର୍ଷିକ ପ୍ରଭାବ (୨୦୨୩) ଉପରେ ପର୍ଯ୍ୟବେକ୍ଷିତ ଥିଲା। ଅଧିକ ଅବଧି ସମ୍ପନ୍ନ କ୍ୟାରିୟର ପାଇଁ ୧୫ ଜଣ, ଏକକ ବାର୍ଷିକ ପାଇଁ ୨୫ଜଣ ଏବଂ ୧୩ ଜଣ ଉଭୟ ବର୍ଗରେ ତାଲିକାଭୁକ୍ତ ହୋଇଥିଲେ। ଏହି ଉଲ୍ଲେଖନୀୟ ଉତ୍କର୍ଷତା ପାଇଁ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ବିଶ୍ୱସ୍ତରରେ ଏନ୍‌ଆଇଟିର କୃତିତ୍ୱ ଅତୁଳନୀୟ ବୋଲି କହିଥିଲେ। ଏହି ର୍‍ୟାଙ୍କିଙ୍ଗ ଅଧୀନରେ ବିଜ୍ଞାନ ମେଟ୍ରିକ୍ସ ବର୍ଗୀକରଣ ବ୍ୟବସ୍ଥା ଅନୁଯାୟୀ ୨ଟି ବୈଜ୍ଞାନିକ କ୍ଷେତ୍ର ଓ ୧୭୪ ଉପବିଭାଗରେ ବିଭକ୍ତ କରାଯାଇଛି। ସୂଚନାଯୋଗ୍ୟ, ଏହି ବିଶ୍ୱ ର୍‍ୟାଙ୍କିଙ୍ଗ ଏକାଡେମିକ୍ କ୍ଷେତ୍ରରେ ବହୁ ସମ୍ମାନିତ ଅଟେ। ଏଲ୍‌ସେଭିଆର ବୈଜ୍ଞାନିକଙ୍କ କ୍ୟାରିୟର ଓ କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରିଥାଏ। ଶେଷରେ ବିଶେଷଜ୍ଞମାନଙ୍କ ଦ୍ୱାରା ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଥାଏ। ସାରା ବିଶ୍ୱରେ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଏଲ୍‌ସେଭିଆର ଅନୁମୋଦିତ ବୈଜ୍ଞାନିକ ନିଜ ସ୍ଥାନ ସୁନିଶ୍ଚିତ କରିଥାନ୍ତି ବୋଲି ଏନ୍‌ଆଇଟିର ପ୍ରେସ ବିବୃତ୍ତିରେ କୁହାଯାଇଛି।

### ଭାଜପା ତରଫରୁ ସ୍ୱାସ୍ଥ୍ୟ ଶିବିର

**ବନ୍ଧମୁଣ୍ଡା, ୨୬।୯(ସୁବ୍ରତ ଦେ):** ବନ୍ଧମୁଣ୍ଡାର ବି-ସେକ୍ଟର ସ୍ଥିତ ଆମ୍ବେଦକର ପଡ଼ିଆଠାରେ ସ୍ଥାନୀୟ ଭାରତୀୟ ଜନତା ପାର୍ଟି (ଭାଜପା) କର୍ମକର୍ତ୍ତାମାନେ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିରର ଆୟୋଜନ କରିଥିଲେ। ଶିବିରରେ ୨୨୦ ଜଣ ଲୋକ ଆଖି ଯାଞ୍ଚ କରିଥିବାବେଳେ ୧୧୦ ଜଣ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। କାର୍ଯ୍ୟକ୍ରମରେ ଭାଜପାର ପାନପୋଶ ଜିଲା ସଭାପତି ଲତିକା ପଟ୍ଟନାୟକ ତଥା ସାମାଜିକ କର୍ମୀ ଶୁଭ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଭାଜପାର ରଣଜିତ ନାୟକ, ଧିରେନ ସେନାପତି ଏବଂ ଶ୍ରୀଧର ମଲ୍ଲିକ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ।

# କାମ କରି ଶ୍ରମିକ ମଜୁରି ପାଇବାରୁ ବଞ୍ଚିତ

- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣିରେ ଅଭିଯୋଗ
- ଅଧିକାଂଶ ସ୍ଥାନରେ ଉନ୍ନୟନ କାର୍ଯ୍ୟରେ ସୂଚନା ଫଳକ ଲାଗି ନାହିଁ

**ଲହୁଣୀପଡ଼ା, ୨୬।୯(ଦାଶରଥି ପଣ୍ଡା)**



ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନ ଶୁଣାଣିରେ ଉପସ୍ଥିତ ଅଧିକାରୀ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ଗୁରୁବାର ଲହୁଣୀପଡା ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଡ଼ିଓ ଅନୁରାଗ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଜେ.ଏକ୍କା, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, କୁଳିପୋଷ ରେଞ୍ଜର ସୁଚିସ୍ମିତା ଦାଶ, ବିଏସଓ ଦୋଳାନନ୍ଦ ମାହାନ୍ତ, ଏପିଓ ବିଷ୍ଣୁ ମୋହନ ନାଏକ ମଞ୍ଚାସୀନ ଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ପଞ୍ଚଦଶ ଅର୍ଥ ଆୟୋଗର ୨୦୨୪/୨୫ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତସ୍ତରରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ସେଥିରୁ ଜଣାପଡିଥିଲା ଯେ, ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଓ ପଞ୍ଚଦଶ ଅର୍ଥ ଆୟୋଗ ମାଧ୍ୟମରେ କାର୍ଯ୍ୟ କରାଯାଇଥିଲେ ମଧ୍ୟ ପ୍ରାୟ ସ୍ଥାନରେ ସୂଚନା ଫଳକ ଲାଗି ନାହିଁ। କେତେକ ସ୍ଥାନରେ କାମ କରି ମଧ୍ୟ ଶ୍ରମିକ ପାରିଶ୍ରମିକ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଥିଲା। ଦେଖା ଦେଇଥିବା ସମସ୍ୟାଗୁଡିକର ବିଚାର କରି ସୂଚନା ଫଳକ ଲାଗି ନ ଥିବା ସ୍ଥାନରେ ତୁରନ୍ତ ସୂଚନା ଫଳକ ଲଗାଇବା ସହିତ ପାରିଶ୍ରମିକ ପାଇ ନ ଥିବା ଶ୍ରମିକମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ପଣ୍ଡିତ ଦୀନ ଦୟାଲଙ୍କ ଜୟନ୍ତୀ

**ସୁନ୍ଦରଗଡ଼, ୨୬।୯(ଜୟ ନାରାୟଣ ମେଣ୍ଡୁଲି)**

ଭାରତୀୟ ଜନତା ପାର୍ଟି (ଭାଜପା) ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୮ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଭୋଜପୁରସ୍ଥିତ ଜିଲା କାର୍ଯ୍ୟାଳୟଠାରେ ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ମହିଳା ନେତ୍ରୀ ସୁଷମା ପଟେଲ ପ୍ରମୁଖ ଜିଲା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ପଣ୍ଡିତ ଦିନଦୟାଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଗଣ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ବିସ୍ତୃତ ଭାବେ ସ୍ମୃତିଚାରଣ କରିଥିଲେ। ତାଙ୍କର କାର୍ଯ୍ୟକଳାପ ଓ ବିଚାରଧାରାକୁ ଅନୁସରଣ କରି ସର୍ବଦା ସମାଜର ମଙ୍ଗଳ ଓ ରାଷ୍ଟ୍ରହିତ ପାଇଁ ନିଜ ଜୀବନକୁ ଉତ୍ସର୍ଗିକୃତ କରିବା ଉଚିତ ବୋଲି କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିରେଇ ମଣ୍ଡଳ ସଭାପତି ସୁଦାମ ହୋତା, କରମଡ଼ିହି ମଣ୍ଡଳ ସଭାପତି ତପସିଲ ପ୍ରଧାନ, ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ଗହୀର, ପରିକ୍ଷିତ ସାହୁ, ଦିନେଶ ନାଏକ, ଯୁବନେତା ରୂପେଶ ପଟେଲ, କୌଶଳ ସାହୁ, କିରନ ମହାଲିଙ୍ଗ, ସୁରଜ ପଟେଲ, ଗଜାଧର ଟପ୍ପୋ, ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଦୀନଦୟାଲ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।



ବ୍ଲକସ୍ତରୀୟ ହକିଦଳରେ ସାମିଲ ଖେଳାଳି।

## ରାଜଗାଙ୍ଗପୁରରେ ବ୍ଲକସ୍ତରୀୟ ହକିଦଳ ଚୟନ

**ରାଜଗାଙ୍ଗପୁର, ୨୬।୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକସ୍ତରରେ ଥିବା ବିଦ୍ୟାଳୟ ଗୁଡିକର ପିଲାମାନଙ୍କୁ ନେଇ ଏକ ବ୍ଲକସ୍ତରୀୟ ହକିଦଳ ଚୟନ କାର୍ଯ୍ୟକ୍ରମ ହୋଇଥିଲା। ଲାଞ୍ଜିବେର୍ଣ୍ଣା ଶ୍ରମିକ ସରକାରୀ ଉଚ୍ଚ ବିଦ୍ୟାଳୟ ବିହାବନ୍ଧ ଆନୁକୂଲ୍ୟରେ କୁକୁଡା ଗ୍ରାମ ପଞ୍ଚାୟତସ୍ଥିତ ବିଜୁପଟ୍ଟନାୟକ ମିନି ହକି ଷ୍ଟାଡିୟମ ଠାରେ ଗୁରୁବାର ଏହା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଗ ଯୋଗ ଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋଜିଆଙ୍କ ମାର୍ଗଦର୍ଶନରେ ସିଆରସିସି ଗଜେନ୍ଦ୍ର ସ୍ୱାଇଁ, ଶ୍ରମିକ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମିତ ରାଜ ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଦ୍ୟାଳୟର ୧୭ବର୍ଷ ଓ ୧୪ ବର୍ଷରୁ ନିମ୍ନବର୍ଗର ଆଗ୍ରହୀ ହକି ଖେଳାଳିମାନେ ଭାଗ ନେଇଥିଲେ। ଏହାକୁ ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସୁନାନି, ରସାନନ୍ଦ ସମାଧିଆ, ତେଲେଶ୍ୱର ଲାକ୍ରା, ସରୋଜିନୀ କୁଜୁର, ସୁଜାତା ଭୋଇ, ଉମା ଲାକ୍ରା, ଶିଲ୍ପା ବାର୍ଲା ପ୍ରମୁଖ ପରିଚାଳନା କରିଥିଲେ। ହକି ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଲିଲି ମାଧୁରି ବାର୍ଲା ସୁଚାରୁ ରୂପେ ଚୟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସମୁଦାୟ ୩୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ତନ୍ମଧ୍ୟରୁ ଛାତ୍ରମାନଙ୍କର ୨ଟି ଦଳ ଓ ଛାତ୍ରୀମାନଙ୍କର ୨ଟି ଦଳ ଚୟନ କରାଯାଇଛି।

## ମହୁଲି ମଦ ଜବତ: ୨ ଗିରଫ

**ବଡ଼ଗାଁ, ୨୬।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ବୁଧବାର ବଡ଼ଗାଁ ପୋଲିସ ଚଢ଼ାଉ କରି ଦୁଇ ଜଣ ମଦ ବେପାରୀଙ୍କୁ ଗିରଫ କରିବା ସହ ୧୦ ଲିଟର ମହୁଲି ମଦ ଜବତ କରିଛି। ସୂଚନା ଅନୁଯାୟୀ ସାହାଜବାହାଲ ଗ୍ରାମରେ ବିପୁଳ ପରିମାଣର ମହୁଲି ମଦ କାରବାର ହେଉଥିବା ସମ୍ପର୍କରେ ବଡ଼ଗାଁ ପୋଲିସରେ ଅଭିଯୋଗ ହେବା ପରେ ଥାନା ଆଇଆଇସି ଆଶିଷ କୁମାର ଜେନାଙ୍କ ନିର୍ଦ୍ଦେଶରେ ଏଏସଆଇ ଅରୁପାନନ୍ଦ ଦାସ ଗୁରୁବାର ଚଢ଼ାଉ କରିଥିଲେ। ମଦ ବେପାରୀ ଯୋଗିନ୍ଦ୍ର ସାହୁ ଏବଂ ଦିଲ୍ଲୀପ ସେଠଙ୍କୁ ପୋଲିସ ଗିରଫ କରିବା ସହ ଉଭୟଙ୍କ ଠାରୁ ୫ ଲିଟର ଲେଖାଏଁ ମହୁଲି ମଦ ଜବତ କରିଛି। ଉଭୟଙ୍କୁ ୪୧ ନୋଟିସ ଦେଇ ବଡ଼ଗାଁ ପୋଲିସ ଛାଡିଛି।

## ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ବଢୁଛି

**ବଡ଼ଗାଁ, ୨୬।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ବଢୁଛି। ଜାଙ୍ଗଲି ଗାଁର ଜଣେ ବ୍ୟକ୍ତିଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ୩ ଛେଳି ଓ ଗୋଟିଏ କୁକୁଡ଼ା ଚୋରି ହୋଇଥିବାବେଳେ ବାଇବାଇ ଛକରେ ଥିବା ଏକ ଦୋକାନରୁ ଚୋରି ଉଦ୍ୟମ ହୋଇଛି। ଗତ କିଛିଦିନ ହେଲା ବଡ଼ଗାଁ ବ୍ଲକର ବିଭିନ୍ନ ଗାଁରେ ଚୋରି ବଢ଼ି ଚାଲିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ଚାରିଜଣ ଜାଙ୍ଗଲି ଗ୍ରାମକୁ ଆସି ସନ୍ତୋଷ ଗୌଡ଼ (୩୧) ଙ୍କ ଛେଳି ଗୁହାଳରେ ପଶି ୩ ଛେଳି ଓ ଗୋଟିଏ କୁକୁଡ଼ା ଚୋରି କରିନେଇଥିଲେ। ତେବେ ଚୋରି ସମୟରେ ସେମାନେ ଏକ ବିଷାକ୍ତ ଗ୍ୟାସ ବ୍ୟବହାର କରୁଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ବିଷାକ୍ତ ଗ୍ୟାସ ପ୍ରଭାବରେ ଛେଳିମାନେ ନିସ୍ତେଜ ହୋଇଯିବାରୁ ଚୋରମାନେ ସହଜରେ ଚୋରିକରି ନେଇଥିଲେ। ଏହି ଚୋର ଦଳ ସେଠାରୁ ଯାଇ ବାଇବାଇ ଗାଁ ନିକଟ ମହୋତୋ କିଷାନଙ୍କ ଦୋକାନ ସଟର ଭାଙ୍ଗିଥିଲେ। ତେବେ ସେଠାରେ ଚୋରି କରିବା ଭଳି କିଛି ସାମଗ୍ରୀ ନ ଥିବାରୁ ସେଠାରୁ ଚାଲି ଯାଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ ଗତ କିଛିଦିନ ହେଲା ବାଇବାଇ ଛକରେ ଥିବା ଏକ ଓଲଡ଼ିଙ୍ଗ ଦୋକାନରୁ ଚୋରି ହୋଇଥିଲା।

## ଯକ୍ଷ୍ମା ପ୍ରତିଷେଧକ ଟିକାକରଣର ଶୁଭାରମ୍ଭ




ଲହୁଣୀପଡ଼ାରେ ଯକ୍ଷ୍ମା ପ୍ରତିଷେଧକ ଟିକାକରଣର ଶୁଭାରମ୍ଭ କରାଯାଉଛି।

**ଲହୁଣୀପଡ଼ା, ୨୬।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହ ଠାରେ ଗୁରୁବାର ବ୍ଲକସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣର ଶୁଭାରମ୍ଭ ହୋଇଯାଇଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରହରି କିଷାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଲିକିଚାନ୍ଦ ମହାପାତ୍ର ଯୋଗଦେଇ ଟିକାକରଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମସ୍ତ ବୟସ୍କ ବ୍ୟକ୍ତି ଟିକା ନେଇ ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଚଳିତବର୍ଷ ଲହୁଣୀପଡ଼ା ବ୍ଲକର ସମୁଦାୟ ୧୭୦୦୦ ବୟସ୍କ ବ୍ୟକ୍ତିଙ୍କର ଟିକାକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖା ଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୧୧୦୦୦ ବ୍ୟକ୍ତି ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି। ଉଦ୍‌ଘାଟନ ଉତ୍ସବରେ ପ୍ରଥମ ପର୍ଯ୍ୟାୟରେ ମୋଟ ୪୯ ଜଣ ଟୀକାକରଣ ହୋଇଥିବା ଜଣାପଡିଛି। ବ୍ଲକ ଏମଟିଏସ,ଏସଟିଏସ, ବିଏଏମ,ପ୍ରାଥମିକ ସୱାସ୍ଥ୍ୟ କେନ୍ଦ୍ର ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ସ୍ୱାସ୍ଥ୍ୟ କର୍ମୀ ରଣଜିତ ଜୟସ୍ୱାଲ, ପ୍ରଭାତୀ ପଣ୍ଡା ଟିକା ପ୍ରଦାନ କରିଥିଲେ।

## ବଡ଼ଗାଁ ହାଇସ୍କୁଲରେ ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା

**ବଡ଼ଗାଁ, ୨୬।୯(ଅଶୋକ ଷଡ଼ଙ୍ଗୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ତରଫରୁ ୬୮ତମ ଜିଲା ବିଦ୍ୟାଳୟ ସମୂହର ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା, କବି ତଥା ଗାଳ୍ପିକ ଛବିଳ ସେଠ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ପରିଚାଳନା କମିଟି ସଭାପତି ଅଦ୍ୱୈତ ନାୟକ, ପୂର୍ବତନ ଖେଳ ଶିକ୍ଷକ ଗଣେଶ ବାରିକ ଯୋଗଦେଇଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସ୍କାଉଟ ଶିକ୍ଷକ ଜନସନ ଖାଖା ପରିଚାଳନା କରିଥିଲେ। ୧୪ ଓ ୧୭ ବର୍ଷରୁ କମ ବର୍ଗର ଉଭୟ ବାଳିକା, ବାଳକମାନଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବାଳିକା ବିଭାଗରେ ୧୮ ବାଳିକା ଓ ୧୧ ବାଳକ, ୧୪ ବର୍ଷରୁ କମ ବାଳିକା ବିଭାଗରେ ୧୨ ବାଳିକା ଓ ୮ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ ଛାତ୍ର ମଧ୍ୟରେ ବରଙ୍ଗାକଛାର ହାଇସ୍କୁଲର ଦଶରଥ ଲମଗା ପ୍ରଥମ, କୁତ୍ରା ହାଇସ୍କୁଲର ଆଶିଷ କୁଜୁର ୨ୟ ଏବଂ ଏଲସିବି ଇତମା ହାଇସ୍କୁଲର ଆକାଶ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବରଙ୍ଗାକଛାର ହାଇସ୍କୁଲର ନମ୍ରତା ରାଣି ଏକ୍କା ପ୍ରଥମ, ଏକମା ହାଇସ୍କୁଲର ମୌସୁମୀ ନାଏକ ୨ୟ, ବରଙ୍ଗାକଛାର ହାଇସ୍କୁଲର ଅଙ୍କିତା ସା ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୪ ବର୍ଷରୁ କମ ବାଳିକା ବିଭାଗରେ ବରଙ୍ଗାକଛାର ହାଇସ୍କୁଲର ଯାଜ୍ଞସେନୀ ଦଣ୍ଡସେନା ପ୍ରଥମ, ଜୋତିସ୍ନା ବିଲୁଙ୍ଗ ୨ୟ, ଭୋଇପାଲି ହାଇସ୍କୁଲର ସୁରେଖା ବାଡ଼ା ୩ ୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ କୁତ୍ରା ହାଇସ୍କୁଲର ଅସିମ ବରୁଆ ପ୍ରଥମ, ଅନମୋଲ କିସପଟା ୨ୟ, ଶ୍ରୀକାନ୍ତ ଧନୁଆର ୩ୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବରଙ୍ଗାକଛାର ହାଇସ୍କୁଲର ପ୍ରଧାନଶିକ୍ଷକ ଦୁବରାଜ ଗୋଖରା ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ତୃପ୍ତି ଦାସ, ଖେଳ ଶିକ୍ଷକ ପ୍ରଭାତ ଦ୍ୱାରୀ, ଅମିତ କୁମାର ମହାରଣା ଓ ଚିତ୍ତରଞ୍ଜନ ଡାକୁଆ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଜଳାତଙ୍କ ରୋଗ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୬।୯(ଜୟନାରାୟଣ ମେଣ୍ଡୁଲି)**

-ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଗୁରୁବାର ଜଳାତଙ୍କ ରୋଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ସଂସ୍ଥା ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସଂଯୋଜକଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଜଳାତଙ୍କ ରୋଗର ନିରାକରଣ ସମ୍ବନ୍ଧରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ .ପ୍ରଫେସର ସୁନିଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ବିଭାଗର ଡ. ଧନେଶ୍ୱରୀ ଜେନା ଜଳାତଙ୍କ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ପ୍ରଦାନ କରିଥିଲେ। ଡ. ଉପସମା ସିହ୍ନା ଓ ବିକାଶ କୁମାର ପ୍ରସାଦ ମଧ ଯୋଗ ଦେଇ ଜଳାତଙ୍କ ରୋଗ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ସଂସ୍ଥାର ସହକାରୀ ପ୍ରଫେସର ଡା. ଚିତ୍ତରଞ୍ଜନ ବାରିକ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ସ୍ୱରୂପ ରଞ୍ଜନ ପଲେଇ ଧନ୍ୟବାଦ ଦେଇଥିଲେ।




ଜଳାତଙ୍କ ରୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସହିତ ଅତିଥି।

## ଯକ୍ଷ୍ମା ଟିକାକରଣ, ଆୟୁଷ୍ମାନ ଆରୋଗ୍ୟ ଶିବିର

**କୁଆଁରମୁଣ୍ଡା, ୨୬।୯(ମହେନ୍ଦ୍ର କୁମାର ସାହୁ)**

ଯକ୍ଷ୍ମା ରୋଗକୁ ପ୍ରତିହତ କରିବା ପାଇଁ ଏବେ ସବୁ ବୟସର ବ୍ୟକ୍ତିବିଶେଷଙ୍କୁ ପ୍ରତିଷେଧକ ଟୀକା ପ୍ରଦାନ କରାଯିବ। ପୂର୍ବରୁ କେବଳ ଏକ ବର୍ଷ ମଧ୍ୟରେ ଥିବା ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟିକା ପ୍ରଦାନ କରାଯାଇଥିଲା। ହେଲେ କେନ୍ଦ୍ର ସରକାର ଦେଶରୁ ଯକ୍ଷ୍ମାକୁ ମୂଳୋତ୍ପାଟନ କରିବା ପାଇଁ ଏବେ ସବୁ ବୟସର ବ୍ୟକ୍ତିମାନଙ୍କ ପାଇଁ ମାଗଣା ଟୀକାକରଣର ବ୍ୟବସ୍ଥା କରିଛନ୍ତି ବୋଲି ଗୁରୁବାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ଯକ୍ଷ୍ମା ଟିକାକରଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀମନ୍ତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଏହି ଶିବିରରେ ମୋଟ ୫୧ ଜଣ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦିଆଯାଇଥିଲା। ସେହିପରି ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ ଜଣ ଦାନ୍ତ, ୭ ଜଣ ଚକ୍ଷୁ, ୨୨ ଜଣ ମହିଳା ଓ ପ୍ରସୂତି ଏବଂ ଅନ୍ୟାନ୍ୟ ୧୭୮ ଜଣ ସର୍ବମୋଟ ଦୁଇଟି ଶିବିରରେ ୨୭୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆୟୁଷ୍ମାନ ଆରୋଗ୍ୟ ଶିବିର ପ୍ରତି ମାସ ଚତୁର୍ଥ ଗୁରୁବାର ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଉକ୍ତ ୨ଟି ଶିବିରରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା ଓ ବିଡ଼ିଓ ଗଙ୍ଗାରାମ ବୁଡେକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ଶିବିରରେ ଡା. ସିମା ତିଗା, ଡା. ଦୀପ୍ତି ପ୍ରଧାନ, ଡା. ସୌରଭଜିତ ଦାସ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ପଞ୍ଚାୟତରେ କାର୍ଯ୍ୟରତ ସ୍ୱଚ୍ଛ ସାଥିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନେ ନିଜ ନିଜ ଅଞ୍ଚଳରେ କିଭଳି ସ୍ୱଚ୍ଛତା ବଜାୟ ରଖିବେ ସେନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଉକ୍ତ ୨ଟି ଶିବିରକୁ ବିପିଏମ ଶିବାନୀ ନାଏକ, ଫାର୍ମାସିଷ୍ଟ ଉମାକାନ୍ତ ପତି, ଦେବାଶିଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଆୟୁଷ୍ମାନ ଆରୋଗ୍ୟ ଶିବିରରେ ଉପସ୍ଥିତ ଅତିଥିମାନେ।

**ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କଲେ ୨୭୨ ରୋଗୀ**

# ଥାନାରେ ଅଭିଯୁକ୍ତଙ୍କୁ ଦୁର୍ବ୍ୟବହାର, ନିସ୍ଥୁକ ମାଡ଼





**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**

■ଥାର୍ଡ ଡିଗ୍ରୀ ପାଇଁ ବାରକୋଟ ଥାନା ପୁଣି ଚର୍ଚ୍ଚାରେ
■ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ

ବିଭିନ୍ନ ଦୁର୍ନୀତି, ଅପରାଧ ଓ ଅରାଜକତା ପାଇଁ କିଛି ମାସ ହେଲା ଚର୍ଚ୍ଚାରେ ରହି ଆସିଥିବା ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଦୁର୍ବ୍ୟବହାର ଓ ନିସ୍ଥୁକ ମାଡ ପାଇଁ ଏବେ ପୁଣିଥରେ ଚର୍ଚ୍ଚାରେ। ମାଡ ଖାଇଥିବା ସମ୍ପୃକ୍ତ ଅଭିଯୁକ୍ତ ସଇଡା ଗ୍ରାମର ସନ୍ତୋଷ ସାହୁ ଏ ନେଇ ଗୁରୁବାର ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ୨ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ କିଛିଦିନ ପୂର୍ବେ ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ତାଙ୍କ ସ୍ତ୍ରୀ ସନ୍ତୋଷଙ୍କ ବିରୋଧରେ ବୁଧବାର ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବାରକୋଟ ଥାନା ସବ୍‌ଇନ୍ସପେକ୍ଟର ଶ୍ରୀବତ୍ସ ମହାନ୍ତି ବୁଧବାର ଫୋନ ଯୋଗେ ଡାକିବାରୁ ସନ୍ତୋଷ ପୂର୍ବାହ୍ନ ପ୍ରାୟ ୧୧ଟାରେ ଥାନାରେ ପହଞ୍ଚିଥିଲେ। ସନ୍ତୋଷ ଥାନାରେ ପହଞ୍ଚିବାର କିଛି ସମୟ ପରେ ସବ୍‌ଇନ୍ସପେକ୍ଟର ମହାନ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ଏକ ବାଡିରେ ତାଙ୍କ ଅଣ୍ଟା ତଳକୁ ମାଡ ମାରିଥିଲେ। ଏହାପରେ ଅନ୍ୟ ଜଣେ ସବ୍‌ଇନ୍ସପେକ୍ଟର ଶ୍ରୀଓମ ପାଢ଼ୀ ତାଙ୍କ ପାଦରେ ନିସ୍ଥୁକ ମାଡ଼ ମାରିଥିଲେ। ଫଳରେ ସନ୍ତୋଷ ଚିତ୍କାର କରିବା ସହ ବ୍ଲଡ୍ ପ୍ରେସର ରହିଛି କହି ଛାଡି ଦେବାକୁ ନେହୁରା ହୋଇଥିଲେ। ପରେ ସେମାନେ ମାଡ଼ ମାରିବା ବନ୍ଦ କରି ତାଙ୍କୁ ଛାଡ଼ି ଦେଇଥିଲେ। କିଛିସମୟ ପରେ ପୋଲିସ ବାବୁ ତାଙ୍କ ନିକଟରୁ 'ମୁଁ ମୋ ସ୍ତ୍ରୀଙ୍କୁ ଆଉ କେବେ ଗାଳିଗୁଲଜ କରିବି ନାହିଁ' ବୋଲି ଚୁକ୍ତିନାମା ଲେଖାଇ ନେଇଥିଲେ। ଏହା ପରେ ସନ୍ତୋଷ ଥାନାରୁ ବାହାରି ଆସି ବାରକୋଟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ବାରକୋଟ ଥାନା ଅଧିକାରିଣୀ ଯାଜ୍ଞସେନୀ ପ୍ରଧାନଙ୍କ ମତାମତ ଲୋଡିବାରୁ ବୁଧବାର ସିଂହଶାଳ ଗ୍ରାମରେ ଘଟିଥିବା ଚୋରି ଘଟଣାର ତଦନ୍ତ ପାଇଁ ଯାଇଥିବାରୁ ଘଟଣା ସମୟରେ ଥାନାରେ ଅନୁପସ୍ଥିତ ଥିଲି, ଏଣୁ ଏ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, କିଛିମାସ ହେଲା ବାରକୋଟ ଥାନା ଅଞ୍ଚଳରେ ଲଗାତର ଭାବେ ଚୋରି, ଡକାୟତି ଓ ମାର୍‌ପିଟ ଆଦି ବିଭିନ୍ନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ବାରକୋଟ ଥାନା ପୋଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ବାରକୋଟ ଥାନା ନୂତନ କୋଠାରେ ଲଗାଯାଇନାହିଁ ସିସି ଟିଭି କ୍ୟାମେରା। ଦେବଗଡ ଜିଲାର ବାରକୋଟ ଏକ ଗୁରୁତ୍ୱପୂର୍ଣ୍ଣ ଥାନା। ମାତ୍ର କିଛିମାସ ପୂର୍ବେ ନୂତନ କୋଠାକୁ ଏହି ଥାନା ସ୍ଥାନାନ୍ତର ହୋଇଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ସିସିଟିଭି କ୍ୟାମେରା ଲଗାଯାଇନାହିଁ। ଏହାର ସୁଯୋଗରେ କେତେଜଣ ନିର୍ଦ୍ଦିଷ୍ଟ ଅସାଧୁ ପୋଲିସ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଦୁର୍ନୀତି ଓ ଅନିୟମିତତାରେ ଲିପ୍ତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଅତ୍ୟାଧୁନିକ ବାରକୋଟ ଥାନା କୋଠାରେ କାହିଁକି ସିସିଟିଭି କ୍ୟାମେରା ଲଗାଯାଇନାହିଁ ସେ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଝାରସୁଗୁଡ଼ା,୨୬।୯(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ବୁଢ଼ାପଡା ବୁରୋମାଲସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦୃଷ୍ଟି ବାଧିତ, ମୁକ ବଧିର ଓ ମାନସିକ ବିଦ୍ୟାଳୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ବୁଧବାର ମହାସମାରୋହରେ ପାଳନ କରାଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ବିବେକା ନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭ୍ୟ ଗୁଣନିଧି ଭଇଁସା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଝାରସୁଗୁଡା ଶିକ୍ଷାବିତ୍ ତଥା ଭାରତରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅନନ୍ତ ରାମ ସାହୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍କୁଲ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ, ଯୁଗ୍ମ ସମ୍ପାଦକ ବିଜୟ ସାହିଗଲ, ନେସେନାଲ କରାଟେ ଫାଉନ ଡେସନର ପ୍ରତିଷ୍ଠାତା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଦୃଷ୍ଟି ବାଧିତ ଓ ବୌଦ୍ଧିକ ଦିବ୍ୟାଙ୍ଗ ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହାପରେ ପଣ୍ଡିତ ଉପାଧ୍ୟାୟଙ୍କ ଜୀବନୀ ଓ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟାବଳୀ ବିଷୟରେ ଅତିଥିମାନେ ବିଶଦ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିମାନଙ୍କୁ ସ୍ମୃତି ଚିହ୍ନ ରୂପକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଏଥିରେ ସ୍ୱତନ୍ତ୍ର ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ଭଇଁସା ଧନ୍ୟବାଦ ପ୍ରଦାନ କରିଥିଲେ।

# କୂଅରେ ପଡ଼ି ୫ ବର୍ଷର ଶିଶୁ ମୃତ

**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଞ୍ଚଳ ନୀଳବେର୍ଣ୍ଣି ସାହିରେ ଖେଳୁଥିବା ବେଳେ କୂଅରେ ପଡି ଜଣେ ୫ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ନୀଳବେର୍ଣ୍ଣି ସାହିର ଆନନ୍ଦ ହରୋଙ୍କ ପୁଅ ଆୟୁଷ ହରୋ(୫)। ଆୟୁଷ ସାଙ୍ଗସାଥୀଙ୍କ ସହିତ ରାସ୍ତାରେ ଖେଳୁଥିବା ବେଳେ ଅସାବଧାନତା ବସତଃ ନିକଟସ୍ଥ ଏକ କୂଅରେ ପଡିଯାଇଥିଲେ। ଏହା ଜାଣିପାରି ନ ଥିବା ତାଙ୍କ ସାଥୀମାନେ ଆୟୁଷଙ୍କୁ ଖୋଜି ନ ପାଇବାରୁ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏଣେତେଣେ ଖୋଜାଖୋଜି କରିବା ପରେ ମଧ ଆୟୁଷଙ୍କ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ କୂଅ ମଧରେ ଖୋଜିବାରୁ ଆୟୁଷ ଉକ୍ତ କୂଅ ମଧରେ ପଡିଥିବା ଜଣାପଡିଥିଲା। ଆୟୁଷଙ୍କୁ ସେଠାରୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଜିଲାସ୍ତରୀୟ ବିଜ୍ଞାନଭିତ୍ତିକ ପାଠ୍ୟଚକ୍ର




**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଜ୍ଞାନଭିତ୍ତିକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ପାଠ୍ୟଚକ୍ରରେ ତିନୋଟି ବ୍ଲକର ମନୋନୀତ ୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧାପକ ଡ଼ ଦିନେଶ କୁମାର ରାୟ, ଜୀବବିଜ୍ଞାନ ଅଧାପିକା ଅଙ୍କିତା ଡୁଙ୍ଗଡୁଙ୍ଗ ଦାୟିତ୍ୱ ତୁଲାଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଟିଂକବିର ଛାତ୍ରୀ ସ୍ନେହାପ୍ରଜ୍ଞା ବେହେରା ପ୍ରଥମ, ଅପୂର୍ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ସାହୁ ଦ୍ୱିତୀୟ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରିୟବ୍ରତ ସାହୁ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

# କୋଲାବିରା ଅଞ୍ଚଳରେ ପୁଅ ଜିଉନ୍ତିଆ ଓଷା ପାଳିତ

**କୋଲାବିରା,୨୬।୯(ଚିନ୍ମୟ କୁମାର ବହିଦାର)**


ମହିଳାମାନେ ପୂଜା କରୁଛନ୍ତି।

ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳର ପୁରପଲ୍ଲୀରେ ପୁଅଜିଉନ୍ତିଆ ଓଷା ବା ଦୁତିବାହନ ଓଷା ସନ୍ତାନଙ୍କ ପ୍ରତି ମାତୃଶକ୍ତିର ଆଶୀର୍ବାଦର ପର୍ବ ତଥା ପଶ୍ଚିମଓଡିଶାର ଅନ୍ୟତମ ପ୍ରସିଦ୍ଧ ପର୍ବ ପୁଓ ଜିଉନ୍ତିଆ ପାଳିତ ହୋଇଯାଇଛି। ମୂଳାଷ୍ଟମୀ ଅବସରରେ ପୁଅମାନଙ୍କ ମଙ୍ଗଳ ତଥା ଦୀର୍ଘ ଜୀବନ କାମନା କରି ମା'ମାନେ ଏହି ବ୍ରତି ରଖିଛନ୍ତି। ଦିନତମାମ ଓପବାସ ରହିବା ପରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଏକାଠି ହୋଇ ଦୂତୀବାହନ ଏବଂ ଷଠୀ ମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବ୍ରତ ପାଳନ କରୁଥିବା ଓଷାଇତିମାନେ ମଙ୍ଗଳବାର ବିଧି ଅନୁସାରେ ଉପବାସରେ ରହି କୋଠି ଖୋଲି ପୂଜାର୍ଚ୍ଚନା କରିଛନ୍ତି। ପୁଅଝିଅମାନଙ୍କୁ ମାତୃଶକ୍ତଙ୍କ ଦୁବ ଆଶୀର୍ବାଦ ପରମ୍ପରା ପ୍ରତ୍ୟେକ ପରିବାରରେ ଉତ୍ସାହ ଭରିଦେଇଛି। ଅପୁତ୍ରିକ ମହିଳା ପୁତ୍ରଲାଭ ନିମନ୍ତେ ଓ ପୁତ୍ରବତୀ ନାରୀମାନେ ନିଜ ସନ୍ତାନମାନଙ୍କ ଧୀର୍ଘାୟୁ ନିମନ୍ତେ କରୁଥିବା ଏହି ଓଷା ଭାଦ୍ରବ ମାସ କୃଷ୍ଣପକ୍ଷ ସପ୍ତମୀ ଅଷ୍ଟମୀ ତିଥିରେ ପଡିଥାଏ। ୧୦୮ ଅକ୍ଷତ ଅରୁଆ ଚାଉଳ ସହିତ ଆଖୁ, ଓଉ, ବେଲ, କରମଙ୍ଗା, ଗଜାଧଳା ଚଣା, ଗଜାମୁଗ, ବାଇଗଣ ଖୁଲହା, ପଇଡ, ଅଦାଗଛ, କଖାରୁ ଫୁଲ, ଜହ୍ନିଫୁଲ, ନରକୋଲି, କମଳା ଆଦି ୨୧ ପ୍ରକାର ଫଳ ଫୁଲ ଓ ପନିପରିବା ସହିତ ଓ ୧୦୮ଟି ଦୁବକୁ ନେଇ ପୂଜାର୍ଚ୍ଚନା ପଶ୍ଚାତ ମହିଳାମାନେ ବୁଧବାର ଭୋରରୁ ନଦୀ ତଥା ପୋଖରୀ କୂଳରେ ଗାଧୋଇ ବାଲି ଆଣି କୂଳରେ ରଖିବା ସହିତ ତାହାରି ଉପରେ କାଠି ବିଡା ରଖି ପୂଜାର୍ଚ୍ଚନା କରି ପଞ୍ଚାମୃତ ସହ ଗଜାମୁଗ ଗିଳିବା ପରେ ଘରକୁ ଫେରି ପୂଜା ହୋଇଥିବା ଦୁବବିଡ଼ା ଆଉ ଚାଉଳରେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ଏବଂ ଦୀର୍ଘାୟୁ କାମନା କରି ଦୁବ ବନ୍ଦାପଣା ପରେ ଉପବାସ ଭାଙ୍ଗିଥିଲେ। ଏହାସହିତ ଦେବୀଙ୍କ ନିକଟରେ ଅର୍ପଣ କରାଯାଇଥିବା ଜିଉଁତିଆ ବ୍ରତକୁ ହାତରେ ବାନ୍ଧିଥିଲେ।

# ଅନ୍ତର୍ଜାତୀୟ ସାଙ୍କେତିକ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଦୃଷ୍ଟି ବାଧିତା ଛାତ୍ରୀଛାତ୍ରମାନେ।

**ଝାରସୁଗୁଡ଼ା,୨୬।୯(ସଞ୍ଜୟ ମାଲି)**

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦୃଷ୍ଟିବାଧିତ, ମୁକ ବଧିର, ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ସାଙ୍କେତିକ ଦିବସ ପାଳିତ ହୋଇଛି। ମୁକ ବଧିରମାନଙ୍କ ନିଜର ବିଚାର ଭାବନା ଓ କଥାକୁ ପରିପ୍ରକାଶ ଯେଉଁ ସଙ୍କେତିକ ଭାଷା ମାଧମରେ ମନର ଭାବକୁ ପରିପ୍ରକାଶ କରାଯାଇଥାଏ । ସେହି ଭାଷାକୁ ଲୋକାଭିମୁଖୀ କରିବା ପାଇଁ ଭାରତ ସରକାରଙ୍କ ଅଧୀନସ୍ଥ ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରଣାଳୟ ଆଦେଶ ଅନୁଯାୟୀ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟରେ ଅନ୍ତର୍ଜାତୟ ଆଙ୍କେତିକ ଭାଷା ଦିବସର ଶୁଭାରମ୍ଭ କରାଯାଇଛି। ଦୃଷ୍ଟି ବାଧିତା ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ ଏବଂ ମୁକ ବଧିର ପିଲାମାନମାନେ ସାଙ୍କେତିକ ଭାଷାରେ ଜାତୀୟ ସଙ୍ଗୀତ ଗାନ କରିଥିବା ବେଳେ ସମସ୍ତେ ସମବେତ କଣ୍ଠରେ ଜନଗଣ ମନ.. ଗାନ କରିଥିଲେ। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷ ଉପେନ୍ଦ୍ର ଭଇଁସାଙ୍କର ସଂଯୋଜନାରେ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଯୁଗ୍ମ ସଚିବ ବିଜୟ ସହିଗଲ, ରାଷ୍ଟ୍ରୀୟ କରାଟେ ଫାଉଣ୍ଡେଶନର ମୁଖ୍ୟ ସୁଶାନ୍ତ ଗୁପ୍ତା, ଯୋଗ ଏବଂ ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସ୍ୱତନ୍ତ୍ର ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିବା ବେଳେ କମିଟି ସଭ୍ୟ ଗୁଣନିଧି ଭଇସା ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀ ସାହିତ୍ୟ ସଂସଦର ବରିଷ୍ଠ ଉପଦେଷ୍ଟାଙ୍କ ବିୟୋଗରେ ଶୋକ

**କୋଲାବିରା,୨୬।୯(ଚିନ୍ମୟ କୁମାର ବହିଦାର)**

ସମଲେଶ୍ୱରୀ ସାହିତ୍ୟ ସଂସଦର ବରିଷ୍ଠ ଉପଦେଷ୍ଟା ଝାରସୁଗୁଡା ସହର ନିକଟ ଦେବାଡିହି ନିବାସୀ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ତଥା ସାମାଜିକ କର୍ମୀ ବିକ୍ରମ ପାଣ୍ଡେଙ୍କ ପରଲୋକରେ ସଂସଦ ପକ୍ଷରୁ ଶୋକ ପ୍ରକଟ କରାଯାଇଛି। ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଶୋକସଭାରେ ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ସହସମ୍ପାଦକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, କୋଷାଧ୍ୟକ୍ଷ ଶଚିନ୍ଦ୍ର ପଟେଲ, ସଚିବ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସଭ୍ୟ ଲଳିନ୍ଦ୍ର ଗୋଖରା, ପିଙ୍କୁ ଦାସ, ତୁଳାରାମ ସେନାପତି, ଭିଷ୍ମଦେବ ପଟେଲ, ଅଶୋକ କୁମାର ବେହେରା, ବୀରେନ୍ଦ୍ର ମହାପାତ୍ର ପ୍ରମୁଖ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରର୍ଥନା କରାଯାଇ ଶୋକସନ୍ତପ୍ତ ପରିବାର ଉଦ୍ଦେଶ୍ୟରେ ସମବେଦବନା ଜ୍ଞାପନା କରାଯାଇଥିଲା। ଛାତ୍ର ବତ୍ସଳ ଶିକ୍ଷକ ଭାବେ ସ୍ୱର୍ଗତ ପାଣ୍ଡେ ବେଶ ପରିଚିତ ଥିଲେ। ଶିକ୍ଷକତାରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ କରିଥିଲେ। ଝାରସୁଗୁଡା ଉପକଣ୍ଠପୂର୍ଣ୍ଣସ୍ଥିତ ୟୁଜିଏମ୍‌ଇ ସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ୨୦୦୪ରେ ଅବସର ପରେ ସେ ସାମାଜିକ କର୍ମରେ ସକ୍ରୀୟ ଥିଲେ।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**


ଗିରଫ ଅଭିଯୁକ୍ତ।

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଦେବଗଡ ଥାନା ପୋଲିସ କଦଳୀପାଳ ଗ୍ରାମର ବଳରାମ ଦାସ (୩୩) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୩ ତାରିଖ ରାତି ପ୍ରାୟ ୭ଟାରେ ଦେବଗଡ ଥାନାଞ୍ଚଳର ଜଣେ ୧୭ବର୍ଷର ନାବାଳିକା ଗଣେଶ ପୂଜା ଦେଖିବା ପାଇଁ ଘରୁ ବାହାରିଥିଲେ। ୧୬ ତାରିଖ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ତାଙ୍କ ବାପା ୧୬ ତାରିଖରେ ଏ ନେଇ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ କଦଳୀପାଳ ଗ୍ରାମର ବଳରାମ ନାବାଳିକାଙ୍କୁ ଅପହରଣ କରି ନେଇ ବଳାତ୍କାର କରିଥିବା ଜଣାପଡିଥିଲା। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋକ୍‌ସୋ ସହ ବିଭିନ୍ନ ଦଫାରେ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ପ୍ରସ୍ତୁତି ବୈଠକ

**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ପାଇଁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସାହୁ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ପାଇଁ ୧୭ଟି ବିଭାଗ ଅଧୀନରେ ୩ଟି ବ୍ଲକରେ ୫୨ଟି ଗ୍ରାମରେ କାର୍ଯ୍ୟକ୍ରମ ପାଇଁ ଜନସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ପିଏ ଆଇଟିଡିଏ ସନ୍ଧ୍ୟା ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଏମ୍ ଡିଆଇସି ରମେଶ ଚନ୍ଦ୍ର ପଟେଲ, ଇ ପ୍ରଶାସନ ପରିଚାଳକ ବିକାଶ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ନେଇ ଆଲୋଚନା କରାଯାଉଛି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ଦେବଗଡ଼,୨୬।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଳେଇବଣି ବ୍ଲକ କନଫରେନ୍ସ ହଲଠାରେ ପଞ୍ଚାୟତ ସମିତିର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହେଇଯାଇଛି। ଏଥିରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ସଭାପତିତ୍ୱ ତଥା ମୁଖ୍ୟ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସାମାଜିକ ସମୀକ୍ଷା ଜନଶୁଣାଣିରେ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଜିଲା ପରିଷଦ ସଭ୍ୟ ରାଜେଶ କୁମାର ମହାନାୟକ, ଗୋଷ୍ଠି ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଦର୍ଶନ କୁମାର ପୁରୋହିତ, ବିଭାଗୀୟ ମୁଖ୍ୟ ଭାବରେ ଯୋଗଦାନ କରିଥିଲେ। ଏଥିରେ ଗତ ୬ ମାସରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତ ଓ ଗ୍ରାମସ୍ତରରେ ହୋଇଥିବା ସାମାଜିକ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରାଯିବା ସହ ବିଭିନ୍ନ ଅଭିଯୋଗ/ସମସ୍ୟା ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟ, ଭିଆର୍‌ପି ଓ ଜନସଧାରଣମାନେ ଯୋଗଦେଇଥିଲେ। ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ବ୍ଲକ ସାମାଜିକ ସମୀକ୍ଷକ ଘନଶ୍ୟାମ ଦାଶ ଓ ଏପିଓ ସୌରଭ ରଞ୍ଜନ ମହାନ୍ତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ଶୁଭଙ୍କର ଦେବତା, ସୁଜିତ ଭୋଜ ସମସ୍ତ ରିପୋର୍ଟ ପାଠ ପରେ ଜିଲାସ୍ତରରୁ ଆସିଥିବା ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ବକ୍ତବ୍ୟରେ କହିଥିଲେ ଯେ, ଏହି ସାମାଜିକ ସମୀକ୍ଷା ବିଭିନ୍ନ ଯୋଜନାର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ତଥା ପାରଦର୍ଶିତାକୁ ସୁନିଶ୍ଚିତ କରିବା ଦିଗରେ ଏବଂ ଶୃଙ୍ଖଳା କରିବାରେ ସାହାଯ୍ୟ କରେ, ତେଣୁ ସାମାଜିକ ସମୀକ୍ଷାରେ ଆସିଥିବା ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ଆବଶ୍ୟକତା ରହିଛି। ଶେଷରେ ବ୍ଲକ ସାମାଜିକ ସମୀକ୍ଷକ ଘନଶ୍ୟାମ ଦାଶ ଧନ୍ୟବାଦ ଦେଇଥିଲେ।


ତିଳେଇବଣି ବ୍ଲକ କନଫରେନ୍ସ ହଲଠାରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି।

**ତିଳେଇବଣି ପଞ୍ଚାୟତ ସମିତି**

# ଦରମା ନ ମିଳିବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

**ଭବାନୀପାଟଣା,୨୬ା୯ (ଉତ୍ତମ କୁମାର ଦାଶ)**

### କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଜିଲାପାଳଙ୍କୁ ଦାବିପତ୍ର

କଳାହାଣ୍ଡି ଜିଲାର ୧୩ ବ୍ଲକରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ କର୍ମୀମାନଙ୍କୁ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ହେବ ଦରମା ଟଙ୍କା ମିଳିନାହିଁ। ଏହାକୁ ନେଇ ମିଶନ ଶକ୍ତିରେ କାର୍ଯ୍ୟରତ ୫ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଓ କୃଷି ମିତ୍ର ପ୍ରମୁଖ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାର ମୁଖ୍ୟାଳୟ ଭବାନୀପାଟଣାରେ ସେମାନେ ଏକତ୍ରିତ ହୋଇ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ସେମାନେ ଏକ ବିରାଟ ଶୋଭାଯାତ୍ରା କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ କର୍ମଚାରୀ ଯୋଗଦେଇଥିଲେ। ଦରମା ନ ମିଳିବା ନେଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କୁ ୬ଦଫା ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଗ୍ରହଣ କରିଥିଲେ। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେବ ଦରମା ନ ମିଳିବାରୁ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଏହାକୁ ନେଇ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ଦରମା ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଜିଲା ସଭାନେତ୍ରୀ ସବିତା ନାଗ ଓ ସିଆର୍‌ପି କର୍ମୀ ପଦ୍ମିନୀ ଶବର ପ୍ରକାଶ କରିଛନ୍ତି।

## ନୂଆପଡ଼ାରେ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟବନ୍ଦ

**ନୂଆପଡ଼ା,୨୬ା୯ (ମକାରୁ ବେମାଲ)**

ନୂଆପଡ଼ା ଜିଲାର ୪ ବ୍ଲକର ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ୫ଟି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୬ ମାସ ହେବ ପାରିଶ୍ରମିକ ମିଳି ନ ଥିବାରୁ ଗୁରୁବାରଠାରୁ ଜିଲାସ୍ତରୀୟ ଜିପିଏଲ୍‌ଏଫ୍ (ପଞ୍ଚାୟତସ୍ତରୀୟ ସଂଘ) ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ସଂଘ ସଭାନେତ୍ରୀ ବୀଣାପାଣି ବାରିକଙ୍କ ନେତୃତ୍ୱରେ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର ପ୍ରମୁଖ ନୂଆପଡ଼ା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲାରେ ୧୨୭ ଜଣ ଏମ୍‌ବିକେ, ୮୯୫ ସିଆର୍‌ପି, ୪୬ ବ୍ୟାଙ୍କମିତ୍ର, ୮୧ ପ୍ରାଣୀମିତ୍ର, ୧୦୯ ଜଣ କୃଷିମିତ୍ର କାର୍ଯ୍ୟରତ ଅଛନ୍ତି। ୨୦୦୧ରୁ ମିଶନ ଶକ୍ତି ଯୋଜନା ଆରମ୍ଭ ହୋଇ ୨୦୧୫ଠାରୁ ୫ କମ୍ୟୁନିଟି ସପୋର୍ଟ ଷ୍ଟାଫ ୧୦ବର୍ଷ ହେବ ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟରେ ରୂପାନ୍ତରିତ କରି ଆସୁଛନ୍ତି। ହେଲେ ୬ ମାସ ହେଲା ସେମାନଙ୍କୁ ପାରିଶ୍ରମିକ ମିଳିନାହିଁ। ଫଳରେ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଇଛି। ଏ ନେଇ ଜିଲା ପ୍ରଶାସନଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ବାଧହୋଇ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଥିବା ସଂଘ ସଭାନେତ୍ରୀ ବାରିକ ପ୍ରକାଶ କରିଛନ୍ତି। ପାରିଶ୍ରମିକ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଚେତାବନୀ ଦିଆଯାଇଛି। ସମ୍ପାଦିକା ଗୀତା ଗଡ଼ତିଆ, ଦ୍ରୌପଦୀ ତାଣ୍ଡି, କ୍ଷୀରମତି ରାଉତ, ସନ୍ତୋଷୀ ମେହେର, ସରସ୍ୱତୀ ଦଣ୍ଡସେନା, ଅନୁସୂୟା ଥପା, ଗୁଦନା ମାଝି, ତୁଳେଶ୍ୱରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା କର୍ମଚାରୀ।

## ସଂକ୍ଷେପରେ

### ଜିପିଏଲ୍‌ଏଫ୍ କର୍ମୀ ସଂଘର ଦାବିପତ୍ର

**କୋକସରା,୨୬ା୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** ଅଲ ଓଡ଼ିଶା ଜିପିଏଲ୍‌ଏଫ୍ ଓ ଓଏଲ୍‌ଏମ୍ ମିଶନ ଶକ୍ତି କର୍ମୀ ସଂଘର ଡାକରା କ୍ରମେ ବର୍ଦ୍ଧିତ ଦରମା ମିଳୁ ନ ଥିବାରୁ ବୁଧବାରଠାରୁ ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ ଫେଡେରେଶନ କର୍ମୀ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାକୁ ସମର୍ଥନ ଜଣାଇ କୋକସରା ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ କର୍ମୀ ସଂଘ କୋକସରା ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟବନ୍ଦ କରିଛନ୍ତି। ପ୍ରକାଶ ଯେ, ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଭଳି ୬ ଗୋଟି କମ୍ୟୁନିଷ୍ଟ ସପୋର୍ଟ ଷ୍ଟାଫ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ପ୍ରାୟ ୬ମାସ ହେବ ବର୍ଦ୍ଧିତ ଦରମା ପାଇନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଏହାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରାଯିବ ବୋଲି ସମସ୍ତ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

### ଗାଁକୁ ଫେରିଲା ଶ୍ରମିକଙ୍କ ମୃତ ଶରୀର

**କୋକସରା,୨୬ା୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ଦାଦନ ଖଟିବାକୁ ବାହାରକୁ ରାଜ୍ୟକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତଦେହ ଗୁରୁବାର ଗାଁକୁ ଫେରିଛି। ସେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ ଢୁଢୁକାଠେଙ୍ଗା ପଞ୍ଚାୟତ ଖଳିଗଡ ନୂଆପଡ଼ାର ଯୋଗୀ ଧଙ୍ଗଡାମାଝି (୫୪)। ସୂଚନା ଅନୁସାରେ ତିନି ମାସ ତଳେ ଯୋଗୀ ଦାଦନ ଖଟିବାକୁ ବାଙ୍ଗାଲୋରର କାଲକେରି ମଞ୍ଜୁଳା ନଗରକୁ ଯାଇଥିଲେ। ସେଠାରେ କୌଣସି ଏକ ଘରୋଇ ଠିକା ସଂସ୍ଥାରେ ନିୟୋଜିତ ଥିଲେ। ବୁଧବାର ଅପରାହ୍ଣରେ ଜ୍ୱର ଓ ଛାତି ଯନ୍ତ୍ରଣା ହେବାରୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସେଠାରୁ ସେ ଫେରିଥିଲେ ମଧ୍ୟ ପୁଣି ଛାତି ଯନ୍ତ୍ରଣା ହେବାରୁ ରହୁଥିବା ସ୍ଥାନରେ ତାଙ୍କର ମୃତ୍ୟୁ ହୋଇଥିଲା। ଠିକାସଂସ୍ଥା ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁକୁ ପଠାଇଥିଲେ। ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ମୃତଦେହ ସତ୍କାର କରାଯାଇଛି।

### ତୃଣଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୋମନା,୨୬ା୯(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ପ୍ରାଣୀ ଚିକିତ୍ସାଳୟଠାରେ ବୁଧବାର ଉପଖଣ୍ଡସ୍ତରୀୟ ତୃଣଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରାଣୀସମ୍ପଦ ବିକାଶ ବିଭାଗ ନୂଆପଡ଼ା ଦ୍ୱାରା ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସାରଦା ପ୍ରସାଦ ସିଂ ବରିହା ଯୋଗଦେଇଥିଲେ। ଏସ୍‌ଡିଭିଓ ଡା. କିଶୋର କୁମାର ସାହୁ , ଏଡିଭିଓ ଡା. ସୁଧାଂଶୁ ଶେଖର ବାରିକ, ବିଭିଓ କୋମନା ଡା ରୁଦ୍ର ନାରାୟଣ ସାହୁ, ଭିଏସ୍ ନୂଆପଡ଼ା ସତ୍ୟ ରଞ୍ଜନ ବାରିକ, ତରବୋଡ ତୃଣବିହନ କେନ୍ଦ୍ର ଅଧିକାରୀ ଗୋପୀନାଥ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ଅଧିକାରୀମାନେ ଗୋ ସବୁଜ, ଗୋ ଖାଦ୍ୟ ଉତ୍ପାଦନ, ଘାସ ଚାଷ କରିବା, ଗାଈକୁ ଦାନା ନ ଦେଇ ଶ୍ୱେତସାର ଜାତୀୟ ଘାସ, ପୁଷ୍ଟିସାର ଜାତୀୟ ଘାସ ଦେଲେ ଅଧିକ ଲାଭବାନ ହୋଇ ପାରିବେ ବୋଲି ଚାଷୀଙ୍କୁ ଅବଗତ କରାଇଥିଲେ। ଶିବିରରେ ଅଞ୍ଚଳର ୨୮ଜଣ ଚାଷୀ ଅଂଶଗ୍ରହଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ କାରିଗର ଗୁରୁତର

**ଥୁଆମୂଳ ରାମପୁର, ୨୬ା୯ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟରେ ମରାମତି କାମ କରୁଥିବା ୨ କାରିଗର ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିହାର ରାଜ୍ୟର ଶ୍ରୀକାନ୍ତ ଶର୍ମା (୩୫) ଓ ରାଜୁ ଶର୍ମା (୩୨)। ସୂଚନା ଅନୁଯାୟୀ ଶ୍ରୀକାନ୍ତ ଓ ରାଜୁ ବ୍ଲକ ମୁଖ୍ୟାଳୟ ଫାଟକ ତିଆରି କରି ସୂଚନା ଫଳକ ଲଗାଉଥିବା ବେଳେ ଅସାବଧାନତା ବଶତଃ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳକୁ ଖସିପଡିଥିଲେ। ଏଥିରେ ଉଭୟଙ୍କ ମୁଣ୍ଡ ଓ ପାଦରେ ଗଭୀର ଆଘାତ ଲାଗିଛି। ସେମାନଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ତେରେସିଂହା ମା' ଗଜଲକ୍ଷ୍ମୀ ପୂଜା କମିଟି ଗଠିତ

**ରିଷିଡ଼ା୨୬ା୯(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମର ମା' ଗଜଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଯୁଗଳ କିଶୋର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ କପିନ୍ଦ୍ର ରଣା, ସମ୍ପାଦକ ମହେଶ୍ୱର ଗହୀର, ଉପସଭାପତି ତପନ ମାଝି, ସହସମ୍ପାଦକ ରାମଚନ୍ଦ୍ର ରଣା ଓ କୋଷାଧକ୍ଷ ଭାବେ ସଞ୍ଜୀବ ରଣା (ଠାକୁର) ମନୋନୀତ ହୋଇଛନ୍ତି ।

## ବିଶେଷଜ୍ଞ ଡାକ୍ତର ଆସିଲେନି, ସ୍ଥାନୀୟ ଡାକ୍ତର ରୋଗୀ ଦେଖିଲେ

### ଆୟୁଷ୍ମାନ ଆରୋଗ୍ୟ ଶିବିର

**କୋକସରା,୨୬ା୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାସର ଶେଷ ଗୁରୁବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଉଛି। ଏହି କ୍ରମରେ କୋକସରା ସିଏଚ୍‌ସିରେ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ତପନ କୁମାର ତ୍ରିପାଠୀ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା। ବିଶେଷଜ୍ଞ ଡାକ୍ତର ଆସୁଥିବା ସୂଚନା ପାଇ ଅନେକ ଗର୍ଭବତୀ ମହିଳା ଶିବିରକୁ ଆସିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଡାକ୍ତର ଆସି ନ ଥିଲେ। ସିଡିଏମ୍‌ଓ କାର୍ଯ୍ୟାଳୟରୁ ଡାକ୍ତର କୌଣସି କାରଣବଶତଃ ଯାଇପାରିବେ ନାହିଁ ବୋଲି ସୂଚନା ଆସିଥିଲା। ଫଳରେ କୋକସରା ଭାରପ୍ରାପ୍ତ ଡା. ତତ୍ତ୍ୱଦର୍ଶୀ ଦାସ ଓ ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୌମ୍ୟ ଦେହୁରି ଆସି ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା କରିଥିଲେ। ତେବେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନ ଆସିବାରୁ ମହିଳା ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କୋକସରା ସିଏଚ୍‌ସିର ପିଏଚ୍‌ଇଓ ଶର୍ମିଳା ଛତ୍ରିଆଙ୍କୁ ପଚାରିବାରୁ ବିଶେଷଜ୍ଞ ଡାକ୍ତର ଅସୁସ୍ଥତା କାରଣରୁ ଶିବିରରେ ଯୋଗ ଦେଇପାରି ନ ଥିବା କହିଛନ୍ତି।





ଶିବିରରେ ରୋଗୀ ଦେଖୁଛନ୍ତି ଡାକ୍ତର।

## ଭାଜପା କୋକସରା ମଣ୍ଡଳ ପକ୍ଷରୁ ସେବା ସପ୍ତାହ

**କୋକସରା,୨୬ା୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କଳାହାଣ୍ଡି ଜିଲା କୋକସରା ଭାଜପା ମଣ୍ଡଳ ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଯାଇଛି। ମଣ୍ଡଳ କର୍ମକର୍ତ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କର ସେବାଯତ୍ନ କେମିତି ହେଉଛି ସେ ନେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ଼, ଜିଲା ସମ୍ପାଦକ ଜୟ ଶଙ୍କର ନାଏକ, ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ପ୍ରଭାରୀ ଗରୁଡଧ୍ୱଜ ମାଝି, ଉପସଭାପତି ମୁକୁନ୍ଦ ପଟ୍ଟନାୟକ, ଯୁବମୋର୍ଚ୍ଚା ସଦସ୍ୟ ବସନ୍ତ ନାଗ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ର ପ୍ରଧାନୀ, ସୁଶିଳ କୁମାର ପାଢୀ ପ୍ରମୁଖ ସାମିଲ ଥିଲେ।

## ଏକ୍ସ କ୍ୟାଡର ଶିକ୍ଷକଙ୍କୁ ସିଆର୍‌ସିସିରେ ସୁଯୋଗଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଖଡ଼ିଆଳ,୨୬ା୯ (ସୁଜିତ କୁମାର ପ୍ରଧାନ)**

ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ସିଆର୍‌ସିସି ଭିଜନିଂ ଟେଷ୍ଟରେ ସୁଯୋଗ ନ ଦେବାରୁ ନୂଆପଡ଼ା ଜିଲା ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ସଂଘ ସଭାପତି ଅଲେଖ ସାହୁ ହାଇକୋର୍ଟରେ ଡବ୍ଲ୍ୟୁପି (ସି) ନଂ.୨୪୦୫୧/୨୦୨୪ରେ ଏକ ମାମଲା ଦାୟର କରିଥିଲେ। ଏକ୍ସ କ୍ୟାଡର ଶିକ୍ଷକମାନେ ପ୍ରମୋଶନ ବ୍ୟତୀତ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇବାର ବିଜ୍ଞପ୍ତି ଥିବାବେଳେ ବିଭିନ୍ନ ଜିଲାରେ ଅଣଦେଖା କରାଯାଉଥିଲା। ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ କୁନାଲ କୁମାର ସ୍ୱାଇଁଙ୍କ ବଳିଷ୍ଠ ଯୁକ୍ତି ଫଳରେ ଉକ୍ତ ମାମଲାର ଶୁଣାଣିକରି ଜଷ୍ଟିସ ବି.ପି. ରାଉତରାୟ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ସିଆର୍‌ସିସି ଭିଜନିଂ ଟେଷ୍ଟରେ ସୁଯୋଗ ଦେବା ପାଇଁ ଗଣଶିକ୍ଷା ସଚିବ, ଓସେପା ନିର୍ଦ୍ଦେଶକ ଓ ଡିଇଓ ନୂଆପଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଓଡ଼ିଶାର ୧୮ ହଜାର ଏକ୍ସ କ୍ୟାଡର ଶିକ୍ଷକ ଉପକୃତ ହେବେ।

## ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ ହେଉ





ଭବାନୀପାଟଣାରେ ଏନ୍‌ଏମ୍‌ଓପିଏସ୍‌ର ଶୋଭାଯାତ୍ରା।

**ଭବାନୀପାଟଣା,୨୬ା୯ (ଉତ୍ତମ କୁମାର ଦାଶ)**

- ଭବାନୀପାଟଣାରେ ଏନ୍‌ଏମ୍‌ଓପିଏସ୍‌ର ରଣହୁଙ୍କାର
- ଏକ ଦେଶ,ଏକ ପେନ୍‌ସନ୍‌ର ଆହ୍ୱାନ

କେନ୍ଦ୍ର ସରକାର କର୍ମଚାରୀଙ୍କ ନିମନ୍ତେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ ଘୋଷଣା କରିବା ପରେ ଦେଶରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଗୁରୁବାର କଳାହାଣ୍ଡି ଏନ୍‌ଏମ୍‌ଓପିଏସ୍ ଶାଖା ପକ୍ଷରୁ ସଭାପତି ସାମନ୍ତ କୁମାର ପଟ୍ଟଯୋଶୀଙ୍କ ନେତୃତ୍ୱରେ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା। ପରେ ସେଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏମ୍‌ଓପିଏସ୍‌ର ଜିଲା ଶାଖା ସାଧାରଣ ସମ୍ପାଦକ ଲଳିତ କୁମାର ନାଏକ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଜିଲା ସଭାପତି ବୀରେନ୍ଦ୍ର ବାଗ, ରାଜ୍ୟ ଏନ୍‌ଏମ୍‌ଓପିଏସ୍‌ର ଉପସଭାପତି ବଙ୍କିମ ଚନ୍ଦ୍ର ସାଗର, ବସନ୍ତ କୁମାର, ପ୍ରଦ୍ୟୁମ୍ନ ହୋତା, ରାହୁଲ ବନ୍‌ଛୋର, ନୀଳାଞ୍ଚଳ ରଥ, ଆଶୁତୋଷ ମିଶ୍ର, ତନ୍ମୟ ମିଶ୍ର, ବିଜୟ କୁମାର ପାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେମାନେ ଏକ ଦେଶ ଏକ ପେନ୍‌ସନ୍ (ଅବିକଳ ପୁରୁଣା ପେନ୍‌ସନ୍) ପୁନଃ ପ୍ରଚଳନ ଦାବି ଉପସ୍ଥାପନ କରିବା ସହ କେନ୍ଦ୍ର ସରକାରଙ୍କ ଏନ୍‌ପିଏସ୍/ୟୁପିଏସ୍ ଭଳି ପ୍ରଥାର ସମାଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆସନ୍ତା ଦିନରେ ସମସ୍ତ ବିଭାଗର ଏନ୍‌ପିଏସ୍ କର୍ମଚାରୀ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାନୀ ଦେଇଥିଲେ। ଏହି ସମାବେଶକୁ ଏୟୁପିଟିଏଫ୍ ତଥା ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ, ମାଧ୍ୟମିକ ତଥା ଉଚ୍ଚ ଶିକ୍ଷା ବିଭାଗ ସଂଘ, ଅମଲା ସଂଘ, ଗୃହ, ସ୍ୱାସ୍ଥ୍ୟ, ଜଙ୍ଗଲ, ବିଦ୍ୟୁତ୍, କୃଷି ଆଦି ୨୮ ବିଭାଗ ସହ ଜିଲାର ୧୩ ବ୍ଲକ ଏନ୍‌ଏମ୍‌ଓପିଏସ୍ ଶାଖାର ଏନ୍‌ପିଏସ୍ କର୍ମଚାରୀ ସମର୍ଥନ କରିଥିଲେ। ବିକ୍ଷୋଭ ସଭାକୁ ଅଜିତ ନାୟକ ଓ ଚିତ୍ତରଞ୍ଜନ ଦଳପତି ପରିଚାଳନା କରିଥିଲେ।

## କୃଷି ସମବାୟ ସମିତିର ବାର୍ଷିକ ସଭା



ସଭାରେ ଉପସ୍ଥିତ ସମିତି କର୍ମକର୍ତ୍ତା ଓ ଚାଷୀମାନେ।

**କଲମପୁର, ୨୬ା୯(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁରସ୍ଥିତ ଧାନମଣ୍ଡି ପରିସରରେ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶଙ୍କର୍ଷଣ ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇ କୃଷକମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ସମବାୟ ସମିତିର ବିଶେଷ ଭୂମିକା ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ୧ ଲକ୍ଷ ଟଙ୍କାରୁ କମ୍ ଋଣ ପାଇଁ ୦% ଓ ୧ ଲକ୍ଷରୁ ଊର୍ଦ୍ଧ୍ୱ ଋଣ ପାଇଁ ୨% ସୁଧ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉଛି ବୋଲି କହିଥିଲେ। ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ରମୋହନ ବାଗ ବଜେଟ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଚାଷୀଙ୍କ ପକ୍ଷରୁ ରାଧେଶ୍ୟାମ ଶର୍ମା, ଧନଞ୍ଜୟ ମାଝି, ଭବାନୀ ଶଙ୍କର ବେହେରା, ଦୁଃଖିଶ୍ୟାମ ମାଝି ପ୍ରମୁଖ ଧାନ କିଣାବିକା ସମୟରେ କୁଇଣ୍ଟାଲ ପିଛା ଅଧିକ କଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଥିବା ପ୍ରସ୍ତାବ ଆଗତକରି ଏ ଉପରେ ଉଚ୍ଚ ସ୍ତରକୁ ଜଣାଇବାକୁ ଅନୁରୋଧ କରିଥିଲେ। ଏହା ଉପରେ ସମିତିର ନିର୍ଦ୍ଦେଶକ ପୀତବାସ ସାହୁ, ମହେନ୍ଦ୍ରନାଥ ସାହୁ ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ମଞ୍ଜୁଲତା ସାହୁ, ନିର୍ଦ୍ଦେଶକ ଘନଶ୍ୟାମ ନାଏକ, ଆର୍‌ଏମ୍‌ସି କର୍ମଚାରୀ ମଧୁସୂଦନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିର୍ଦ୍ଦେଶକ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କର୍ଲାମୁଣ୍ଡା,୨୬ା୯(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଗୁରୁବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା କ୍ଲଷ୍ଟରର ୯ ବିଦ୍ୟାଳୟକୁ ନେଇ ସୁରୁଜୁଲିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ବୁଧେଶ୍ୱର ନାଗ, ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ସୁରୁଜୁଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଜଗଦୀଶ ରଣା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ରେଙ୍ଗାଲି କ୍ଲଷ୍ଟରର ୧୦ ବିଦ୍ୟାଳୟକୁ ନେଇ ଭଟାପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୋରପଦର ସରପଞ୍ଚ ସୁବାସ ସାହୁ, ସମ୍ମାନିତ ଅତିଥି ଭାବେ ଭଟାପଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରାଣ ବନ୍ଧୁ ରଣା, ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ, ଶିକ୍ଷକ ଜଗମୋହନ ସାହୁ ଯୋଗ ଦେଇଥିଲେ।



ସୁରୁଜୁଲିଠାରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ଜିଲାର ୨୬୦ ଗାଁ ଉପକୃତ ହେବ

**ନୂଆପଡ଼ା,୨୬ା୯ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆଲୋଚନା ପରେ ଜିଲାପାଳ ମଧୁସୂଦନ ଦାସ ସୂଚନା ଦେଇ କହିଥିଲେ, ଅନୁସୂଚିତ ଜନଜାତି ବହୁଳ ଗାଁଗୁଡିକରେ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଆରମ୍ଭ ହୋଇଛି । ୧୭ ଗୋଟି ବିଭାଗ ପକ୍ଷରୁ ପ୍ରାୟୋଜିତ ୨୫ କାର୍ଯ୍ୟକ୍ରମ ଦ୍ୱାରା ଉକ୍ତ ଗାଁଗୁଡିକରେ ସରକାରଙ୍କ ତରଫରୁ ଉପଲବ୍ଧ ସୁବିଧା ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯିବ।

### ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନା

ଯୋଗ୍ୟ ହିତାଧିକାରୀଙ୍କ ପାଇଁ ପକ୍କାଘର, ଗମନାଗମନ ସୁବିଧା, ଆତ୍ମନିଯୁକ୍ତି ଯୋଜନା, ତାଲିମ, ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ବିଶେଷ ଭାବରେ ଧ୍ୟାନ ଦିଆଯିବ । ନୂଆପଡ଼ା ଜିଲାର ୨୬୦ ଗାଁକୁ ଏହି ଯୋଜନାରେ ସାମିଲ କରାଯାଇଛି। ନୂଆପଡ଼ା ବ୍ଲକ୍‌ର ୩୪ ଗାଁ, କୋମନା ୧୨୪, ଖଡିଆଳ ୧୮, ବୋଡେନ ୭୦ ଓ ସିନାପାଲି ବ୍ଲକରେ ୧୪ ଗାଁର ଆଦିମ ଅଧିବାସୀ ଉପକୃତ ହେବେ। ଏହାକୁ ଏକ ମିଶନ ହିସାବରେ ନେଇ ଶତ ପ୍ରତିଶତ ସଫଳ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ଦ୍ୱାରା ଆହୂତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ଜବାହର ନବୋଦୟ ବିଦ୍ୟାଳୟ: ପ୍ରବେଶ ଲାଗି ଅନ୍‌ଲାଇନ ଆବେଦନର ଅନ୍ତିମ ତାରିଖରେ ପରିବର୍ତ୍ତନ

**ପାଇକମାଳ, ୨୬।୯(ବଡ ଶତପଥୀ):** ଭାରତ ସରକାରଙ୍କ ଅଧୀନରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ଅନଲାଇନ ଆବେଦନର ଅନ୍ତିମ ତାରିଖକୁ ପରିବର୍ତ୍ତନ କରାଯାଇଛି। ବରଗଡ ଜିଲା ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୫-୨୬ ବର୍ଷପାଇଁ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ଅନଲାଇନ ଫର୍ମ ଆବେଦନର ଅନ୍ତିମ ତାରିଖ ୨୩ ସେପ୍ଟେମ୍ବର ୨୦୨୪କୁ ପରିବର୍ତ୍ତନ କରି ୭ ଅକ୍ଟୋବର ୨୦୨୪ (ସୋମବାର)ଦିନକୁ ଆବେଦର ଅନ୍ତିମ ଦିବସ ଭାବେ ଧାର୍ଯ୍ୟ କରାଯାଇଛି। ଏହା ସହିତ ଅକ୍ଟୋବର ୮ ଓ ୯ ତାରିଖ ଦୁଇଦିନରେ ପୂର୍ବରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ନିଜର ଅନଲାଇନ ଆବେଦନରେ ଯଦି କିଛି ତ୍ରୁଟି ଥାଏ ତାହାକୁ ସଂଶୋଧନ କରି ପାରିବେ ବୋଲି ମଧ୍ୟ ବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଆବେଦନ ନିମନ୍ତେ ଇଚ୍ଛୁକ ଛାତ୍ରୀଛାତ୍ର ବରଗଡ଼ର ଅଧିବାସୀ ହୋଇ ଥିବା ସହିତ ବରଗଡ଼ ଜିଲାରେ ଥିବା ସରକାରୀ ବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରୁ ୨୦୨୪-୨୫ବର୍ଷରେ ପଞ୍ଚମ ଶ୍ରେଣୀରେ ପଢୁଥିବେ। ଏହି ଚୟନ ପରୀକ୍ଷା ୧୮ ଜାନୁଆରୀ ୨୦୨୫ରେ କରାଯିବାକୁ ସ୍ଥିର କରାଯାଇଛି।

### ଇଂଲିଶ ବିଭାଗ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଣ୍ଟାମାଳ ଡିଗ୍ରୀ କଲେଜ**

**କଣ୍ଟାମାଳ,୨୬।୯( ଆଦିତେଶର ମିଶ୍ର):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜର ସଭାଗୃହରେ ବୁଧବାର ଇଂରାଜୀ ବିଭାଗର ନବାଗତ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଇଂରାଜୀ ଅଧ୍ୟାପକ ଦେବଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ କିଶୋର ଚନ୍ଦ୍ର ଜଗଦେବ, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ରବିନ୍ଦ୍ର କୁମାର ପ୍ରଧାନ, ଓଡ଼ିଆ ଅଧ୍ୟାପକ ସୁନିଲ କୁମାର ହରିପାଲ, ଇତିହାସ ଅଧ୍ୟାପକ ବସନ୍ତ କୁମାର ଖଟୁଆ, ଇଂରାଜୀ ଅଧ୍ୟାପକ ଦୀପକ ମେହେର ଓ ଗ୍ରନ୍ଥାଗାରିକ ଯତିନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ଯୁଗରେ ଶିକ୍ଷାର ଗୁରୁତ୍ୱ ରହିଥିବା ବେଳେ ସମସ୍ତେ ଶୃଙ୍ଖଳିତ ରହି ଶିକ୍ଷାଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହାଛଡା ପୁରାତନ ଛାତ୍ରୀଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ସଙ୍ଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ସୋନମ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ସୋନାଲି ମେହେର ମଞ୍ଚ ସଂଯୋଜନା ଓ ଛାତ୍ର ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ରୀ ଅଙ୍କିତା ବସ୍ତିଆ, ଛାତ୍ର କାହ୍ନା ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ନର୍ସିଂ କର୍ମଚାରୀଙ୍କ ଧାରଣା।

# ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ, ରୋଗୀ ହଟହଟା

**ବରଗଡ, ୨୬।୯( ପ୍ରେମାନନ୍ଦ ଖମାରୀ)**

୧୦ଦଫା ଦାବି ନେଇ ନର୍ସିଂ କର୍ମଚାରୀମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରୁଛନ୍ତି। ବରଗଡ଼ ଜିଲାରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଫଳରେ ଜିଲାରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। କେବଳ ପ୍ରସୂତି ବିଭାଗକୁ ଛାଡି ଅନ୍ୟ ସମସ୍ତ ବିଭାଗର ନର୍ସିଂ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ରୋଗୀମାନଙ୍କୁ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଦାବି ସମୂହ ପୂରଣ ନ ହେଲେ ଆଗକୁ ସିରିଞ୍ଜ୍ ଛାଡ ଆନ୍ଦୋଳନ କରିବାକୁ ନର୍ସିଂ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ଶହେ ଜଣ ନର୍ସିଂ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗରେ ଅବସ୍ଥାପିତ ରହି ରୋଗୀମାନଙ୍କୁ ସେବା ଯୋଗାଇ ଦେଇଥାନ୍ତି। କିନ୍ତୁ ଗତ ୨ଦିନ ହେଲା ନର୍ସିଂ କର୍ମଚାରୀମାନେ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଅଟଳ ରହିଛନ୍ତି। ଫଳରେ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଜଟିଳ ହେବାରେ ଲାଗିଛି। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହା ପରିଲକ୍ଷିତ ହୋଇଥିଲା। ବିଭିନ୍ନ ବିଭାଗରେ ଡାକ୍ତର ଏବଂ ନର୍ସିଂ କର୍ମଚାରୀଙ୍କ ଚୌକି ଖାଲି ପଡିଥିବା ଦେଖିବାକୁ ମିଳିଥିଲା। ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କୁ ପ୍ରାଥମିକ ଚିକିତ୍ସା ମଧ୍ୟ ମିଳୁ ନ ଥିଲା। ସେମାନଙ୍କୁ ଭିମ୍‌ସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳିଥିଲା। ବିଷକ୍ରିୟା ଯୋଗୁ ଅସୁସ୍ଥ ହୋଇ ପଡିଥିବା ଜଣେ ରୋଗୀଙ୍କୁ ଧରି ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିବାବେଳେ ତାଙ୍କୁ ତୁରନ୍ତ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେହିପରି ଦୁର୍ଘଟଣାରେ ଆହତଙ୍କୁ ଧରି ଲୋକେ ଚିକିତ୍ସା ପାଇଁ ଆସିଥିବାବେଳେ ପ୍ରାଥମିକ ଚିକିତ୍ସା ସୁଦ୍ଧା କରା ନ ଯାଇ ବୁର୍ଲା ନେବାକୁ ଉପସ୍ଥିତ ଡାକ୍ତର କହିଥିବା ଅଭିଯୋଗ ହୋଇଛି। କେବଳ ଉକ୍ତ ୨ରୋଗୀ ନୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯେଉଁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି ସମସ୍ତଙ୍କ କ୍ଷେତ୍ରରେ ଅନୁରୂପ ସମସ୍ୟା ଉପୁଜୁଥିବା ଯୋଗୁ ଡାକ୍ତରଖାନାରେ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଜିଲାର ଅନ୍ୟ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ଧାରଣାରେ ସାମିଲ ଥିବାରୁ ସେହି ଡାକ୍ତରଖାନା ଗୁଡିକରେ ମଧ୍ୟ ରୋଗୀ ସେବା ବ୍ୟାହତ ହୋଇପଡିଛି। ଫଳରେ ଜନଅସନ୍ତୋଷ ବଢିବାରେ ଲାଗିଛି।

# ବୁଗବୁଗା ଆଞ୍ଚଳିକସ୍ତରୀୟ ସୁରଭି

**ସରଣ୍ଡା, ୨୬।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଗବୁଗା କ୍ଲଷ୍ଟର ଆଞ୍ଚଳିକସ୍ତରୀୟ ସୁରଭି ୨୦୨୪ ସିଆରସିସି ନନ୍ଦିଘୋଷ ଭୁଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବୁଗବୁଗା ସରପଞ୍ଚ ଶେଷଦେବ ଛନ୍ଦ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ବିଦ୍ୟାଳୟ ଚେୟାରମ୍ୟାନ ପ୍ରଦୀପ କୁମାର ଛନ୍ଦ, କୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ, ପାତ୍ରାପାଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଟୁନା କର୍ଣ୍ଣ ମଞ୍ଚାସୀନ ଥିଲେ। ସଙ୍ଗୀତରେ କନିଷ୍ଠ ଓ ବରିଷ୍ଠ ପ୍ରତିଯୋଗିତାରେ ଯଥାକ୍ରମେ ଜାଗୃତି ଲୁହା ଓ କୁସୁମ ଭୁଏ,ଚିତ୍ରାଙ୍କନରେ କନିଷ୍ଠ ଓ ବରିଷ୍ଠରେ ଯଥାକ୍ରମେ ସିଦ୍ଧିରାଣୀ ଜମାଦାର, ଆକାଂକ୍ଷା ଦୀପ, ବିତର୍କ ବରିଷ୍ଠରେ ଅଙ୍କିତା ଛନ୍ଦ, ବକ୍ତୃତାରେ ମମିତା ଗେଜୋ, ରୋଷନୀ କର, କୁଇଜରେ ପ୍ରିୟଙ୍କା ପ୍ରିୟଦର୍ଶିନୀ କର୍ଣ୍ଣ, ଆକାଂକ୍ଷା ସାହୁ, ପ୍ରବନ୍ଧ ଲିଖନରେ କ୍ଷତିପ୍ରୀୟା ଭୋଇ, ସୃଜନଶିଳ ଲିଖନରେ ମୋନାଲିସା ବାରିକ, ଚେତସ୍ମିତା ମହାକୁର, ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପତ୍ରାପାଲି ଦଳ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ଶିକ୍ଷକ ରାଜେଶ୍ୱର ପ୍ରଧାନ, ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନ, ରୁଚିସ୍ମିତା ସାହୁ ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମୁକେଶ ଭୂଷାଗର ଏବଂ ଶିକ୍ଷୟିତ୍ରୀ ଅରୁଣା ଭୋଇ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଗ୍ରାମ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।




ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ବିକାଶ ନର୍ସିଂ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଛାତ୍ରୀ ଏବଂ ଅନ୍ୟମାନେ।

# ବିକାଶ ନର୍ସିଂ କଲେଜରେ ବିଦାୟ ସମ୍ବର୍ଦ୍ଧନା

**ବରଗଡ଼, ୨୬।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ନର୍ସିଂ କଲେଜରେ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜରେ ବିଏସ୍‌ସି. ନର୍ସିଂ ପଢୁଥିବା ପ୍ରଥମ ବ୍ୟାଚ୍, ଏଏନ୍‌ଏମ୍‌ର ତୃତୀୟ ବ୍ୟାଚ୍ ଏବଂ ଡିଏମ୍‌ଆର୍‌ଟିର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ବିଦାୟ ଜଣାଇବା ସକାଶେ ଅନ୍ୟ ବ୍ୟାଚ୍‌ର ଜୁନିୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନର କନଭେନ୍ସନ ହଲଠାରେ ଏକ ସଭା ଆୟୋଜନ ହୋଇଥିଲା। ସଭା ପ୍ରାରମ୍ଭରେ ସିନିୟର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସକାଶେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶର ରାଓ, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି. ଶ୍ରୀନିବାସ, ମୁଖ୍ୟ ପ୍ରଶାସକ ଇଂ. ଅଜୟ ମହାପାତ୍ର, ଆଇନ ପରାମର୍ଶଦାତା ପି. କେ. ଦାସ, ଲ କଲେଜ ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ, ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ପଲିଟେକ୍‌ନିକ୍ ଅଧ୍ୟକ୍ଷ ଦିଲୀପ ଖମାରୀ, ନର୍ସିଂ କଲେଜ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଛାତ୍ର କଲ୍ୟାଣ ସମିତିର ଡିନ୍ ଆର୍. ଏସ. ଭି କ୍ରିଷ୍ଣା, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଉପାଧ୍ୟକ୍ଷ ଦୀପକ ନାଏକଙ୍କ ସମେତ ନର୍ସିଂ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ରାଓ, ଚେୟାରମ୍ୟାନ ରାଓ ଏବଂ ନର୍ସିଂ କଲେଜ ଅଧ୍ୟକ୍ଷା ପଟେଲ ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ କଠିନ ପରିଶ୍ରମ କରିବା ପାଇଁ ଉତ୍ସାହିତ କରିଥିଲେ। ଚେୟାରମ୍ୟାନଙ୍କ ସମେତ ଉପସ୍ଥିତ ସମସ୍ତ ଅତିଥିଙ୍କ ଦ୍ୱାରା ସିନିୟର ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସ୍ୱଚ୍ଛତା ହିଁ ସେବା ଅଭିଯାନ

**ବାଉଁଶୁଣୀ,୨୬।୯(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳନ କରାଯିବା ସହ ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗର ଅଧ୍ୟାପକ ତଥା ବୌଦ୍ଧ ଜିଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ଘଡ଼େଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଶଶିକାନ୍ତ ଜେନା, ରେଡକ୍ରସ ଦାୟିତ୍ୱରେ ଥିବା ଖେଳ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଜେ ପରିଷ୍କାର ରହିବା, ପରିବେଶ ପରିଷ୍କାର ରଖିବା, ବ୍ୟକ୍ତିର ସ୍ୱଚ୍ଛତା ଓ ନିଶା ନିବାରଣ ସମ୍ବନ୍ଧରେ ଗୁରୁତ୍ୱ ଆରୋପ କରିଥିଲେ । ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସର ପରିଷ୍କାର କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବାବାରାମ ଦେହୁରୀ ଙ୍କ ସମେତ ୧୦୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ଅମ୍ବାଭୋନାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବରଗଡ଼, ୨୬।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା କେଦାରନାଥ ମନ୍ଦିର ପରିସରରେ ଗୁରୁବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଅମ୍ବାଭୋନା ରାସ୍ତା କଡ ସୁବିଧା କେନ୍ଦ୍ର ପରିସର ଏବଂ କେଦାରନାଥ ମନ୍ଦିର ପରିସରକୁ ସ୍ୱଚ୍ଛ କରିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଆଞ୍ଚଳିକ ପରିବହନ ବିଭାଗର ମୋଟର ଯାନ ଇନ୍ସପେକ୍ଟର ସୁଷମା ସାହୁ, ଟ୍ରାନ୍ସପୋର୍ଟ ଇନ୍ସପେକ୍ଟର ପ୍ରଦୀପ କୁମାର ପଟ୍ଟନାୟକ, ବଳରାମ ଦାଶ, ଅମ୍ବାଭୋନା ତହସିଲଦାର ଆନନ୍ଦ ପଣ୍ଡା, ସରପଞ୍ଚ ପ୍ରତିନିଧି ଗଜେନ୍ଦ୍ର ଦାସ, ପାନୀୟ ଜଳ ଓ ପରିମଳ ବିଭାଗର ସତ୍ୟରାମ ମାଝି, ଟିକରାମ ନାଏକ, ସ୍ୱେଚ୍ଛାସେବୀ ଅଭୟ ପଣ୍ଡାଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅମ୍ବାଭୋନା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଏବଂ ଅନ୍ୟମାନେ। ।

# ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବରପାଲି, ୨୬।୯(ଚିତ୍ତରଞ୍ଜନ ସାହୁ)**

**ବରଗଡ଼ ଜିଲା**

ବରଗଡ଼ ଜିଲା ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରପାଲି ବ୍ଲକ ଅଧ୍ୟକ୍ଷା ରିନା ଥଇତ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ବରପାଲି ତହସିଲଦାର ରୁକ୍ମଣ ମେହେର, ବରଗଡ଼ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ, ଜିଲା ପରିଷଦ ସଭ୍ୟ ଅନନ୍ତ ସେଟ, ଗୋବିନ୍ଦ ସାହୁ ଓ ସଂଯୁକ୍ତା ସାହୁ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରପାଲି ବ୍ଲକର ସମସ୍ତ ଏଫ୍‌ଏଲ୍‌ଏନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଅତିଥିମାନେ ମିଶନର ମୂଳ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ବିଦ୍ୟା ପ୍ରବେଶ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମହତ୍ତ୍ୱ ସମ୍ପର୍କରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାକୁ ସହକାରୀ ଶିକ୍ଷକ ସୋହନ ପଧାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସରୋଜ ରାଉତ, ଶ୍ରୀନିବାସ ପଧାନ, କ୍ଷେତ୍ର ମେହେର, ମିଥୁନ ସାହୁ, ନିମେଇ ଦାସ, ଲୁପାଞ୍ଜନ ବାରିକ, ବିନୟ ଭୋଇ, ଅଶୋକ ସାହୁ, ରାଜେନ୍ଦ୍ର ମେହେର, ସୁଦାମ ମେହେର, ସଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପୁଣେରେ ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଳ, ୨୬।୯(ବଡ଼ ଶତପଥି)**

**ସମ୍ବଲପୁରୀ ନାଚରେ ଦୁଲୁକିଲା ମଞ୍ଚ**

ମହାରାଷ୍ଟ୍ର ପୁଣେରେ ରହୁଥିବା ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ମିଶି ନୂଆଁଖାଇ ଭେଟ୍‌ଘାଟ୍ ଧୁମଧାମରେ ପାଳନ କରିଛନ୍ତି। ନୂତନଭାବେ ଅମଳଧାନରୁ ପ୍ରସ୍ତୁତ ଭୋଗକୁ ଇଷ୍ଟଦେବୀଙ୍କଠାରେ ଲଗେଇଥିଲେ। ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ସଂଘର ସଭାପତି ହେମସାଗର ସାହୁଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍‌ଘାଟ୍ ହୋଇଥିଲା। କାର୍ଯ୍ୟକ୍ରମ ପୁନେର ଅଙ୍କୁଶ ରାଓ ଲାଣ ଗେହଲ, ଭୋଷରିଠାରେ ଅନୁଷ୍ଠିତ ହୋଇଥିଲା।

ପୁନେର ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଦ୍ୱାରା ପଞ୍ଜୀକୃତ 'ଭେଟ୍‌ଘାଟ୍ କଲଚରାଲ ଆସୋସିଏଶନ' ୨୦୦୫ରୁ ପ୍ରତ୍ୟେକ ବର୍ଷ ଏହିଠାରେ ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରିଆସୁଛି। ଚଳିତବର୍ଷ ନୂଆଁଖାଇ ଭେଟ୍‌ଘାଟ୍‌ରେ ପ୍ରାୟ ୬୦୦ରୁ ଅଧିକ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଏକତ୍ରିତ ହୋଇଥିଲେ। ପ୍ରଥମେ ବିଭିନ୍ନ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲଗାଯାଇଥିଲା। ପରେ ସମସ୍ତଙ୍କୁ ଭୋଗ ପ୍ରସାଦ ସହ ସୁସ୍ୱାଦୁ ଖାଦ୍ୟ ଭାତ, ଡାଲି, କରଡ଼ି ଲେଥା, ଆରିସା ପିଠା, ଆମ୍ବୁଲ ରାଇ ପ୍ରଭୃତି ବ୍ୟଞ୍ଜନବଣ୍ଟନ କରାଯାଇଥିଲା। ସମସ୍ତେ ମନଭରି ଅନ୍ନପ୍ରସାଦ ଖାଇ ଜୁହାର ଭେଟ୍ ହୋଇଥିଲେ।

ଏ ବର୍ଷ ପଶ୍ଚିମ ଓଡ଼ିଶାର ଢ଼ଲିଆଖୁସା କଳାପରିଷଦ, ବରଗଡ଼ର ଗୀତ ବାଦ୍ୟରେ ସମ୍ବଲପୁରୀ ନୃତ୍ୟଗୀତରେ ଦୁଲୁକିଥିଲା ମଞ୍ଚ। ଆନନ୍ଦରେ ଖୁବ ଝୁମିଥିଲେ ଦର୍ଶକ। କମେଡି କିଙ୍ଗ ମନ ପଟେଲ, କେଦାର ପଟେଲ ଓ ଚାନ୍ଦିନୀ ସୁନାଙ୍କ ହାସ୍ୟ ନାଟକରେ ହସି ବେଦମ ହେଇଥିଲେ ସମସ୍ତେ। କଳା ଓ ସଂସ୍କୃତିକୁ ପ୍ରଚାର୍ ପ୍ରସାର କରିବା ସହିତ ନାରୀମାନଙ୍କୁ ଉପାର୍ଜନ କ୍ଷମତା ଦେଇ ଆସୁଥିବା ଦଣ୍ଡରତ୍ନ ବିପିନ ଜାଲଙ୍କୁ ଦଣ୍ଡ ଅର୍ଜୁନ ଉପାଧିରେ ସମ୍ମାନିତ କରାଯାଇଥିଲା। ପିଙ୍କି ଶର୍ମାଙ୍କର କୋରିଓଗ୍ରାଫ କରିଥିବା ଆର୍ମିସ୍କୁଲର ପିଲାଙ୍କ ନୃତ୍ୟ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଅବସରରେ ମଞ୍ଚରେ ଏକ ବାର୍ଷିକ ପତ୍ରିକା ଉନ୍ମୋଚନ ହୋଇଥିଲା। ମୁଖିଆ ଭାବରେ ଜିତେନ୍ଦ୍ର ମିଶ୍ର, ପ୍ରତ୍ୟୁଷା ଗୁରୁ ଓ ପିଙ୍କି ଶର୍ମା ମଞ୍ଚ ପରିଚାଳନାରେ ଥିଲେ। ସଭ୍ୟ ତନ୍ମୟ ପାଟଯୋଶୀ, ଉପେନ୍ଦ୍ର ତ୍ରିପାଠୀ, ଅଭିନବ ଯୋଶୀ, ଦୀପକ ପଟେଲ, ଅଭିଳାଷ ମିଶ୍ର, ଘଣ୍ଟେଶ୍ୱର୍ ନେଲ ଦାଶ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଉପସ୍ଥିତ ସମସ୍ତ ପଶ୍ଚିମ ଓଡ଼ିଶାର ପ୍ରବାସୀ ସମ୍ବଲପୁରୀ ବେଶଭୁଷାରେ ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ବେଶୀ ନିଆରା ଥିଲା ସମସ୍ତଙ୍କ ମନପସନ୍ଦ ସମ୍ବଲପୁରୀ ନାଚ। ଅନେକ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସୁନିଲ ସାହୁ ନିଜର ବକ୍ତବ୍ୟ ରଖିବା ସହ ସ୍ୱାଗତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





ପୁନେରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କଳାକାର ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ।

## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର ମାମଲାରେ ୫ ଅଟକ

**ରାଉରକେଲା,୨୬।୯(ସଙ୍ଗୀତା ଜେନା):** ଗତ ରବିବାର ରାତିରେ ଏକ ରାଉରକେଲାର ପାର୍କରେ ହୋଇଥିବା ଗଣବଳାତ୍କାର ଘଟଣାରେ ପୋଲିସ ୫ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମଙ୍ଗଳବାର ରାତିରେ ମାମଲା ରୁଜୁ ହୋଇଥିବା ବେଳେ ଗୁରୁବାର ସକାଳେ ସ୍ୱତନ୍ତ୍ର ଟିମ୍ , ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି। ଘଟଣାର ସିନ୍ ରିକ୍ରିଏଶନ କରାଯାଇଛି। ଉକ୍ତ ମାମଲାର ସମସ୍ତ ତଥ୍ୟ ପ୍ରମାଣ ଓ ଘଟଣାସ୍ଥଳର ଭିଡିଓଗ୍ରାଫି ହୋଇଛି। ସେହିପରି ଅତିରିକ୍ତ ଏସ୍‌ପି ପି. କେ. ରାଉତଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ସେହିପରି ଅଟକ ଯୁବକମାନଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ଗୁରୁବାର ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

### ବର୍ଷାରେ ଭାଙ୍ଗିଲା ପାଚେରି

**ରାଉରକେଲା,୨୬।୯(ସଙ୍ଗୀତା ଜେନା) :** ରାଉରକେଲା ଓ ଏହାର ଆଖାପାଖ ଅଞ୍ଚଳରେ ଗୁରୁବାର ଭୀଷଣ ବର୍ଷା ହୋଇଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଜଳ ଭରିଯାଇଥିବା ବେଳେ ସେକ୍ଟର-୧ ଅଞ୍ଚଳର ଦକ୍ଷିଣକାଳୀ ମନ୍ଦିର ବସ୍ତିରେ ବାଇବ ବେହେରାଙ୍କ ଘର ପାଚେରି ଭାଙ୍ଗିଯାଇଛି। ତେବେ ପରିବାର ଲୋକେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

### ତଦନ୍ତ ପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠିତ

**ଛେଣ୍ଡ ପେଟ୍ରୋଲ ପମ୍ପ ହତ୍ୟା ଘଟଣା**

**ରାଉରକେଲା,୨୬।୯(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅନ୍ତର୍ଗତ ଛେଣ୍ଡ ପେଟ୍ରୋଲ ପମ୍ପ ନିକଟ କଳ୍ପତରୁ ଆଶ୍ରମ ପାର୍ଶ୍ୱରେ ବୁଧବାର ସନ୍ଧ୍ୟାରେ ହୋଇଥିବା ହତ୍ୟାକାଣ୍ଡକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇନାହିଁ। ପୋଲିସ ଏ ନେଇ କେବଳ ଏକ ମାମଲା (ନଂ.୧୭୦/୨୪) ରୁଜୁ କରି ତଦନ୍ତ କରୁଛି। ଅପରପକ୍ଷେ ଗୁରୁବାର ମୃତକଙ୍କ ପିତା ଓ ଭାଇ ରାଉରକେଲା ଆସି ବ୍ୟବଚ୍ଛେଦ ପରେ ମୃତଦେହ ନେଇ ଚାଲିଯାଇଛନ୍ତି। ଏ ସମ୍ପର୍କରେ ସୂଚନା ପ୍ରଦାନ କରି ରାଉରକେଲା ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ମୃତକ ଏମ୍‌ଡ଼ି ସାକିର ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଚକ୍ରଧରପୁର ଅଞ୍ଚଳର। ତାଙ୍କ ଭାଇ ଓ ବାପା ରାଉରକେଲାରେ ପହଞ୍ଚିବା ପରେ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ମାମଲାରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ତଦନ୍ତ କାର୍ଯ୍ୟ ଆଗେଇଛି। ସନ୍ଦେହରେ କିଛି ଲୋକଙ୍କୁ ପଚରାଉଚରା କରାଯାଉଛି। ଆହତ ଏମ୍‌ଡ଼ି ଆମିର ଆରଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ସେ ସୁସ୍ଥ ହେଲେ ତାଙ୍କୁ ଜେରା କରାଯିବ ଏବଂ ପ୍ରକୃତ ତଥ୍ୟ ପଦାକୁ ଆସିବ। କିନ୍ତୁ ସେ ୩ ଜଣ ମୁଖାପିନ୍ଧା ଯୁବକ ଆସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା କହିଛନ୍ତି। ଉକ୍ତ ମାମଲାରେ ଏ ପର୍ଯ୍ୟନ୍ତ କେହି ମଧ୍ୟ ଗିରଫ ହୋଇନାହାନ୍ତି ବୋଲି ଡିଆଇଜି ରାୟ କହିଛନ୍ତି।

### ଓଡ଼ିଶା ଅଣ୍ଡର-୨୩ କ୍ରିକେଟ୍ ଦଳରେ ସୁଜଳ ସାମିଲ

**ରାଉରକେଲା,୨୬।୯(ଦିନେଶ ମିଶ୍ର):** ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅଣ୍ଡର-୨୩ କ୍ରିକେଟ ଟିମ୍‌ର ଖେଳାଳିଙ୍କ



ନାମ ଘୋଷଣା କରାଯାଇଛି। ଏହି ଦଳରେ ରାଉରକେଲା ଛେଣ୍ଡ ଅଞ୍ଚଳର ସୁଜଳ ସିଂଙ୍କୁ ସ୍ଥାନ ମିଳିଛି। ସୁଜଳ ବାସନ୍ତୀ କଲୋନୀସ୍ଥିତ ୟୁଥ୍ କ୍ରିକେଟ କ୍ଲବ (ୱାଇସିସି)ରେ ଅଭ୍ୟାସ କରୁଥିଲେ। ସେ ଓଡିଶାର ପୂର୍ବତନ ରଣଜି ଖେଳାଳି ତଥା କୋଚ୍ ଅଂଶୁମାନ ଗୋପଙ୍କଠାରୁ କ୍ରିକେଟ୍ ଖେଳ ତାଲିମ ନେଉଥିଲେ। ଆଗକୁ ସି. କେ ନାଉଡୁ ଟ୍ରଫି ପାଇଁ ଏହି ଦଳ ପ୍ରଦର୍ଶନ କରିବ। ସୁଜଳ ଦଳରେ ବ୍ୟାଟର ଭାବେ ତାଙ୍କର ଖେଳ ପ୍ରଦର୍ଶନ କରିବେ। ସୁଜଳ ରାଉରକେଲା ହୃଷୀକେଶ ରାୟ ମହାବିଦ୍ୟାଳୟରେ ଯୁକ୍ତ ୩ ପଢୁଥିବାବେଳେ ପଶ୍ଚିମ ଓଡ଼ିଶାର ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଚୟନ କରାଯାଇଥିବା ଜଣାପଡିଛି।

# ବଢୁଛି ମହିଳା ଉତ୍ପୀଡ଼ନ, ଆପରାଧିକ କାର୍ଯ୍ୟ

## ସ୍ମାରକପତ୍ର ଦେଲେ ସାମାଜିକ କର୍ମୀ



ସାମାଜିକ କର୍ମୀମାନେ ସ୍ମାରକପତ୍ର ଦେବାକୁ ଆର୍‌ଏମ୍‌ସି ଅଫିସ ଆସିଛନ୍ତି।

**ରାଉରକେଲା,୨୬।୯(ସଙ୍ଗୀତା ଜେନା)**

ରାଉରକେଲା ସହର କ୍ରମଶଃ ଅପରାଧ ପ୍ରବଣ ହୋଇଉଠୁଛି। ଏଠାରେ କିଶୋରୀ, ଯୁବତୀ ଏବଂ ମହିଳାମାନେ ନିଜକୁ ନିରାପଦ ମନେ କରୁନାହାନ୍ତି। ରାଉରକେଲାରେ ଆପରାଧିକ ଗତିବିଧି ବଢୁଥିବାରୁ ବୁଦ୍ଧିଜୀବୀ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ସପ୍ତାହକ ମଧ୍ୟରେ ୨ଟି ନାବାଳିକା ଗଣବଳାତ୍କାର ଏବଂ ବୁଧବାର ସନ୍ଧ୍ୟାରେ ହୋଇଥିବା ହତ୍ୟାକାଣ୍ଡ ଯୋଗୁ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଉରକେଲା ସହରରେ ମହିଳାଙ୍କ ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ଦାବି କରି ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଗୁରୁବାର ପୂର୍ବାହ୍ନରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର ଅନୀତା ନାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସାମାଜିକ କର୍ମୀ କାର୍ତ୍ତିକ ରାଉତ କହିଥିଲେ, ହୋଟେଲ ଆଣ୍ଡ ବାର୍ ଗୁଡ଼ିକ ନାବାଳକ ଓ ନାବାଳିକାଙ୍କୁ ପ୍ରଶ୍ରୟ ଦେଉଛନ୍ତି। ପରବର୍ତ୍ତୀ ସମୟରେ ସେଠାରେ ଆପରାଧିକ କାର୍ଯ୍ୟକଳାପ ହେଉଛି। ତେଣୁ ଜିଲା ଏବଂ ପୋଲିସ ପ୍ରଶାସନ ଏଥିପ୍ରତି ସଜାଗ ରହିବା ଦରକାର। ଏଥିପାଇଁ ଆମର ସ୍ୱର ଉତ୍ତୋଳନ ଜାରି ରହିବ ବୋଲି ରାଉତ କହିଥିଲେ। ସେହିପରି ଅନ୍ୟତମ ସାମାଜିକ କର୍ମୀ ଦୀପ୍ତି ସୁନ୍ଦର ରାୟ କହିଛନ୍ତି, ରାଉରକେଲାରେ ପୋଲିସ ପ୍ରଶାସନ ସ୍ଥାଣୁ ପାଲଟିଯାଇଛି। ଫଳରେ ଏପରି ଘଟଣାର ପୁନରାବୃତ୍ତି ହେଉଛି। ବିଶେଷକରି ରାଉରକେଲାବାସୀଙ୍କୁ ମହିଳା ଉତ୍ପୀଡ଼ନ ବ୍ୟଥିତ କରିଛି। ଆମେ ଏହାର ପ୍ରତିକାର ଚାହୁଁଛୁ। ପୋଲିସ ଦୋଷୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଆମେ ଦାବି କରୁଛୁ। ଏଥିପାଇଁ ଆମେ ରାଉରକେଲାର ସାମାଜିକ ସଙ୍ଗଠନ ଗୁଡ଼ିକ ଏକାଠି ହୋଇ ସ୍ୱର ଉତ୍ତୋଳନ କରୁଛୁ। ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ସୁନ୍ଦରରାୟ କହିଥିଲେ। ଆର୍‌ଏମ୍‌ସିରେ ସ୍ମାରକପତ୍ର ପ୍ରଦାନ ପରେ ସାମାଜିକ କର୍ମୀମାନେ ଏକ ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ପରେ ପୋଲିସ ଜିଲା ମୁଖ୍ୟାଳୟରେ ଡିଆଇଜି ବ୍ରିଜେଶ ରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଏ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଉଛି ବୋଲି ଉଭୟ ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିରେ ହିନ୍ଦୁସ୍ଥାନ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଅମିତ ମାଇତି, ଅଧ୍ୟକ୍ଷ ସୁରେଶ ନନ୍ଦ, ଲେଡି ଲାୟନ୍ ସଭାପତି ବନ୍ଦିତା ମହାନ୍ତ, ହ୍ୟୁମାନିଟି ଫାଉଣ୍ଡେଶନ ସଭାପତି ଦୀପ୍ତି ସୁନ୍ଦରରାୟ, ଏକତା ଫାଉଣ୍ଡେଶନ ସଭାପତି ପୂର୍ଣ୍ଣିମା ମହାନ୍ତି, ରକ୍ତଦାତା ସଙ୍ଗଠନ ସଭାପତି ବିଜୟ ସୁନ୍ଦରରାୟ, ମାଣିକ ଫାଉଣ୍ଡେଶନର କାର୍ତ୍ତିକ ରାଉତ, ରୀତା ସାମଲ, ହେମା ଏକ୍କା, ରାକେଶ ସିଂହ, ଗୀତା ନାୟକ, ରଶ୍ମିରେଖା ମିଶ୍ର, ଉପେନ୍ଦ୍ର ସିଂହଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ବିଜେଡି

**ରାଉରକେଲା,୨୬।୯(ଦିନେଶ ମିଶ୍ର)**

ରାଉରକେଲା ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟ ସରକାରଙ୍କ ଢିଲା ଶାସନ ବ୍ୟବସ୍ଥା ଯୋଗୁ ଏଭଳି ପରିସ୍ଥିତି ହୋଇଛି। ଗୁରୁବାର ଏ ନେଇ ସେକ୍ଟର-୫ସ୍ଥିତ ପାନ୍ଥ ନିବାସ ପରିସରରେ ଦଳ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଜେଡି ସଦସ୍ୟ ବିରେନ ସେନାପତି ଭାଜପା ସରକାରଙ୍କ ଶହେଦିନ କାର୍ଯ୍ୟକଳାପକୁ ଟାର୍ଗେଟ କରି କହିଥିଲେ, ଭାଜପା ସରକାରଙ୍କ ଢିଲା ଶାସନ ବ୍ୟବସ୍ଥା ଯୋଗୁ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖିବାକୁ ମିଳିଛି। ସହରରେ ବର୍ତ୍ତମାନ ଚୋରି, ଡକାୟତି, ଡ୍ରଗ୍ସ କାରବାର, ଅସାମାଜିକଙ୍କ ଦୌରାତ୍ମ୍ୟ, ବେଆଇନ ସ୍କ୍ରାପ ଓ ସଟ୍ଟା କାରବାର ସାଙ୍ଗକୁ ଗୋଟିଏ ସପ୍ତାହରେ ଦୁଇଟି ଗଣବଳାତ୍କାର ଏବଂ ହତ୍ୟା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏପରିକି ଜଣେ ମହିଳା କନଷ୍ଟେବଳ ଥାନାରେ କାର୍ଯ୍ୟରତ ସମୟରେ ତାଙ୍କୁ ଥାନାଧିକାରୀ ଅସଦାଚରଣ କରିବା ଘଟଣା ମଧ୍ୟ ଲୋକଲୋଚନକୁ ଆସିଛି। ଏହାକୁ ନିୟନ୍ତ୍ରଣ କରିବା ଦିଗରେ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟ ବିଫଳ ହୋଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସହରବାସୀଙ୍କୁ ସ୍ଥାନୀୟ ପୋଲିସ କିଭଳି ସୁରକ୍ଷା ପ୍ରଦାନ କରିବେ ସେ ନେଇ ଦଳ ପ୍ରଶ୍ନ କରିଛି । ରାଉରକେଲା ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁନିୟନ୍ତ୍ରିତ ଓ ସୁବ୍ୟବସ୍ଥିତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ବିହିତ ପଦକ୍ଷେପ ନେବାକୁ ସେନାପତି ଦାବି କରିଥିଲେ। ଏହି ଅବସରରେ ବିଧାୟକ ନାୟକଙ୍କ ନେତୃତ୍ୱରେ ସହରରେ କିଭଳି ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ସେ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏସ୍‌ପି ବ୍ରିଜେଶ ରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ବିଜେଡି ନଗର ସଭାପତି ଗଗନ ପଣ୍ଡା, ଜିଲା ସଭାପତି ହାଲୁ ମୁଣ୍ଡାରୀ, ବରିଷ୍ଠ ସଦସ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ରଶ୍ମିବାଳା ମିଶ୍ର, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଯୁବ ସଭାପତି ଶୁଶାନ୍ତ ରାଉତ, ପ୍ରଶାନ୍ତ ସେଠୀ, ଛବି ମହାନ୍ତି, ଛାତ୍ର ସଭାପତି ସଞ୍ଜିତ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ମୁଖ୍ୟପାତ୍ର ଜୟନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଜେଡି କର୍ମକର୍ତ୍ତା।

## ବୋନସ୍ ଦାବିରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୨୬।୯(ସଙ୍ଗୀତା ଜେନା)**

ବୋନସ ଫର୍ମୁଲା ପରିବର୍ତ୍ତନ କରି ସମ୍ମାନଜନକ ବୋନସ ପ୍ରଦାନ, ୩୯ ମାସର ଏରିୟର ପ୍ରଦାନ, ଗ୍ରାଚ୍ୟୁଇଟି ସିଲିଂ ପ୍ରତ୍ୟାହାର ଆଦି ଦାବିରେ ବିଶ୍ରା ଛକରେ ଗୁରୁବାର ସକାଳେ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ନ୍ୟାୟ ଦିଅନ୍ତୁ। ନଚେତ୍ ସେମାନେ ହକ୍‌ରୁ ବଞ୍ଚିତ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଶ୍ରମିକ ସଙ୍ଗଠନର ନେତୃବୃନ୍ଦ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର, ଜିଏମ୍‌ଏମ୍ ସଭାପତି ତଥା ବିରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅକ୍ଷୟ ଜେନା, ନିହାର ଦାସ, ସୁରେଶ ପାଣିଗ୍ରାହୀ, ବିରକିଶୋର ସିଂହଦେଓ, ଆର. ଏନ୍ ଭୁକ୍ତା, ବିକାଶ ବେହୁରିଆ, ମନୋଜ କିଷାନ, ସୁଲେମାନ୍ କାଉଡିଆ, ସନ୍ତୋଷ କୁଜୁର, ଆନନ୍ଦ ଟପ୍ପୋ, ସଞ୍ଜୟ ପଣ୍ଡା, ପି. ସି. ଦାସ, ଅଖିଳ ପୃଷ୍ଟି, ସୁରେଶ କିଷାନ, ସରୋଜ ମିଶ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦ୍ୱିତୀୟ ଦିନରେ ହିନ୍ଦ୍ ମଜଦୁର ସଭାର ଧାରଣା

**ରାଉରକେଲା,୨୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ହିନ୍ଦ୍ ମଜଦୁର ସଭା ପକ୍ଷରୁ ବିଧବା ମା' ଓ ଭିନ୍ନକ୍ଷମ ଝିଅର ହକ୍ ନେଇ ଇଏସଆଇସି ଶାଖା କାର୍ଯ୍ୟାଳୟ ବେଦବ୍ୟାସ ଆଗରେ ଚାଲିଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ମା' ଝିଅଙ୍କ ଦାବିକୁ ନ୍ୟାୟୋଚିତ ଦର୍ଶାଇ ୨୪ରୁ ଊର୍ଦ୍ଧ୍ୱ ମହିଳା ଧାରଣାରେ ସାମିଲ ହୋଇଥିଲେ। ଦ୍ୱିତୀୟ ଦିବସ ଧାରଣାରେ ସ୍ଥାନୀୟ ଶାଖା ନିବନ୍ଧକ ଓ ଧାରଣାକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏ ନେଇ ଶାଖା ନିବନ୍ଧକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ସାରିଥିବା ବେଳେ ମା' ଝିଅଙ୍କ ହକ୍ ନେଇ କୌଣସି ପ୍ରକାର ନିଷ୍କର୍ଷ ଏପର୍ଯ୍ୟନ୍ତ ବାହାରିପାରିନାହିଁ। ଅନ୍ୟପଟେ ଏହହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗକୁ ଧାରଣା ଆହୁରି ବ୍ୟାପକ କରିବ ବୋଲି ହିନ୍ଦ୍ ମଜଦୁର ସଭା ତରଫରୁ କୁହାଯାଇଛି। ଆଜିର ଏହି ଧାରଣାରେ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ଉପସଭାପତି ମହେଶ୍ୱର ମହାପାତ୍ର, ବିମଳ ବେଉରିଆ, ଅଜୟ ନାୟକ, ଦିଲୀପ ଜେନା, କୃଷ୍ଣ କୁମାର, ଜଗବନ୍ଧୁ ଜେନା, ଗୌତମ ମହାରଣା, ବେନ୍ଦ୍ରିକ ତିର୍କୀ, ପୁଟରୀ ଖମନ ସରପଞ୍ଚ ନରେଶ ସୁରୀନ ପ୍ରମୁଖ ସାମିଲ ହୋଇଥିଲେ।

## ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡରୁ ହଟୁନି ଅଳିଆ

**ରାଉରକେଲା,୨୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ନ୍ୟୁ ବସଷ୍ଟାଣ୍ଡର ଚାରିଆଡେ କୁଢ କୁଢ ଅଳିଆ ଗଦା ହୋଇ ରହିଛି। ଦିନ ଦିନ ଧରି ଏହି ଅଳିଆ ଆବର୍ଜନା ପଡିରହୁଥିଲେ ମଧ୍ୟ ବସଷ୍ଟାଣ୍ଡରୁ ଅଳିଆ ହଟାଯାଉନାହିଁ। ବୁଲା ଗୋରୁ ଅଳିଆ ଉପରେ ବିଚରଣ କରି ଚାରିଆଡେ ଫିଙ୍ଗା ଫୋପଡା କରୁଛନ୍ତି। ଏହାଦ୍ୱାରା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଯାତ୍ରୀମାନେ ନାକରେ କପଡା ଦେଇ ଯାତାୟାତ କରୁଛନ୍ତି। ଗୋଟିଏ ପଟେ ସହରର ସରକାରୀ ଅଫିସ ପାଚେରିରେ ବିଭିନ୍ନ ଚିତ୍ର ବିଚିତ୍ର କରି ସହରବାସୀଙ୍କୁ ସ୍ୱଚ୍ଛତା ଉପରେ ସଚେତନ ବାର୍ତ୍ତା ଦିଆଯାଉଛି। ଅନ୍ୟପଟେ ସହର ସମ୍ପୂର୍ଣ୍ଣ ଅଳିଆମୁକ୍ତ ହେଉନାହିଁ। ସହରର ପରିବେଶ ସ୍ୱଚ୍ଛ ରଖିବା ପାଇଁ ଆର୍‌ଏମ୍‌ସି ସାନିଟାରୀ ବିଭାଗ ଅଧୀନରେ ବହୁ ସଂଖ୍ୟକ ସ୍ୱଚ୍ଛସାଥୀ ନିୟୋଜିତ ହୋଇଛନ୍ତି। ସହରକୁ ଅଳିଆମୁକ୍ତ କରିବାର ସ୍ୱତନ୍ତ୍ର ଅଭିଯାନ ମଧ୍ୟ ଚାଲିଛି। ୧୦ହଜାରରୁ ଊର୍ଦ୍ଧ୍ୱ ଡଷ୍ଟବିନ୍ ଓ ସହରର ପ୍ରମୁଖ ସ୍ଥାନରେ ଡଷ୍ଟୟାର୍ଡ ସ୍ଥାପନ ହୋଇଛି। ସହରର ଡଷ୍ଟ ଡିଙ୍ଗ ୟାର୍ଡ ଗୁଡିକରୁ ଶୁଷ୍କ ଏବଂ ଓଦା ଅଳିଆ ଆବର୍ଜନା ଉଠାଇବା ପାଇଁ ଅଳିଆ ଉଠା ଯାନ ମଧ୍ୟ ଆର୍‌ଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ସହରର ପ୍ରମୁଖ ଜନବହୁଳ ସରକାରୀ ବସଷ୍ଟାଣ୍ଡ ଛକ ଅଳିଆ ଆବର୍ଜନା ମୁକ୍ତ ନ ହେବା ଚିନ୍ତାର ବିଷୟ ପାଲଟିଛି। ରାଉରକେଲା ସହରରେ ସ୍ୱଚ୍ଛତା ଅଭିଯାନ କେବଳ କାନ୍ଥଲେଖା ଏବଂ ଚିତ୍ରରେ ସୀମିତ ରହିଯାଉଛି। ଏ ନେଇ ଆରଏମ୍‌ସି ସାନିଟାଇଜ ବିଭାଗର ଅନୀଲ ଲାକ୍ରାଙ୍କୁ ପଚାରିବାରୁ ତୁରନ୍ତ ସାନିଟାଇଜ ଟିମ ଦ୍ୱାରା ସରକାରୀ ବସ୍‌ଷ୍ଟାଣ୍ଡରୁ ଅଳିଆ ହଟାଯିବ ବୋଲି ସେ କହିଛନ୍ତି।



ସରକାରୀ ବସଷ୍ଟାଣ୍ଡ ନିକଟରେ ଅଳିଆ ଉପରେ ବୁଲା ଗୋରୁ ବିଚରଣ କରୁଛନ୍ତି।

## ମହିଳାଙ୍କୁ ସ୍ୱାବଲମ୍ବୀ କରିବ ସିଲେଇ ମେଶିନ

**ରାଉରକେଲା,୨୬।୯(ଦିନେଶ ମିଶ୍ର)**

ରୋଟାରୀ କ୍ଲବ ଅଫ୍ ରାଉରକେଲା କୁଇନ୍ସ ପକ୍ଷରୁ ସଭାପତି ବରଖା ଗୁପ୍ତାଙ୍କ ଅଧ୍ୟକ୍ଷତାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ପାଇଁ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରୋଟାରିଆନ୍ ଡିଜିଏନ୍ ଆଲାମ୍ ସିଂ ରୋପରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ରା ବ୍ଲକ ଅଞ୍ଚଳରେ ୨୦ ଜଣ ମହିଳାଙ୍କୁ କ୍ଲବ ପକ୍ଷରୁ ମାଗଣା ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ବିଭିନ୍ନ ବ୍ଲକ ଓ ତଳି ଅଞ୍ଚଳରେ ବସବାସ କରୁଥିବା ଗରିବ ଓ ଅସହାୟ ମହିଳାମାନଙ୍କୁ କିଭଳି ସ୍ୱାବଲମ୍ବୀ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ତାହା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଭାପତି ଗୁପ୍ତା କହିଥିଲେ। କର୍ମଶାଳାରେ କ୍ଲବର ସଚିବ କନକଜିତ ଅଗ୍ରୱାଲ, ଡକ୍ଟର ମନମିନ କୌର, ଗ୍ରୀଷ୍ମା ପରମା, ରୁଚିକା ଅଗ୍ରୱାଲ, ସୁମନ ଜିନ୍ଦଲ, ରେଶମା ଅଗ୍ରୱାଲ, ରିଙ୍କି ବାଗେଡିଆ, ଏକତା ସାନ୍ଧୀ, ସୀମା ପୋହାର, ସବିତା ଅଗ୍ରୱାଲ, କଞ୍ଚନ ଅଗ୍ରୱାଲ, ସନ୍ଧ୍ୟା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ମହିଳା ଏବଂ ରୋଟାରୀ କର୍ମକର୍ତ୍ତା।

## ଟ୍ରାଫିକ୍ ବ୍ୟବସ୍ଥା ବେଲଗାମ

**ରାଉରକେଲା,୨୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତାରେ ଦିନତମାମ ଅସମ୍ଭାଳ ଭିଡ ଜମୁଛି। ଫଳରେ ଅନେକ ସମୟରେ ଏଠାରେ ଟ୍ରାଫିକ୍‌ଜାମ୍ ହେଉଛି। ରାସ୍ତାର ଡିଭାଇଡରରେ ଉଠାଦୋକାନ ଯୋଗୁ ଏଭଳି ସମସ୍ୟା ଉପୁଜୁଛି ବୋଲି କୁହାଯାଉଛି। ଅନ୍ୟପଟେ ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ମଧ୍ୟ ଡିଭାଇଡରରେ ଦୋକାନ ସାମଗ୍ରୀ ରଖୁଛନ୍ତି। ଫଳରେ ଯାତ୍ରୀମାନେ ବସ୍ ଧରିବା ପାଇଁ ଛିଡା ହେବାକୁ ସ୍ଥାନ ନ ପାଇ ବାଧ୍ୟହୋଇ ଓଭରବ୍ରିଜ୍ ତଳ ରାସ୍ତା ଉପରେ ଛିଡା ହେଉଛନ୍ତି। ଓଭରବ୍ରିଜ୍ ତଳେ ଯେଉଁଭଳି ଭାବେ ଯାତ୍ରୀମାନେ ଛିଡା ହୋଇ ବସ୍ ଅପେକ୍ଷାରେ ରହୁଛନ୍ତି କେତେବେଳେ ଯେ ଅଘଟଣ ଘଟିବ ତାହା କହି ହେଉନାହିଁ।

ରାଉରକେଲାକୁ ଦୈନିକ ବିଭିନ୍ନ ସ୍ଥାନରୁ ରୋଗୀମାନେ ରାଉରକେଲା ସରକାରୀ ଡାକ୍ତରଖାନାକୁ ବସ୍‌ରେ ଆସିଥାନ୍ତି। ଏଫ୍‌ସିଆଇ ବସ୍ତି, ଲେବର ଟେନାମେଣ୍ଟ ବସ୍ତି ଏବଂ ଗଙ୍ଗାଧରପଲ୍ଲୀ ବସ୍ତି ଅଞ୍ଚଳରେ ଥିବା କଲେଜକୁ ଶହ ଶହ ଛାତ୍ରୀଛାତ୍ର ଏହି ଛକରେ ବସ୍‌ରୁ ଓହ୍ଲାଇ ଯାଇଥାନ୍ତି ଏବଂ କଲେଜରୁ ଆସି ପୁଣି ଓଭରବ୍ରିଜ ତଳେ ବସ୍ ଧରିବାକୁ ଅପେକ୍ଷା କରିଥାନ୍ତି। ଏଣୁ ପ୍ରାୟ ସମୟରେ ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତା ଜନଗହଳି ଯୋଗୁ ଜାମ୍ ହୋଇଥାଏ। ଅନେକ ସମୟରେ ଭିଡ଼ ଯୋଗୁ ବହୁ ସମୟ ପର୍ଯ୍ୟନ୍ତ ଦୁଇଚକିଆ, ଚାରିଚକିଆ ଯାନବାହନ ଜାମ୍‌ରେ ଫସି ରହୁଛନ୍ତି। ଅନ୍ୟପଟେ ଏହି ରାସ୍ତା ବୁଲାଣି ଦେଇ ଲୋକମାନେ ହାଇଟେକ ମେଡିକାଲ ଓ ହନୁମାନ ବାଟିକାକୁ ଯାଉଛନ୍ତି। ଏଣୁ ଓଭରବ୍ରିଜ୍ ତଳ ଉଠାଦୋକାନ ଗୁଡିକୁ ହଟାଇ ଦିଆଗଲେ ରାସ୍ତାରେ ଆଉ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଅମର ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା ଏବଂ ଦିଲୀପ ଜେନା ପ୍ରମୁଖ ମତ ଦେଇଛନ୍ତି। ଏ ନେଇ ରାଉରକେଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟଙ୍କୁ ପଚାରିବାରୁ ସେ କହିଲେ, ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତାକୁ ଟ୍ରାଫିକ୍ ଜାମ୍ ମୁକ୍ତ କରିବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ରାସ୍ତା ପାର୍ଶ୍ୱ ଡିଭାଇଡରରେ ବସିଥିବା ଉଠାଦୋକାନୀଙ୍କ ସାମଗ୍ରୀ ମଧ୍ୟ ହଟାଯିବ ବୋଲି ସେ କହିଥିଲେ।



ଏସ୍‌ଟିଆଇ ଛକରେ ଟ୍ରାଫିକ୍ ଜାମ୍ ଯୋଗୁ ଯାନବାହନ ଅଟକିଛି।

**ଏସ୍‌ଟିଆଇ ଓଭରବ୍ରିଜ୍ ରାସ୍ତା**

## ସଂକ୍ଷେପରେ

### ଜାତୀୟ ମହିଳା ସନ୍ତରଣ ସ୍ୱର୍ଣ୍ଣ ବିଜେତାଙ୍କୁ ସମ୍ବର୍ଦ୍ଧନା


ସ୍ୱର୍ଣ୍ଣପଦକ ବିଜୟିନୀ ସୋନିଆ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨୬।୯(ପ୍ରମୋଦ ବହିଦାର)

ଅଠରଗଡ଼ ଫୁଲମାଳୀ ସମାଜ ମୁଦିପଡ଼ାଗାଦି ପକ୍ଷରୁ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟିନୀ ସୋନିଆ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କର୍ନାଟକରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତାରେ ସୋନିଆ ସ୍ୱର୍ଣ୍ଣ ବିଜୟିନୀ ହୋଇ ସମ୍ବଲପୁରକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କ ସମ୍ମାନାର୍ଥେ ସମ୍ବଲପୁର ମୁଦିପଡ଼ା ମାଳିପଡ଼ାସ୍ଥିତ ଭାଗବତ ମନ୍ଦିରରେ ସମାଜର ବରିଷ୍ଠ ସଦସ୍ୟ ଟଙ୍କଧର ମାଝିଙ୍କ ସଭାପତିତ୍ୱରେ ଗୁରୁବାର ଆୟୋଜିତ ଏକ ସଭାରେ ସୋନିଆଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ତ୍ରିଲୋଚନ ପଟେଲ, ପ୍ରଦୀପ ପଟେଲ, ବାସୁଦେବ ପଟେଲ, ମହେନ୍ଦ୍ର ପଟେଲ, ଲକ୍ଷ୍ମୀ ପଟେଲ, ଦାଶରଥୀ ପଟେଲ, ଭାନୁ ପଟେଲ, ସୁଲବୁଲ ପଟେଲ, ସୁବାସିନୀ ପଟେଲ, ବାସୁଦେବ ଠାକୁର, ଗଣ୍ଡା ପାଣ୍ଡେ ପ୍ରମୁଖଙ୍କ ସହ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ। ନିତାଇ ଚରଣ ପଟେଲ ସଭା ସଞ୍ଚାଳନ କରିଥିବା ବେଳେ ନୃପମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ସ୍ୱାବଲମ୍ବନତାକୁ ଗୁରୁତ୍ୱ

ଜମନକିରା,୨୬।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ରେଙ୍ଗାଲବେଡା କଲ୍ୟାଣ ମଣ୍ଡପରେ ଅନୁପ୍ରଭା ଫାର୍ମର ପ୍ରଡ୍ୟୁସର ସଂସ୍ଥାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କୁଚିଣ୍ଡା ପ୍ରାଣୀ ଚିକିତ୍ସକ ଡା. ଅଭିନାଶ ପଧାନ, ସମ୍ମାନୀତ ଅତିଥିଭାବେ ଜମନକିରା ଉଦ୍ୟାନ ଅଧିକାରୀ ହିତେଶ ବଡେଇ, କୁଚିଣ୍ଡା ଉଦ୍ୟାନ ଅଧିକାରୀ କିଶୋର ବେହେରା, ବିଏଲସି ସରୋଜ ମିଶ୍ର, ଅଞ୍ଜନା ନାୟକ, ପ୍ରଶାନ୍ତ ବେହେରା, ସସ୍ମିତା ପ୍ରଧାନ, ତପସ୍ୱିନୀ ବାଗ, ଈଶ୍ୱରଚନ୍ଦ୍ର ଧଳ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅପୂର୍ବକାନ୍ତି ମଣ୍ଡଳ ପରିଚାଳନା କରିଥିଲେ। ପ୍ରଶାନ୍ତ ବେହେରା ଏଥିରେ ସହଯୋଗ କରିଥିଲେ। ୩ଶହରୁ ଅଧିକ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଧିକାରୀମାନେ ତାଙ୍କ ବକ୍ତବ୍ୟରେ ମହିଳାମାନେ କିପରି ସ୍ୱରୋଜଗାରକ୍ଷମ ହୋଇ ପାରିବେ ସେ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରକାର ଚାଷ ପାଇଁ କୁଚିଣ୍ଡା ଓ ଜମନିକରା ବ୍ଲକର ୧୭ ପଞ୍ଚାୟତର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା।

# ବିଦ୍ୟାଳୟରେ ଭୟମୁକ୍ତ ପରିବେଶ ସୃଷ୍ଟିକୁ ଗୁରୁତ୍ୱ

ସମ୍ବଲପୁର,୨୬।୯(ପ୍ରମୋଦ ବହିଦାର)

ସମ୍ବଲପୁରରେ ସମଗ୍ର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ ହୋଇଛି। ଗତ ସେପ୍ଟେମ୍ବର ୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ସମ୍ବଲପୁରରେ ଗତ ୧୭ ତାରିଖରୁ ଆସନ୍ତା ଅକ୍ଟୋବର ୫ତାରିଖ ମଧ୍ୟରେ ପାଳିତ ହେବ। ଏଥିପାଇଁ ଗୁରୁବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ନିପୁଣ ଓଡ଼ିଶାର ଲୋଗୋ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥିଭାବେ ଜିଲା ଶିକ୍ଷାଧିକାରୀ ମୀନାରଣୀ ମଙ୍ଗଳ, ସମ୍ମାନୀତ ଅତିଥିଭାବେ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ ଅବସରପ୍ରାପ୍ତ ଅଧ୍ୟକ୍ଷ ମୀନକେତନ ପାଠୀ, ପୂର୍ବତନ ସିଆଇ ଗିରିଧାରୀ ହୋତା, ଅରବିନ୍ଦ ମହାପାତ୍ର, ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷା ଡ. ଗୀତାଞ୍ଜଳି ଭୋଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ମିଳିତଭାବେ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରି ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ଜିଲାରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଅଭିଭାବକ,


ଜିଲାସ୍ତରୀୟ ନିପୁଣ ଓଡ଼ିଶା ଉଦ୍‌ଘାଟନୀ ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରୁଛନ୍ତି।

### ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ

ଶିକ୍ଷକ, ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି, ବ୍ୟକ୍ତିବିଶେଷଙ୍କ ଭୂମିକା ଓ ସହଭାଗିତା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲାରେ ବିଶେଷ କରି ପ୍ରଥମରୁ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମାତୃଭଷା ଜ୍ଞାନବୃଦ୍ଧି, ଗଣିତରେ ଦକ୍ଷତା ବୃଦ୍ଧି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏଥିପାଇଁ ଜିଲାର ସମସ୍ତ ବିଦ୍ୟାଳୟରେ ଭୟମୁକ୍ତ ବାତାବରଣ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଣୀଗୃହରେ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ସେ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାସହିତ ଶିକ୍ଷାପ୍ରତି ସେମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଁ ଶ୍ରେଣୀଗୃହରେ ସର୍ବଦା ଆନନ୍ଦମୟ ଓ ଉତ୍ସାହପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ହେବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ନିଜ ମାତୃଭାଷାରେ ବାର୍ତ୍ତାଳାପ, ପ୍ରଶ୍ନ ପଚାରିବା ଓ ଉତ୍ତର ଦେବା ପାଇଁ ଉତ୍ସାହିତ କରିବା ପ୍ରକ୍ରିୟାକୁ ନିଶ୍ଚିତ କରିବା ପାଇଁ ଜିଲା ଶିକ୍ଷାଧିକାରୀ ମଙ୍ଗଳ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ସୁଇଚ୍ ଟିପି ନିପୁଣ ଓଡ଼ିଶା ଲୋଗୋ, ଲୋଗୋର ପ୍ରତିକୃତି ସହ ବାର୍ତ୍ତା ଓ ନିପୁଣ ସଙ୍ଗୀତକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ଜମନକିରା ବ୍ଲକ ଶିକ୍ଷାଧିକାରୀ ସୀତାରାମ ଭୋଇ, ସିଆର୍‌ସିସି ରାଧେଶ୍ୟାମ ରଣାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ଅସୀମ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବା ଦର ବୃଦ୍ଧି, ଗ୍ରାହକ ହନ୍ତସନ୍ତ

ସମ୍ବଲପୁର,୨୬।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରରେ ପନିପରିବା ଦର କମିବା ନାଁ ଧରୁନି। ନିତ୍ୟ ବ୍ୟବହୃତ ଅଧିକାଂଶ ପରିବା ଦର ୬୦ଟଙ୍କା ଉପରେ ରହିଛି। ବିଶେଷ କରି ରୋଷେଇ ଘରେ ନିହାତି ଜରୁରି ପିଆଜ, ବିଲାତି ଦର ବୃଦ୍ଧି ସାଧାରଣ ପରିବାରର ମୁଣ୍ଡବ୍ୟଥାର କାରଣ ପାଲଟିଛି। ପିଆଜ ଦର କିଲୋ ପିଛା ବର୍ତ୍ତମାନ ଖୁଚୁରା ମାର୍କେଟରେ ୬୦ ଟଙ୍କା ଥିବା ବେଳେ ବିଲାତି ଦର ୬୦ରୁ ୮୦ ଟଙ୍କା ରହିଛି। ସାଧାରଣତଃ ସମ୍ବଲପୁର ବଜାରକୁ ବାଙ୍ଗାଲୁର ଓ ଆନ୍ଧ୍ର ପ୍ରଦେଶରୁ ବିଲାତି ଆସିଥାଏ। ବାଙ୍ଗାଲୁରରେ ୨୫କେଜି ବିଶିଷ୍ଟ ଗୋଟିଏ କ୍ୟାରେଟ ପିଛା ବିଲାତି ୧୩୦୦ ଟଙ୍କା ହୋଲସେଲରେ ବିକ୍ରୀ ହେଉଛି। ଉଚ୍ଚାଦରରେ କିଣା, ପରିବହନ ଜନିତ ଖର୍ଚ୍ଚ ଓ ଏତେ ଲମ୍ବା ବାଟ ଆସିବା ବେଳେକୁ ସମ୍ବଲପୁରରେ ହୋଲସେଲ ମାର୍କେଟରେ ଟମାଟୋ ଦର ୫୫ ଟଙ୍କା ଓ ରିଟେଲ ମାର୍କେଟରେ ବିଲାତି ଦର କିଲୋପ୍ରତି ୬୦ରୁ ୮୦ଟଙ୍କା ପର୍ଯ୍ୟନ୍ତ ରହୁଛି। ଅନ୍ୟପକ୍ଷେ କେତେକ ଖୁଚୁରା ବ୍ୟବସାୟୀ କହିଛନ୍ତି ବର୍ଷାରେ ବିଲାତି ନଷ୍ଟ ହେବା ଯୋଗୁ ଦରବୃଦ୍ଧି ଘଟୁଛି। ଅନ୍ୟପଟେ ପିଆଜ ଦର ସମ୍ବଲପୁରର ରିଟେଲ ମାର୍କେଟରେ ବର୍ତ୍ତମାନ କିଲୋ ପିଛା ୬୦ ଟଙ୍କା ରହିଛି। ହୋଲସେଲ ବ୍ୟବସାୟୀଙ୍କ ଅନୁସାରେ ସମ୍ବଲପୁରକୁ ପିଆଜ ନାସିକରୁ ଆସିଥାଏ। ବର୍ତ୍ତମାନ ସେଠାରେ ବର୍ଷା ହେବା ଯୋଗୁ ପିଆଜ ଫସଲ ନଷ୍ଟ ହୋଇଯିବାରୁ ବର୍ତ୍ତମାନ ବଜାରରେ ଏହିଭଳି ପରିସ୍ଥିତି ଉପୁଜିଛି। ଏହିଭଳି ସ୍ଥିତି ଦୀପାବଳି ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ବ୍ୟବସାୟୀମାନେ ଅନୁମାନ କହୁଛନ୍ତି। ଅନ୍ୟପକ୍ଷେ ବିଲାତି କି ପିଆଜ ନୁହେଁ, ସମ୍ବଲପୁରରେ ସବୁ ପନିପରିବା ଦର ବହୁଉଚ୍ଚରେ ରହିଛି। ରିଟେଲ ମାର୍କେଟରେ ବନ୍ଧା କୋବି କିଲୋ ପ୍ରତି ୪୦, ବିମ୍ କିଲୋ ୧୬୦, ଫୁଲକୋବି କିଲୋ ୧୦୦, ଗାଜର ୫୦, କାକୁଡି ୫୦, ଝୁଡ଼ଙ୍ଗ ୮୦, ଜହ୍ନି ୫୦, ପୋଟଳ ୬୦, ବାଇଗଣ ୪୦, ଭେଣ୍ଡି ୫୦ ଟଙ୍କାରେ ବିକ୍ରୀ ହେଉଛି । ଶୀତଳଭଣ୍ଡାର ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଉତ୍ପାଦନ କରୁଥିବା ପରିବା ଗଚ୍ଛିତ କରି ରଖିବା ସମ୍ଭବ ହେଉନାହିଁ। ଥୋକ ବଜାରରେ ଦର ବୃଦ୍ଧି ପାଇଲେ ଖୁଚୁରା ବଜାର ମଧ୍ୟ ପ୍ରଭାବିତ ହେଉଛି।

# ଲୁକ୍କାୟିତ ପ୍ରତିଭାକୁ ବିକଶିତକରେ ସୁରଭି


ଶିଶୁ କାର୍ଯ୍ୟକ୍ରମ ସୁରଭିରେ ମଞ୍ଚାସୀନ ଅତିଥି।

କୁଚିଣ୍ଡା,୨୬।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ସରକାରୀ ନୋଡାଲ ହାଇସ୍କୁଲରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ କାର୍ଯ୍ୟକ୍ରମ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଜୋନ ୧ ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି, କୁଟୁରାଚୁଆଁ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ସିଆରସିସି ଲକ୍ଷ୍ମୀନାରାୟଣ ନାଏକ, ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ପୁରୋହିତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକଶିତ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, କୁଇଜ, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଉତ୍ତମ ପୋଷଣ, ସୁସ୍ଥ ଜୀବନ ଉପରେ ଆଲୋଚନା


ଆୟୋଜିତ ପୋଷଣ ମାସ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୨୬।୯(ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ପାରିପାର୍ଶିକ ଉନ୍ନୟନ ବିଭାଗ ଓ ଜିଲା ମହିଳା ଏବଂ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ପୋଷଣ ମାସ ପାଳିତ ହୋଇଯାଇଛି। ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ହୀରାକୁଦ ସେକ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ସାମିଲ ହୋଇଥିଲେ। ସେମାନଙ୍କୁ ଉତ୍ତମ ପୋଷଣ, ସୁସ୍ଥ ଜୀବନ ବିଷୟରେ ସଚେତନ କରାଯାଇଥିଲା । ପୁଷ୍ପାଞ୍ଜଳି ମିଶ୍ର ଉତ୍ତମ – ପୋଷଣ ସୁସ୍ଥ ଜୀବନ ଉପରେ ଆଲୋକପାତ କରିଥିଲେ।

### ହୀରାକୁଦରେ ପୋଷଣ ମାସ ପାଳିତ

ପ୍ରୋଗ୍ରାମ ଅଧିକାରୀ ପୂର୍ଣ୍ଣିମା ତ୍ରିପାଠୀ ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ କରିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ। ହିଣ୍ଡାଲକୋର ମାନବ ସମ୍ବଳ ଅଧିକାରୀ ବିକାଶ ସିନ୍ଦେ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପାରିଛନ୍ନତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପାରିପାର୍ଶିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ ମହାପାତ୍ର ଓଡ଼ିଶା ସରକାରଙ୍କର ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ହୀରାକୁଦରେ ଆୟୋଜିତ କାର୍ଯ୍ୟକ୍ରମ ବିଷୟରେ ସୂଚିତ କରିଥିଲେ। ଏଥିସହ ରକ୍ତହୀନତା ବିଷୟରେ ସଚେତନତା, ଏହାର ପରୀକ୍ଷା ଏବଂ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ପରିପାର୍ଶିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତୀ, ମହିଳା ଏବଂ ଶିଶୁ ବିଭାଗର ରୁଦ୍ରାଣୀ ମହାପାତ୍ର ଏବଂ ପୋଷଣର ବ୍ଲକ ସଂଯୋଜକ ଅକ୍ଷୟ ସୁନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଅକ୍ଟୋବର ୨ରୁ ବିଦ୍ୟାଳୟସ୍ତରୀୟ ଯୋଗ, ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର,୨୬।୯(ବି.ଶଙ୍କର)

ରାଜ୍ୟ ବିଦ୍ୟାଳୟସ୍ତରୀୟ ଯୋଗ ଓ ସନ୍ତରଣ ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରଠାରେ ହେବ । ଏହିକ୍ରମରେ ଯୋଗ ପ୍ରତିଯୋଗିତା ସ୍ଥାନୀୟ ଲେଡି ଲୁଇସ ଉଚ୍ଚ ବାଳିକା ବିଦ୍ୟାଳୟଏବଂ ସନ୍ତରଣ ପ୍ରତିଯୋଗିତା ଡାକ୍ତର ଝାସକେତନ ସାହୁ ସନ୍ତରଣାଗାରଠାରେ ହେବାକୁ ସ୍ଥିର ହୋଇଛି । ଏଥିରେ ୩୦ଟି ଜିଲାରୁ ମନୋନୀତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ । ଗୁରୁବାର ସମ୍ବଲପୁର ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଲେଡି ଲୁଇସ ଉଚ୍ଚ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହେଇଥିଲା । ଏଥିରେ ଗଠନ କରାଯାଇଥିବା କମିଟିର ସଦସ୍ୟଙ୍କ ସହ ଡ. ବେହେରା ପ୍ରତିଯୋଗୀତା ବିଷୟରେ ଆଲୋଚନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜଗବନ୍ଧୁ ବେହେରା, ପ୍ରଧାନ ଶିକ୍ଷକ ସୁଜିତ ଲୁହା, ଲୋକିତା ଦାଶ, ବଲ୍ଲଭ ମେହେର, ସୁଶୀଲ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।

# ହୀରାକୁଦ: ୪ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୬।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇ ମୋଟ ୪ ଗେଟ୍ ମାଧ୍ୟମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁବାର ଜଳଭଣ୍ଡାର ଅଧିକ ୨ଟି ଗେଟ୍‌କୁ ଖୋଲାଯାଇଛି। ରାତି ସାଢ଼େ ୯ଟାରେ ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍‌ରେ ସ୍ଥିର ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୦୬ ହଜାର ୫୫୪ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବାମପାର୍ଶ୍ୱର ୩ ଓ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ମିଶି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ୬୫ ହଜାର ୭୬୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୬ ହଜାର ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୮୫୫ ଘନଫୁଟ, ଶାସନ କେନାଲରେ ୫୫୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳଯୋଗାଣ ହେଉଛି।

### ୧୮ ଶହ ଲିଟର ମହୁଲ ପୋଚ, ରନ୍ଧାମଦ ଜବତ

ସମ୍ବଲପୁର,୨୬।୯ (ଭବାନୀ ଶଙ୍କର ଭୋଇ)

ହୀରାକୁଦ ଥାନା ଚମ୍ପାପଡା ନିକଟରୁ ଗୁରୁବାର ଜିଲା ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ମହୁଲ ପୋଚ ସହ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଜିଲା ଅବକାରୀ ମୋବାଇଲ ୟୁନିଟ ଖବର ପାଇ ଚମ୍ପାପଡା ନିକଟରେ ଥିବା ନିଛାଟିଆ ସ୍ଥାନରେ ଚଢ଼ାଉ କରିଥିଲା। ସେଠାରେ ମାଟି ତଳେ ଲୁଚାଇ ରଖାଯାଇଥିବା ୧୮ ଶହ ଲିଟର ମହୁଲ ପୋଚ ସହ ୬୦ ଲିଟର ଦେଶୀ ରନ୍ଧା ମଦ କୁ ଜବତ କରାଯାଇଛି। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଜବତ ମହୁଲ ପୋଚ ଓ ଦେଶୀ ରନ୍ଧା ମଦକୁ ନଷ୍ଟ କରାଯାଇଥିବା ନେଇ ଜିଲା ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ସୂଚନା ଦିଆଯାଇଛି ।

# ବ୍ଲକ୍‌ସ୍ତରୀୟ ଫୋକ୍‌ଡ୍ୟାନ୍ସ ପ୍ରତିଯୋଗିତା

ଜମନକିରା,୨୬।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଜମନକିରା ପଞ୍ଚାୟତ ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ଫୋକ୍‌ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଇ ପ୍ରତିଯୋଗିତାରେ ଟିକିଲିପଡା ହାଇସ୍କୁଲର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜମନକିରା ପଞ୍ଚାୟତ ହାଇସ୍କୁଲ ଦ୍ୱିତୀୟ ଏବଂ ଷଣ୍ଢପଥର ଏସ୍‌ଏସ୍‌ଡି ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଆଗାମୀ ଦିନରେ ଜିଲାସ୍ତରୀୟ ଫୋକ ଡାନ୍ସ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଟିକିଲିପଡ଼ା ବାଳିକା ହାଇସ୍କୁଲର ଛାତ୍ରୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଏବିଇଓ ସୁଶ୍ରୀ ଦେବକୀ ନାଏକ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା, ଷଣ୍ଢପଥର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇଥିଲେ। ବିଚାରକ ଭାବେ ମଳୟ ବେହେରା, ଲକ୍ଷ୍ମୀପତି ନନ୍ଦ ଏବଂ ପଞ୍ଚାନନ ମହାନନ୍ଦିଆ ଚୟନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ମାଝୀ, ଲଳିତା ଧଳ, ମନ୍ଦାକିନୀ ପତି ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

# ୨୮ରୁ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ

ସମ୍ବଲପୁର,୨୬।୯(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ–୨୦୨୪ ଚଳିତ ମାସ ୨୮ ରୁ ଆରମ୍ଭ ହୋଇ ଅକ୍ଟୋବର ୪ ରେ ଶେଷ ହେବ। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସମସ୍ତ ମ୍ୟାଚଗୁଡିକ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୮ଟି ଦଳ ଅଂଶଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଗୁରୁବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସର୍ବଭାରତୀୟ ଟୁର୍ନାମେଣ୍ଟ ସମ୍ବଲପୁରବାସୀଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବ। ଏଥିସହ ଯୁବତୀ ଓ ଯୁବକମାନେ ଫୁଟବଲ ଖେଳିବାକୁ ଆଗ୍ରହ ପ୍ରକାଶ କରିବେ। ଟୁର୍ନାମେଣ୍ଟରେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ସମେତ କଟକ, ଭୁବନେଶ୍ୱର ଓ ସମ୍ବଲପୁର ଫୁଟବଲ ଏକାଡେମୀ ଅଂଶଗ୍ରହଣ କରିବ। ତେଣୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ପଡିଆ ଓ ଅନ୍ୟ ସମସ୍ତ ଅନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅପରପକ୍ଷେ ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ, ନିର୍ଘଣ୍ଟ ଏବଂ ଖେଳାଳିମାନଙ୍କର ରହଣି ବିଷୟରେ ସୂଚିତ କରିଥିଲେ। ସେ କହିଥିଲେ ଯେ, ସର୍ବଭାରତୀୟ ଟୁର୍ନାମେଣ୍ଟକୁ ଆନ୍ତର୍ଜାତୀୟ ରେଫରୀମାନେ ପରିଚାଳନା କରିବେ। ଏଥିସହ ସମ୍ବଲପୁର ସହରର ୨ଜଣ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା


ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ ସକାଶେ ଗୁରୁବାର ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସୂଚନା ଦେଉଛନ୍ତି।

### ୫ଟି ରାଜ୍ୟ ବାହାର ଟିମ୍ ଭାଗ ନେବେ

ଅଧିକାରୀ ରେଫରୀମାନଙ୍କୁ ସମସ୍ତ ପ୍ରକାର ସହାୟତା କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ବାହାର ଦଳରେ ଜାତୀୟ ଖେଳାଳିମାନଙ୍କ ଉପସ୍ଥିତକୁ ଗୁରୁତ୍ୱ ଦେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଖବରଦାତା ସମ୍ମିଳନୀରେ ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ର, କାଉନସିଲ ସଭ୍ୟ ଶାନ୍ତନୁ ନନ୍ଦ, ସୁବୋଧ କୁମାର ସାହୁ ଓ ମହମ୍ମଦ ଇସାକ ଉପସ୍ଥିତ ଥିଲେ। ଟୁର୍ନାମେଣରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ବିଜୟୀ ଦଳକୁ ୫୦ ହଜାର ଏବଂ ଉପବିଜେତା ଦଳକୁ ୩୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଖେଳାଳିମାନଙ୍କ ସମସ୍ତ ବ୍ୟବସ୍ଥା ସହ ମ୍ୟାଚ ମନି ମଧ୍ୟ ଦିଆଯିବାକୁ ସ୍ଥିର ହୋଇଛି।

# ଭାଜପାରେ ତୃଣମୂଳସ୍ତରରୁ ଆସୁଥିବା ବ୍ୟକ୍ତି ନେତା ହୁଅନ୍ତି: ନଡ୍ଡା


ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ବିଶ୍ୱରେ ଆଦର୍ଶରେ ଚାଲୁଥିବା ଗୋଟିଏ ମାତ୍ର ଦଳ ହେଉଛି ଭାରତୀୟ ଜନତା ପାର୍ଟି (ଭାଜପା)। ଭାରତରେ ୫ ହଜାର ଦଳ ଥିବାବେଳେ ସେଥିରୁ ୫୦ରୁ ଅଧିକ ସକ୍ରିୟ ଅଛନ୍ତି। ଭାଜପା ଏକମାତ୍ର କ୍ୟାଡର ପାର୍ଟି, ଯାହାର ସଦସ୍ୟତା ପ୍ରଣାଳୀ ସବୁଠୁ ସ୍ୱଚ୍ଛ। କଂଗ୍ରେସରେ ସଦସ୍ୟତା ଅଭିଯାନ ଏପରି ହୁଏ ନାହିଁ। କଂଗ୍ରେସ ସଦସ୍ୟତା ଅଭିଯାନକୁ ସେତେଟା ଗୁରୁତ୍ୱ ଦେବା କେହି ଦେଖି ନ ଥିବେ। ଭାଜପାର ସଦସ୍ୟତା ଅଭିଯାନ ପରେ ମଣ୍ଡଳରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ଦଳରେ ନିର୍ବାଚନ ହେବ। ଏହାପରେ ରାଜ୍ୟସ୍ତରୀୟ ନିର୍ବାଚିତ ପ୍ରତିନିଧି ଜାତୀୟସ୍ତରର ଭୋଟରେ ସାମିଲହେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ କରିବେ। ସେଥିଲାଗି ଏଠାରେ ନେତାଙ୍କ ପୁଅ ନେତା ହୁଅନ୍ତି ନାହିଁ ବରଂ ତୃଣମୂଳସ୍ତରରୁ ଆସୁଥିବା ବ୍ୟକ୍ତି ନେତା ହୁଅନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନକରି ଏହା କହିଛନ୍ତି।

ଗୁରୁବାର ନଡ୍ଡା ଦିନିକିଆ ଓଡ଼ିଶା ଗସ୍ତକରି ଦଳର ସଦସ୍ୟତା ଅଭିଯାନକୁ ବ୍ୟାପକ କରିଛନ୍ତି। ଏକ ଘରୋଇ ହୋଟେଲରେ ଆୟୋଜିତ ସଦସ୍ୟତା ଅଭିଯାନ-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେଇ ନଡ୍ଡା ବିରୋଧୀଙ୍କୁ ଟାର୍ଗେଟକରି କହିଛନ୍ତି, ଏବେ ଦେଶର ବିକାଶ ଦ୍ରୁତଗତିରେ ଆଗକୁ ବଢ଼ିଚାଲିଛି। ନାଁ ନ ନେଇ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ସମାଲୋଚନାକରି ସେ କହିଛନ୍ତି, ଭାଇ ଭଉଣୀଙ୍କୁ ବିକାଶ ଦେଖାଯାଉନାହିଁ। କେବଳ ବେକାରି ଓ ମହଙ୍ଗା କଥା କହୁଛନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆର ଅର୍ଥନୀତି ଅସ୍ଥିର। ଭାରତର ଅର୍ଥନୀତି କ୍ରମଶଃ ଅଗ୍ରଗତି କରୁଛି, ଏକଥା ବୋଧେ ସେମାନଙ୍କୁ ଦେଖାଯାଉନାହିଁ। କେରଳରେ ବାମ ଦଳ କଂଗ୍ରେସ ସହ ଲଢୁଛି, କିନ୍ତୁ ଦିଲ୍ଲୀରେ ସାଥୀ ହୋଇ ଫଟୋ ସେସନ କରୁଛନ୍ତି ବୋଲି ନଡ୍ଡା କହିଛନ୍ତି।

ନଡ୍ଡା ଆହୁରି କହିଛନ୍ତି, ଟ୍ରିପଲ ତଲାକ ହଟାଇ ଭାଜପା ସମାଜରେ ସମାନତା ଆଣିଛି। ମୁସଲମାନ ରାଷ୍ଟ୍ର ବାଂଲାଦେଶ, ପାକିସ୍ତାନର ଉଦାହରଣ ଦେଇ ନଡ୍ଡା ଆହୁରି କହିଛନ୍ତି, ବାଂଲାଦେଶ, ପାକିସ୍ତାନ, ଇରାନରେ ଟ୍ରିପଲ ତଲାକ ନାହିଁ, କିନ୍ତୁ ଭାରତରେ ଧର୍ମନିରପେକ୍ଷ ନାଁରେ ଟ୍ରିପଲ ତଲାକ ଚାଲିଥିଲା। ମୋଦି ଆସିଲେ, ମୁସଲମାନ ଭଉଣୀଙ୍କୁ ମୁକ୍ତି ଦେଲେ। ରାମମନ୍ଦିର ବନେଇବୁ ବୋଲି କହିଥିଲୁ, କରିକି ଦେଖାଇଲୁ। କଶ୍ମୀରରୁ ଧାରା ୩୭୦ ହଟାଇ ସମ୍ବିଧାନକୁ ସାର୍ବଭୌମ କରିଛୁ। ଏପରିକି ଭାଜପା ଲାଷ୍ଟ ମ୍ୟାନ୍ ଆଟ୍ ଲାଷ୍ଟ ମାଇଲରେ ବିଶ୍ୱାସ କରୁଥିବା ଦଳ। ସେଥିପାଇଁ ୨ ସେପ୍ଟେମ୍ବରରୁ ଏଯାଏଁ ୬ କୋଟି ନୂଆ ସଦସ୍ୟ ଯୋଡ଼ିହେଲେଣି। ବର୍ତ୍ତମାନ ମେଟ୍ରୋ, ଫ୍ଲାଇଓଭରର ଭିତ୍ତିଭୂମି ପାଇଁ ୧୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆୟୁଷ୍ମାନ ଭାରତ ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟସେବା ଯୋଜନା। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଛି। ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇବାର ବ୍ୟବସ୍ଥା ରହିଛି। ଏଥିରେ ଆଉ ୬ କୋଟି ଲୋକ ସାମିଲ ହେବେ। ଆବାସ ଯୋଜନାରେ ଆଉ ୩ କୋଟି ନୂଆ ଘର ନିର୍ମାଣ କରାଯିବ ବୋଲି ନଡ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଗତଥରଠାରୁ ଏଥର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇବ। ଗତଥର ରାଜ୍ୟରେ ୪୧ ଲକ୍ଷ ସଦସ୍ୟ ଥିଲେ। ସଦସ୍ୟ ବୃଦ୍ଧି କରିବା ଅର୍ଥ ଦଳକୁ ସଶକ୍ତ କରିବା। ରାଷ୍ଟ୍ରବାଦୀ ଦଳ ଭାବେ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟ ନେଇ ଭାଜପା ଆଗକୁ ଆସିଛି। ୧ କୋଟି ସଦସ୍ୟଙ୍କୁ ଓଡ଼ିଶାରେ ସାମିଲକରିବା ଲକ୍ଷ୍ୟ ନେଇ ଦଳ କାମ କରୁଛି ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ୧୮ଟି ରାଜ୍ୟରେ ଏବଂ କେନ୍ଦ୍ରରେ ସରକାର କରିବାରେ ନଡ୍ଡା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ତାଙ୍କ ସମୟରେ ଭାଜପା ଦେଶର ସବୁଠାରୁ ବଡ଼ ଦଳରେ ପରିଣତ ହୋଇପାରିଛି। ଏହି ସାଙ୍ଗଠନିକ ମହାପର୍ବରେ ବହୁ ନୂଆ ସଦସ୍ୟ ଯୋଡ଼ିହେବେ ବୋଲି ସେ କହିଛନ୍ତି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଛନ୍ତି।

ନଡ୍ଡା ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ସିଧାସଳଖ ଏଜିଛକଠାରେ ପହଞ୍ଚି ବାବା ସାହେବ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ଦଳର ମନ୍ତ୍ରୀ, ବିଧାୟକମାନଙ୍କୁ ନେଇ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟଟି ଦଳର ପଦାଧିକାରୀମାନଙ୍କୁ ନେଇ ହୋଇଥିବା ଜଣାପଡ଼ିଛି। ଏହି ଦୁଇ ବୈଠକରେ ରାଜ୍ୟରେ ଭାଜପାର ସଦସ୍ୟତା ଅଭିଯାନ ନେଇ ଆଲୋଚନା କରାଯାଇଛି। ଦଳ ରାଜ୍ୟରେ କିପରି କୋଟିଏରୁ ଅଧିକ ସଦସ୍ୟଙ୍କୁ ଏଥିରେ ସାମିଲ କରିବ, ସେନେଇ ବୈଠକ ହୋଇଥିବା ଜଣାପଡ଼ିଛି। ବୈଠକ ଶେଷ ହେବାପରେ ନଡ୍ଡା ପ୍ରାୟ ଅପରାହ୍ନ ୪ଟା ସମୟରେ ଓଡ଼ିଶାରୁ ଫେରିଯାଇଛନ୍ତି।

## ରାଜନୈତିକ କନ୍ଦଳ, ବର୍ଷେ ହେଲା ବସିପାରୁନି ଗୋପ ବ୍ଲକ ସମିତି ବୈଠକ

### ବିଡିଓଙ୍କୁ ଚିଠି ଲେଖିଲେ ଅଧ୍ୟକ୍ଷା

ଗୋପ, ୨୬।୯(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜନୈତିକ କନ୍ଦଳ ଲାଗି ରହିବା ଯୋଗୁ ଦୀର୍ଘ ବର୍ଷେ ହେବ ପୁରୀ ଜିଲା ଗୋପ ବ୍ଲକ ସମିତି ବୈଠକ ବସିପାରୁନି। ଫଳରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବରେ ହୋଇପାରୁନାହିଁ। ଏପରି ଏକ ବିବାଦୀୟ ସ୍ଥିତିରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ବିଡିଓ ଛବିରାଣୀ ସାହୁଙ୍କୁ ତୁରନ୍ତ ସମିତି ବୈଠକ ଡାକିବାକୁ ଚିଠି ଲେଖିବା ଏବେ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଏହି ବ୍ଲକ ୩ ବିଧାନସଭା ଓ ୨ ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି। ନିମାପଡ଼ା, କାକଟପୁର ଓ ପୁରୀ ସଦର ବିଧାନସଭା ସହିତ ପୁରୀ ଓ ଜଗତ୍‌ସିଂହପୁର ଲୋକ ସଭା ଏହି ବ୍ଲକ ଅଧୀନରେ ଅଛି। କିନ୍ତୁ ସବୁ ସମୟରେ ଏହି ବ୍ଲକ ଅବହେଳିତ ଅବସ୍ଥାରେ ରହିଥିବାବେଳେ କୌଣସି ନିର୍ବାଚିତ ପ୍ରତିନିଧିମାନେ ଏହି ବ୍ଲକ ଉପରେ ଦୃଷ୍ଟି ଦିଅନ୍ତି ନାହିଁ। ଫଳରେ ରାଜନୈତିକ କନ୍ଦଳ ସବୁ ସମୟରେ ଦେଖାଦେଇଥାଏ। ସାଧାରଣ ନିର୍ବାଚନ ବହୁ ପୂର୍ବରୁ ସମିତି ବୈଠକ ବସିଥିବାବେଳେ ଏବେ ବର୍ଷେରୁ ଅଧିକ ହେବ ସମିତି ବୈଠକ ବସିନାହିଁ। ୧୦ ମାସ ତଳେ ତିନି ତିନି ଥର ଗୋପ ବ୍ଲକ ପକ୍ଷରୁ ସମିତିସଭ୍ୟଙ୍କୁ ସମିତି ବୈଠକ ବସିବା ଲାଗି ବ୍ଲକ ପକ୍ଷରୁ ଚିଠି କରାଯାଇଥିଲେ ମଧ୍ୟ ବୈଠକ ହୋଇ ପାରି ନ ଥିଲା। ଏପରି ଏକ ବିବାଦୀୟ ସ୍ଥିତିରେ ସମିତି ବୈଠକ ନ ବସିବା ଫଳରେ ବ୍ଲକ ପ୍ରଶାସନ ମନଇଚ୍ଛା କେତେକ କାର୍ଯ୍ୟ କରୁଥିବା ଭଳି ଅଭିଯୋଗ ମଧ୍ୟ ହେଉଛି। ଆଉ ମଧ୍ୟ ରାଜନୀତି ପଟ ପରିବର୍ତ୍ତନ ହେବା ସହ ନୂଆ ସରକାର ଆସିବା ପରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ଗୋଟିଏ ଗୋଷ୍ଠୀ ଯୋଜନା କରୁଥିବା ଜଣାପଡ଼ିଛି। ଏପରି ଏକ ସମୟରେ ବ୍ଲକ ଅଧ୍ୟକ୍ଷା ମଲ୍ଲିକ ସମିତି ବୈଠକ ଡାକିବାକୁ ଚିଠି ଲେଖିବା ଓ ୩ ଦିନ ମଧ୍ୟରେ ଉତ୍ତର ମାଗିବା ସମସ୍ତଙ୍କୁ ମଧ୍ୟ ଚକିତ କରିଛି। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ସମିତି ବୈଠକ ଡକାଯିବ ବୋଲି କହିଛନ୍ତି।


ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଗୁରୁବାର ରାଞ୍ଚିସ୍ଥିତ ସରକାରୀ ବାସଭବନରେ ଅବିକଳ ତାଙ୍କ ଭଳି ଦେଖାଯାଉଥିବା ଥିଏଟର କଳାକାର ମୁନ୍ନା ଲୋହରା ଭେଟୁଛନ୍ତି।

# ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱ

### ଢେଙ୍କାନାଳ ଜିଲା ବିଜେଡି କର୍ମକର୍ତ୍ତା ବୈଠକ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଢେଙ୍କାନାଳ ଜିଲାର ବିଜେଡି ସାଙ୍ଗଠନିକ ପଦାଧିକାରୀଙ୍କ ବୈଠକ ଗୁରୁବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଛି। ସଙ୍ଗଠନକୁ ମଜଭୁତ କରିବା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଦଳ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ବିଜେଡି ସରକାରର ୨୪ ବର୍ଷ ଶାସନରେ ରାଜ୍ୟର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। ଢେଙ୍କାନାଳର ବିକାଶ ପାଇଁ ବିଜେଡି ସରକାର ସମୟରେ ଅନେକ କାମ ହୋଇଛି। ଦରଦାମ ବୃଦ୍ଧି ଉପରେ ଆଲୋକପାତ କରି ନବୀନ କହିଛନ୍ତି, ଭାଜପା ସରକାରକୁ ଆସିବାର ୧୦୦ ଦିନ ବିତିଗଲାଣି। ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ଦରବୃଦ୍ଧି ଓ ବିକାଶ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ସେବା ଯୋଗାଇବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବା ସହ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକରେ ସଂଯୋଜନା କରିଥିଲେ। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନୃସିଂହ ସାହୁ, ସାଂସଦ ପ୍ରାର୍ଥୀ ମହେଶ ସାହୁ, ଅବିନାଶ ସାମଲ, ବିଧାୟକ ପ୍ରାର୍ଥୀ ସୁଧୀର ସାମଲଙ୍କ ସମେତ ଜିଲାର ବରିଷ୍ଠ ନେତୃମଣ୍ଡଳୀ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଉଦ୍‌ବୋଧନ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରିଛନ୍ତି।


ଶଙ୍ଖ ଭବନଠାରେ ଆୟୋଜିତ ବୈଠକରେ ଢେଙ୍କାନାଳ ବିଜେଡି କର୍ମକର୍ତ୍ତା।

## ନଡ୍ଡାଙ୍କ ପରିବାରବାଦ ମନ୍ତବ୍ୟ ନେଇ ନରସିଂହଙ୍କ ପ୍ରତିକ୍ରିୟା

ବଲାଙ୍ଗୀର, ୨୬।୯
(ବୀରେନ୍ଦ୍ର କୁମାର ଝାଙ୍କର)

ଭାଜପା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା କଂଗ୍ରେସର ପରିବାରବାଦ ଉପରେ ମନ୍ତବ୍ୟ ଦେବା ଘଟଣାକୁ ନେଇ ଗୁରୁବାର ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ, ଭାଜପାରେ ଯଦି ପରିବାରବାଦ ଚାଲିନାହିଁ ତ ପାଟଣାଗଡରେ କ'ଣ ଚାଲିଛି। ରାଜେନ୍ଦ୍ର ନାରାୟଣ ସିଂଦେଓ ମୁଖ୍ୟମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ପୁଅ ଏମ୍‌ପି ଥିଲେ। ଏବେ ତାଙ୍କ ନାତି ଉପମୁଖ୍ୟମନ୍ତ୍ରୀ ଓ ତାଙ୍କ ବୋହୂ ଏମ୍‌ପି ଅଛନ୍ତି। ଏହା ପରିବାରବାଦ ନୁହେଁ କି ବୋଲି ସେ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ମନ୍ତ୍ରୀ ଥିଲେ କି ନାହିଁ। ଭର୍ତ୍ତୃହରି ମହତାବଙ୍କ ବାପା ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଥିଲେ କି ନାହିଁ। ବର୍ତ୍ତମାନର ପ୍ରତିରକ୍ଷାମନ୍ତ୍ରୀଙ୍କ ପୁଅ କ'ଣ ଅଛନ୍ତି ସେ ପ୍ରଶ୍ନର ଉତ୍ତର ଦିଅନ୍ତୁ। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ, ମଧ୍ୟପ୍ରଦେଶର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପରିବାରରେ କ'ଣ ଚାଲିଛି। ଭାଜପାରେ ପରିବାରବାଦର ଲମ୍ବାଲାଇନ୍ ଚାଲିଛି। ନଡ୍ଡାଙ୍କୁ ଏସବୁ ଦିଶୁନାହିଁ। ସେ ଆଗକୁ ତାଙ୍କର ଆଖି ପରୀକ୍ଷା କରିନିଅନ୍ତୁ ବୋଲି ବରିଷ୍ଠ ନେତା ନରସିଂହ କହିଛନ୍ତି।

# ଜିଲାପାଳଙ୍କୁ ଭେଟିଲେ ସମିତି ସଭ୍ୟ

- ନିୟମିତ ବସୁନି ବାଂଶପାଳ ପଞ୍ଚାୟତ ସମିତି ବୈଠକ
- ଅଭିଯୋଗକୁ ଅଧ୍ୟକ୍ଷଙ୍କ ଖଣ୍ଡନ

କେନ୍ଦୁଝର, ୨୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍‌ର ପଞ୍ଚାୟତ ସମିତି ବୈଠକ ନିୟମିତ ଭାବେ ବସୁନାହିଁ। ଏ ନେଇ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ଜିଲାପାଳ ବିଶାଳ ସିଂହଙ୍କୁ ଭେଟିଛନ୍ତି। ଏଥିସହ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକକୁ ବର୍ଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପ ଜିଲାପାଳ ଉମା ଶଙ୍କର ଦଳେଇଙ୍କ ଅନୁପସ୍ଥିତିରେ ଉପଜିଲାପାଳ ରୂପାଲି ହାଁସଦାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ ହେବାର ୨ ବର୍ଷ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମାତ୍ର ୩ଟି ବୈଠକ ବସିଛି। ଗତ ୧ ବର୍ଷରୁ ଅଧିକ ଦିନ ହେଲା କୌଣସି ଆଲୋଚନା କରାଯାଇନାହିଁ। ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ୧୯୫୯ର ଧାରା ୧୮ ଓ ଓଡ଼ିଶା ପଞ୍ଚାୟତ ସମିତି ବୈଠକ ପରିଚାଳନା ନିୟମାବଳୀ ୧୯୬୯ ଦ୍ରଷ୍ଟବ୍ୟ ନିୟମ ୩ ଓ ୪ ଅନୁଯାୟୀ ପ୍ରତି ୨ ମାସରେ ଥରେ ସମିତି ବୈଠକ ହେବାର ନିୟମ ରହିଛି। ତେବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରକାରୀ ନିୟମକୁ ଉଲ୍ଲଂଘନ କରି ବୈଠକ ଆଗତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସମିତି ସଭ୍ୟ ଶୁଆକାଠି ପଞ୍ଚାୟତ ସୀମାରାଣୀ ଠାକୁରଙ୍କ ସମେତ ସଞ୍ଜୟ କୁମାର ଗିରି, ବାସନ୍ତୀ ବେହେରା, ଆଶାମଣୀ କାର୍ଜି, ମିତ୍ରଭାନୁ ପ୍ରଧାନ, କୃଷ୍ଣ ଜୁଆଙ୍ଗ, ପାର୍ବତୀ ଜୁଆଙ୍ଗ, ଜେମା ଜୁଆଙ୍ଗ, ମାନୀ ମୁଣ୍ଡା ସମେତ ଅନ୍ୟମାନେ ଲିଖିତ ଜଣାଇଛନ୍ତି। ଏହାର କପି ସେମାନେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ତଥା ଅନ୍ୟମାନଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଅଧ୍ୟକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ସହଯୋଗ କରିବୁ ନାହିଁ ବୋଲି ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ଗିରି କହିଛନ୍ତି। ଅନ୍ୟପକ୍ଷରେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଦେହୁରୀ କହିଛନ୍ତି, ବୁଧବାର ପଞ୍ଚାୟତ ସମିତି ବୈଠକ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ବିଡିଓଙ୍କ ବିନା ସହମତିରେ ବୈଠକ ବସି ପାରିବନାହିଁ। ତଥାପି ବର୍ତ୍ତମାନ ସୁଦ୍ଧା ୮ ଟି ବୈଠକ ବସିଛି, ଯାହାର ରେକର୍ଡ ରହିଛି। ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଦିଆଯାଇଛି। ସେମାନେ ସହଯୋଗ କଲେ ବୈଠକ ଓ କାର୍ଯ୍ୟ ସୁରୁଖୁରୁରେ ଚାଲି ପାରିବ। ସୂଚନାଯୋଗ୍ୟ, ବାଂଶପାଳ ବ୍ଲକ୍ ବିଜେଡି ହାତରେ ରହିଥିବା ବେଳେ ଅନାସ୍ଥା ଆଣିବା ପାଇଁ ଭାଜପା ସମର୍ଥକ ଉଦ୍ୟମ ଆରମ୍ଭ କରିଥିବା କୁହାଯାଉଛି।


କେନ୍ଦୁଝର ଉପଜିଲାପାଳଙ୍କୁ ଭେଟି ବାଂଶପାଳ ବ୍ଲକ୍‌ର ପଞ୍ଚାୟତ ସମିତି ସଭ୍ୟମାନେ ଦାବିପତ୍ର ଦେଉଛନ୍ତି।

# ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅ: ନବୀନ



### କନ୍ଧମାଳ ଜିଲା ସାଙ୍ଗଠନିକ ସମ୍ମିଳନୀ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଶଙ୍ଖ ଭବନରେ ଆୟୋଜିତ କନ୍ଧମାଳ ଜିଲା ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଜିଲାର କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଙ୍ଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି। କନ୍ଧମାଳ ଜିଲାର ନେତୃମଣ୍ଡଳୀ ନବୀନଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି, ଗତ ନିର୍ବାଚନରେ ଦଳର କିଛି ବରିଷ୍ଠ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ଭାଜପାର ମିଛ ପ୍ରଚାର ଯୋଗୁ ଦଳ ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ବିଜୟ ଲାଭ କଲେ ମଧ୍ୟ ଅନ୍ୟ ଦୁଇଟି ନିର୍ବାଚନମଣ୍ଡଳୀରେ ପରାଜୟ ବରଣ କଲା। ଆଗାମୀ ଦିନରେ ତ୍ରୁଟିକୁ ସଂଶୋଧନ କରି ସଙ୍ଗଠନ କିଭଳି ମଜଭୁତ ହୋଇପାରିବ ସେ ସମ୍ପର୍କରେ ନବୀନ ପ୍ରସ୍ତାବ ଦେଇଥିଲେ।

ନବୀନ କହିଥିଲେ, ଆପଣମାନେ ବହୁ ପରିଶ୍ରମ କରିବା ସତ୍ତ୍ୱେ ଦଳ ଜିଲାରେ ଆଶାନୁରୂପ ପ୍ରଦର୍ଶନ କରିପାରିଲା ନାହିଁ। ଖୁବ୍ କମ୍ ବ୍ୟବଧାନରେ ଆମକୁ ଦୁଇଟି ଆସନରେ ପରାଜୟବରଣ କରିବାକୁ ପଡ଼ିଲା। କନ୍ଧମାଳ ଜିଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ସେ କର୍ମୀଙ୍କ ସହ ଅଛନ୍ତି ଏବଂ ଆଗାମୀ ଦିନରେ କନ୍ଧମାଳ ଜିଲା ଗସ୍ତ କରିବେ ବୋଲି କହିଛନ୍ତି। ଜିଲାର ନେତୃମଣ୍ଡଳୀ ଏକ ହୋଇ ଲୋକଙ୍କ ସୁଖଦୁଃଖରେ ନିଜକୁ ସାମିଲ କରିବା ସହ ଭାଜପା ସରକାରର ବିଫଳତାକୁ ଲୋକଲୋଚନକୁ ଆଣିବାକୁ ସେ ପରାମର୍ଶ ଦେଇଛନ୍ତି। ବର୍ଷା ଛାଡ଼ିଲେ କନ୍ଧମାଳ ଅଞ୍ଚଳ ଗସ୍ତ କରିବେ ବୋଲି କହିଛନ୍ତି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, କନ୍ଧମାଳ ଜିଲାରେ ଆଜି ବି ବିଜୁ ଜନତା ଦଳ ଏବଂ ଆମ ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଅଛି। ତୃଣମୂଳ ସ୍ତରରୁ ଏକତାବଦ୍ଧ ଭାବେ ସମସ୍ତେ କାମ କଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସଫଳତା ହାସଲ କରିପାରିବ।

ଏହି ସଭାରେ ଜିଲାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟକ ଚକ୍ରପାଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ରାଜୀବ ପାତ୍ର, ଦୁଗୁନୀ କହଁର, ବରିଷ୍ଠ ନେତା କମଳା ପାଣ୍ଡେ, ସରୋଜ କର୍ଣ୍ଣ, ଜୟଶ୍ରୀ କହଁର, ପ୍ରମୋଦ କୁମାର ସାହୁଙ୍କ ସମେତ ନିର୍ବାଚିତ ପ୍ରତିନିଧିବୃନ୍ଦ ଯୋଗଦେଇ ଦଳୀୟ ସଙ୍ଗଠନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ।

# ଚରମ ଅବହେଳା ବିଭାଜନ ଆଡ଼କୁ ନେଉଛି: ନରସିଂହ

ବଲାଙ୍ଗୀର, ୨୬।୯
(ବୀରେନ୍ଦ୍ର କୁମାର ଝାଙ୍କର)

- ସାଇନ୍‌ବୋର୍ଡ ଅନୁଷ୍ଠାନ ପାଲଟିଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ
- ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ସରକାରଙ୍କ ନକାରାତ୍ମକ ମନୋଭାବ ନିନ୍ଦନୀୟ


ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ନରସିଂହ ମିଶ୍ର

ଆଞ୍ଚଳିକ ବୈଷମ୍ୟରୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ଉଠୁଛି। ୨୪ ବର୍ଷ ଧରି ବିଜେଡି ସରକାର ପଶ୍ଚିମ ଓଡ଼ିଶା ପ୍ରତି ଚରମ ଅବହେଳା ଜାରି ରଖିଥିଲା। ନୂଆ ସରକାର ମଧ୍ୟ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ସେହି ମନୋଭାବରେ ପରିବର୍ତ୍ତନ କଲା ଭଳି ମନେ ହେଉନାହିଁ। ପଶ୍ଚିମ ଓଡିଶାବାସୀଙ୍କ ଦୀର୍ଘଦିନର ନ୍ୟାଯ୍ୟ ଦାବି ପ୍ରତି ଯଦି ଏଭଳି ଅଣଦେଖା ଓ ଅବହେଳା ଜାରି ରହିବ, ତେବେ ରାଜ୍ୟ ବିଭାଜନ ଏକପ୍ରକାର ନିଶ୍ଚିତ ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଗୁରୁବାର ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

ପୂର୍ବତନ ମନ୍ତ୍ରୀ ମିଶ୍ର କହିଥିଲେ ଯେ, ଗଡ଼ଜାତ ମିଶ୍ରଣ ସମୟରେ ଯେଉଁ ସର୍ତ୍ତଗୁଡିକ ଥିଲା ତାହା ଏଯାବତ୍ ପୂରଣ ହୋଇନାହିଁ। ଗଡଜାତ ସମୟରେ ଏଠାକାର ଲୋକେ ହାଇକୋର୍ଟ ସୁବିଧା ପାଉଥିଲେ। ବାରମ୍ବାର ଦାବି ପରେ ମଧ୍ୟ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଇନାହିଁ। ଗତ ୨୪ ବର୍ଷ ଭିତରେ ବିଜେଡି ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାକୁ ନେଇ କେନ୍ଦ୍ର ସରକାରଙ୍କୁ ଠୋସ ପ୍ରସ୍ତାବ ଦେଲେନାହିଁ। ନୂଆ ଭାଜପା ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆଉ ଆବଶ୍ୟକ ନାହିଁ ବୋଲି କହିଲେ। ପରେ ଏହା ବିଚାରାଧୀନ ରହିଛି ବୋଲି ସଫେଇ ଦେଲେ। ଏସବୁଥିରୁ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ତାଙ୍କର ନକାରାତ୍ମକ ମନୋଭାବ ବାରି ହୋଇପଡୁଛି। ଘଡେଇ କମିଟି ରିପୋର୍ଟ ପରେ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଥିଲା। ମାତ୍ର ବହୁ ବର୍ଷ ପରେ ବି ଏହାର ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମ ଓଡିଶାକୁ ଆସିନାହିଁ। ରାଜ୍ୟ ବଜେଟ ୨ ଲକ୍ଷ ୬୫ ହଜାର କୋଟି ହୋଇଥିବା ବେଳେ ପରିଷଦକୁ ୫୦୦ କୋଟି ଦିଆଯାଉଛି। ଏଥିରେ କିଭଳି ଆଞ୍ଚଳିକ ବୈଷମ୍ୟ ଦୂର ହେବ। ଏବେ ପରିଷଦର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାହାନ୍ତି। ଏହା କେବଳ ଏକ ସାଇନବୋର୍ଡ ଅନୁଷ୍ଠାନ ପାଲଟିଛି ବୋଲି ମିଶ୍ର କହିଥିଲେ। ୨୦୧୪ ମସିହାରେ ତତ୍କାଳୀନ ସରକାର ପଶ୍ଚିମ ଓଡିଶାରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବେ ବୋଲି କହିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏଠାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇନାହିଁ। ପୂର୍ବତନ ସରକାରର ଶେଷ ବିଧାନସଭା ଅଧିବେଶନରେ ତତ୍କାଳୀନ ଶିଳ୍ପମନ୍ତ୍ରୀ ବଲାଙ୍ଗୀରରେ ଦୁଇଟି ଶିଳ୍ପ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ତାହା ବି ପୂରଣ ହେଲାନାହିଁ। ଦେଓଗାଁ ଟିନିକଲ କାର୍ଯ୍ୟକ୍ଷମ ହେଲାନାହିଁ। ନୂଆ ସରକାର ଏହା କାର୍ଯ୍ୟକ୍ଷମ କରନ୍ତୁ। ଜିଲାରେ ଇଥାନଲ ପ୍ଲାଣ୍ଟ ଓ ଟେକ୍ସଟାଇଲ ମିଲ ପ୍ରତିଷ୍ଠା କରନ୍ତୁ ବୋଲି ନରସିଂହ ଦାବି କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ନୂଆ କୋଠା ଓ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କଲେ। ତେବେ ବଲାଙ୍ଗୀର ଲୋକେ ଏହାର ସୁଫଳ ପାଇନାହାନ୍ତି। ନୂଆ ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟ, ଇଥାନଲ ଓ ଟେକ୍ସଟାଇଲ ମିଲ ଶୀଘ୍ର ପ୍ରତିଷ୍ଠା କରନ୍ତୁ। ଏଠାକାର ଦାଦନ ଶ୍ରମିକ ସମସ୍ୟା ଓ ବେକାରି ସମସ୍ୟାର ସ୍ଥାୟୀ ନିରାକରଣ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଥିଲେ।

# ବାର୍‌ରେ ନକଲି ମଦ ବିକ୍ରି

**ନାମୀ କମ୍ପାନୀର ସିଲ୍ ଜବତ: ୫ ଗିରଫ**

**କର୍ମଚାରୀ ବନ୍ଧାହେଲେ, ମାଲିକ ଖସିଗଲେ**

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୨୬।୯ (ଅଶୋକ କୁମାର ମହାପାତ୍ର/ ଯଯାତି ସିଂ)

ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଏବଂ ବାର୍‌ରେ ନକଲି ମଦ ବିକ୍ରି ହେବା ଘଟଣା ଗୋଟେ ପରେ ଗୋଟେ ଲୋକଲୋଚନକୁ ଆସୁଛି। କିଛିଦିନ ତଳେ ଭୁବନେଶ୍ୱରରେ ଏକ ମଦଦୋକାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ମଦ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଉକ୍ତ ଦୋକାନକୁ ବିଭାଗ ପକ୍ଷରୁ ସିଲ୍ କରାଯିବା ସହ ଦୋକାନରେ ଥିବା ସମସ୍ତ ମଦକୁ ଜେସିବି ମଡ଼ାଇ ନଷ୍ଟ କରାଯାଇଥିଲା। ଏବେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଜାରସ୍ଥିତ ଏସ୍‌ଆର୍ ବାର୍ ଉପରେ ଗୁରୁବାର କଟକ ଅବକାରୀ ବିଭାଗ ଚଢ଼ାଉ କରି ନକଲି ମଦ ଓ ପ୍ରସ୍ତୁତି ପାଇଁ ରଖାଯାଇଥିବା ବହୁ ସାମଗ୍ରୀ ଜବତ କରିଛି। ଏହାବ୍ୟତୀତ ସମ୍ପୃକ୍ତ ବାର୍ ମାଲିକଙ୍କ ଘର ନିକଟରେ ଥିବା ୨ପଡ଼ୋଶୀଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ମଦ ତିଆରି ସରଞ୍ଜାମ, ଲେବୁଲ, ନାମୀଦାମୀ କମ୍ପାନୀର ଠିପି ଓ ସିଲ୍ ଜବତ କରିଛି। ଏନେଇ ଅବକାରୀ ଏସ୍‌ପି ସମ୍ପୃକ୍ତ ବାର୍‌କୁ ସିଲ୍ କରିଥିବାବେଳେ ୫ଜଣଙ୍କୁ ଗିରଫ କରିଛନ୍ତି। ଏସବୁ ସ୍ଥାନରୁ ୧୧ଶହ ଲିଟର ନକଲି ମଦ, ୩ଟି ସ୍କୁଟି ଗାଡି, ୮ହଜାର ପ୍ଲାଷ୍ଟିକ ଠିପି, ୯,୪୦୦ପିସ୍ ଷ୍ଟିକର, ୧ହଜାର ଖାଲି ବୋତଲ, ୫ଟି ମୋବାଇଲ,୧୧୯୦ ପିସ୍ ଲେବୁଲ ଜବତ କରିଛି। ନକଲି ମଦ ପ୍ରସ୍ତୁତ ଓ ବିକ୍ରୟ କରିବା ଅଭିଯୋଗରେ ଅବକାରୀ ବିଭାଗ ସମ୍ପୃକ୍ତ ବାରର ୩ଜଣ କର୍ମଚାରୀ ସମେତ ମୋଟ ୫ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଭଦ୍ରେଶ୍ୱର ଥାନା ଅଧୀନ ପ୍ରହରାଜପୁର ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ(୪୭), ଜଗନ୍ନାଥ ନାୟକ(୪୫), ପବିତ୍ର ଜେନା(୩୩), ଶ୍ରୀନିବାସ ପ୍ରଧାନ(୪୪) ଓ ମାହାଙ୍ଗା ଥାନା ଅଧୀନସ୍ଥ ଖନ୍ଦଲୋ ଗ୍ରାମର ଶରତ ଚନ୍ଦ୍ର ବାରିକ(୩୫)। ତେବେ ବାର୍ ମାଲିକ ଖସିଯିବାରେ ସକ୍ଷମ ହୋଇଛନ୍ତି।

କଟକ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅରୁପା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଦଳ ପ୍ରଥମେ ନକଲି କାରବାର ସମ୍ପର୍କରେ ସୂଚନା ପାଇ ଏସ୍‌ଆର ବାର୍ ମାଲିକଙ୍କ ପ୍ରହରାଜପୁରସ୍ଥିତ ପୈତୃକ ବାସଭବନ ନିକଟସ୍ଥ ୨ଟି ଘର ଉପରେ ଚଢ଼ାଉ କରିଥିଲା। ସେଠାରୁ ପର୍ଯ୍ୟାପ୍ତ ପରିମାଣର ନକଲି ମଦ ଜବତ କରିଥିଲା। ସେଠାରୁ ଆସି ଏସ୍‌ଆର୍ ବାର୍ ଓ ଏହାର ନିକଟରେ ଥିବା ଏକ ଘରୁ ନାମୀଦାମୀ କମ୍ପାନୀ ବ୍ରାଣ୍ଡର ଷ୍ଟିକର, ବୋତଲ, ସିଲ୍ ସମେତ ଅନ୍ୟାନ୍ୟ ଜିନିଷପତ୍ର ଜବତ କରିଥିଲେ। ବାର୍‌ର ୩ଜଣ କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀମାନେ ବାର୍ ଚାବି ମାଗିଥିଲେ ମଧ୍ୟ ସେମାନେ ସହଜରେ ଦେଇ ନ ଥିଲେ। ତେବେ ଅବକାରୀ ବିଭାଗ ଅଧିକାରୀମାନେ ବାର୍ ଭାଙ୍ଗି ପ୍ରବେଶ କରିବେ ବୋଲି କହିବାରୁ ମ୍ୟାନେଜର ଚାବି ଦେଇଥିଲେ। ଚାବି ଖୋଲିଲା ପରେ ବାର୍ ଘରୁ ପର୍ଯ୍ୟାପ୍ତ ପରିମାଣର ନକଲି ମଦ ମିଳିଥିଲା। ତେବେ ଅବକାରୀ ବିଭାଗ ସିସିଟିଭି ଫୁଟେଜ ମାଗିବାବେଳେ ସିସିଟିଭି ବନ୍ଦ ଥିବା ଓ ହାର୍ଡଡିସ୍କ ଖୋଲା ହୋଇଯାଇଥିବା ବାର୍ ମ୍ୟାନେଜର କହିଥିଲେ। ଏହାପରେ ବାର୍‌ର ୩ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସମସ୍ତ ମଦ ଜବତ କରାଯିବା ପରେ ଅଭିଯୁକ୍ତମାନଙ୍କୁ ସାଲେପୁର ଅବକାରୀ ବିଭାଗକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପଚରାଉଚରା କରାଯିବାରେ ସେମାନେ କିପରି ନକଲି ମଦ ତିଆରି କରୁଥିଲେ ତାହାର ଏକ ଡେମୋ ଦେଖାଇଥିଲେ।

ଏନେଇ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ. ୬୪/୨୦୨୪-୨୫) ରୁଜୁ କରାଯିବା ସହ ଧାରା ୫୨(ଏ)୫୨(ସି)୫୯(ଡି) ଏବଂ ୬୨ ଓଡ଼ିଶା ଅବକାରୀ ଆକ୍ଟ ୨୦୦୮ ଅନୁଯାୟୀ ୫ ଅଭିଯୁକ୍ତଙ୍କୁ ସାଲେପୁର କୋର୍ଟରେ ହାଜର କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଉପକାରଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଅବକାରୀ ଜିଲା ଅବକାରୀ ଏସ୍‌ପି କରୁଣାଶଙ୍କର ତିୱାରୀ ଏସ୍‌ଆର ବାର୍‌କୁ ସିଲ୍ କରିଦେଇଛନ୍ତି। ଏନେଇ ତିୱାରୀ ସାଲେପୁର ଅବକାରୀ ବିଭାଗ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଏସ୍‌ଆର୍ ବାରରେ ନକଲି ମଦ ବିକ୍ରି ହେଉଥିବା ଖବର ତାଙ୍କ ପାଖରେ ପହଞ୍ଚିଥିଲା। ତଦନୁଯାୟୀ ଏହି ଚଢ଼ାଉ କରାଯାଇଛି। ଆଗାମୀ ଦିନରେ ଆଖପାଖରେ ଥିବା ସରକାରୀ ମଦ ଦୋକାନ ଓ ବେଆଇନ ମଦ ଆଡ୍ଡା ଉପରେ ଚଢ଼ାଉ କରାଯିବ ବୋଲି କହିଛନ୍ତି। ଦୀର୍ଘଦିନ ହେବ ଏସ୍‌ଆର୍ ବାର୍ ନକଲି ମଦ କାରଖାନା କରି ନିଜ ବାରରେ ବ୍ୟବସାୟ ଚଳାଇବା ସହ କଟକ ଜିଲାର ବିଭିନ୍ନ ଦୋକାନ, ଯାଜପୁର ଏବଂ ଜଗତ୍‌ସିଂହପୁର ଜିଲାର କେତୋଟି ଦୋକାନରେ ନକଲି ମଦ ବିକ୍ରି କରିଆସୁଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏତେଦିନ ଧରି ଏହି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଅବକାରୀ ବିଭାଗ କାହିଁକି ଜାଣି ପାରୁ ନ ଥିଲା କିମ୍ବା କେଉଁ ଅବକାରୀ ବିଭାଗ ବାବୁଙ୍କ ଛତ୍ରଛାୟାତଳେ ଏପରି ନକଲି ମଦ କାରବାର ଚାଲିଥିଲା ତାହା ତଦନ୍ତ ସାପେକ୍ଷ। ବାର୍‌ର କର୍ମଚାରୀମାନଙ୍କୁ ବିଭାଗୀୟ ଅଧିକାରୀମାନେ ଗିରଫ କରିଥିବା ବେଳେ ବାର୍‌ର ମାଲିକ ତଥା ନକଲି ମଦ କାରବାରର କିଙ୍ଗପିନ୍‌କୁ କାହିଁକି ଗିରଫ କରାଗଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏହି ବାର୍ ନୁହେଁ, କଟକ ଜିଲାର ବହୁ ମଦ ଦୋକାନ ଓ ବାରରେ ନକଲି ମଦ କାରବାର ହେଉଥିବା ଅଭିଯୋଗ ହେଉଛି।



ଜବତ ନକଲି ମଦ।

# ଲିଭ୍ ଇନ୍‌ରେ ଥିବା ମହିଳାଙ୍କୁ ହତ୍ୟା

**ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା**

ବଣାଇଁ, ୨୬।୯(ପ୍ରଦୀପ ତ୍ରିପାଠୀ

ସ୍ୱାମୀ ଓ ପରିବାରକୁ ଛାଡ଼ି ଜଣେ ମହିଳା ଜଣେ ଯୁବକଙ୍କୁ ଭଲ ପାଇ ତାଙ୍କ ସହିତ ଲିଲ୍ ଇନ୍ ରିଲେଶନରେ ରହୁଥିଲେ। ହେଲେ ସାମାନ୍ୟ ଝଗଡ଼ାକୁ ନେଇ ଯୁବକ ଜଣକ ମହିଳାଙ୍କୁ ହତ୍ୟା କରିଛନ୍ତି। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା କନ୍ୟାଶ୍ରମ ବସ୍ତିରେ ଏହି ଘଟଣା ଘଟିଛି। ଗୁରୁବାର ପୋଲିସ ମୃତଦେହ ଜବତକରି ସ୍ଥାନୀୟ ଲୋକଙ୍କ ସହାୟତାରେ ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତା ମହିଳା ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ବେଲକୁଦର ଗ୍ରାମର ଯଶୋମତି ଧୀବର (୪୫)। ପ୍ରାୟ ୪ବର୍ଷ ହେବ ସେ ସ୍ୱାମୀ ଓ ପରିବାରକୁ ଛାଡ଼ି ଗୁରୁଣ୍ଡିଆର ଟ୍ରାକ୍ଟର ଚାଳକ ମନେସ ଲୁଗୁନ୍(୨୯)ଙ୍କ ସହିତ ରହୁଥିଲେ। ଉଭୟେ କାମ କରିବା ସହିତ କନ୍ୟାଶ୍ରମ ବସ୍ତିରେ ଥିବା ମନେସଙ୍କ ଘରେ ଏକାଠି ରହୁଥିଲେ। ଗତ ସୋମବାର ରାତିରେ ଉଭୟେ କାମରୁ ଫେରିବା ପରେ ଘରେ ଝଗଡ଼ା ହୋଇଥିଲା। ସେହିଦିନଠାରୁ ଗୁରୁବାର ସୁଦ୍ଧା ଯଶୋମତିଙ୍କୁ କେହି ଦେଖି ନ ଥିଲେ। ତାଙ୍କୁ ହତ୍ୟା କରାଯାଇଛି ବୋଲି କେହି ଜାଣିପାରି ନ ଥିଲେ। ଯଶୋମତିଙ୍କୁ ଦେଖିବାକୁ ନ ପାଇ ଲୋକଙ୍କ ସନ୍ଦେହ ହେବାରୁ ଥାନାରେ ଜଣାଇଥିଲେ। ଗୁରୁଣ୍ଡିଆ ପୋଲିସ ମନେସ ଲୁଗୁନଙ୍କ ଘରକୁ ଯାଇଥିଲା। ଘର ଭିତରେ ଯଶୋମତିଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ହଣାଯାଇଥିବା କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଲୁଚି ରହିଥିବା ମନେସଙ୍କୁ ଗୁରୁବାର ସନ୍ଧ୍ୟାରେ ଧରି ପଚରାଉଚରା କରୁଛି। ଯଶୋମତିଙ୍କୁ ଭଲ ପାଇ ଲିଲ୍ ଇନ୍‌ରେ ରହୁଥିବା ଓ ଝଗଡ଼ାକୁ ନେଇ ହତ୍ୟାକରିଥିବା ମନେସ ସ୍ୱୀକାର କରିଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଗୁରୁଣ୍ଡିଆ ଥାନାରେ ଏକ ହତ୍ୟା ମାମଲା (ନଂ.୪୭/୨୦୨୪) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ମାଓବାଦୀ ସଙ୍ଗଠନକୁ ସାମଗ୍ରୀ ଯୋଗାଉଥିବା ୨ ବ୍ୟକ୍ତି ଗିରଫ

ମାଲକାନଗିରି, ୨୬।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀ ବିଲୋପ ଅଭିଯାନରେ ନେଟ୍‌ୱର୍କ ସକ୍ରିୟ କରିବା ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ସଙ୍ଗଠନ ପିଏଲ୍‌ଜିଏ ବାଟାଲିୟନର ସହରୀ ଯୋଗାଣ ନେଟ୍‌ୱର୍କର ମାନବ ସୂଚନା ଓ ଟେକ୍ନିକାଲ ସୂଚନା ପାଇବା ପରେ ସୁକ୍‌ମା ପୋଲିସ ପାଟନମପାରା ଦେବୀ ଛକ ଅଭିମୁଖେ ଯାଇଥିଲା। ସୂଚନାସ୍ଥଳରେ ଥିବା ଘରକୁ ଘେରାଉକରି ୨ ସନ୍ଦିଗ୍ଧ ଯୁବକଙ୍କୁ ସେଠାରୁ ପୋଲିସ ଗିରଫ କରିଛି। ପଚରାଉଚୁରା ବେଳେ ଜଣେ ମଶେଷ ମଣ୍ଡଳ ଓ ଅନ୍ୟ ଜଣେ ଏସ୍. ନାଗାର୍ଜୁନ ବୋଲି ଜଣାପଡିଛି। ମଶେଷ ସୁକ୍‌ମା ନିବାସୀ ହୋଇଥିବା ବେଳେ ନାଗାର୍ଜୁନ ଆନ୍ଧ୍ରପ୍ରଦେଶର ବାସିନ୍ଦା। ଏହି ଦୁଇଜଣଙ୍କ ନିକଟରୁ ୨ କିଲୋ ୟୁରିଆ ଫାଇବର, ଦୁଇ ଡବା ପୋଟାସିୟମ ନାଇଟ୍ରେଟ୍, ତିନି ଡବା ଆଲୁମିନିୟମ୍ ଫାଇବର, ୫ ପ୍ୟାକେଟ ପ୍ୟାକିଂ ରାପର, ଗୋଟିଏ ଟିଫିନ୍ ବୋମା, ଦୁଇଟି ଡିଟୋନେଟର, ମାଓବାଦୀ ପୁସ୍ତିକା ସହିତ ଦୁଇଟି ମୋବାଇଲ ସହ ସିମ୍ ଏବଂ ୱାକିଟକି ଆଦି ଜବତ କରିଛି। ଏହି ସାମଗ୍ରୀଗୁଡିକ ମାଓବାଦୀଙ୍କୁ ଯୋଗାଇବା ଏବଂ ସୁରକ୍ଷା କର୍ମୀଙ୍କ ବିଭିନ୍ନ ସୂଚନା ଟାୱାରକୁ ଉଡ଼ାଇବା ନିମନ୍ତେ ବ୍ୟବହାର କରିବା ପାଇଁ ଯୋଗାଉ ଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି,୨୬।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ଭେଜି ଥାନା ଅନ୍ତର୍ଗତ ଭଣ୍ଡାରପଦର ଗ୍ରାମର ସୋୟମ ପାଣ୍ଡୁ (୫୦)ଙ୍କୁ ମାଓବାଦୀମାନେ ବୁଧବାର ପୋଲିସ ସୂଚନାଦତା ସନ୍ଦେହରେ ହତ୍ୟା କରିଛନ୍ତି। ବିଳମ୍ବିତ ରାତିରେ ସଶସ୍ତ୍ର ମାଓବାଦୀ ସୋୟମଙ୍କୁ ଘରୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ମାଡ ମାରିବା ପରେ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଭେଜି ଥାନା ପୋଲିସ ତଦନ୍ତ ଚଳାଇଛି।

# ଦିନ ଦ୍ୱିପ୍ରହରେ ବୃଦ୍ଧାଙ୍କୁ ହତ୍ୟା

**ହତ୍ୟାକାରୀଙ୍କୁ ଖୋଜୁଛି ପୋଲିସ**

ରେଢାଖୋଲ, ୨୬।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହର ଦେହୁରୀ ସାହିରେ ଗୁରୁବାର ଦିନ ଦ୍ୱିପ୍ରହରେ ଘଟିଛି ଏକ ହତ୍ୟାକାଣ୍ଡ । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ୬୫ବର୍ଷୀୟା ବୃଦ୍ଧା ତରଙ୍ଗିନୀ ସାହୁ। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ରେଢାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ସାହି ମୁଣ୍ଡରେ ରହୁଥିବା ଜଣେ ବୃଦ୍ଧାଙ୍କୁ ଘର ବାରଣ୍ଡାରେ କିଏ ଓ କିପରି ହତ୍ୟା କରି ଖସି ପଳାଇଲେ ତାହାକୁ ନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି। ସନ୍ଦେହରେ ପୋଲିସ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଏ ନେଇ ରେଢାଖୋଲ ଥାନାରେ ଏକ ହତ୍ୟା ମାମଲା(ନଂ.୨୩୨/୨୪)ରୁଜୁ ହୋଇଛି। ସୂଚନାମତେ ମୃତା ତରଙ୍ଗିନୀ ସାହୁ ଦୀର୍ଘବର୍ଷ ହେବ ରେଢାଖୋଲ ସହର ଦେହୁରୀସାହିରେ ହୀରା ବାହାଦୁର(୮୦) ନାମକ ଜଣେ ନେପାଳୀ ବ୍ୟକ୍ତିଙ୍କ ସହ ରହୁଥିଲେ। ହୀରା ରେଢାଖୋଲ ପାୱାର ଗ୍ରୀଡ କାର୍ଯ୍ୟାଳୟରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟ କରୁଥିଲେ। ତେବେ ବୟସାଧିକ ଯୋଗୁ ଗତ କିଛିଦିନ ହେବ ହୀରାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁ ନ ଥିଲା। ତାଙ୍କ ଦେହ ଖରାପ ରହୁଥିବା ଖବର ପାଇ ପୂର୍ବରୁ ହୀରାଙ୍କ ପରିବାର ଲୋକେ ବୁଧବାର ଦେହୁରୀ ସାହି ଆସି ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାର ନେଇଯାଇଥିବା ସାହିରେ ରହୁଥିବା କେତେଜଣ ବ୍ୟକ୍ତି କହିଛନ୍ତି। ଅପରପକ୍ଷରେ ହୀରା ଗଲା ପରେ ସେଠାରେ ତରଙ୍ଗିନୀ ଏକୁଟିଆ ଥିଲେ। ଗୁରୁବାର ସକାଳେ ସେ ଘର ବାହାରେ ବୁଲାବୁଲି କରୁଥିବା ସାହି ଲୋକେ ଦେଖିଥିବା କହିଛନ୍ତି। ତେବେ ପୂର୍ବାହ୍ନ ୧୧ଟା ବେଳେ ଘର ବାରଣ୍ଡାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତରଙ୍ଗିନୀ ପଡିଥିବା ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସାହି ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନା ନେଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଣେ ପୁଅ ମୁଣ୍ଡକୁ ଆଶା**
**ତେଣେ ତେଲ ଘଡ଼ିକି ଆଶା।**

ସାଧାରଣତଃ ବାଳ ବା ଚୁଟିକୁ ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ କିଣିବାରେ ପଇସା ସରିଯିବା ଭୟରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଏପଟେ ପଇସାକୁ ଲୋଭ ସେପଟେ ଚୁଟି ନୁଖୁରା ରହିଯିବାର ଭୟ। ବ୍ୟକ୍ତିର ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏଇ ପେଟ**
**ଏଇ ପେଟ ଲାଗି ଲାଗିଛି ନାଟ**
**ଏଇ ପେଟ ଲାଗି ଛଟପଟ**
**ଏଇ ପେଟ ଲାଗି ବଙ୍ଗଳା ବାଟ**
**ଏଇ ପେଟ ଲାଗି ଢିଙ୍କି କୁଟ**
**ନଟ କୁଟ, ମୁଣ୍ଡ କାଟ ।**

ପେଟ ଲାଗି ସବୁ ନାଟ। ପେଟର ଭୋକ ପୂରଣ କରିବା ଲାଗି କିଏ କେଉଁଠି ମୂଲ ମଜୁରି ଲାଗୁଛି। ସେହିପରି କେଉଁଠି କୂଟକପଟର ଖେଳ, ହଣାମରା ଭଳି କେତେ କ'ଣ ଲାଗି ରହୁଛି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଦୋଷୀ ବାପାଙ୍କୁ ଆଜୀବନ ଜେଲ

**୪ ମାସର ଶିଶୁପୁତ୍ର ହତ୍ୟା ମାମଲା**

ବାଲେଶ୍ୱର, ୨୬।୯(ବାଞ୍ଛାନିଧି ଦେ)

୪ମାସର ଶିଶୁପୁତ୍ର ହତ୍ୟା ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ୍ ଦାସ ଅଭିଯୁକ୍ତ ବାପା ଦୁଲାରାମ ବାସ୍କେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୋର ଥାନା ଅଧୀନ ଆଟପୁର ଗ୍ରାମର ଗୌରୀ ବାସ୍କେଙ୍କ ସ୍ୱାମୀ ୨୦୧୮ରେ ମୃତ୍ୟୁବରଣ କରିଥିଲେ। ପରେ ଗୌରୀ ମୟୂରଭଞ୍ଜ ଜିଲା ଉଦଳା ଥାନା ବାଘମରା ଖୁଣ୍ଟା ଗ୍ରାମର ସମ୍ପର୍କୀୟ ଦିଅର ଦୁଲାରାମ ବାସ୍କେଙ୍କୁ ବିବାହ କରି ସ୍ୱାମୀଙ୍କ ସହ ବାପ ଘରେ ରହୁଥିଲେ। ୨୦୨୨ ଅକ୍ଟୋବରରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଦୁଲାରାମ ସନ୍ତାନ ଚାହୁଁ ନ ଥିବାରୁ ଶିଶୁପୁତ୍ରକୁ ହତ୍ୟା କରିବା ପାଇଁ ବହୁବାର ଉଦ୍ୟମ କରୁଥିଲେ। ୨୦୨୩ ଜାନୁଆରୀ ୧୪ତାରିଖରେ ଶିଶୁପୁତ୍ରକୁ ଘରେ ଶୁଆଇ ଗୌରୀ ବାଡ଼ିକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁଲାରାମ ଶିଶୁପୁତ୍ରକୁ ଘରୁ ନେଇ ପଳାଉଥିବା ବେଳେ ଗୌରୀ ଦେଖି ବିରୋଧ କରିଥିଲେ। ହେଲେ ସେ ଜବରଦସ୍ତ ନେଇ ପଳାଇ ଯାଇଥିଲେ। ଶିଶୁପୁତ୍ର ଓ ସ୍ୱାମୀ ଘରକୁ ନ ଫେରିବାରୁ ୧୯ତାରିଖରେ ସମ୍ପର୍କୀୟଙ୍କ ଫୋନ୍‌ରେ ଗୌରୀ ସ୍ୱାମୀଙ୍କୁ ଫୋନ୍ କରି ପୁଅ ବିଷୟରେ ପଚାରି ବୁଝିଥିଲେ। ପୁଅ ଆଶ୍ରମରେ ଅଛି, ୧୦ ବର୍ଷ ପରେ ଦେଖିବୁ ବୋଲି ସ୍ୱାମୀ କହିଥିଲେ। କିନ୍ତୁ ଶିଶୁପୁତ୍ରକୁ ହତ୍ୟା କରି ସ୍ୱାମୀ ପାଣିସିଆଳି ଗହୀର ବିଲରେ ଫୋପାଡ଼ି ଥିବା ସେଦିନ ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ ଗୌରୀ। ଅଭିଯୋଗକ୍ରମେ ଖଇରା ଥାନା ପୋଲିସ ଏକ ହତ୍ୟା ମାମଲା (ନଂ. ୯/୨୩) ରୁଜୁ କରି ଦୁଲାରାମଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଗୁରୁବାର ୧୨ଜଣ ସାକ୍ଷୀ, ୧୫ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ବ୍ୟବସାୟୀଙ୍କ ସୁନାରୁପା ଅଳଙ୍କାର, ଟଙ୍କା ଲୁଟ

**୧ କେଜି ସୁନା, ୫ କେଜି ରୁପା ନେଇଥିବା ଅଭିଯୋଗ**



ମୋହନା,୨୬।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ମୁଖ୍ୟ ବଜାରରେ ବୁଧବାର ରାତିରେ ବଡ଼ ଧରଣର ଲୁଟ ହୋଇଛି। ବଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଶ୍ରୀହରି ଜୁଏଲର୍ସର ମାଲିକଙ୍କ ନିକଟରୁ ଦୁର୍ବୃତ୍ତ ୧ କେଜି ସୁନା, ୫ କେଜି ରୁପା ଅଳଙ୍କାର ସହ ୭୦ ହଜାର ଟଙ୍କା ଥିବା ବ୍ୟାଗ ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ମୋହନ ଆଚାରୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୁନା ବ୍ୟବସାୟୀ ମୋହନ ସବୁଦିନ ଭଳି ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ କର୍ମଚାରୀମାନେ ଯିବାପରେ ସୁନା, ରୁପା ଜିନିଷ ଓ ଟଙ୍କା ଧରି ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରିଥିଲେ। ସେ ଅଳଙ୍କାର ଏବଂ ଟଙ୍କା ଥିବା ଦୁଇଟି ବ୍ୟାଗ୍‌କୁ ଦୋକାନ ବାରଣ୍ଡାରେ ଥିବା ଟେବୁଲ ଉପରେ ରଖି ତାଙ୍କ ବାଇକ୍‌କୁ ତଳକୁ କାଢୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସୁନା ବ୍ୟବସାୟୀଙ୍କ ବ୍ୟାଗ୍ ଦୁଇଟି ଧରି ଚମ୍ପଟ ମାରିଥିଲେ। ଏ ନେଇ ମୋହନ ତୁରନ୍ତ ମୋହନା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଥିବା ଅନ୍ୟ ଦୋକାନର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଖୋଳତାଡ଼ କରୁଛି। ଏ ନେଇ ମୋହନା ଥାନାରେ ନଂ.୧୮୮/୨୪ରେ ମାମଲା ରୁଜୁକରାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

**ବେଙ୍ଗାଲୁରୁରେ ହତ୍ୟା ଘଟଣା**

# ବ୍ଲାକମେଲିଂ କରୁଥିଲେ ମହାଲକ୍ଷ୍ମୀ

**ହତ୍ୟାକାଣ୍ଡର ରହସ୍ୟ ବଖାଣିଲେ ମୃତ ଅଭିଯୁକ୍ତଙ୍କ ପରିବାର**

ଭଦ୍ରକ,୨୬।୯(ସନାତନ ରାଉତ)

ବେଙ୍ଗାଲୁରୁରେ ବହୁଚର୍ଚ୍ଚିତ ମହାଲକ୍ଷ୍ମୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଭୂଇଁପୁର ଗାଁର ମୁକ୍ତିରଞ୍ଜନ ରାୟ(୩୨)ଙ୍କ ଆତ୍ମହତ୍ୟା ପରେ ତାଙ୍କ ପରିବାର ଲୋକେ ହତ୍ୟାକାଣ୍ଡର ରହସ୍ୟ ବଖାଣିଛନ୍ତି। ମୁକ୍ତିରଞ୍ଜନଙ୍କ ମା' କହିଛନ୍ତି, ଗତ ମଙ୍ଗଳବାର ରାତି ୧୦ଟାରେ ତାଙ୍କ ବଡ଼ପୁଅ ମୁକ୍ତିରଞ୍ଜନ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚିବା ପରେ ସେ ବହୁତ ଚାପରେ ଥିବା ପରି ଜଣାପଡୁଥିଲେ। ଏହାର କାରଣ ପଚାରିବାରୁ ବେଙ୍ଗାଲୁରୁରେ ସେ ଜଣେ ଝିଅକୁ ମାରିଦେଇଥିବା କହିଥିଲେ। ତାଙ୍କ ରୋଜଗାରର ସବୁ ଟଙ୍କା ସେହି ଝିଅ ନେଇଯାଉଥିଲେ। ଏପରି କି ତାଙ୍କ ସୁନାଚେନ, ମୁଦି ସବୁ ସେ ନେଇଯାଇଛନ୍ତି। ସବୁ ଟଙ୍କା ନେଇ ଯାଉଥିବାରୁ ତାଙ୍କ ଘର କାମ ନିର୍ମାଣ ମଧ୍ୟ ଅଧାରେ ରହିଯାଇଛି। ସେହି ଝିଅର ଅତ୍ୟାଚାରରେ ଅତିଷ୍ଠ ହୋଇ ୧୫ଦିନ ତଳେ ତାଙ୍କୁ ତଣ୍ଟି ଚିପି ମୁକ୍ତିରଞ୍ଜନ ମାରିଦେଇଥିବା ମା'ଙ୍କ ଆଗରେ କହିଥିଲେ। ଏଥିସହିତ ବୁଧବାର ଭୋର ୪ଟାରୁ ସ୍କୁଟି ନେଇ ଘରୁ କୁଆଡ଼େ ପଳାଇ ଯାଇଥିଲେ ବୋଲି ତାଙ୍କ ମା' କହିଛନ୍ତି।

ମୁକ୍ତିରଞ୍ଜନଙ୍କ ସାନଭାଇ ଶକ୍ତିରଞ୍ଜନ କହିଛନ୍ତି, ତାଙ୍କ ଭାଇ ୧୦ ବର୍ଷ ଧରି ବେଙ୍ଗାଲୁରୁରେ ରହୁଥିଲେ। ଏକ ଘରୋଇ କମ୍ପାନୀରେ ରିଟେଲର କାମ କରୁଥିଲେ। ସେ ଗତ ୨ବର୍ଷ ହେଲା ଘରକୁ ଆସି ନ ଥିଲେ। ଶକ୍ତିରଞ୍ଜନ ବ୍ରହ୍ମପୁରର ନରେନ୍ଦ୍ରପୁରରେ ଏକ ମେସ୍‌ରେ ରହୁଥିବାରୁ ମୁକ୍ତିରଞ୍ଜନ ତାଙ୍କ ପାଖକୁ ଆସି ଗତ ୧୦ ଦିନ ହେବ ସେଠାରେ ରହୁଥିଲେ। ତେବେ ମଙ୍ଗଳବାର ସେଠାରୁ ଗାଁକୁ ଆସିଥିଲେ। ଏହାର କିଛି ସମୟ ପରେ କର୍ଣାଟକ ପୋଲିସ ପହଞ୍ଚି ଶକ୍ତିରଞ୍ଜନଙ୍କୁ ମେସ୍‌ରୁ ଉଠାଇ ନେଇଥିଲା। ଗାଡ଼ି ଭିତରେ ତାଙ୍କ ଭାଇଙ୍କ ବିଷୟରେ ପଚରାଉଚରା କରିବା ସହ ଅକଥନୀୟ ଅତ୍ୟାଚାର କରିଥିଲା। ତାଙ୍କ ଦାଢ଼ି ଚୁଟି ଉପାଡ଼ିବା ଭଳି ବିଭିନ୍ନ ନିର୍ଯାତନା ମଧ୍ୟ ଦେଇଥିଲା। ପୋଲିସ ତାଙ୍କୁ ବ୍ରହ୍ମପୁରରୁ ବାଲେଶ୍ୱର ସେଠାରୁ ଭଦ୍ରକ ଓ ପରେ ପୁଣି ଭୁବନେଶ୍ୱର ନେଇଥିଲା। ସେଠାରେ ବୁଧବାର ରାତିରେ ମୁକ୍ତିରଞ୍ଜନ ଆତ୍ମହତ୍ୟା କରିଦେଇଛନ୍ତି ବୋଲି ଜଣାଇବା ସହ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ ବୋଲି ଶକ୍ତିରଞ୍ଜନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ମୁକ୍ତିରଞ୍ଜନଙ୍କୁ ମହାଲକ୍ଷ୍ମୀ ବ୍ଲାକମେଲିଂ କରୁଥିଲେ। ମହାଲକ୍ଷ୍ମୀଙ୍କ ଭାଇ ଜଣେ ଗୁଣ୍ଡା ଶ୍ରେଣୀର ଲୋକ। ତାଙ୍କ ଭାଇଙ୍କଠାରୁ ରୋଜଗାର ଟଙ୍କା ସବୁ ନେଇ ଯାଉଥିଲେ। ଏପରିକି ମିଛ କେସ୍‌ରେ ତାଙ୍କ ଭାଇଙ୍କୁ ପୋଲିସରେ ମଧ ଦେଇଥିଲେ। ତାଙ୍କର କେରଳ ଟ୍ରାନ୍ସଫର ହେଉଥିବା ଜାଣିବା ପରେ ମହାଲକ୍ଷ୍ମୀଙ୍କ ଭାଇ ଓ କେତେଜଣ ଲୋକ ମିଶି ତାଙ୍କୁ ଧମକ ଦେବା ସହ ମାଡ଼ ମଧ୍ୟ ମାରିଥିଲେ ବୋଲି ମୁକ୍ତିରଞ୍ଜନ ତାଙ୍କୁ କହିଥିବା ଗୁରୁବାର ସକାଳେ ଗାଁରେ ପହଞ୍ଚିବା ପରେ ଶକ୍ତିରଞ୍ଜନ ଗଣମାଧ୍ୟମ ଆଗରେ କହିଛନ୍ତି। ପଚରାଉଚରା ବେଳେ ପୋଲିସ ଆଗରେ ମଧ ଏହା ପ୍ରକାଶ କରିଛନ୍ତି। ଅପରପକ୍ଷେ ମୁକ୍ତିରଞ୍ଜନଙ୍କ ମଝିଆ ଭାଇ ସ୍ମୃତିରଞ୍ଜନ ବେଙ୍ଗାଲୁରୁରେ ଅନ୍ୟ ଏକ କମ୍ପାନୀରେ କାମ କରୁଥିବାବେଳେ ତାଙ୍କୁ ସେଠାକାର ପୋଲିସ ହେପାଜତରେ ରଖି ନିର୍ଯାତନା ଦେଉଥିବା ବୁଧବାର ରାତିରେ ଫୋନ୍ ଯୋଗେ ଜଣାଇଥିବା ଶକ୍ତିରଞ୍ଜନ କହିଛନ୍ତି। ଏନେଇ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଆତ୍ମହତ୍ୟା କରିଥିବା ଯୁବକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ସେ ଧରାପଡ଼ିଯିବା ଭୟରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଜବତ ହୋଇଥିବା ସୁଇସାଇଡ୍ ନୋଟ୍ କୋର୍ଟରେ ଦିଆଯିବ। ବେଙ୍ଗାଲୁରୁ ପୋଲିସ ହତ୍ୟା କେସ୍‌ର ତଦନ୍ତ କରୁଛି। ଏଠାରେ କେବଳ ଆତ୍ମହତ୍ୟା ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପ୍ରକାଶଥାଉ କି, ମୁକ୍ତିରଞ୍ଜନ କିଛିଦିନ ତଳେ ମହାଲକ୍ଷ୍ମୀ ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରି ୫୯ ଖଣ୍ଡ କରି ଫ୍ରିଜ୍‌ରେ ରଖିଥିଲେ। ଏହି ଘଟଣା ପୋଲିସ ନଜରକୁ ଆସିବା ପରେ ମୁକ୍ତିରଞ୍ଜନଙ୍କୁ ଧରିବା ପାଇଁ ବେଙ୍ଗାଲୁରୁ ପୋଲିସ ଜାଲ ବିଛାଇଥିଲା। ଧରାପଡ଼ିଯିବା ଭୟରେ ସେ ଆରଡ଼ି ଫାଣ୍ଡି ଅଧୀନ ଚମ୍ପାସାହି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା କୁଳେଇପଦା ଶ୍ମଶାନ ନିକଟସ୍ଥ ଏକ ଗଛରେ ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳୁ ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନିକଟରେ ତାଙ୍କ ସ୍କୁଟି ଉପରେ ଏକ ଲାପ୍‌ଟପ୍ ବ୍ୟାଗ୍ ଥିଲା। ବ୍ୟାଗ୍ ଭିତରେ ଥିବା ମୁକ୍ତିରଞ୍ଜନଙ୍କ ଏକ ଡାଏରୀରେ ମହାଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ଘଟଣା ଉଲ୍ଲେଖ ରହିଥିବା ପୋଲିସ କହିଥିବାବେଳେ ତାଙ୍କ ସୁଇସାଇଡ୍ ନୋଟ୍‌କୁ ସାର୍ବଜନୀନ କରିନାହିଁ। ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୪) ରୁଜୁ କରାଯାଇଛି।


ମହାଲକ୍ଷ୍ମୀ।


ମୁକ୍ତିରଞ୍ଜନ ରାୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେନ୍‌ସେକ୍ସ ୮୬,୦୦୦ ଅଙ୍କର ନିକଟବର୍ତ୍ତୀ

**ମୁମ୍ବାଇ,୨୬।୯**

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଓ ଦରବୃଦ୍ଧି ସମସ୍ୟା ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ ବେଞ୍ଚମାର୍କ (ଇକ୍ୟୁଟି ବଜାର)ର କାରବାର ବେଶ୍ ଉତ୍ସାହଜନକ ରହିଛି। ଏପରିକି ପୁଞ୍ଜିବଜାରର ନିବେଶକମାନେ ଦିନକରେ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ନିବେଶ ଯୋଗକରିଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୭୫ ଲକ୍ଷ କୋଟି ଟଙ୍କା ଥିଲାବେଳେ ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜିର ପରିମାଣ ପ୍ରାୟ ୪୭୭ ଲକ୍ଷ କୋଟିରେ ପହଞ୍ଚିଛି।

ସେହିଭଳି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର ନିବେଶକଙ୍କ ଉତ୍ସାହ ବୃଦ୍ଧି କରିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର କାରବାର ଗୁରୁବାର ସର୍ବକାଳୀନ ଉଚ୍ଚ ୮୬,୦୦୦ ଅଙ୍କ (୮୫,୯୩୦.୪୩ ଅଙ୍କ) ର ନିକଟବର୍ତ୍ତୀ ହୋଇଥିଲା।



■୨୬,୨୦୦ ଅଙ୍କ ଉପରେ ନିଫ୍ଟି
■ଦିନକରେ ୨ଲକ୍ଷ କୋଟି ଯୋଗ

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାର କାରବାର ପ୍ରାରମ୍ଭରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟି ସବୁଜସ୍ତରରୁ ଆରମ୍ଭ ହୋଇ ସେହି ସବୁଜ ସ୍ତରରେ ଶେଷ ହୋଇଥିଲା। ସେହିଭଳି ସେନ୍‌ସେକ୍ସ କାରବାର ପ୍ରାରମ୍ଭରେ ୮୫,୯୩୦.୪୩ ଅଙ୍କରେ ପହଞ୍ଚିଯାଇଥିଲାବେଳେ କାରବାର ଶେଷ ବେଳକୁ ୦.୬୮% ପଏଣ୍ଟ ବୃଦ୍ଧି ସହ ୮୫,୮୩୬.୧୨ ଅଙ୍କରେ ରହିଥିଲା। ଏପରିକି ବିଏସ୍ଇ ମଡ୍‌କ୍ୟାପର କାରବାର ୦.୬% ଏବଂ ସ୍ମଲକ୍ୟାପର କାରବାର ୦.୪% ବୃଦ୍ଧି ଘଟିଛି। ସେହିପରି ନିଫ୍ଟିର କାରବାର ପ୍ରାରମ୍ଭରେ ବୃଦ୍ଧି ଘଟି ୨୬,୨୫୦.୯୦ ଅଙ୍କରେ ପହଞ୍ଚିଯାଇଥିଲାବେଳେ କାର୍ଯ୍ୟ ଦିବସର ଶେଷ ସୁଦ୍ଧା ୦.୮୧% ବଢ଼ି ୨୬,୨୬.୦୫ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ନିଫ୍ଟି ମିଡକ୍ୟାପ ୦.୦୧% ବଢି ୬୦,୪୬୯.୧୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୦.୪୮% ହ୍ରାସ ଘଟି ୯୨୫୧.୦୫ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ୨୭୪ (୨୭୩.୭୦) ପଏଣ୍ଟ ବୃଦ୍ଧି ଘଟି ୫୪,୩୭୫.୩୫ ଅଙ୍କରେ ରହିଛି।

ଉଲ୍ଲେଖଯୋଗ୍ୟ, ସେକ୍ଟରାଲ କାରବାରରେ ଅଟୋ,ମେଟାଲ ଶିଳ୍ପର ନିବେଶକ ପ୍ରାୟ ୨% ନିବେଶ ବୃଦ୍ଧି କରିଥିଲାବେଳେ ଏଫ୍ଏମ୍‌ସିଜି ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଶେୟାର ୧%ର ନିବେଶ ବୃଦ୍ଧି କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୬୬ (୬୬୬.୨୫) ପଏଣ୍ଟ ବଢି ୮୫,୮୩୬ (୮୫,୮୩୬.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୧୨ (୨୧୧.୯୦) ପଏଣ୍ଟ ବୃଦ୍ଧି ଘଟି ୨୬,୨୧୬(୨୬,୨୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ସୁଗମ ଋଣ ପରିଶୋଧ ଯୋଜନାର ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୬।୯**

ଆଇଡିବିଆଇ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଏକ ସ୍ୱତନ୍ତ୍ର ସ୍କିମ୍ 'ସୁଗମ ଋଣ ଭୁଗତାନ ଯୋଜନା ବା ସୁଗମ ଋଣ ପରିଶୋଧ ଯୋଜନା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରିଟେଲ ଏନ୍‌ପିଏର ଏକକାଳୀନ ସମାଧାନ ମାଧ୍ୟମରେ ଏହାର ପୁନରୁଦ୍ଧାର ପ୍ରୟାସକୁ ତ୍ୱରାନ୍ୱିତ କରିବ। ଯେଉଁଥିରେ ଋଣଧାରୀଙ୍କ ୦.୧୦ କୋଟି ଟଙ୍କାରୁ ଅଧିକ ଏବଂ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ବକେୟା (ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ) ରିହାତି ସର୍ତ୍ତରେ ରହିଥିବ। ଯେଉଁ ଋଣଦାତାମାନେ ଅସୁବିଧାରେ ଅଛନ୍ତି ଏବଂ ଆଇନଗତ ଜଟିଳତାକୁ ଏଡ଼ାଇବା ପାଇଁ ସେମାନଙ୍କର ପ୍ରାପ୍ୟ ସମାଧାନ କରିବାକୁ ଇଚ୍ଛୁକ ସେମାନଙ୍କୁ ବ୍ୟାଙ୍କ ଏକ ନୂତନ ସୁଯୋଗ ପ୍ରଦାନ କରୁଛି । ଏହି ଯୋଜନାର ସଂକ୍ଷିପ୍ତ ବିବରଣୀ https://www.idbibank.in/idbi-bank-sugam-rinn-bhugtan-yojana.aspxରେ ଉପଲବ୍ଧ ରହିଛି।


ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ ଭାନୁମତି ସରକାର
ଆବିର୍ଭାବ - ୦୧.୦୧.୧୯୨୯
ତିରୋଧାନ - ୧୭.୦୯.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ। ଆଜି ଏକାଦଶାହ ଅବସରରେ ମା' ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।
ସରକାର ପରିବାର ଭଞ୍ଜପୁର, ବାରିପଦା

STAR MANAGEMENT COLLEGE



Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009


## ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଜୀବନକୁ ବଦଳାଇବା

**ଭୁବନେଶ୍ୱର,୨୬।୯**

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍) ଇଣ୍ଡିଆ ଏବଂ ନ୍ୟାଶନାଲ ସ୍କିଲ୍ ଡେଭଲପମେଣ୍ଟ କର୍ପୋରେଶନ (ଏନ୍ଏସ୍‌ଡିସି)ର ମିଳିତ ସହଯୋଗରେ ଏଆଇଏସ୍ଇସିଁରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ରାଜ୍ୟର ଅନେକ ଆଶାୟୀ ଛାତ୍ରୀଛାତ୍ରଙ୍କ ପାଇଁ ଆଶାର କିରଣ ପାଲଟିଛି। ଏପରିକି ଘରୋଇ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ପାଠ୍ୟକ୍ରମ ଜରିଆରେ ଚାକିରି ଭୂମିକା ଏଆଇଏସ୍ଇସିଁରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନେକ ଆଶାୟୀ ବ୍ୟକ୍ତିଙ୍କ ସଂକଳ୍ପ ଓ ସଫଳତାର ଏକ ହୃଦୟସ୍ପର୍ଶୀ କାହାଣୀ ପାଲଟିଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରାପଡ଼ାର ଏକ ଦୁର୍ଗମ ଗାଁ ଖରିନାସୀ ବାସିନ୍ଦା କରିସ୍ମା ୨୩ ବର୍ଷ ବୟସରେ ଏକ କଠିନ ବାସ୍ତବତାର ସମ୍ମୁଖୀନ ହୋଇଥିଲେ। ଏପରିକି ସେ ଏକ ମଧ୍ୟବିତ ପରିବାରରେ ବଡ଼ ହୋଇଛନ୍ତି, ଯେଉଁଠାରେ ତାଙ୍କ ବାପା ଜଣେ କୃଷକ ଭାବେ କାମ କରୁଥିଲାବେଳେ ମା' ଘର ଚଳାଉଥିଲେ। ପଦାର୍ଥ ବିଜ୍ଞାନରେ ସ୍ନାତକ ଶେଷ କରିବା ସତ୍ତ୍ୱେ କରିସ୍ମା ଏପରି ଏକ ଚାକିରି ପାଇବା ପାଇଁ ସଂଘର୍ଷ କରୁଥିଲେ, ଯାହା କେବଳ ତାଙ୍କ ପରିବାରକୁ ଆର୍ଥିକ ସହାୟତା କରିବ ନାହିଁ ବରଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସହ ମଧ୍ୟ ମେଳ ଖାଇବ। ସେହିପରି କରିସ୍ମାଙ୍କ କାହାଣୀ ଏଆଇଏସ୍ଇସିଁ ପଦକ୍ଷେପର ପ୍ରଭାବ ଏବଂ ଏନ୍ଏସ୍‌ଡିସି ଏବଂ ଏଏମ୍ଏନ୍ଏସ୍ ଇଣ୍ଡିଆର ଅତୁଟ ସମର୍ଥନର ଏକ ପ୍ରମାଣ ସହ ନିଜର ପରିବର୍ତ୍ତନଶୀଳ ଅନୁଭୂତି ବିଷୟରେ ସେ କହିଛନ୍ତି, ଘରୋଇ ଡିଇଓ ପାଠ୍ୟକ୍ରମ କେବଳ ପ୍ରଶିକ୍ଷଣଠାରୁ ଅଧିକ ଥିଲା, ଏହା ଏକ ଲାଇଫ୍ ଲାଇନ୍ ଥିଲା। ଏହା ମୋତେ ମୋ ଜୀବନକୁ ବଦଳାଇବା ଏବଂ ମୋ ପରିବାରକୁ ସମର୍ଥନ କରିବାକୁ ଦକ୍ଷତା ଏବଂ ଆତ୍ମବିଶ୍ୱାସ ଦେଇଛି। ଏଆଇଏସ୍ଇସିଁ ପକ୍ଷରୁ ମିଳିଥିବା ସୁଯୋଗ ଓ ସମର୍ଥନ ପାଇ ମୁଁ ଅତ୍ୟନ୍ତ କୃତଜ୍ଞ ବୋଲି ସେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୧୮ରୁ ୨୦୨୪ ଏପ୍ରିଲ ୩୦ ପର୍ଯ୍ୟନ୍ତ ଚାଲିଥିବା ଡାଟା ମ୍ୟାନେଜମେଣ୍ଟ, ଆଇଟି ଆପ୍ଲିକେଶନ ଏବଂ ଯୋଗାଯୋଗ ଦକ୍ଷତା ଉପରେ ତାଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା କେବଳ ଏକ ଧାରାବାହିକ ଶିକ୍ଷାଠାରୁ ଅଧିକ ଥିଲା। ଏହା ଥିଲା ଆତ୍ମ-ଆବିଷ୍କାର ଏବଂ ସଶକ୍ତୀକରଣର ଏକ ଯାତ୍ରା। ଏହାର ଫଳାଫଳ ଗଭୀର ଥିଲା। ଉକ୍ତ ପାଠ୍ୟକ୍ରମର କାର୍ଯ୍ୟକ୍ରମ ଶେଷ ବେଳକୁ କରିସ୍ମା ମାସିକ ୧୧,୫୦୦ଟଙ୍କା ଦରମାରେ ଭୁବନେଶ୍ୱରର ୱିପ୍ରୋରେ ପ୍ରୋସେସ୍ ଆସୋସିଏଟ୍ ଭାବେ ପଦବୀ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ଓ ଆତ୍ମବିଶ୍ୱାସ ହାସଲ କରିଥିଲେ। ଏହି ଚାକିରି କେବଳ ତାଙ୍କ ପରିବାର ପାଇଁ ଆର୍ଥିକ ସ୍ଥିରତା ପ୍ରଦାନ କରି ନ ଥିଲା ବରଂ ତାଙ୍କ ବୃତ୍ତିଗତ ଜୀବନରେ ଏକ ନୂତନ ଅଧ୍ୟାୟ ମଧ୍ୟ ଆରମ୍ଭ କରିଥିଲା।




## ବିଓଆଇର ହିନ୍ଦୀ ମାସ ସମାପନ ଉତ୍ସବ



**ଭୁବନେଶ୍ୱର,୨୬।୯ (ଅଭୟ ଦାଶ)**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ହିନ୍ଦୀ ମାସ ସମାପନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓଆଇ ବାରିପଦା ଅଞ୍ଚଳ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଓଆଇ ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ ପ୍ରଦୀପ୍ତ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଅଞ୍ଚଳ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ହିନ୍ଦୀରେ କାର୍ଯ୍ୟ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଏପରିକି ଆଞ୍ଚଳିକ ପ୍ରବନ୍ଧକ ଦାସ ହିନ୍ଦୀ କେବଳ ଆମର ରାଷ୍ଟ୍ର ଭାଷା ନୁହେଁ ଏହା ଆମ ଦେଶର ଧରୋହର ବୋଲି କହିଥିଲେ। ଏହି ଉପଲକ୍ଷେ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ସେହିଭଳି ହିନ୍ଦୀ ମାସ ଅନ୍ତର୍ଗତ ରାଜଭାଷା ବିଭାଗ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଞ୍ଚଳ ଅଧୀନ ଶାଖାଗୁଡ଼ିକ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ହିନ୍ଦୀ ମାସ ସମାପନ ଉତ୍ସବ ଅବସରରେ ପୁରସ୍କାର ବିତରଣ ଏବଂ ପ୍ରମାଣପତ୍ର ପ୍ରଦାନ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ପ୍ରିୟଙ୍କା ଗୁପ୍ତା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ମୋଟୁଲର ନୂତନ ଅଭିଯାନ

**ଭୁବନେଶ୍ୱର,୨୬।୯**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ପ୍ରିମିୟମ, ହାଇପରଫର୍ମାନ୍ସ ଇଞ୍ଜିନ ଏବଂ ଇଣ୍ଡଷ୍ଟ୍ରିଆଲ ଲୁବ୍ରିକାଣ୍ଟ ନିର୍ମାତା ମୋଟୁଲ ଇଣ୍ଡିଆର ନୂତନ ଅଭିଯାନ 'ମୋଟୁଲ ସେହତ କି ସମୃଦ୍ଧି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି ବା ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିଯାନ ନିକଟରେ ଆରମ୍ଭ ହୋଇଯାଇଛି। ବିଶେଷକରି ଅଟୋ ମେକାନିକ୍ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଏବଂ ଅନ୍ୟାନ୍ୟ ସମୁଦାୟ ସଦସ୍ୟଙ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା,ଯେଉଁଥିରେ ତିନୋଟି ଫଲୋଅପ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟୁଲ ଇଣ୍ଡିଆ ଆଣ୍ଡ ସାଉଥ ଏସିଆର ସିଇଓ ନଗେନ୍ଦ୍ର ପାଇ କହିଛନ୍ତି, ସେହତ କି ସମୃଦ୍ଧି ଅଭିଯାନ ଜରିଆରେ ଆମେ ସାରା ଦେଶରେ ଅଟୋ ମେକାନିକ୍ ଏବଂ ସେମାନଙ୍କ ପରିବାରର ମଙ୍ଗଳକୁ ପୋଷଣ କରିବା ଆମର ଲକ୍ଷ୍ୟ ହୋଇଥିଲାବେଳେ ଆମେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ବିଷୟରେ ସେମାନଙ୍କ ଜୀବନରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବାକୁ ଚାହୁଁଛୁ। ସ୍ମାଇଲ୍ ଫାଉଣ୍ଡେଶନ ସହ ମିଶି ପ୍ରଭାବଶାଳୀ ସାମାଜିକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସେମାନଙ୍କର ଦକ୍ଷତା ସହିତ ଆମେ ଅଟୋ ଶିଳ୍ପର ମେରୁଦଣ୍ଡ ହୋଇଥିବା ସମୁଦାୟରେ ସ୍ୱାସ୍ଥ୍ୟ-ଯତ୍ନଶୀଳ ଆଚରଣ ସୃଷ୍ଟି କରିବାକୁ କଳ୍ପନା କରୁଛୁ। ସ୍ମାଇଲ ଫାଉଣ୍ଡେଶନର ଇଡି ପୁନୀତ ବାଲି କହିଛନ୍ତି, ଆମେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଭାଗୀଦାରି ଶକ୍ତିରେ ବିଶ୍ୱାସ କରିଥାଉ। ସେହତ କି ସମୃଦ୍ଧି ଅଭିଯାନ ପାଇଁ ମୋଟୁଲ ସହ ଆମର ସହଯୋଗ ଏକ ପ୍ରମୁଖ ଉଦାହରଣ ହୋଇଥିଲାବେଳେ ଭାଗୀଦାରି ମାଧ୍ୟମରେ ଆମେ ଅଟୋମୋବାଇଲ ଶିଳ୍ପ ଯୋଗାଣ ଶୃଙ୍ଖଳାର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଗୋଷ୍ଠୀ ଓ ଅଟୋ ମେକାନିକ୍ସ ଏବଂ ସେମାନଙ୍କ ପରିବାର ସହ ଯୋଗାଯୋଗ କରୁଛୁ।


# Classified Everyday
0674-2580101, 2549949




REAL ESTATE
SALE

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1471

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121. D-75994

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75786

Plot for sale at Puri Konark Marine Drive (850/-per Sqft.). Contact- 6371703010. D-1463

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1470




1BHK Spacious and Elegant House with 2 Toilets and Covered Car Parking in Sector-9, CDA, Cuttack, available on rent. Contact- +91 96586 80071. D-1475

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Newly open health benefits SPA special offer @ 799 Bapujinagar. 8018429809. D-76156

AFFIDAVIT

By virtue of affidavit I Rajashree Nandini Sahani, W/o- Saroj Kumar Sahani states that in Birth Certificate of my daughter Ayesha Sahani mother's name is by mistake recorded as Rajshree Sahani in stead of Rajashree Nandini Sahani. Rajshree Sahani and Rajashree Nandini Sahani is one & same person. D-1473

By virtue of an affidavit sworn before Executive Magistrate, Bhubaneswar on dt 23.09.2024 declare that I have changed my name from Amela Sardar to Shyamala Sardar. Henceforth, I shall be known as Shyamala Sardar for all purposes. Shyamala Sardar D-1454

Sworn before Executive Magistrate, Kantabanji bearing No.-450(1) on 26.9.2024, I Sri Aman Soni, S/o- Shankarlal Soni of Village/P.O./P.S.-Kantabanji, Dist.- Balangir, declare that in my Educational Certificate, Aadhaar Card, PAN, Driving License my name spells as "Aman Kumar Soni and my father's name spells as "Shankarlal Soni but in my Birth Certificate my name Spells as "Aman Soni and my father's name spells as "Sankar Soni" where as "Aman Soni @ Aman Kumar Soni S/o Shankarlal Soni @ Sankar Soni is same and one person. D-1476

ସଂସ୍କୃତରେ ପି.ଏଚ୍‌ଡି. ଲାଭ



ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ବଳଭଦ୍ର କର୍ଣ୍ଣଙ୍କୁ ସଂସ୍କୃତରେ ପି.ଏଚ୍‌ଡି. ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ର ଓ ସଂସ୍କୃତ ବିଭାଗ ମୁଖ୍ୟ ଡଃ ସୁନେଲୀ ଦେଈ ତାଙ୍କର ମାର୍ଗ ଦର୍ଶକ ଥିଲେ। "ପାଣିନୀୟଶିକ୍ଷାଶୌନକଶିକ୍ଷାଗ୍ରନ୍ଥୟୋଃ ତୁଳନାତ୍ମକମଧ୍ୟୟନମ" ଉକ୍ତ ସନ୍ଦର୍ଭଟି ଲାଲ ବାହାଦୁର ଶାସ୍ତ୍ରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦ ବିଭାଗର ମୁଖ୍ୟ ପ୍ରଫେସର ରାମାନୁଜ ଉପାଧ୍ୟାୟ ତଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି। ଶ୍ରୀ କର୍ଣ୍ଣ ଏହାର ସମ୍ପୂର୍ଣ୍ଣ ଶ୍ରେୟ ତାଙ୍କର ମାର୍ଗଦର୍ଶକ ପ୍ରଫେସର ମହାପାତ୍ର ଓ ଡଃ ଦେଈ, ଗୁରୁ ଡଃ ରାକେଶ କୁମାର ମିଶ୍ର, ଡଃ ଧର୍ମରାଜ ବାଗ ଓ ଶ୍ରୀକାନ୍ତ ପଧାନ ଏବଂ ତାଙ୍କ ମାତାପିତା ସୁଲୋଚନା ଓ ବିଷ୍ଣୁଚରଣ କର୍ଣ୍ଣ, ଜେଜେମାଆ ଧ୍ରୁବନି ଓ ଜେଜେବାପା ଭୁବନ କର୍ଣ୍ଣଙ୍କୁ କୃତଜ୍ଞତା ଜଣାଇଛନ୍ତି । ଧ-୧୪୭୪

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ ପାଇଁ ସୁଯୋଗ



ନିର୍ମଳ କୁମାର ମିଶ୍ର

**ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଶେଷ ମୁହୂର୍ତ୍ତରେ ୟୁଏଇକୁ ସ୍ଥାନାନ୍ତରିତ ହୋଇଛି। ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ। ଏଥିରେ ୧୦ଟି ଟିମ୍ ଭାଗ ନେବେ।**

ଅକ୍ଟୋବର ୩ ତାରିଖରୁ ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଛି। ଆଇସିସି ଦ୍ୱାରା ଆୟୋଜିତ ଏହାର ୯ମ ସଂସ୍କରଣ ବାଂଲାଦେଶ ଆୟୋଜନ କରିବା କଥା। ମାତ୍ର ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପାଇଁ ଏହା ଶେଷ ମୁହୂର୍ତ୍ତରେ ୟୁଏଇକୁ ସ୍ଥାନାନ୍ତରିତ ହୋଇଛି। ଅକ୍ଟୋବର ୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ହେବ। ଗ୍ରୁପ୍ ଓ ନକ୍‌ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୩ଟି ମ୍ୟାଚ ଖେଳାଯିବାକୁ ରହିଛି। ଏଥିରେ ୧୦ଟି ଟିମ୍ ଭାଗନେବାକୁ ଥିବା ବେଳେ ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ୮ମ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିବା ବେଳେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଆୟୋଜକ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ୨୦୦୯ ମସିହାରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ବେଳେ ବେଶ୍ ଲୋକପ୍ରିୟତା ହାସଲ କରିଛି। ୱାର୍ମ ଅପ୍ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୧ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ବାଂଲାଦେଶ ଆୟୋଜକ ଦେଶ ଭାବରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ସ୍କଟ୍‌ଲାଣ୍ଡ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଖେଳିବ। ଦ୍ୱିତୀୟ ଟିମ୍ ଭାବେ ୟୁଏଇ ଯୋଗ୍ୟତା ଅର୍ଜନ କରିଛି। ୧୦ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ-ଏ’ରେ ଭାରତ, ଅଷ୍ଟ୍ରେଲିଆ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସ୍ଥାନ ପାଇଥିବା ବେଳେ ଗ୍ରୁପ-ବି’ରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଛନ୍ତି। ଏଥି ମଧ୍ୟରେ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ସମସ୍ତ ଦଳ ସେମାନଙ୍କର ୧୬ ଜଣିଆ ଦଳ ଘୋଷଣା କରିସାରିଛନ୍ତି। ଅକ୍ଟୋବର ୩ ତାରିଖରେ ବାଂଲାଦେଶ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳ ତା’ର ପ୍ରଥମ ମ୍ୟାଚ ଅକ୍ଟୋବର ୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଅକ୍ଟୋବର ୬ ତାରିଖରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ସେହିପରି ୬ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ଭେଟିବ।

ସବୁଠାରୁ ସଫଳ ଦଳ ଅଷ୍ଟ୍ରେଲିଆର ଅଧିନାୟକ ଦାୟିତ୍ୱରେ ଅଛନ୍ତି ଆଲିସା ହିଲି। ବାଂଲାଦେଶର ନିଗାର ସୁଲତାନ, ଇଂଲଣ୍ଡର ହିଥର ନାଇଟ୍, ଭାରତର ହରମନପ୍ରୀତ କୌର, ନ୍ୟୁଜିଲାଣ୍ଡର ଶୋଫି ଡିଭାଇନ ଅଧିନାୟିକା ରହିବେ। ସେହିପରି ପାକିସ୍ତାନ ପକ୍ଷରୁ ଫାତିମା ସାନା, ସ୍କଟ୍‌ଲାଣ୍ଡର କାଥରିନ୍ ବ୍ରାଇସ୍, ଦକ୍ଷିଣ ଆଫ୍ରିକାର ଲଉରା ଓଲ୍ଭାର୍ଡ୍ଟ, ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ୍ ଓ ଶ୍ରୀଲଙ୍କାର ନେତୃତ୍ୱ ନେବେ ଅଭିଜ୍ଞ ଚାମରୀ ଆଟ୍ଟାପାଟୁ। ପ୍ରଥମ ସଂସ୍କରଣରେ ଆୟେଜକ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୨ରେ ଚାମ୍ପିୟନ ହୋଇଛି। ଅନ୍ୟ ପକ୍ଷରେ ୨୦୧୬ରେ ଭାରତରେ ଆୟୋଜିତ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ଭାରତ ୨ଥର ଟାଇଟଲ ହାସଲ ପାଇଁ ସୁଯୋଗ ପାଇଥିଲେ ମଧ୍ୟ ଏ ଯାଏ ଚାମ୍ପିୟନ ହୋଇପାରିନାହିଁ। ଭାରତ ୨୦୨୦ରେ ଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ମାତ୍ର ଅଷ୍ଟ୍ରେଲିଆଠାରୁ ୮୫ ରନ୍ ବ୍ୟବଧାନରେ ହାରିଥିଲା। ପୁନର୍ବାର ୨୦୨୩-୨୪ରେ ଭାରତୀୟ ଟିମ୍ ପାଇଁ ଫାଇନାଲ ଖେଳିବାର ଏକ ବଡ଼ ସୁଯୋଗ ଥିଲା, ମାତ୍ର ସେମିଫାଇନାଲରେ ପରାସ୍ତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ପାକିସ୍ତାନ ବିପକ୍ଷରେ ୨୦୨୨-୨୩ରେ ଇଂଲଣ୍ଡ କରିଥିବା ୨୧୩ ରନ୍ ସର୍ବାଧିକ ଦଳଗତ ସ୍କୋର ରହିଛି। ଅନ୍ୟ ପକ୍ଷରେ ୨୦୧୮ରେ ଭାରତ ଏହାର ସର୍ବାଧିକ ସ୍କୋର ୧୯୪ ରନ୍ ନ୍ୟୁଜିଲାଣ୍ଡ ବିପକ୍ଷରେ କରିଥିଲା। ସେହିପରି ଟି୨୦ ବିଶ୍ୱକପରେ ସର୍ବନିମ୍ନ ସ୍କୋର ୪୬ର ରେକର୍ଡ ବାଂଲାଦେଶ ନାମରେ ରହିଛି। ସେହିପରି ବାଂଲାଦେଶର ୪୬ ରନ୍ ଟୁର୍ନାମେଣ୍ଟର ସର୍ବନିମ୍ନ ସ୍କୋର ରହିଛି। ବିଶ୍ୱକପର ୮ ସଂସ୍କରଣରେ ସର୍ବମୋଟ ୫ଟି ଶତକ ହୋଇଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ ୧୨୬ ରନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ଭାରତ ପକ୍ଷରୁ ଅଧିନାୟିକା ହରମନପ୍ରୀତ କୌରଙ୍କ ନାମରେ ୧୦୩ ରନ୍‌ର ସର୍ବୋଚ୍ଚ ସ୍କୋର ରହିଛି। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ଇନିଂସ ଖେଳିଥିଲେ। ବୋଲିଂରେ ୪ଜଣ ବୋଲର ଗୋଟିଏ ଇନିଂସରେ ୫ଟି ଉଇକେଟ ନେଇଛନ୍ତି। ଭାରତ ପକ୍ଷରୁ ମିଡିୟମ ପେସ୍‌ବୋଲର ରେଣୁକା ସିଂ ଠାକୁର ଇଂଲଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ଶ୍ରେଷ୍ଠ ବୋଲିଂ ସଫଳତା ପାଇଛନ୍ତି। ୨୦୨୩ରେ ଦକ୍ଷିଣ ଆଫ୍ରିକାର ଲଉରା ଓଲ୍ଭାର୍ଡ୍ଟ ସର୍ବାଧିକ ୨୩୦ ରନ୍ ସ୍କୋର କରିଥିବା ବେଳେ ଇଂଲଣ୍ଡ ବୋଲର ସୋଫି ଏକେଲଷ୍ଟୋନ୍ ସର୍ବଧିକ ୧୧ଟି ଉଇକେଟ ନେଇଥିଲେ।



ହରମନ୍‌ପ୍ରୀତ୍ କୌର୍

ଗତ କିଛିଦିନ ହେବ ଭାରତ ମହିଳା କ୍ରିକେଟରେ ଭଲ ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ଆଇସିସି ମଧ୍ୟ ମହିଳା କ୍ରିକେଟକୁ ଗୁରୁତ୍ୱ ଦେବା ସହିତ ଏକଦିବସୀୟ ଏବଂ ଟି୨୦ ବିଶ୍ୱକପ ଆୟୋଜନ କରୁଛି। ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଦଳରେ ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍, ରିଚା ଘୋଷ, ହରମନପ୍ରୀତ କୌର, ରେଣୁକା ସିଂ ଠାକୁର, ରାଧା ଯାଦବ, ପୂଜା ବସ୍ତ୍ରକାର, ଶ୍ରେୟଙ୍କା ପାଟିଲଙ୍କ ପରି ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଗତ ୮ମ ସଂସ୍କରଣରେ ଭାରତ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିବା ବେଳେ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ୧୧ରନରେ ପରାସ୍ତ ହୋଇଥିବା ବେଳେ ଡିଏଲ୍‌ଏସ୍ ମେଥଡରେ ଆୟର୍ଲାଣ୍ଡକୁ ୫ରନ୍‌ରେ ପରାସ୍ତ କରି ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ମାତ୍ର ୫ରନ୍‌ରେ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା। ବର୍ତ୍ତମାନ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତ ଯଥାକ୍ରମେ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ଖେଳାଳି ର୍‍ୟାଙ୍କିଙ୍ଗରେ ସ୍ମୃତି ମନ୍ଧାନା ୪ର୍ଥ, ଶେଫାଳି ବର୍ମା ୧୧, ହରମନପ୍ରୀତ କୌର ୧୫ ଓ ଜେମିମା ରୋଡ୍ରିଗୁଏଜ୍ ୧୮ତମ ସ୍ଥାନରେ ରହିଛନ୍ତି। ସେହିପରି ବୋଲିଂରେ ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ରେଣୁକା ସିଂ ଠାକୁର ୫ମ ଓ ରାଧା ଯାଦବ ୧୨ତମ ସ୍ଥାନରେ ରହିଛନ୍ତି। ୭ଥର ଏସିଆ କପ୍ ଚାମ୍ପିୟନ ଭାରତକୁ ଚଳିତ ବିଶ୍ୱକପର ଅନ୍ୟତମ ଦାବିଦାର ଭାବେ ମଧ୍ୟ ବିବେଚନା କରାଯାଉଛି।

ରେକର୍ଡ ଦୃଷ୍ଟିକୋଣରୁ ଦେଖିଲେ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ୧୨ଟି ଦେଶ ସହ ମୋଟ ୧୯୧ ଟି୨୦ ମ୍ୟାଚ ଖେଳି ୧୦୪ଟି ବିଜୟ ଓ ୮୦ ପରାଜୟ ହାସଲ କରିଛି। ଏହା ବ୍ୟତୀତ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଛି ଓ ୬ଟି ମ୍ୟାଚ ବର୍ଷାରେ ଧୋଇ ଯାଇଛି। ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିଲେ ୨୦୨୪ ଭାରତୀୟ ସିନିୟର ମହିଳା ଦଳ ପାଇଁ ସୁଖଦ ଅନୁଭୂତି ନାହିଁ। ମାତ୍ର ଦଳରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ବର୍ତ୍ତମାନ ଭଲ ପ୍ରଦର୍ଶନ ମାଧ୍ୟମରେ ଇତିହାସ ସୃଷ୍ଟି କରିବାର ସମୟ ଆସିଛି। ଆଶାଠାରୁ ଅଧିକ ପ୍ରଦର୍ଶନ କଲେ ସଫଳତା ନିଶ୍ଚୟ ମିଳିବାର ସମ୍ଭାବନା ରହିଛି।



ଭାରତୀୟ ମହିଳା କ୍ରିକେଟ୍ ଦଳ।

# ଜାଭେଲିନ୍‌ରେ ନୂଆ ସମ୍ଭାବନା ଅର୍ପିତା ଅର୍ଚ୍ଚନା




**ଅଜୟ କୁମାର ସାହୁ ଓ ପଦ୍ମିନୀ ସାହୁଙ୍କ ଝିଅ ଅର୍ପିତା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଇଂଲିଶରେ ସ୍ନାତକ ଡିଗ୍ରୀ କୋର୍ସ କରୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି ଅଭ୍ୟାସ। ଷ୍ଟେଟ୍ ରେକର୍ଡଧାରୀ କୋଚ୍ ଚିନ୍ମୟ ରଞ୍ଜନ ବେହେରାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି।**

ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଜାଭେଲିନ୍ ଥ୍ରୋରେ ଓଡ଼ିଶା ପାଇଁ ନୂତନ ସମ୍ଭାବନା ପାଲଟିଛନ୍ତି ପି. ଅର୍ପିତା ଅର୍ଚ୍ଚନା ସାହୁ। ୧୯ ବର୍ଷୀୟା ଅର୍ପିତା ନିକଟରେ ଶେଷ ହୋଇଥିବା ୭୦ ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ମିଟ୍ ରେକର୍ଡ ନିଜ ନାମରେ କରିଛନ୍ତି। କଟକ ଜିଲାର ଆଠଗଡ଼ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ଅଜୟ କୁମାର ସାହୁ ଓ ପଦ୍ମିନୀ ସାହୁଙ୍କ ଝିଅ ଅର୍ପିତା ବର୍ତ୍ତମାନ୍ କିଟ୍ ବିଶ୍ୱବିଦ୍ୟାଳୟରେ ଇଂଲିଶରେ ସ୍ନାତକ ଡିଗ୍ରୀ କୋର୍ସ କରୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି ଅଭ୍ୟାସ। ଷ୍ଟେଟ୍ ରେକର୍ଡଧାରୀ କୋଚ୍ ଚିନ୍ମୟ ରଞ୍ଜନ ଜେନାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ସ୍କୁଲ ସମୟରୁ ଏକାଧିକ ଖେଳ ପ୍ରତି ଅର୍ପିତାଙ୍କ ଆଗ୍ରହ ରହିଥିଲା। ୧୦୦ ମି., ୨୦୦ ମି., ଟ୍ରିପଲ ଜମ୍ପ, ଶଟ୍ ପୁଟ୍ ସହ ଖୋ ଖୋ ପରି ଖେଳରେ ରୁଚି ରଖୁଥିଲେ ଅର୍ପିତା। ତେବେ ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ କୋଚ୍ ଓ ପିତାଙ୍କ ପରାମର୍ଶ କ୍ରମେ ନିଜର ସମସ୍ତ ଧ୍ୟାନ ଜାଭେଲିନ୍‌ରେ ନିବେଶ କରିଥିଲେ। ସମାନ ସମୟରେ ନୀରଜ ଚୋପ୍ରାଙ୍କ ଟୋକିଓରେ ଜାଭେଲିନ୍ ପଦକ ମଧ୍ୟ ଏଥିରେ କ୍ୟାରିୟର କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିବା କୁହନ୍ତି ଅର୍ପିତା। ୨୦୨୨ରୁ ଜାଭେଲିନ୍ ଥ୍ରୋ ଅଭ୍ୟାସ କରୁଥିବା ବେଳେ ଜାତୀୟ ସ୍ତରର ଇଭେଣ୍ଟରେ ଏକାଧିକ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

ଜାଭେଲିନ୍ ଅଭ୍ୟାସ ଆରମ୍ଭ କରିଥିବା ବେଳେ ମାତ୍ର ୨ ବର୍ଷ ଭିତରେ ଅର୍ପିତାଙ୍କୁ ମିଳିଛି ଅପାର ସଫଳତା। ୨୦୨୩ରେ କିଟ୍‌ରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ୪୪.୪୦ ମିଟରର ଥ୍ରୋ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ପାଇଁ ଯୋଗ୍ୟତା ହାସଲ କରିବା ସହ ଗୁଆହାଟୀରେ ଅନୁଷ୍ଠିତ ଇଭେଣ୍ଟରେ ୪୩.୯୧ ମିଟରର ଥ୍ରୋ ସହ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସମାନ ବର୍ଷରେ ପଶ୍ଚିମବଙ୍ଗରେ ଅନୁଷ୍ଠିତ ଇଷ୍ଟଜୋନ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ୪୩.୯୧ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ପରେ ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପରେ ୪୪.୨୦ ମିଟରର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାତେଇଥିଲେ।

ଚଳିତ ମାସରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୭୦ ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ଅର୍ପିତା ୨୦ ବର୍ଷରୁ କମ୍ ଇଭେଣ୍ଟରେ ୪୨.୯୮ ମିଟରର ଥ୍ରୋ କରି ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ଆଗକୁ ଇଷ୍ଟଜୋନ୍ ନ୍ୟାଶନାଲ ଚାମ୍ପିୟନଶିପ ଓ ଜୁନିୟର ଚାମ୍ପିୟନଶିପ ରହିଥିବା ବେଳେ ଏଥିରେ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୋମବାର ବିଶ୍ରାମ ଦିବସ ରହିଥିବା ବେଳେ ଦୈନିକ ସକାଳେ ୪ ଘଣ୍ଟା ଓ ସନ୍ଧ୍ୟାରେ ୪ ଘଣ୍ଟା ପରିଶ୍ରମ କରିଥାନ୍ତି ଅର୍ପିତା। ସେହିପରି ସପ୍ତାହରେ ୩ଟି ଥ୍ରୋ ସେସନ୍ ରହୁଥିବା ବେଳେ ଥରକରେ ୩ଟିକୁ ମିଶାଇ ସପ୍ତାହରେ ୯୦ଟି ଥ୍ରୋ ଅଭ୍ୟାସ କରିଥାନ୍ତି। ଆସନ୍ତା ଜୁନିୟର ନ୍ୟାଶନାଲରେ ୫୦ ମିଟର ମାର୍କ ଅତିକ୍ରମ କରିବା ତାଙ୍କର ଲକ୍ଷ୍ୟ ରହିଥିବା କୁହନ୍ତି ଅର୍ପିତା। ସେହିପରି ଜାତୀୟ ଚାମ୍ପିୟନ ଅନୁ ରାଣୀଙ୍କୁ ନିଜର ଆଦର୍ଶ ମାନୁଥିବା ଅର୍ପିତା ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାର ଲକ୍ଷ୍ୟ ରଖିଛନ୍ତି।

**-ପ୍ରସ୍ତୁତି : ସରୋଜ ଜେନା**

## ଓମେନ୍ ପାୱାର

ୟୁଏଇ ମହିଳା ଟି୨୦ ବିଶ୍ୱକପ
ମ୍ୟାନେଜ କରିବେ ଲେଡି
ଦଶ ଅମ୍ପାୟର ଦଶ ଦଳ ଖେଳ
ତନଖିବେ ଘଡି ଘଡି
ଦୁବାଇକୁ ଯା ଉଡି
ସାନ୍ଦ୍ରେ, ଫ୍ରିଜ୍, ଲକ୍ଷ୍ମୀ
ମିଚେଲ ପେରେଇରା
ରେଫରି ହେଲେଣି ରେଡି।

ବେଷ୍ଟ ସନ୍ତରଣକାରୀ ପ୍ରତ୍ୟାଶା ପାଇବ
ଏକଲବ୍ୟ ପୁରସ୍କାର
ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପ୍ରତିଭାଙ୍କୁ
ଇମ୍ପାକ୍ଟର ଉପହାର
ଗୋଲ୍ଡେନ ଏ ଓଡ଼ିଶାର
ନିଜ ନାଁ ସହ ରାଇଜର ନାଁ
ମହକଇ ଘର ଘର।


ପ୍ରତ୍ୟାଶା ରାୟ

ମହାକାଶ ନୀଳ ସମୁଦ୍ର ଅଥବା
ପର୍ବତ ଝରଣା ବନ
ସବୁଠି ଓମେନ୍ ପାୱାର କରିସ୍ମା
ହଉ ଉପଗ୍ରହ ଜହ୍ନ
ଏକଜାମ୍ପୁଲ ଲେଖ ଘନ
ହରମନ୍‌ପ୍ରୀତ୍ କୌର ଏଣ୍ଡ କୋଃ
ବେଷ୍ଟ ଅଫ୍ ଲକ୍ ଘେନ।

**-ସୁବାସ ଚନ୍ଦ୍ର ପ୍ରଧାନ**

# ଟପ୍ ବୋର୍ଡର କିଙ୍ଗ୍ ଗୁକେଶ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱର୍ଣ୍ଣ ପଦକ ବିଜୟୀ ଡି. ଗୁକେଶ।

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଟପ୍ ବୋର୍ଡରେ ୧୦ ମ୍ୟାଚ୍‌ରୁ ୮ ବିଜୟ ଓ ୨ ଡ୍ର ସହ ସେ ୯ ପଏଣ୍ଟ ହାସଲ କରି ନିଜକୁ ଟପ୍ ବୋର୍ଡର କିଙ୍ଗ ଭାବରେ ପ୍ରତିପାଦିତ କରିଥିଲେ। ୨୯ ମେ ୨୦୦୬ରେ ଚେନ୍ନାଇ ସହରରେ ଗୁଶେଙ୍କ ଜନ୍ମ। ଉଭୟ ପିତା ରଜନୀକାନ୍ତ ଓ ମା’ ପଦ୍ମା ଡାକ୍ତର ଅଟନ୍ତି। ପିତା ମାତା ଡାକ୍ତର ଥିବା ବେଳେ ସ୍କୁଲରେ ଚେସ୍ ପ୍ରତି ଗୁକେଶଙ୍କ ଆଗ୍ରହ ଜନ୍ମିଥିଲା। ସ୍କୁଲ କୋଚ୍ ଭାସ୍କର ଏହା ଲକ୍ଷ୍ୟ କରିବା ସହ ଗୁକେଶଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ମାତ୍ର ୬ ମାସର ପ୍ରଶିକ୍ଷଣରେ ଗୁକେଶଙ୍କ ଫିଡେ ର୍‍ୟାଙ୍କିଙ୍ଗ ୧୨୯୧ରେ ପହଞ୍ଚିଥିଲା। ଗୁକେଶଙ୍କ ଖେଳକୁ ଠିକ୍ ଦିଶା ଦେଖାଇବା ପାଇଁ ପିତା ରଜନୀକାନ୍ତ ଚାକିରିରୁ ଅବସର ନେଇଥିଲେ। ଚାକିରି ଛାଡି ସେ ଗୁକେଶଙ୍କ ପ୍ରତି ଟୁର୍ନାମେଣ୍ଟକୁ ଯାଆନ୍ତି ଓ ତାଙ୍କ ସୋସିଆଲ ମିଡିଆ ପରିଚାଳନା କରିଥାନ୍ତି।

୨୦୧୫ରୁ ଖେଳିବା ଆରମ୍ଭ କରିଥିବା ଗୁକେଶ ୨୦୧୭ରେ ଚାପେଲ ଲା ଗ୍ରାଣ୍ଡେ ଟୁର୍ନାମେଣ୍ଟରେ ଆଇଏମ୍ ମାନ୍ୟତା ହାସଲ କରିଥିଲେ। ଗ୍ରାଣ୍ଡ ମାଷ୍ଟର ବିଷ୍ଣୁ ପ୍ରସନ୍ନାଙ୍କ ଅଧୀନରେ ପ୍ରଶିକ୍ଷଣ ଆରମ୍ଭ କରି ମାଲେସିଆରେ ପ୍ରଥମ ଟାଇଟଲ ଜିତିଥିଲେ। ୨୦୧୮ରେ ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ସହ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। କୋଭିଡ କାରଣରୁ ୨ ବର୍ଷ ଚେସ୍ ବୋର୍ଡରୁ ଦୂରେଇ ରହିବା ପରେ ୨୦୨୨ରେ ୨୭୦୦ ରେଟିଂ ପଏଣ୍ଟ ଅତିକ୍ରମ କରିଥିଲେ। ବିଶ୍ୱର ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଥିଲେ।

# ଓଡ଼ିଶାରୁ ଭାଗନେବେ ୧୦ ଆଥ୍‌ଲେଟ

ଭୁବନେଶ୍ୱର, ୨୬ା୯
(ତପନ ସ୍ୱାଇଁ)

ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ବିହାରର ପାଟନାଠାରେ ୪ର୍ଥ ଇଣ୍ଡିଆନ୍ ଓପନ୍ ୨୩ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାରୁ ୧୦ ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିବେ। ଅନିମେଶ କୁଜୁର ଏବଂ ରେୟାନ୍ ବାଶା ୧୦୦ ମିଟର ଓ ୨୦୦ ମିଟର ଦୌଡରେ ଅଂଶଗ୍ରହଣ କରୁଥିବାବେଳେ ଅଭିଷେକ ଦଳବେହେରା ଓ ସୁଖୀ ବାସ୍କେ ୧୦୦ମିଟରରେ ଭାଗନେବେ। ସେହିପରି ଆସ୍ତିକ ପ୍ରଧାନ ୪୦୦ ମିଟର ଦୌଡ, ଯଶବୀର୍ ନାୟକ ଡେକାଥଲନ୍, ଲକ୍ଷ୍ମୀପ୍ରିୟା କିଶାନ ଓ ଦୟାନିଧି ମୁଣ୍ଡା ୮୦୦ମିଟର ଦୌଡ, ନିଖିଲ କୁମାର ଦାସ ହାଇଜମ୍ପ ଏବଂ ସୁସ୍ମିତା ଟିଗା ଷ୍ଟିପଲଚେଜ୍‌ରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ୍ ଆଥ୍‌ଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ସବୁ ଆଥ୍‌ଲେଟ ଇଣ୍ଡିଆନ୍ ଓପନ୍‌ରେ ଭଲ ପ୍ରଦର୍ଶନ କରିବେ ବୋଲି ହାଇପରଫର୍ମାନ୍ସ ସେଣ୍ଟରର ପ୍ରଶିକ୍ଷକ ମାର୍ଟିନ୍ ଓୱେନ୍ସ ଆଶାବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତା ପାଇଁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ କଠିନ ପରିଶ୍ରମ କରିଛନ୍ତି ଏବଂ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସେମାନେ ପଦକ ଜିତିବାନେଇ ଆମର ଆଶା ରହିଛି ବୋଲି ମାର୍ଟିନ୍ ପ୍ରକାଶ କରିଛନ୍ତି।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

କାନପୁର, ୨୬ା୯ (ପି.ଟି.)

ଭ୍ରମଣକାରୀ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ସିରିଜ କ୍ଲିନ୍ ସୁଇପ୍ କରିବାକୁ ହେଲେ ଭାରତ ଏହାର ଦୁଇ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କଠାରୁ ପ୍ରଭାବୀ ବ୍ୟାଟିଂ ଆଶା କରୁଛି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ପ୍ରଥମ ଦିବସରେ ବାଂଲାଦେଶ ପେସ୍ ବୋଲରଙ୍କ ଚମତ୍କାର ବୋଲିଂ ସତ୍ତ୍ୱେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଲରାଉଣ୍ଡ ପ୍ରଦର୍ଶନ, ଶୁବମନ ଗିଲ୍‌ଙ୍କ ଉପଯୋଗୀ ଶତକ ଏବଂ ରିଷଭ ପନ୍ତଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ ଯୋଗୁ ଭାରତ ସହଜ

**ଆଜିଠାରୁ ଦ୍ୱିତୀୟ ଟେଷ୍ଟ**

ବିଜୟ ହାସଲ କରିପାରିଥିଲା। ବିଶେଷ କରି ଘରୋଇ ଗ୍ରାଉଣ୍ଡରେ ପ୍ରତ୍ୟାବର୍ତ୍ତନ କରି ଭାରତ ଯେପରି ଟେଷ୍ଟ କ୍ରିକେଟରେ ଏହାର ଆଧିପତ୍ୟ ଜାହିର କଲା ଏଥିରୁ ମନେହେଉଛି ଦଳ ନିଜ ଦେଶରେ କ୍ରମାଗତ ୧୮ ସିରିଜ ବିଜୟ ସହ ଏହାର ରେକର୍ଡ ସଂଖ୍ୟାକୁ ବୃଦ୍ଧି କରିବା ପଥରେ ଅଗ୍ରସର ହେଉଛି। ହ୍ୱାଇଟବଲ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନରେ ସଫଳ ହୋଇଥିବା ପନ୍ତ ପୁଣି ପ୍ରମାଣ କରି ଦେଖାଇବାକୁ ହେବ ଯେ, ଟେଷ୍ଟ କ୍ରିକେଟରେ ସେ କେ ଧୁରନ୍ଧର। ସିରିଜ ଓପନରରେ ବାଂଲାଦେଶ ପେସ୍ ବୋଲର ହସନ ମେହମୁଦ ଓ ତସ୍କିନ ଅହମଦଙ୍କ ଲାଇନ୍ ଲେନ୍ଥ ବୋଲିଂ ଆଗରେ ଉଭୟ ରୋହିତ ଓ ବିରାଟଙ୍କ ବ୍ୟାଟ୍ ନୀରବ ରହିଥିଲା। ଆଗକୁ ଏକ ଲମ୍ବା ଟେଷ୍ଟ ସିଜନ ରହିଥିବା ବେଳେ ଦଳର ଏହି ଦୁଇ ପ୍ରମୁଖ ବ୍ୟାଟରୁ



ଅଧିନାୟକ ରୋହିତ ଶର୍ମା ଓ କୋଚ୍ ଗୌତମ ଗମ୍ଭୀର ପିଚ୍ ନୀରିକ୍ଷଣ କରୁଛନ୍ତି।

ରନ୍‌କୁ ଅପେକ୍ଷା କରାଯାଇଛି। ଗ୍ରୀନ୍‌ପାର୍କ ଉଇକେଟ ହେଉଛି ପାରମ୍ପରିକ ଏକ ନିଚା ଆଣ୍ଡ ଧୀମା ଟ୍ରାକ୍ ପ୍ରଥମାବସ୍ଥାରେ ଏହା କିଛି ପରିମାଣରେ ଫାଷ୍ଟ ବୋଲରଙ୍କୁ ଏବଂ ପରେ ଏହା ସ୍ପିନ ବୋଲରଙ୍କୁ ସୁହାଇବ। ଏପରି ସ୍ଥଳେ ଭାରତ ହୁଏତ ୩ ପେସରଙ୍କ ସ୍ଥାନରେ ୩ ସ୍ପିନରଙ୍କୁ ନେଇପାରେ। ଆକାଶ ଦୀପ୍‌ଙ୍କ ସ୍ଥାନରେ କୁଲଦୀପଙ୍କୁ ଦଳରେ ସ୍ଥାନ ମିଳିପାରେ। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଯଦି ବ୍ୟାଟିଂକୁ ଅଧିକ ଗୁରୁତ୍ୱ ଦିଏ ତେବେ ଘରୋଇ ପିଚ୍‌ର ହିରୋ ବୋଲି କୁହାଯାଉଥିବା କୁଲଦୀପଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ଦଳରେ ନିଆଯାଇପାରେ। ଗତ ୧୮ମାସ ହେଲା ଅକ୍ଷରଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଗ୍ରୀନ୍‌ପାର୍କରେ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚ ୨୦୨୧ରେ ଖେଳାଯାଇଥିଲା। ସେଥର ଭାରତ ୩ଜଣ ସ୍ପିନର ଅଶ୍ୱିନ, ଜାଡେଜା ଓ ଅକ୍ଷରଙ୍କୁ ଖେଳାଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଏହି ମ୍ୟାଚ ରୋମାଞ୍ଚକ ଡ୍ର ଭାବେ ଶେଷ ହୋଇଥିଲା।

# ଶୁଭେନ୍ଦୁଙ୍କ ପାଇଁ ବଡ଼ ସୁଯୋଗ

**ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ କୋର୍ସ ପାଇଁ ସାଉଦି ଆରବ ଗଲେ**

ଭୁବନେଶ୍ୱର, ୨୬ା୯ (ତପନ ସ୍ୱାଇଁ)



ଶୁଭେନ୍ଦୁ ପଣ୍ଡା

ଭାରତୀୟ ଜୁନିୟର ଫୁଟ୍‌ବଲ ଦଳର ପୂର୍ବତନ ମୁଖ୍ୟ କୋଚ (୧୯ ବର୍ଷରୁ କମ୍ ସାଫ୍) ଶୁଭେନ୍ଦୁ ପଣ୍ଡା ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ (ଇଣ୍ଟରନ୍ୟାଶନାଲ ଏକ୍ସପୋଜର) କୋର୍ସ କରିବା ପାଇଁ ସାଉଦି ଆରବ ଯାତ୍ରା କରିଛନ୍ତି। ୫ ବର୍ଷ ଧରି ବିଭିନ୍ନ ବର୍ଗ ଯଥା ୧୫, ୧୭, ୧୯ ବର୍ଷରୁ କମ୍ ଭାରତୀୟ ଦଳର ଫୁଟବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିଥିବା ଏହି ପ୍ରତିଷ୍ଠିତ କୋଚ୍ ଗୁରୁବାରଠାରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ସୌଦୀ ଆରବରେ ଏହି କୋର୍ସ କରୁଛନ୍ତି। ସେ ଏହା ପୂର୍ବରୁ ଏଏଫ୍‌ସି-ପ୍ରୋ ଲାଇସେନ୍ସର ଚାରୋଟି ମଡ୍ୟୁଲ ଚଣ୍ଡିଗଡ଼, ଭୁବନେଶ୍ୱର, ଗୋଆ ଏବଂ ଗୋଟିଏ ଅନ୍‌ଲାଇନରେ ସଫଳତାର ସହ ଶେଷ କରିଛନ୍ତି। ଏହି ଲାଇସେନ୍ସ କୋର୍ସ କରିବା ପାଇଁ ଶୁଭେନ୍ଦୁ ହେଉଛନ୍ତି ଓଡ଼ିଶାର ପ୍ରଥମ ଓ ଏକମାତ୍ର କୋଚ୍, ଯିଏକି ଏଭଳି ଏକ ନିଆରା ସୁଯୋଗ ପାଇଛନ୍ତି। ପ୍ରକାଶଯୋଗ୍ୟ, ଏହି କୋର୍ସ କରିବା ପାଇଁ ଜଣେ କୋଚ୍‌ଙ୍କୁ ଏଏଫ୍‌ସି ଏ-ଲାଇସେନ୍ସ କରିଥିବା ବାଧ୍ୟତାମୂଳକ। କେବଳ ସେତିକି ନୁହେଁ କୌଣସି ଜାତୀୟ ଦଳର କୋଚ ଭାବେ ଅଭିଜ୍ଞତା ଥିବା ବା ଆଇଏସ୍‌ଏଲ୍ କିମ୍ବା ଆଇ-ଲିଗ୍ କ୍ଲବରେ କୋଚ ଭାବେ ଅଭିଜ୍ଞତା ଥିବା ବାଧ୍ୟତାମୂଳକ। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ କୋଚିଂ କ୍ଷେତ୍ରରେ ପର୍ଯ୍ୟାପ୍ତ ଅଭିଜ୍ଞତା ଥିବାରୁ ଶୁଭେନ୍ଦୁ ଏହି କୋର୍ସ ପାଇଁ ମନୋନୀତ ହୋଇଛନ୍ତି।

ଜାତୀୟ ଦଳର କୋଚ୍‌ଭାବେ ଶୁଭେନ୍ଦୁ ଓଡ଼ିଶା ପାଇଁ ବହୁ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ଦଳରେ ୫ ବର୍ଷ କୋଚିଂ କାର୍ଯ୍ୟକାଳ ମଧ୍ୟରେ ୧୫ ବର୍ଷରୁ କମ୍ ସାଫ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି। ଶୁଭେନ୍ଦୁ ହେଉଛନ୍ତି ଓଡ଼ିଶାର ପ୍ରଥମ ଏ-ଲାଇସେନ୍ସ କୋଚ୍। ସେ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସ୍ପୋର୍ଟ୍ସ ଓଡ଼ିଶା ଟିମ୍‌ର ଟେକ୍ନିକାଲ ଡାଇରେକ୍ଟର ତଥା ହେଡ୍ ଅଫ ୟୁଥ ଡେଭେଲେପମେଣ୍ଟ ଭାବେ କାର୍ଯ୍ୟରତ। ୨୦୧୭ରୁ ୨୦୨୩ ମଧ୍ୟରେ ଓଡ଼ିଶାର ଫୁଟ୍‌ବଲ ଭିତ୍ତିଭୂମି ରୂପାନ୍ତରଣରେ ଶୁଭେନ୍ଦୁଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ଅଧୀନରେ ପ୍ରଶିକ୍ଷଣ ନେଇ ଓଡ଼ିଶାର ୫ ଖେଳାଳି ବିଭିନ୍ନ ବର୍ଗରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ସାରିଛନ୍ତି। ଏବଂ ଡଜନରୁ ଉର୍ଦ୍ଧ୍ୱ ଖେଳାଳି ଏବେ ଆଇଏସ୍‌ଏଲ୍‌ର ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଛନ୍ତି। ଏହା ପୂର୍ବରୁ ଶୁଭେନ୍ଦୁ ବିଦେଶରେ ୬ରୁ ଅଧିକ ନାମୀ କ୍ଲବକୁ ଯାଇ ସ୍ପେଶିଆଲାଇଜେଶନ କୋର୍ସ କରିଛନ୍ତି। ଏବେ ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ କୋର୍ସ କରୁଥିବାରୁ ଶୁଭେନ୍ଦୁଙ୍କୁ ବହୁ ଖ୍ୟାତନାମା ଫୁଟ୍‌ବଲ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି।

# ରାଉରକେଲା, ସୁବର୍ଣ୍ଣପୁର ବିଜୟୀ

ସୁନ୍ଦରଗଡ଼, ୨୬ା୯
(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମରେ ଚାଲିଥିବା ୬୩ତମ ସିନିୟର ଆନ୍ତଃଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପରେ ଗୁରୁବାର ପ୍ରଥମ ମ୍ୟାଚ ରାଉରକେଲା ଷ୍ଟିଲପ୍ଲାଣ୍ଟ ଓ ଝାରସୁଗୁଡା ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳର ରାଜା ଦାସଙ୍କ ଏକମାତ୍ର ଗୋଲ ବଳରେ ରାଉରକେଲା ୧-୦ ଗୋଲରେ ବିଜୟୀ ହୋଇଛି। ଦିନର ୨ୟ ମ୍ୟାଚ ସୁବର୍ଣ୍ଣପୁର ଓ କୋରାପୁଟ ଜିଲା ମଧ୍ୟରେ ହୋଇଥିଲା। ଏଥିରେ ସୁବର୍ଣ୍ଣପୁରର ଅନ୍ତର୍ଯ୍ୟାମୀ ନାୟକଙ୍କ ଏକମାତ୍ର ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି, ସେଣ୍ଟ ଟେରେସା ଇଂଲିଶ ମିଡିୟମ ସ୍କୁଲର ପ୍ରିନ୍ସିପାଲ୍ ପି. ସେଲଭା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ରାଜା ଦାସ ଓ ଅନ୍ତର୍ଯ୍ୟାମୀ ନାୟକଙ୍କୁ ୨,୦୦୦ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶକିବଙ୍କ ଅବସର ଘୋଷଣା

କାନପୁର, ୨୬ା୯ (ପି.ଟି.)

ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ଗୁରୁବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦେଶର କ୍ରିକେଟ ବୋର୍ଡ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କୁ ଫେୟାରୱେଲ ମ୍ୟାଚ ଭାବେ ଖେଳିବା ଲାଗି ସୁଯୋଗ ନ ଦିଏ ତେବେ କାନପୁରଠାରେ ଶୁକ୍ରବାର ଭାରତ ବିପକ୍ଷରେ ଖେଳାଯିବାକୁଥିବା ଦ୍ୱିତୀୟ ଟେଷ୍ଟ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ ହେବ। ପାକିସ୍ତାନ ଓ ୟୁଏଇରେ ଖେଳାଯିବାକୁଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ବାଂଲାଦେଶ ପାଇଁ ତାଙ୍କର ଶେଷ ଅନ୍ତର୍ଜାତୀୟ ଗେମ୍ ଖେଳିବେ। ଏହି ୩୭ବର୍ଷୀୟ ମହାନ୍ ଖେଳାଳି ବାଂଲାଦେଶ ପାଇଁ ୧୨୯ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ କିନ୍ତୁ ଫ୍ରାଞ୍ଚାଇଜ୍ ଲିଗ୍ ଖେଳିବା ଜାରି ରଖିବେ। ସେ ତାଙ୍କ ଶେଷ ଟି୨୦ ମ୍ୟାଚ ଟି୨୦ ବିଶ୍ୱକପ୍‌ରେ ଖେଳିସାରିଛନ୍ତି। ସେ ଚୟନକର୍ତ୍ତାଙ୍କ ସହ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିସାରିଛନ୍ତି। ୨୦୨୬ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନୂଆ ଖେଳାଳିଙ୍କୁ ସୁଯୋଗ ଦେବା ଅଭିପ୍ରାୟ ରଖି ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଶକିବ ଇତିମଧ୍ୟରେ ୭୦ ଟେଷ୍ଟ ମ୍ୟାଚ ଖେଳି ୪୬୦୦ ରନ ସଂଗ୍ରହ କରିବା ସହ ୨୪୨ ଉଇକେଟ ଅକ୍ତିଆର କରିଛନ୍ତି। ସୂଚନାଯୋଗ୍ୟ,



ଶକିବ ଅଲ୍ ହସନ

ଶକିବ ହେଉଛନ୍ତି ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ଆୱାମୀ ଲିଗ୍‌ର ଜଣେ ପାର୍ଲାମେଣ୍ଟ ସଦସ୍ୟ ଥିଲେ। ଗତ ଅଗଷ୍ଟରେ ବାଂଲାଦେଶରେ ହୋଇଥିବା ନାଗରିକ ବିରୋଧ ସହ ଜଡ଼ିତ ଏକ ହତ୍ୟା ମାମଲାରେ ଶକିବଙ୍କ ନାମରେ ଥାନାରେ ଏଫ୍‌ଆଇଆର୍ ଦାଏର ହୋଇଛି। ନିହତ ବ୍ୟକ୍ତି ଜଣକ ହେଉଛନ୍ତି ପୋଷାକପତ୍ର ତିଆରି କାରଖାନାର ଜଣେ କର୍ମଚାରୀ ମହମ୍ମଦ ରୁବେଲ। ତାଙ୍କ ପିତା ରଫିକୁଲ ଇସ୍‌ଲାମ ଅଗଷ୍ଟ ୭ରେ ଶକିବଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଶକିବ କହିଛନ୍ତି, ତାଙ୍କର ସୁରକ୍ଷା ନେଇ ଯଦି ନିର୍ଭର ପ୍ରତିଶ୍ରୁତି ନ ମିଳେ ଭାରତ ବିପକ୍ଷ ଚଳିତ ସିରିଜ ଶେଷ ହେବା ପରେ ସେ ବାଂଲାଦେଶକୁ ଫେରି ନ ପାରନ୍ତି।

# ଭାରତ ୩-୦ରେ ସିରିଜ ବିଜୟୀ

**ପୁଡୁଚେରୀ, ୨୬ା୯ (ପି.ଟି.):** ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଏଠାରେ ଗୁରୁବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳକୁ ୭ଉଇକେଟରେ ପରାସ୍ତ କରିଛି। ଏଥି ସହ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍ ସୁଇପ ବିଜୟ ହାସଲ କରିଛି। ଭାରତର ଜୁନିୟର ଦଳ ଯୁବ ଅନ୍ତର୍ଜାତୀୟ ଦିନିକିଆ ସିରିଜର ପ୍ରଥମ ଓ ଦ୍ୱିତୀୟ ମ୍ୟାଚ ଯଥାକ୍ରମେ ୭ ଓ ୯ ଉଇକେଟରେ ଜିତିଥିଲା। ଏଠାରେ ଗୁରୁବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର ରୁଦ୍ର ପଟେଲ(୮୧ ବଲ୍‌ରୁ ୭୭) ଓ ଅଧିନାୟକ ମହମ୍ମଦ ଅମନ (୭୨ ବଲ୍‌ରୁ ୭୧ରନ)ସହାୟତାରେ ୮ଉଇକେଟ ବିନିମୟରେ ୩୨୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ଅଲିଭର ପିକ୍ (୧୧୧) ଓ ଷ୍ଟିଭେନ ହେଗାନ (୧୦୪)ଙ୍କ ଶତକ ସହାୟତାରେ ଏକଦା ୪୧ତମ ଓଭରରେ ୨ଉଇକେଟ ବିନିମୟରେ ୨୪୧ରନ କରି ଭଲ ସ୍ଥିତିରେ ଥିଲା। ମାତ୍ର ୫୦ଓଭରରେ ୭ଉଇକେଟରେ ୩୧୭ରନ କରିବାରେ ସକ୍ଷମ ହୋଇଥିଲା।

# ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ



ପଦକ ଓ ପୁରସ୍କାର ସହ ଓଡ଼ିଶା ଦଳ।

ଭୁବନେଶ୍ୱର, ୨୬ା୯ (ତପନ ସ୍ୱାଇଁ)

**ସର୍ବଭାରତୀୟ ପୋଷ୍ଟାଲ ଚେସ୍**

ଗୋଆର ପଣଜିଠାରେ ଅନୁଷ୍ଠିତ ୩୭ତମ ସର୍ବଭାରତୀୟ ପୋଷ୍ଟାଲ ଚେସ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ତାମିଲନାଡୁ ସର୍କଲ ସ୍ୱର୍ଣ୍ଣ ଓ ବିହାର ରୌପ୍ୟ ପଦକ ପାଇଛି। ଦଳଗତ ବ୍ରୋଞ୍ଜ ବ୍ୟତୀତ ଓଡ଼ିଶା ଖେଳାଳିମାନେ ବ୍ୟକ୍ତିଗତ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ପଦକ ଲାଭ କରିଛନ୍ତି। ମନୋଜ କୁମାର ପାଣିଗ୍ରାହୀ ଓ ଉତ୍କଳ ରଞ୍ଜନ ସାହୁ ବୋର୍ଡ ପ୍ରାଇଜ୍ ବିଜେତା ହୋଇଛନ୍ତି। ଉତ୍କଳ ରଞ୍ଜନ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କାର୍ତ୍ତିକ ତନସନା ଓ ଅମରେଶ କୁମାର ହନୁମାନ ଓଡ଼ିଶା ଦଳର ଅନ୍ୟ ଦୁଇ ସଦସ୍ୟ ଥିଲେ। ଗତ ୨୩ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

# କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଦଳକୁ ଫେୟାର ପ୍ଲେ ପୁରସ୍କାର

ଭୁବନେଶ୍ୱର, ୨୬ା୯ (ତପନ ସ୍ୱାଇଁ)

ଏସିଆନ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏୟୁଏସଏଫ୍) ଆନୁକୂଲ୍ୟରେ ଚାଇନାର ୟାନବିନଠାରେ ଅନୁଷ୍ଠିତ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଇଣ୍ଡିଆନ ୟୁନିଭର୍ସିଟି ଦଳ ୪ର୍ଥ ସ୍ଥାନ ହାସଲ କରିବା ସହ ଫେୟାର ପ୍ଲେ ପୁରସ୍କାର ଲାଭ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲା ଏବଂ ଏହି ଦଳରେ କିସ୍ ବିଶ୍ୱବିଦ୍ୟାଳୟର ସମସ୍ତ ଖେଳାଳି ଖେଳିଥିଲେ। ଇଣ୍ଡିଆନ ୟୁନିଭର୍ସିଟିର ଅଂଶଗ୍ରହଣ ପାଇଁ କିଟ୍ ପକ୍ଷରୁ ୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌ର ଯୁଗ୍ମ ସମ୍ପାଦକ (ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଲଜିତ ସିଂ ଶେଖୋଁ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା, ଏଆଇଏଫଏଫ ପ୍ଲେୟର୍ସ ଡେଭ୍‌ଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଅଭିଜିତ ପାଲ, ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାଶା ପ୍ରମୁଖ ଖେଳାଳି ଓ ଅଫିସିଆଲ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଫେୟାର ପ୍ଲେ ପୁରସ୍କାର ବିଜୟୀ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# କ୍ୱାର୍ଟରରେ ଶ୍ରୀକାନ୍ତ, ତ୍ରିସା-ଗାୟତ୍ରୀ

**ମାକାଉ, ୨୬ା୯ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି କିଡାମ୍ବି ଶ୍ରୀକାନ୍ତ ମାକାଉ ଓପନ ସୁପର ୩୦୦ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ସେ ନିଜ ଦେଶର ତଥା ୨୦୧୩ ଓଡ଼ିଶା ମାଷ୍ଟର୍ସ ରନରଅପ୍ ଆୟୁଷ ଶେଟ୍ଟିଙ୍କୁ ୨୧-୧୩, ୨୧-୧୮ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ୨୨-୨୦, ୨୧-୧୧ରେ ଚାଇନିଜ ତାଇପେ ଯୋଡ଼ି ଲିନ୍ ଚି-ଚୁନ୍ ଓ ତେନଙ୍ଗ୍ ଚୁନ୍ ହୁନ୍‌ଙ୍କୁ ହରାଇଛନ୍ତି।

# କଳାହାଣ୍ଡି ବିଜୟୀ, ଦ୍ୱିତୀୟ ମ୍ୟାଚ୍‌ରେ ବର୍ଷା ବାଧା



ଅତିଥିମାନେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

ବରଗଡ଼, ୨୬ା୯(ପ୍ରେମାନନ୍ଦ ଖମାରୀ)

**ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ବରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର କଳାହାଣ୍ଡି ଓ ନୂଆପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କଳାହାଣ୍ଡି ଦଳ ବିଜୟୀ ହୋଇଥିଲା। ସେହିପରି କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭର ୪ ମିନିଟ ପରେ ବର୍ଷା ଯୋଗୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଅସମାପ୍ତ ଖେଳ ଶୁକ୍ରବାର ସକାଳ ୭ଟା ୩୦ ମିନିଟରେ ଅନୁଷ୍ଠିତ ହେବ। କଳାହାଣ୍ଡି ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚ୍‌ରେ କଳାହାଣ୍ଡି ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। କଳାହାଣ୍ଡି ପକ୍ଷରୁ ଗଜେନ ମୁର୍ମୁ ୨ଟି ଗୋଲ ଦେଇଥିବାବେଳେ ଦେବାନନ୍ଦ ବୁଦ୍ଧୁଲିଆ, ସୁଜିତ ବାର୍ଲା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୂଆପଡା ପକ୍ଷରୁ ତରୁଣ ମାଝୀ ୨ଟି ଗୋଲ ସ୍କୋର କରିଥିଲେ ।

ସେହିପରି ଦ୍ୱିତୀୟ ମ୍ୟାଚ୍ କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କନ୍ଧମାଳ ଦଳ ୩-୧ ଗୋଲ ବ୍ୟବଧାନରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧର ୪ ମିନିଟ୍ ପରେ ପ୍ରବଳ ବର୍ଷା ଯୋଗୁ ମ୍ୟାଚ୍‌କୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଶୁକ୍ରବାର ସକାଳ ସାଢ଼େ ୭ଟାରେ ଏହି ଅସମାପ୍ତ ଖେଳର ଆୟୋଜନ ହେବ। ଜିଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଖେଳାଳି ଅତିଶ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ ଓ ମନୋରଞ୍ଜନ କୁମାର ଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଦଳର ୧୦ ନମ୍ବର ଖେଳାଳି ସୁଜିତ ବାର୍ଲାଙ୍କୁ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

## ଯାଜପୁରକୁ ହରାଇଲା ଢେଙ୍କାନାଳ

ବାରିପଦା, ୨୬ା୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ୍‌ର ୨ୟ ଦିନ ଖେଳର ପ୍ରଥମ ମ୍ୟାଚରେ ଢେଙ୍କାନାଳ ଦଳ ଯାଜପୁରକୁ ୨-୧ ଗୋଲରେ ପରାସ୍ତ କରିଛି। ଶେଖବତ ଖାନ, ଲକ୍ଷ୍ମଣ ସେଠ, ଶିବ ସାମନ୍ତ ରାୟ ଓ ବାପୁନ ମହାନ୍ତ ଖେଳ ପରିଚାଳନା କରିଥିଲେ। ମଧୁ ଯାନୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚ ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ହୋଇଥିବା ବେଳେ ୧-୧ ଗୋଲ ବ୍ୟବଧାନରେ ଅମୀମାଂସିତ ରହିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି ଓ ସମସ୍ତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୨୪ Bhubaneswar, Friday, September 27/ 2024

# ଟାଇଗର୍ସଙ୍କୁ ଆଜି ଭେଟିବ କୋଣାର୍କ ସୂର୍ଯ୍ୟସ

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)**

ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଶୁକ୍ରବାର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ମଣିପାଲ ଟାଇଗର୍ସ ମଧ୍ୟରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଶା ଭିତ୍ତିକ ଦଳର ଏହା ହେବ ଦ୍ୱିତୀୟ ମ୍ୟାଚ। କୋଣାର୍କ ସୂର୍ଯ୍ୟସ ନିଜର ପ୍ରଥମ ତଥା ଉଦ୍‌ଘାଟନୀ ମ୍ୟାଚ ଯୋଧପୁରର

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ମ୍ୟାଚ୍‌ରେ ବର୍ଷା ସମ୍ଭାବନା**

ମର୍କତୁଲ୍ଲା ଖାଁ ଷ୍ଟାଡିୟମରେ ଖେଳିଥିଲା। ଏଥିରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ ମଣିପାଲ ଟାଇଗର୍ସ ସହିତ କଡ଼ା ଟକ୍କର ହୋଇଥିଲା। ମାତ୍ର ଶେଷ ଓଭରର ନାଟକୀୟ ଘଟଣାକ୍ରମ ପରେ କୋଣାର୍କ ସୂର୍ଯ୍ୟସ ୨ ରନରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିଲା। ଗତ କିଛିଦିନ ଧରି ସୁରଟରେ ବର୍ଷା ହେଉଥିବାରୁ ଆସନ୍ତା ମ୍ୟାଚ ବାଧାପ୍ରାପ୍ତ ହେବାର ଯଥେଷ୍ଟ




ସମ୍ଭାବନା ରହିଛି। ପିଚ୍‌କୁ କଭର କରି ରଖାଯାଇଛି। ଯଦିବା ମ୍ୟାଚ ହୁଏ ତେବେ ଆଉଟଫିଲ୍ଡ ସ୍ଲୋ ରହିବ। ଏ କ୍ଷେତ୍ରରେ ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଦଳକୁ ସତର୍କତାର ସହ ମଣିପାଲ ଟାଇଗର୍ସର ମୁକାବିଲା କରିବାକୁ ହେବ।

ଯୋଧପୁରରେ ପ୍ରଥମେ ବ୍ୟାଟିଂ କରିଥିବା କୋଣାର୍କ ସୂର୍ଯ୍ୟସ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିବାକୁ ସକ୍ଷମ ହୋଇଥିଲା। କୌଣସି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିବାବେଳେ ନିଜେ ଇରଫାନ ସର୍ବାଧିକ ୧୮ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଅନୁରିତ ସିଂ ଓ ଓବୁସ ପିନାର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମଣିପାଲ ଟାଇଗର୍ସ ଶେଷ ଭାଗରେ ଡାନିଏଲ ଖ୍ରୀଷ୍ଟିଆନ (୩୦ ରନ) ଓ ଓବୁସ ପିନାର(୩୪)ଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଶେଷ ଓଭରର ଚାପକୁ ହାତେଇ ନ ପାରି ଦଳ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହି ଯାଇଥିଲା। କୋଣାର୍କ ସୂର୍ଯ୍ୟସ ପକ୍ଷରୁ ଶାହାବାଜ ନଦୀମ, ବିନୟ କୁମାର ଓ ଦିଲସାନ ମୁନାୱିରା ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସୁରଟରେ ନୂଆ ପିଚ୍ ଓ ଭିନ୍ନ ପରିବେଶ ହୋଇଥିବାରୁ ଏବଂ ବର୍ଷା ସମ୍ଭାବନା ଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ ଚ୍ୟାଲେଞ୍ଜ ସୃଷ୍ଟି କରିବା ସମ୍ଭାବନା ରହିଛି।

# ବିଜୟରେ ସଦର୍ନ ସୁପରଷ୍ଟାର୍ସର ହ୍ୟାଟ୍ରିକ

**ଯୋଧପୁର, ୨୬।୯**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସଦର୍ନ ସୁପରଷ୍ଟାର୍ସ ୮ ଉଇକେଟରେ ଗୁଜରାଟ ଗ୍ରେଟ୍ସକୁ ପରାସ୍ତ କରିଛି। ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ସଦର୍ନ ସୁପରଷ୍ଟାର୍ସ ୧୪.୩ ଓଭରରେ ୨ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ମାର୍ଟିନ ଗୁପଟିଲ ୧୪ ଓ ହାମିଲଟନ ମାସାକାଜା ୪୧ (୨୭ ବଲ, ୪ ଚୌକା, ୨ ଛକା) ରନକରି ଆଉଟ ହୋଇଥିବାବେଳେ ଗୋସ୍ୱାମୀ ୩୮ ବଲ୍‌ରୁ ୪୮ ଓ ପୱନ ନେଗି ୧୯ ରନକରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ମନନ ଶର୍ମା ଓ ସମର କାଦ୍ରି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ କରିଛି ସୁପରଷ୍ଟାର୍ସ। ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଗୁଜରାଟ ଗ୍ରେଟ୍ସ ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବ ମ୍ୟାଚରେ ମଧ୍ୟ ଏହି ଦଳ ସୁପରଷ୍ଟାର୍ସ ନିକଟରୁ ପରାଜିତ ହୋଇଥିଲା।

ଟସ୍ ଜିତି ଗୁଜରାଟ ଗ୍ରେଟ୍ସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଅଧିନାୟକ ଶିଖର ଧାୱନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ବିପକ୍ଷ ଦଳର ବୋଲରଙ୍କୁ ଅଧିକ ସମୟ ସାମ୍ନା କରିପାରି ନ ଥିଲା। ଧାୱନ ସର୍ବାଧିକ ୩୮ ରନ କରିଥିବାବେଳେ ଦ୍ୱିତୀୟ ସର୍ବାଧିକଭାବେ ସଦର୍ନ ସୁପରଷ୍ଟାର୍ସ ବୋଲରମାନେ ୧୯ ରନ ଅତିରିକ୍ତଭାବେ ବ୍ୟୟ କରିଥିଲେ। ସୁପରଷ୍ଟାର୍ସ ବୋଲରଙ୍କ ମଧ୍ୟରେ ସୁବୋଥ ଭାଟି ୨ଟି ଏବଂ ହମିଦ ହାସନ, ଅବଦୁର ରଜାକ, ପୱନ ନେଗି ଓ ଜେସାଲ କରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୨୩/୭ (ଶିଖର ଧାୱନ-୩୮, ସୁବୋଥ ଭାଟି-୨/୨୪, ହମିଦ ହାସନ-୧/୧୫, ଅବଦୁର ରଜାକ-୧/୨୧, ପୱନ ନେଗି-୧/୧୭, ଜେସାଲ କରିଆ-୧/୨୦)। ସଦର୍ନ ସୁପରଷ୍ଟାର୍ସ ୧୪.୩ ଓଭରରେ ୧୨୯/୨ (ଶ୍ରୀବତ୍ସ ଗୋସ୍ୱାମୀ-୪୮*, ହାମିଲଟନ ମାସାକାଜା-୪୧, ପୱନ ନେଗି-୧୯, ମନନ ଶର୍ମା-୨/୩୬, ସମର କାଦ୍ରି-୧/୧୮)।

# ‘୨୦୦୭ ଟି୨୦ ବିଶ୍ୱକପ୍ ବିଜୟ ଦେଶରେ କ୍ରିକେଟର ଛବି ବଦଳାଇ ଦେଇଥିଲା’

‘‘ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ସର୍ବଦା ଯୁବ ଖେଳାଳିଙ୍କୁ ପ୍ରୋତ୍ସାହିତ କରି ଆସୁଛି। କ୍ରିକେଟକୁ ଅନୁସରଣ କରୁଥିବା ଏବଂ ଏଥିରେ କ୍ୟାରିୟର କରିବାକୁ ଇଚ୍ଛୁକ ଯୁବକଙ୍କୁ ଆମେ ବ୍ୟକ୍ତିଗତଭାବେ ମଧ୍ୟ ସର୍ବଦା ଉତ୍ସାହିତ କରିବାକୁ ଚେଷ୍ଟା କରିଥାଉ। ଏଲ୍‌ଏଲ୍‌ସିର ଅଂଶ ଥିବା ଅଧିକାଂଶ ଅବସରପ୍ରାପ୍ତ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ନିଜ ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି। ତେଣୁ ଅଭ୍ୟାସ ପାଇଁ ଦଳରେ ଯୋଗଦେଇଥିବା ଯୁବ ଖେଳାଳିମାନେ ସେମାନଙ୍କଠାରୁ ଅନେକ କିଛି ଶିଖିବାକୁ ପାଉଛନ୍ତି’’ ବୋଲି ପ୍ରକାଶ କରିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲ୍‌ରାଉଣ୍ଡର ୟୁସୁଫ ପଠାନ। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାପରେ ସେ ବିଭିନ୍ନ ଫ୍ରାଞ୍ଚାଇଜିଭିତ୍ତିକ ଲିଗରେ ଖେଳୁଛନ୍ତି। ଚଳିତବର୍ଷ ଲିଜେଣ୍ଡ୍ସ ଲିଗ କ୍ରିକେଟ (ଏଲଏଲସି)ରେ ସେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ପକ୍ଷରୁ ପ୍ରତିନିଧି କରୁଛନ୍ତି। ଏହା ଓଡ଼ିଶାର ପ୍ରଥମ ଲିଗଭିତ୍ତିକ କ୍ରିକେଟ ଦଳ ହୋଇଥିବାରୁ ରାଜ୍ୟବାସୀଙ୍କ ଲାଗି ନିଶ୍ଚିତ ଖୁସିର ବିଷୟ। ଜଣେ କ୍ରିକେଟର ଭାବେ ଆମେ ଏକ ରାଜ୍ୟ ତଥା ଆମ ଦେଶର ପ୍ରତିନିଧିତ୍ୱ କରିବାରେ ସର୍ବଦା ଗର୍ବିତ ଅନୁଭବ କରୁ। ପରବର୍ତ୍ତୀ ପିଢି କ୍ରିକେଟରଙ୍କୁ ଉତ୍ସାହିତ କରୁ ଥିବାରୁ ଆମେ ଖୁବ୍ ଆନନ୍ଦିତ ବୋଲି ୟୁସୁଫ କହିଛନ୍ତି।

୨୦୦୭ ଟି୨୦ ବିଶ୍ୱକପ ସମ୍ପର୍କରେ ୟୁସୁଫ କହିଛନ୍ତି ଯେ, ଇତିମଧ୍ୟରେ ୧୭ ବର୍ଷ ବିତିଗଲାଣି। ସେବେଠାରୁ କ୍ରିକେଟରେ ଅନେକ କିଛି ପରିବର୍ତ୍ତନ ଆସିଛି। ଆମେ ଯେତେବେଳେ ବିଶ୍ୱକପ ଜିତିଥିଲୁ କାହାକୁ ଏହି ଫର୍ମାଟରେ କେଉଁ ଭଳି ଖେଳାଯାଏ ଜଣା ନ ଥିଲା। ଆମେ ସମସ୍ତେ ଦିନିକିଆ ଓ ଟେଷ୍ଟ ଫର୍ମାଟ ସହ ପରିଚିତ ଥିଲୁ। ତେବେ ବ୍ୟାଟର ହୁଅନ୍ତୁ କି ବୋଲର ସଭିଙ୍କୁ ସେମାନଙ୍କ ଭୂମିକା ଜଣାଥିଲା। ମାତ୍ର ୨୦୦୭ ଟି୨୦ ବିଶ୍ୱକପ ବିଜୟ ଭାରତୀୟ କ୍ରିକେଟର ଛବି ବଦଳାଇ ଦେଇଥିଲା। ଭାରତର ୧୯୮୩ ବିଶ୍ୱକପ ସଫଳତା କ୍ରିକେଟକୁ ଦେଖିବାରେ ଲୋକଙ୍କର ଦୃଷ୍ଟିଭଙ୍ଗି ବଦଳାଇଥିଲା। ୨୦୦୭ରେ ଆମେ ପରବର୍ତ୍ତୀ ପିଢ଼ି ପାଇଁ ନୂଆ ବେଞ୍ଚମାର୍କ ସ୍ଥାପନ କରିଥିଲୁ। ଆମେ ଯୁବପିଢ଼ିଙ୍କୁ କ୍ରିକେଟ ଖେଳିବାକୁ ମୋଟିଭେଟ କରିଥିଲୁ।

ଓଡ଼ିଶାରେ ଏକ ଦଳ ଗଠନ କରିବା ଓ ଏହି ଦିନକୁ ଅପେକ୍ଷା କରିଥିବା ପ୍ରଶଂସକଙ୍କୁ ଉତ୍ସାହିତ କରିବା ପାଇଁ ୟୁସୁଫ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳର ମ୍ୟାନେଜମେଣ୍ଟକୁ ପ୍ରଶଂସା କରିଛନ୍ତି। କୋଣାର୍କ ସୂର୍ଯ୍ୟସ ଓଡ଼ିଶା ମ୍ୟାନେଜମେଣ୍ଟ ଓଡ଼ିଶାରୁ ଏକ ଜାତୀୟ ସ୍ତରୀୟ ଦଳ ଗଠନ କରିବା ପ୍ରଶଂସନୀୟ ପଦକ୍ଷେପ। ଏହା ରାଜ୍ୟର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବ ଏବଂ ସେମାନେ ଅନେକ କିଛି ମଧ୍ୟ ଶିଖିବେ। ମୁଁ ଏହି ଦଳର ଅଂଶ ହୋଇଥିବାରୁ ବହୁତ ଖୁସି। ଆମେ ପ୍ରତ୍ୟେକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ ବୋଲି ୟୁସୁଫ କହିଛନ୍ତି।


ସୁରଟରେ ଅଭ୍ୟାସ ଅବସରରେ ୟୁସୁଫ ପଠାନ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ